सत्यमेव जयते
ଭାରତ ସରକାର
ଓଡ଼ିଶା ସରକାର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
ସେବା ହିଁ ସଂକଳ୍ପ
ରାଷ୍ଟ୍ର ହିଁ ପ୍ରଥମ ପ୍ରେରଣା.... ୭୫ ବର୍ଷ



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ସେବା ପର୍ବ-୨୦୨୫

## ~ ₹୬୦,୦୦୦ କୋଟି ମୂଲ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭ ଉନ୍ମୋଚନ

ପ୍ରଧାନମନ୍ତ୍ରୀ
**ଶ୍ରୀ ନରେନ୍ଦ୍ର ମୋଦୀଙ୍କ**
କରକମଳରେ

୨୭ ସେପ୍ଟେମ୍ବର ୨୦୨୫ | ପୂର୍ବାହ୍ନ ୧୧:୩୦ | ଅମଲିପାଲି ପଡ଼ିଆ, ଝାରସୁଗୁଡ଼ା

### ଭିତ୍ତିପ୍ରସ୍ତର ସ୍ଥାପନ

ଆଠଟି IIT (ଭିଲାଇ, ଧାରୱାଡ଼, ଜମ୍ମୁ, ପଲକ୍କଡ଼, ଯୋଧପୁର, ଇନ୍ଦୋର, ପାଟନା ଏବଂ ତିରୁପତି) ର ଭିତ୍ତିଭୂମି ସମ୍ପ୍ରସାରଣ ସହିତ ଆଗାମୀ ୪ ବର୍ଷରେ **୧୨ ହଜାର** ସିଟ୍ ବୃଦ୍ଧି - **₹ ୧୧,୦୦୦ କୋଟି**

**ସମ୍ବଲପୁର ସିଟି-ସରଲା** ମଧ୍ୟରେ **273 କୋଟି** ଟଙ୍କାର ରେଳ ଫ୍ଲାଇଓଭର

ଭୁବନେଶ୍ୱର IIT ର ସହଯୋଗରେ ସେମିକଣ୍ଡକ୍ଟର ଏବଂ ESDM ପାର୍କ ସ୍ଥାପନା ପାଇଁ ଶିଳାନ୍ୟାସ

### ନୂତନ ପ୍ରକଳ୍ପ/ ଯୋଜନା

**MERITE** ଯୋଜନା ମାଧ୍ୟମରେ ଇଞ୍ଜିନିୟରିଂ ଏବଂ ପଲିଟେକ୍‌ନିକ୍ ଶିକ୍ଷାନୁଷ୍ଠାନ ମାନଙ୍କର ଉନ୍ନତୀକରଣ -**₹ ୪,୨୦୦ କୋଟି**

**BSNL** ଦ୍ୱାରା ସ୍ୱଦେଶୀ 4G (5G ପ୍ରସ୍ତୁତ) ନେଟୱର୍କ ସେବା

ଓଡିଶାରେ କୌଶଳ ବିକାଶକୁ ଆଗେଇ ନେବା ପାଇଁ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନା ସହିତ **₹ ୧,୯୭୯ କୋଟି** ଟଙ୍କାର ପ୍ରକଳ୍ପ

### କାର୍ଯ୍ୟାଦେଶ ବଣ୍ଟନ

**"ଅନ୍ତ୍ୟୋଦୟ ଗୃହ ଯୋଜନା"** ଅଧୀନରେ **୫୦ ହଜାର ଘର** ନିର୍ମାଣ ନିମନ୍ତେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ

### ଶୁଭାରମ୍ଭ

**ବ୍ରହ୍ମପୁର ଏବଂ ସୁରଟ (ଉଧନା)** ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ

### ରାଷ୍ଟ୍ରକୁ ସମର୍ପଣ

**କୋରାପୁଟ-ବାଇଗୁଡ଼ା** ରେଳ ଲାଇନ୍ ଦୋହରୀକରଣ -**₹ ୪୮୧ କୋଟି**

**ମାନାବାର-କୋରାପୁଟ-ଗୋରାପୁର** ରେଳ ଲାଇନ୍ ଦୋହରୀକରଣ - **₹ ୯୫୫ କୋଟି**

### ଉଦ୍‌ଘାଟନ

ରାଜ୍ୟର **୧୩୦ଟି** ଉଚ୍ଚଶିକ୍ଷା ଅନୁଷ୍ଠାନରେ **WI-FI ସୁବିଧା,** ଉପକୃତ ହେବେ **୨.୫ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ - ₹ ୯୦ କୋଟି**

### ଯୋଜନା ଉନ୍ମୋଚନ

ବୀର ସୁରେନ୍ଦ୍ର ସାଏ ଆର୍ଯୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ବୁର୍ଲା ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବ୍ରହ୍ମପୁରକୁ ବିଶ୍ୱସ୍ତରୀୟ **ସୁପରସ୍ପେଶାଲିଟି** ଚିକିତ୍ସାଳୟରେ ରୂପାନ୍ତରିଣ କରାଯିବ - **₹ ୩,୦୦୦ କୋଟି**

ଗରିମାମୟ ଉପସ୍ଥିତି

**ଡ଼. ହରି ବାବୁ କମ୍ଭମପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଜୁଏଲ ଓରାମ**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ- ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ- ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ସୁରେଶ ପୂଜାରୀ**
ମନ୍ତ୍ରୀ, ଓଡ଼ିଶା ସରକାର
(ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା)

**ଶ୍ରୀ ରବି ନାରାୟଣ ନାଏକ**
ମନ୍ତ୍ରୀ, ଓଡ଼ିଶା ସରକାର
(ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ)

**ଡ଼. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ଓଡ଼ିଶା ସରକାର
(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା)

**ଶ୍ରୀ ସୂର୍ଯ୍ୟବଂଶୀ ସୂରଜ**
ମନ୍ତ୍ରୀ, ଓଡ଼ିଶା ସରକାର
(ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି)

**ଶ୍ରୀ ବୈଜୟନ୍ତ ପଣ୍ଡା**
ସାଂସଦ, କେନ୍ଦ୍ରାପଡ଼ା

**ଶ୍ରୀ ପ୍ରଦୀପ ପୁରୋହିତ**
ସାଂସଦ, ବରଗଡ଼

**ଶ୍ରୀ ଜୟନାରାୟଣ ମିଶ୍ର**
ବିଧାୟକ, ସମ୍ବଲପୁର

**ଶ୍ରୀ ଟଙ୍କଧର ତ୍ରିପାଠୀ**
ବିଧାୟକ, ଝାରସୁଗୁଡ଼ା

DSPL-279/11001/13/0108/2526

**ଓଡ଼ିଶା ସରକାର**

Scan for Live View

**Live on DD News and DD Odia**

# ଚୋରା ମଦ ଜବତ, ୨ ମହିଳାଙ୍କ ସମେତ ୯ କୋର୍ଟ ଚାଲାଣ




**କେନ୍ଦ୍ରାପଡ଼ା, ୨୬।୯ (ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ, ଆଳି, କେନ୍ଦ୍ରାପଡ଼ା ସଦର, ପଟ୍ଟାମୁଣ୍ଡାଇ ଟାଉନ, ପଟ୍ଟାମୁଣ୍ଡାଇ ଗ୍ରାମାଳ, ନିକିରାଇ, ଡେରାବିଶ ଓ କୁଦାନଗରୀ ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ପାଣିସାଉରିଆ ଗ୍ରାମର ସରୋଜିନୀ ମଳିକ(୩୨)ଙ୍କ ଠାରୁ ୧୪ ଲିଟର ବିଦେଶୀ ମଦ, ମାଟିଆ ଗ୍ରାମର ସଞ୍ଜୁଲତା ମଳିକ(୩୫)ଙ୍କ ଠାରୁ ୧୧ ଲିଟର ଦେଶୀ ମଦ, ଅଢ଼ାଜୋରି ଗ୍ରାମର ସଦାନନ୍ଦ ମଳିକ(୪୫)ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ନାନକର ଗ୍ରାମର ସନ୍ତୋଷ କୁମାର ସ୍ୱାଇଁ(୫୨)ଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ, ଚାଟରାଚକଡା ଗ୍ରାମର ଚିନ୍ମୟ ମହାନ୍ତି(୪୦)ଙ୍କ ଠାରୁ ୨୦ ଲିଟର ବିଦେଶୀ ମଦ, ଆୟତପୁର ଗ୍ରାମର କାଳୁ ମଳିକ(୫୫)ଙ୍କ ଠାରୁ ୧୫ ଲିଟର ଦେଶୀ ମଦ, ବାରୁଅ ଗ୍ରାମର ସଞ୍ଜୟ ପରିଡା(୪୪)ଙ୍କ ଠାରୁ ୨୨ ଲିଟର ଦେଶୀମଦ, କନ୍ଧାସାହି ଗ୍ରାମର ଅଜୟ କୁମାର ବେହେରା(୩୭)ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ ଓ ତେରାଗାଁ ଗ୍ରାମର ଦେବାଶିଷ ସାହାଣୀ(୩୬)ଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ ସହ ଗୋଟିଏ ମୋଟର ସାଇକଲ ଜବତ କରାଯାଇ ୯ଜଣଙ୍କୁ କୋର୍ଟ ଚାଲାଣ କରାଯିବା ସହ ସମୁଦାୟ ୧୮୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି । ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ସଡ଼କ ଦୁର୍ଘଟଣାରେ ସମାଜସେବୀଙ୍କ ପରଲୋକ

**ରାଜନଗର, ୨୬।୯ (ସଂଚାର ବ୍ୟୁରୋ):** ରାଜନଗର ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଜୟସିଂହ ମହାପାତ୍ରଙ୍କ କନିଷ୍ଠ ପୁତ୍ର ସମାଜସେବୀ ରଂଜନ କୁମାର ମହାପାତ୍ର ଗତକାଲି ରାତିରେ ଭୁବନେଶ୍ୱରରେ ସଡ଼କ ଦୁର୍ଘଟଣାରେ ପରଲୋକ ଘଟିଛି । ସ୍ୱର୍ଗତ ମହାପାତ୍ର ସସ୍ତ୍ରୀକ ପୁରୀ ଶ୍ରୀକ୍ଷେତ୍ରରୁ ଫେରି ଭୁବନେଶ୍ୱରସ୍ଥିତ ବାସଭବନକୁ ଚାଲି ଚାଲି ଯାଉଥିବା ସମୟରେ ଏକ ଦ୍ରୁତଗାମୀ କାର ସଡକ ଉପରେ ଧକା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆଜି ତାଙ୍କର ପରଲୋକ ଘଟିଛି । ତାଙ୍କ ବିୟୋଗରେ ସମଗ୍ର ରାଜନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ମହାପାତ୍ର ବାୟୁସେନା ଅଧିକାରୀ ଭାବରେ କାମ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ହୋଇଥିଲା। ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ ସମ୍ପର୍ଣ୍ଣ କରାଯାଇଛି । ତାଙ୍କ ବିୟୋଗରେ ରାଜନଗର ବିଧାୟକ ଧ୍ରୁବ ସାହୁ,ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ବଣିକ ସଙ୍ଘ ସଭାପତି ବାଇଧର ସେଠୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ସାପ କାମୁଡ଼ାରେ ଛାତ୍ରୀ ମୃତ

**ସାଲେପୁର, ୨୬।୯ (ସଂଚାର ବ୍ୟୁରୋ):** ରାଇସୁଂଗୁଡା ଅଂଚଳରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ଘରେ ଶୋଇଥିବା ବେଳେ ସାପକାମୁଡାରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀର ମୃତ୍ୟୁ ଘଟିଥିବା ଜଣାଯାଇଛି।

ଖବରରୁ ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ କୁସମ୍ବି ଗ୍ରାମର ହୁରିଆ ସାମଲଙ୍କର ଝିଅ ଯେକି ଅବଦୁଲ ହମିଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀ ପୂର୍ଣ୍ଣିମା ସାମଲ (୧୦) ଘରେ ଶୋଇଥିବା ବେଳେ ଏକ ରଣାସାପ ତାଙ୍କୁ ଦଂଶନ କରିଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାକୁ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡ଼ିକାଲକୁ ନେଇଥିଲେ। ମେଡ଼ିକାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଅକାଳ ବିୟୋଗକୁ ନେଇ ପରିବାର ସହିତ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ଅଭୟାରଣ୍ୟ, ସିଆରଜେଡ ଓ ଇକୋ ସେନସେଟିଭ ଜୋନ ଆଇନର ଖୋଲା ଉଲ୍ଲଂଘନ

# ନଦୀ ପଠାରେ ବେଧଡ଼କ ଚାଲିଛି ନିର୍ମାଣ କାର୍ଯ୍ୟ

**ରାଜନଗର, ୨୬।୯ (ସଂଚାର ବ୍ୟୁରୋ):** ଭିତରକନିକା ଜାତୀୟ ଉଦ୍ୟାନର ଅତ୍ୟନ୍ତ ପରିବେଶ ସଂବେଦନଶୀଳ ଅଞ୍ଚଳରେ ଚାଲିଛି ବେଆଇନ ନିର୍ମାଣ। ନଦୀ ପଠାକୁ ତାଡି ନଦୀର ଜୁଆର ଅଟକାଇ ବେଧଡକ ଭାବେ ଚାଲିଛି ନିର୍ମାଣ କାର୍ଯ୍ୟ। ଜୈବବିବିଧତାର ସୁରକ୍ଷା ପାଇଁ ଆଇନ ରହିଥିବା ବେଳେ ସ୍ପଷ୍ଟ ଦିବାଲୋକରେ ବେଆଇନ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଭିତରକନିକା ଅଭୟାରଣ୍ୟ, ସିଆରଜେଡ ଓ ଇକୋ ସେନସେଟିଭ ଜୋନ ଆଇନକୁ ଉଲ୍ଲଘନ କରି ବେଆଇନ ନିର୍ମାଣ କରାଯାଉଛି।



ନଦୀର ଜୁଆରକୁ ଅଟକାଇ ଏହି ନିର୍ମାଣ କରାଯିବା ସହିତ ସରକାରୀ ଜମିରେ ବେଆଇନ ଭାବେ ପ୍ରାଚୀର ନିର୍ମାଣ କରାଯାଉଛି ବୋଲି ରାଜନଗର ଅଞ୍ଚଳର ସଚେତନ ନାଗରିକମାନେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର ଓ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁଙ୍କରଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ ପ୍ରଶାସନ ପ୍ରଭାବଶାଳି ବେଆଇନ ନିର୍ମାଣକାରୀଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ବଦଳରେ ହାତବନ୍ଧି ବସିଛି। ପରିବେଶର ସୁରକ୍ଷା ପାଇଁ ରାଜନଗର ବିଧାୟକ ଧୂର୍ବ ସାହୁ ଏହି ପ୍ରସଙ୍ଗ ବିଧାନସଭାରେ ଉଠାଇବା ସହିତ ତୁରନ୍ତ ବେଆଇନ ନିର୍ମାଣକୁ ଭାଙ୍ଗିବାକୁ ଦାବି ରଖିଛନ୍ତି। ଏଥି ସହ ଭିତରକନିକା ଓ ପରିବେଶର ସୁରକ୍ଷା ପାଇଁ ସିଆରଜେଡ -୧ ଅଞ୍ଚଳରେ ନଦୀ ପଠାକୁ ଖୋଳି ଓ ଜୁଆରକୁ ଅଟକାଇ ଚାଲିଥିବା ବେଆଇନ ନିର୍ମାଣକୁ ତୁରନ୍ତ ଭାଙ୍ଗିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ , ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଓ ବାଚସ୍ପତିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ବିଧାୟକ ନିଜେ ଭିତରକନିକାର ସୁରକ୍ଷା ପାଇଁ ଅଣ୍ଟା ଭିଡିବା ପରେ ଏହି ବେଆଇନ ନିର୍ମାଣକାରୀ ଓ ଏହାକୁ ସୁରକ୍ଷା ଦେଉଥିବା ଅଧିକାରୀଙ୍କ ମଧରେ ଛନକା ପସିଛି।

ଅଭିଯୋଗ ମୁତବକ ରାଜନଗର ତହସିଲ ଅନ୍ତର୍ଗତ ସାରଦାପ୍ରସାଦ ମୌଜାରେ ବୈତରଣୀ ନଦୀ ପଠାରେ ବେଆଇନ ଭାବେ ଅଟାଳିକା ନିର୍ମାଣ କରାଯାଉଛି। ଯେଉଁ ସ୍ଥାନରେ ବୈତରଣୀ ନଦୀର ଜୁଆର ଅଟକାଇ ସ୍ଥାୟୀ ନିର୍ମାଣ କରାଯାଉଛି ସେହି ଅଞ୍ଚଳଟି ସିଆରଜେଡ ୧ରେ ଯାଉଥିବାରୁ ଏହି ଅଞ୍ଚଳରେ କୌଣସି ପରିସ୍ଥିତିରେ ନୂତନ ନିର୍ମାଣ ହୋଇପାରିବ ନାହିଁ। ପରିବେଶ ଦୃଷ୍ଟିରୁ ଏହି ଅତି ସଂବେଦନଶୀଳ ଅଞ୍ଚଳରେ କିପରି ବେଆଇନ ନିର୍ମାଣ କରାଯାଉଛି, ତାହା ସବୁ ମହଲକୁ ବିସ୍ମିତ କରିଛି। ଏପରିକି ନଦୀ ପଠାରେ ଖୋଳାଯାଇ ବ୍ୟକ୍ତିଗତ ଜେଠି ନିର୍ମାଣ କରାଯାଉଛି।

କମ୍ ମଦ ଜବତ କରି ଅଧିକ ଦେଖାଇବା ଘଟଣା

## ମାନବାଧିକାର କ୍ଷୁର୍ଣ୍ଣ କରିବାର ଅଧିକାର ପୁଲିସକୁ ଦେଲା କିଏ ?

**ରାଜନଗର, ୨୬।୯ (ସଂଚାର ବ୍ୟୁରୋ):** ରାଜନଗର ପୁଲିସ ଆଇନ ବ୍ୟବସ୍ଥାକୁ ସମ୍ମାନ ଦେବା ପରିବର୍ତ୍ତେ ଲୋକଙ୍କୁ ମିଛ ମାମଲାରେ କୋର୍ଟ ଚାଲାଣ କରିବା ଘଟଣା ଏବେ ସବୁ ମହଲରେ ବିତର୍କ ସୃଷ୍ଟି କରିଛି। କେନ୍ଦ୍ରାପଡା ଜିଲ୍ଲା ରାଜନଗର ଥାନାର ଆଇଆଇଆସି ନରେଶ କୁମାର ସାହୁ ଖୋଲା ସଭାରେ କିପରି ଆଇନରେ ବ୍ୟବସ୍ଥା ନଥାଇ ମଧ ଲୋକଙ୍କୁ କୋର୍ଟ ଚାଲାଣ କରନ୍ତି ତାର ପୋଲ ଖୋଲିବା ପରେ ସବୁ ମହଲରେ କାର୍ଯ୍ୟନୁଷ୍ଠାନ ପାଇଁ ସ୍ୱର ଉଠିଲାଣି। ପୁଲିସ ଯେଉଁ ମାମଲାରେ ଥାନାରୁ ୩୫ (୩) ବିଏନଏସରେ ବେଲ ଦେବା କଥା, ସେ ମାମଲାରେ ଜେଲ ପଠାଇ ଯେଉଁ ମାନବିକ ଅଧିକାର କ୍ଷୁର୍ଣ କରିବାର ଅଧିକାର ଓ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିବାର ଅଧିକାର କିଏ ଦେଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଥାନାରୁ ଯେଉଁମାନେ ବେଲ ପାଇବାର ନିୟମ ଅଛି, ସେ ମାମଲାରେ ସେମାନେ ଯେତିକି ଦିନ ଜେଲ ଭୋଗିଲେ ଓ ତାଙ୍କର ମାନବିକ ଅଧିକାର କ୍ଷୂର୍ଣ୍ଣ ହେଲା ତାହାକୁ କିଏ ଭରଣା କରିବ, ତାହାକୁ ନେଇ ପ୍ରଶ୍ନ ଉଠିଛି। ମାନ୍ୟବର ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ ଯେଉଁ ମାମଲାରେ ଥାନାରୁ ବେଲ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି, ସେ ମାମଲାରେ ପୁଲିସ କିପରି ଓ କେଉଁ ଅଧିକାରରେ କ୍ଷମତାର ଅପବ୍ୟବହାର କରି ତିନୋଟି ମାମଲାରେ ତିନି ଜଣଙ୍କୁ ଜେଲ ପଠାଇଲା ? ଉପରିସ୍ଥ ପୁଲିସ ଅଧିକାରୀ କାହିଁକି ଏଯାଏଁ ଏହି ଘଟଣାରେ କ୍ଷମତାର ଅପବ୍ୟବହାର କରିଥିବା ପୁଲିସ ଅଧିକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟନୁଷ୍ଠାନ ନେଉନାହାନ୍ତି, ତାହା ବିସ୍ମୟ ସୃଷ୍ଟି କରିଛି। ଏହା ବାଦେ ପୁଲିସ କମ୍ ମଦ ଜବତ କରି ଅଧିକ ମଦ ଜବତ ଦେଖାଇ ୩ଟି ମାମଲାରେ ୩ ଜଣଙ୍କୁ ଜେଲ ପଠାଇଲା, ଅଧିକ ମଦ ପୁଲିସ କେଉଁଠୁ ଆଣିଲା। ଜବତ ମଦ ଥାନାରେ ଗଚ୍ଛିତ ଅଛି ତ ? କେବଳ ଗୋଟିଏ ମାମଲା ନୁହେଁ ଗତ କିଛି ମାସରେ ଜବତ ହୋଇଥିବା ଚୋରା ମଦ ଥାନାର ମାଲଖାନାରେ ଗଚ୍ଛିତ ଅଛି କି ନାହିଁ, ତାର ଯାଞ୍ଚ ହେବାର ଆବଶ୍ୟକତା ରହିଛି।

ସୂଚାନଯୋଗ୍ୟ ଯେ, ୨୨ତାରିଖ ଦିନ ରାଜନଗର ଥାନାର ଆଇଆଇସି ନରେଶ କୁମାର ସାହୁ ଶାନ୍ତି କମିଟି ବୈଠକରେ ଉପସ୍ଥିତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାଙ୍କୁ ଆମେ ଗିରଫ କରୁଥିବା ଯୁବକଙ୍କ ଠାରୁ କମ ମଦ ଜବତ କଲେ ମଧ ଅଧିକ ମଦ ଜବତ କରିଥିବା ଦର୍ଶାଇ ଜେଲ ପଠାଉଛୁ ବୋଲି କହିଥିଲେ।

## ମେଡିକାଲ କଲେଜ ଦାବି ଆନ୍ଦୋଳନ ପ୍ରତ୍ୟାହୃତ

**କେନ୍ଦ୍ରାପଡ଼ା, ୨୬।୯ (ସଂଚାର ବ୍ୟୁରୋ):** ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲ୍ଲାପାଳ ଅଫିସ ସମ୍ମୁଖରେ ପାଞ୍ଚଦିନ ଧରି ଚାଲିଥିବା ଆହୋରାତ୍ର ଗଣଧାରଣା ଜିଲ୍ଲା ପ୍ରଶାସନର ଅନୁରୋଧ କ୍ରମେ ପ୍ରତ୍ୟାହୃତ ହୋଇଛି। ପ୍ରତିଶ୍ରୁତିରେ ଜିଲ୍ଲା ପ୍ରଶାସନ କହିଛି ଯେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ରାଜ୍ୟସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ। ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଦାବିପତ୍ର ଗ୍ରହଣ କରି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ।

**ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ ଜିଲ୍ଲା ପ୍ରଶାସନ**



ପ୍ରକାଶ ଥାଉକି ଗତ ବିଧାନସଭା ଅଧିବେଶନରେ କେନ୍ଦ୍ରାପଡା ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଲେ କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହା ଜିଲ୍ଲାବାସୀଙ୍କୁ ଭଣ୍ଡେଇବା ବ୍ୟତୀତ ଅନ୍ୟକିଛି ନୁହେଁ। ଜିଲ୍ଲାବାସୀ ଓ ଆନ୍ଦୋଳନକାରୀ ଏହାକୁ ପ୍ରତ୍ୟାଖାନ କରିଛନ୍ତି। ଆଜିର ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲେ ବି ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲ୍ଲା ପ୍ରଶାସନ ଦେଇଥିବା କଥା ଉପରେ ଦୃଷ୍ଟି ରଖିଛି । ପରବର୍ତ୍ତୀ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ କଣ ରହିବ ତାହା ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ଆଭିମୁଖ୍ୟ ଉପରେ ନିର୍ଭର କରୁଛି।

ଏହି ଆନ୍ଦୋଳନ ଜିଲ୍ଲାର ବିଭିନ୍ନ ବର୍ଗର ଜନଗଣ ସାମିଲ ହୋଇଥିବାରୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

## ଜମି ଅଧିଗ୍ରହଣ ନୋଟିସ୍‌କୁ ଗ୍ରାମବାସୀଙ୍କ ବିରୋଧ

**ଡେରାବିଶ, ୨୬।୯ (ସଂଚାର ବ୍ୟୁରୋ):** ଡେରାବିଶ ତହସିଲ ଅଧୀନ ତିଲକପୁର ଗ୍ରାମର ୧୧୫ ଏକର ଚାଷଜମିକୁ ଇଡ୍‌କୋ କର୍ତ୍ତୃପକ୍ଷ ଅଧିଗ୍ରହଣ କରିବାକୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ନୋଟିସ୍ ଲଗାଯାଇଥିଲା। ତିଲକପୁର ସ୍ଥିତ ଶ୍ରୀବାସୁଦେବଙ୍କ ମନ୍ଦିର କାନ୍ଥରେ ଲଗାଯାଇଥିବା ଏହି ନୋଟିସ୍‌ରେ ଅଧିଗ୍ରହଣ ହେବାକୁ ଥିବା ଚାଷ ଜମିର ପ୍ଲଟ ନମ୍ବର ସହିତ ସମସ୍ତ ବିବରଣୀ ଓ ଜମି ମାଲିକଙ୍କ ନାମ ଉଲ୍ଲେଖ ରହିଛି। ତିଲକପୁର ଗ୍ରାମବାସୀଙ୍କ ସମେତ ଜମି ହରାଇବାକୁ ଥିବା ନିକଟସ୍ଥ ଗ୍ରାମର ଜନସାଧାରଣଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଜମି ହରାଇବାକୁ ଥିବା ଗ୍ରାମବାସୀ ଡେରାବିଶ ତହସିଲଦାରଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଗ୍ରାମର ଭାଗବତ ସ୍ୱାଇଁ, ରାମଚନ୍ଦ୍ର ରାଉତ, କୈଳାସ ପ୍ରଧାନ ଓ ଗୋବିନ୍ଦ ଚନ୍ଦ୍ର ପଲେଇଙ୍କ ନେତୃତ୍ୱରେ ତିଲକପୁର ଗ୍ରାମର ଶତାଧିକ ବ୍ୟକ୍ତି ଡେରାବିଶ ତହସିଲଦାର ସରୋଜ ନାୟକଙ୍କୁ ଭେଟି ସେମାନଙ୍କ ଜମି ସେମାନଙ୍କ ଇଚ୍ଛା ବିରୁଦ୍ଧରେ ଅଧଗ୍ରହଣ କରାଗଲେ ସେମାନେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଥିଲେ । ତହସିଲଦାର ଶ୍ରୀ ନାୟକ ଗ୍ରାମବାସୀଙ୍କୁ ବୁଝାଇବା ସହିତ ଜମି ଅଧିଗ୍ରହଣ ନେଇ ଗ୍ରାମରେ ଜନଶୁଣାଣି କରାଯିବାର ବ୍ୟବସ୍ଥା ଥିବା କହିଥିଲେ।



## ‘ସେବା ପକ୍ଷ’ରେ ରକ୍ତଦାନ ଶିବିର



**ମହାକାଳପଡ଼ା, ୨୬।୯ (ସଂଚାର ବ୍ୟୁରୋ):** ସେବା ପକ୍ଷ ଉପଲକ୍ଷେ ଭାରତୀୟ ଜନତା ପାର୍ଟି ତରଫରୁ ମହାକାଳପଡା ପଞ୍ଚାୟତର ଜମ୍ବୁଁରା ଗ୍ରାମରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକଙ୍କ ଆହ୍ୱାନରେ ଆୟୋଜିତ ଏହି ଶିବିରରେ ବରିଷ୍ଠ ନେତା ସରୋଜ କାନ୍ତ ସାହୁ, ପଞ୍ଚାୟତ ସମିତି ଅଧକ୍ଷା ମୀରାରାଣୀ ମହାନ୍ତି, ପୂର୍ବତନ ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀ, ରାଜ୍ୟ ପରିଷଦ ସଭ୍ୟ କୁମର କାନ୍ତ ମହାନ୍ତି, ପ୍ରତାପ ପାଇକରାୟ ପ୍ରମୁଖ ନେତୃମଣ୍ଡଳୀ ଯୋଗଦେଇ ରକ୍ତଦାନ ମହାପୁଣ୍ୟ, ଏହି ମହତ ଉଦ୍ଦେଶ୍ୟ ରଖି ଜନସାଧାରଣ ରକ୍ତଦାନ କରିବାକୁ ପରାମର୍ଶ ଦେଇଥିଲେ। ରକ୍ତ ଅଭାବରୁ ଅନେକ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି ତେଣୁ ରକ୍ତ ଦାନ କରି ଅନେକ ଲୋକଙ୍କ ମୁହଁରେ ହସ ଫୁଟାଇ ପରିବା ବୋଲି ଉପସ୍ଥିତ ନେତୃମଣ୍ଡଳୀମାନେ ମତବ୍ୟକ୍ତ କରିଥିଲେ। ଆଜିର ଏହି ରକ୍ତଦାନ ଶିବିରରୁ ସର୍ବମୋଟ ୪୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

ଏହି ଶିବିରରେ ସରପଞ୍ଚ ପ୍ରଜ୍ଞା ପରମିତା କର, ରତିକାନ୍ତ ପଣ୍ଡା, ମଣ୍ଡଳ ସଭାପତି ପବିତ୍ର ଚୌଧୁରୀ, ପ୍ରଦୀପ ବେହେରା, ମାନସ ରଞ୍ଜନ ମହାନ୍ତି, ତ୍ରିଲୋଚନ ରାଉତ, ସୌବାଲ୍ୟ ବାହାଲିଆ, ଦେବେନ୍ଦ୍ର ପରିଡ଼ା, ଚନ୍ଦ୍ରକାନ୍ତ ସ୍ୱାଇଁ, କାହ୍ନୁ ପରିଡ଼ା, ଶୁଭ ବେହେରା, ରୋହିତ ରାଉତ, ବାବାଜୀ ପ୍ରଧାନ, ଚିରଞ୍ଜିବ ପଣ୍ଡା, ସଞ୍ଜୟ ଦଳାଇ, ଚିତ୍ତରଂଜନ ପ୍ରଧାନ, ସନାତନ ଭୋଳ, ଅଭିରାମ ପରିଡ଼ା, ଶଶିକାନ୍ତ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ସଭାପତି ହେଲେ ଡା. ଦେବସ୍ମିତା ଶର୍ମା



**ଆଳି, ୨୬।୯ (ସଂଚାର ବ୍ୟୁରୋ):** ଜିଲ୍ଲାସଭାପତି ହେଲେ ଡା ଦେବସ୍ମିତା ଶର୍ମା। ଆଜି ସନ୍ଧ୍ୟାରେ ପୂର୍ବତନ ବିଧାୟକ ସ୍ୱର୍ଗତ ଦେବେନ୍ଦ୍ର ନାଥ ଶର୍ମାଙ୍କ ଝିଅ ତଥା ପିସିସି ରାଜ୍ୟ ସମ୍ପାଦିକା ଡା ଦେବସ୍ମିତା ଶର୍ମାଙ୍କୁ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଭାବେ ନାମ ଘୋଷଣା କରାଯାଇଛି । ଯାହାକୁ ନେଇ ସମଗ୍ର ଆଳି ଓ ରାଜକନିକାରେ ଖୁସିର ଲହରୀ ଖେଳିଯାଇଛି । ଆଳି ବ୍ଲକ କଂଗ୍ରେସ କମିଟି ତରଫରୁ ନୂତନ ସଭାପତିଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଆଳି ବ୍ଲକ ସଭାପତି ରବିନାରାୟଣ ବେହେରା, ରାଜକନିକା ବ୍ଲକ ସଭାପତି ମଙ୍ଗୁଳି ଚରଣ ବେହେରା, ମାନଗୋବିନ୍ଦ ଦାଶ, ଦୁର୍ଯ୍ୟୋଧନ ନାୟକ, ଦର୍ପନାରାୟଣ ସାହୁ, ରାଜମୋହନ ସ୍ୱାଇଁ, ସତ୍ୟପ୍ରିୟ ସାମଲ, ସତ୍ୟରଂଜନ ରାଉତରାୟ, ବିଜୟ ନାୟକ, ସଂଗ୍ରାମ ସାମଲ, ହବେଶ ପଲାଇ, ଜଗତ ଭୂଷଣ ରଥ, ବିଷ୍ଣୁ ମଲିକ ଓ ଅନ୍ୟ କଂଗ୍ରେସକର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି ।

# ୮୫ ପ୍ରତିଶତ ଭିନ୍ନକ୍ଷମ ସତ୍ତ୍ୱେ ମିଳୁନି ଭତ୍ତା

**ଦୁର୍ଘଟଣାରେ ହରାଇଛନ୍ତି ଗୋଟିଏ ଗୋଡ଼**



**ମହାକାଳପଡ଼ା, ୨୬।୯ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ବଳିପାଳ ପଞ୍ଚାୟତ ଅନ୍ତର୍ଗତ ଘଣ୍ଟିଆପଲ୍ଲୀ ଗ୍ରାମର ସିନ୍ଧୁ ବେହେରାଙ୍କ ପୁଅ ପ୍ରଶାନ୍ତ ବେହେରା(୩୦) ବାହାର ରାଜ୍ୟକୁ କାମ ପାଇଁ ଯାଇଥିଲେ। ତିନି ମହଲା ଉପରେ ଚଢ଼ି କାମ କରିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସିବାରୁ ସେ ତଳକୁ ଛିଟିକି ପଡ଼ିଯାଇଥିଲେ ଓ ତାଙ୍କ ଶରୀରର ବିଭିନ୍ନ ଅଂଶ ପୋଡି ଯାଇଥିଲା। ଚିକିତ୍ସା ସମୟରେ ତାଙ୍କୁ ଗୋଟିଏ ଗୋଡ଼ ହରାଇବାକୁ ପଡ଼ିଥିଲା। ଗୋଟିଏ ଗୋଡ଼ ହରାଇ ଶଯ୍ୟାଶାୟୀ ଭାବରେ ପଡ଼ି ରହିଥିଲେ। ଏନେଇ ଦୈନିକ ଖବରକାଗଜ ‘ସଂଚାର’ରେ ଖବର ପ୍ରକାଶ ପରେ ପ୍ରଶାସନ ତରଫରୁ ତାଙ୍କର ନୂତନ ରାସନ୍ କାର୍ଡ କରାଯିବା ସହିତ ତାଙ୍କୁ ପରୀକ୍ଷା କରାଇ ୮୫% ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଥିଲେ।

ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପରେ ପ୍ରଶାନ୍ତ ଭିନ୍ନକ୍ଷମ ଭତ୍ତା ପାଇଁ ଆବେଦନ କରିଛନ୍ତି ହେଲେ ତାଙ୍କୁ ଆଜି ପର୍ଯ୍ୟନ୍ତ ଭତ୍ତା ଟଙ୍କା ମିଳି ପାରିଲା ନାହିଁ ବୋଲି ପ୍ରଶାନ୍ତଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ପ୍ରଶାସନ ତରଫରୁ ପ୍ରଶାନ୍ତଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିବାକୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ସୁନିଲ ଗନ୍ତାୟତ, ବିଭୁତି ରାଉତ, ପ୍ରତାପ ମହାନ୍ତି, ସୁବ୍ରତ ସେଠୀ ପ୍ରମୁଖ ଦାବି କରିଛନ୍ତି।

## ଜୁଆଣିଆ ପ୍ରାଥମିକ କୃଷି ସମବାୟ ସମିତିରେ ଜାଲିଆତି ଅଭିଯୋଗ

**କେନ୍ଦ୍ରାପଡା, ୨୬।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଜୁଆଣିଆ ପ୍ରାଥମିକ କୃଷି ସମବାୟ ସମିତିରେ ହୋଇଥିବା କୋଟି କୋଟି ଟଙ୍କା ଦୁର୍ନିତିର ତଦନ୍ତ ଓ ଏଥିରେ ସଂପୃକ୍ତ ଥିବା ସଂପାଦକ ଓ ସରପଞ୍ଚଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗୋବିନ୍ଦପୁର କୃଷି ସମବାୟ ସମିତି ଠାରୁ ୦୧.୦୯.୨୦୨୩ ରୁ ଜୁଆଣିଆ କୃଷି ସମବାୟ ସମିତି ଅଲଗା ହୋଇଅଛି । ଅଲଗା ହେବାପରେ ଏହି ସମବାୟ ସମିତିର ସଂପାଦକ ଓ ସରପଞ୍ଚଙ୍କ ମଧୁଚନ୍ଦ୍ରିକା ଯୋଗୁ ସମିତିରେ କୋଟି କୋଟି ଟଙ୍କା ଦୁର୍ନିତି ହୋଇଥିବାର ଅଭିଯୋଗ ହେବାପରେ ସ୍ୱତନ୍ତ୍ର ଅଡିଟ ମଧ ସରିଛି। ଏଥିରେ ସଂପୃକ୍ତ ଥିବା ସଂପାଦକ ନିଲମ୍ବନ ହେବାପରେ ସରପଂଚଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏଥିସହ ସଂପାଦକ ନିଲମ୍ବନ ହେବାପରେ ତାଙ୍କ ସ୍ଥାନରେ ଅନ୍ୟ ସଂପାଦକଙ୍କୁ ନିଯୁକ୍ତି ଦେବାପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବାପରେ ମଧ ଆଜି ପର୍ଯ୍ୟନ୍ତ ସେଠାରେ ସଂପାଦକ ନିଯୁକ୍ତି ହୋଇପାରୁ ନହାଁନ୍ତି। ଫଳରେ ଆଳି ଧୋୟାଞ୍ଚଳ ହୋଇଥିବାରୁ ଫସଲ ନଷ୍ଟ ହୋଇଥିବା ଚାଷୀମାନଙ୍କର ସହାୟତା ବୀମା ରାଶି ଓ ଋଣ ପାଇବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ବିଷୟରେ ଜୁଆଣିଆ ଅଂଚଳବାସୀ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶା, ମାନ୍ୟବର ମୁଖ୍ୟ ସଚିବ, ସମବାୟ ମନ୍ତ୍ରୀ, ରେଜିଷ୍ଟାର ସମବାୟ ସମିତି ଓଡିଶା, କଟକ କେନ୍ଦ୍ର ସମବାୟ ସମିତିର ସଂପାଦକ ଆଦିଙ୍କୁ ଅଭିଯୋଗ କରାଯାଇଛି। ଆଜି ଶତାଧିକ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ଜୁଆଣିଆ କୃଷି ସମବାୟ ସମିତିରେ ସଂପାଦକ ନିଯୁକ୍ତି କରିବା ସହ ଦୁର୍ନିତି ହୋଇଥିବା କୋଟି କୋଟି ଟଙ୍କାରେ ସଂପୃକ୍ତ ଥିବା ଅଭିଯୁକ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।



## ଧାରଣାରତ ଜିପିଏଲଏଫ୍ କର୍ମୀଙ୍କ ସହ କଥା ହେଲେ ବିଧାୟକ

● ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି



**ମହାକାଳପଡ଼ା, ୨୬।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡା ବ୍ଲକ ସମ୍ମୁଖରେ ସୋମବାର ଠାରୁ ୩୧ ପଞ୍ଚାୟତର ୩୬୨ ଜଣ ସିଆରପି ଓ କମ୍ୟୁନିଟି ସପୋର୍ଟ ଷ୍ଟାଫ ଇନସେନଟିଭ୍ ବେସ୍ ଦରମା ପରିବର୍ତ୍ତେ ସ୍ଥାୟୀ ଦରମା ଦାବିରେ ୨୨ ସେପ୍ଟେମ୍ବର ୨୦୨୫ ଠାରୁ କାର୍ଯ୍ୟ ବନ୍ଦକରି ଧାରଣାରେ ବସିବା ପାଇଁ ବ୍ଲକ ସଂଘ ତରଫରୁ ନିଷ୍ପତ୍ତି ନେଇ ଧାରଣାରେ ବସିଥିଲେ। ସେମାନଙ୍କ ଦାବି ପୂରଣ ନହେଲେ ସେମାନେ କାର୍ଯ୍ୟ ବନ୍ଦକରି ଧାରଣ ଅବ୍ୟାହତ ରଖିବେ ବୋଲି ଦୃଢ଼ ଭାବେ ଦାବିଦାର ଥିଲେ। ଆଜି ଆନ୍ଦୋଳନରତ ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଙ୍କ ସହିତ ଭିଡିଓ କଲ୍‌ରେ କଥା ହେଇଛନ୍ତି ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ। ସେମାନଙ୍କ ଦାବି ଶୁଣିବା ସହିତ ସେ ମାଆ ମାନଙ୍କ ସହ ସଦାସର୍ବଦା ଅଛନ୍ତି ବୋଲି କହିଛନ୍ତି। ଯାହା ସମସ୍ୟା ରହିଛି ସେନେଇ ସେ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିବେ ଓ ଯାହା ସମସ୍ତଙ୍କ ସୁବିଧା ପାଇଁ କରାଯାଇ ହେବ ସେ ସମ୍ପୂର୍ଣ୍ଣ ଉଦ୍ୟମ କରିବେ। ଏନେଇ ସେ ମହାକାଳପଡ଼ା ବିଡ଼ିଓ ଓ ପଞ୍ଚାୟତ ସମିତି ଅଧକ୍ଷାଙ୍କ ସହିତ ସବିଶେଷ ଆଲୋଚନା କରି ସୂଚନା ପ୍ରଦାନ କରିବେ। ଆନ୍ଦୋଳନ ପ୍ରତ୍ୟାହୃତ କରି କାର୍ଯ୍ୟରେ ଯୋଗଦେବାକୁ ବିଧାୟକ ଶ୍ରୀ ନାୟକ ସମସ୍ତଙ୍କୁ କହିବା ପରେ ଆନ୍ଦୋଳନରୁ ଉଠି ଯିବାକୁ ରାଜି ହୋଇଥିଲେ ବୋଲି ଭିଡିଓରୁ ଶୁଣିବାକୁ ମିଳିଛି।



## ‘ସୁସ୍ଥ ନାରୀ ସଶକ୍ତ ପରିବାର’ କାର୍ଯ୍ୟକ୍ରମରେ ମାଗଣା ଚିକିତ୍ସା

**ରାଜନଗର, ୨୬।୯ (ସଂଚାର ବ୍ୟୁରୋ):** ଚଳିତ ମାସ ୧୭ତାରିଖ ଠାରୁ ଆରମ୍ଭ ହୋଇଥିବା ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ବିଭିନ୍ନ ରୋଗର ନିରାକରଣ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିବା ସହିତ ଆଜିର ମହିଳାଟି ସୁସ୍ଥ ରହିଲେ ଗୋଟିଏ ଗୋଟିଏ ସଶକ୍ତ ପରିବାର ଗଠନ ହୋଇ ପାରିବ ବୋଲି କହିଥିଲେ। ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ରଶ୍ମି ରଞ୍ଜନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ରାଜନଗରତହସିଲଦାର ଯିଶୁକ୍ରୀଷ୍ଟ ଦାସ ଯୋଗ ଦେଇଥିଲେ। ରାଜନଗର ବ୍ଲକରୁ ଆସିଥିବା ମାନସିକ, ଶିଶୁ, ପ୍ରସୂତି ପ୍ରଭୃତି ୨୧୦ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ମାଗଣା ଔଷଧ ଯୋଗାଇ ଦିଆଯାଇଥିଲା। ଏଥିସହିତ ନିଶ୍ଚୟ ମିତ୍ର ଜରିଆରେ ୩ଗୋଟି ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟପ୍ୟାକେଟ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ସାହୁ ବଣ୍ଟନ କରିଥିଲେ। ଏହି ଖାଦ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ୬ମାସ ପର୍ଯ୍ୟନ୍ତ ଯୋଗାଇ ଦିଆଯିବ। ଏହାଛଡା ପିଏମଜେଏୱାଇ କାର୍ଡ ୨୭ଟି ଏବଂ ଏଭିଭିୱାଇ କାର୍ଡ ୭ଟି ବଣ୍ଟନ କରାଯାଇଥିଲା। ଏହି ଶିବିରରେ ବିଭିନ୍ନ ରୋଗର ବେଶେଷଜ୍ଞ ଡ଼ଃ ମହାନ୍ତିଙ୍କ ସମେତ ଡ଼ଃ ରୁଦ୍ର ପ୍ରସନ୍ନ ନାୟକ, ଡ଼ଃ ନୀଳାଦ୍ରି ପଣ୍ଡା, ଡ଼ଃ ଲଳିତ ମୋହନ ରଥ, ଡ଼ଃ ସମ୍ରାଟ ଜେନା, ଡ଼ଃ ବିଶ୍ୱଜିତ ବେହେରା, ଡ଼ଃ ଆଦିତ୍ୟ ପ୍ରଧାନ, ଡ଼ଃ ପୁଷ୍ପାଞ୍ଜଳୀ ମହାପାତ୍ର, ଡ଼ଃ ଶ୍ରଦ୍ଧାଞ୍ଜଳି ମହାନ୍ତି ପ୍ରମୁଖ ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ ବିଧାୟକ ଶ୍ରୀ ସାହୁ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଚାରା ରୋପଣ କରିଥିଲେ।

## ‘ସୁସ୍ଥ ନାରୀ ସଶକ୍ତ ପରିବାର’ ଅଭିଯାନ

**ପଟ୍ଟାମୁଣ୍ଡାଇ, ୨୬।୯ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସାରା ରାଜ୍ୟରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଆରମ୍ଭ ହୋଇ ସ୍ୱାସ୍ଥ୍ୟ ସେବା ବିଷୟରେ ସଚେତନତା ସୃଷ୍ଟି କରାଯାଉଛି । ଏହି କ୍ରମରେ ପଟ୍ଟାମୁଣ୍ଡାଇ ସବ ଡିଭିଜନ ହସ୍ପିଟାଲ ଠାରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପଟ୍ଟାମୁଣ୍ଡାଇ ସବ ଡିଭିଜନ ହସ୍ପିଟାଲ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ନିରାକାର ପରିଡାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ସମାଜର ତଳପାହାଚରେ ଥିବା ପ୍ରତ୍ୟେକ ଲୋକ ନିକଟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ସମାଜସେବୀ ବୁଢ଼ା ଲେଙ୍କା ରୋଗୀ କଲ୍ୟାଣ ସମିତି ସଦସ୍ୟ ଅକ୍ଷୟ ସାହୁ, ପୂର୍ବତନ ପୌର ଉପାଧକ୍ଷ ସୁମନ୍ତ ପାତ୍ର, ପୂର୍ବତନ କାଉନ ସିଲର ମଳୟ ମଲିକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମାଜସେବୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ଏଇ ଅବସରରେ ଏକ ବିଶେଷଜ୍ଞ ଡାକ୍ତର ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏଥିରେ ଶିଶୁ ରୋଗ ବିଶେଷଜ୍ଞ ଡା ପ୍ରଶାନ୍ତ ଜେନା, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା ଅନୁଜା ଜେନା, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା ଅଭିଷେକ ଦ୍ୱିବେଦୀ, ଦନ୍ତ ରୋଗ ବିଶେଷଜ୍ଞ ଡା ପ୍ରଦ୍ୟୁମ୍ନ ପଣ୍ଡା, ଚକ୍ଷୁ ଟେକ୍ନିସିଆନ ସୁଧାଂଶୁ ନାୟକ ପ୍ରମୁଖ ଯୋଗ ଦେଇ ରୋଗୀ ଚିକିତ୍ସା କରିଥିଲେ ।




# ସଂଚାର
THE SANCHAR



Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 33 | ISSUE 187 | ଭାଗ ୩୩ | ସଂଖ୍ୟା ୧୮୭ | Saturday 27 September 2025 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର ୨୭ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

### ଲଗାଣ ବର୍ଷା ଚେତାବନୀ, ୧୭ ଜିଲ୍ଲାପାଳଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ବିଗିଡ଼ିବ ସ୍ଥିତି, ସତର୍କ ରହିବାକୁ ନିର୍ଦ୍ଦେଶ



## ଦୁର୍ବଳ ନଦୀବନ୍ଧ ଉପରେ ନଜର ରଖ

**ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ):** ଉତ୍ତର ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପଜନିତ ବର୍ଷାର ମୁକାବିଲା ସମ୍ପର୍କରେ ପ୍ରଭାବିତ ହେବାକୁ ଥିବା ୧୭ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଏକ ସମୀକ୍ଷା ବୈଠକ କରିଛନ୍ତି। ସୂଚନାନୁସାରେ, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଦେଇଥିବା ତଥ୍ୟ ଅନୁଯାୟୀ ଲଘୁଚାପ ପ୍ରଭାବରେ ୩ଟି ଜିଲ୍ଲା କୋରାପୁଟ, ମାଲକାନଗିରି ଓ କଳାହାଣ୍ଡି ବିଶେଷ ଭାବେ ପ୍ରଭାବିତ ହେବ। ଏହାଛଡ଼ା ୧୪ଟି ଜିଲ୍ଲା ନବରଙ୍ଗପୁର, ନୂଆପଡା, ବଲାଙ୍ଗିର, ରାୟଗଡା, ଗଜପତି, କନ୍ଧମାଳ, ଗଞ୍ଜାମ, ନୟାଗଡ, ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡାକୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି। ସମ୍ଭାବ୍ୟ ବର୍ଷାକୁ ନଜରରେ ରଖି ଏହାର ପୂର୍ବ ପ୍ରସ୍ତୁତି ସମ୍ପର୍କରେ ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ଜିଲ୍ଲାପାଳମାନଙ୍କ ➪ପୃଷ୍ଠା-୬

## ଅଗ୍ନିଶମ ବାହିନୀର ୬୯ ଦଳ ପ୍ରସ୍ତୁତ

● ହୀରାକୁଦର ୨୦ ଗେଟ୍ ଖୋଲା ରହିଛି

ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ୬୯ଟି ଅଗ୍ନିଶମ ବାହିନୀର ଦଳ ପ୍ରସ୍ତୁତ ରହିଛନ୍ତି। ଏନେଇ ଆଜି ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଜିଲ୍ଲାରେ ମୁତୟନ ହେବାକୁ ଥିବା ପ୍ରତ୍ୟେକ ଦଳ ନିକଟରେ ଗୋଟିଏ ଲେଖାଏଁ ଡଙ୍ଗା ସହ ରହିଛି ଗଛ କାଟିବାକୁ କଟର୍ ଓ ଲାଇଫ ଜ୍ୟାକେଟ ସମେତ ସମସ୍ତ ସାମଗ୍ରୀ। ସେହିପରି ରାତିରେ ଆଲୁଅ ପାଇଁ ଲାଇଟ୍ ବ୍ୟବସ୍ଥା ମଧ୍ୟ ରହିଛି। ଏପରିକି ଆବଶ୍ୟକ ପଡ଼ିଲେ ଗାଁର ଲୋକଙ୍କୁ ସ୍ଥାନାନ୍ତର କରିବା ବ୍ୟବସ୍ଥା ବି ହୋଇଛି। ଏଥିସହ ସରପଞ୍ଚମାନଙ୍କୁ ଯେକୌଣସି ପରିସ୍ଥିତିରେ ସୂଚନା ଦେବା ସକାଶେ ମଧ୍ୟ କୁହାଯାଇଥିବା ଶ୍ରୀ ଷଡ଼ଙ୍ଗୀ କହିଛନ୍ତି।

ଅନ୍ୟପକ୍ଷରେ ଲଗାତାର ବର୍ଷା କାରଣରୁ ଏବେ ହୀରାକୁଦ ଜଳ ଭଣ୍ଡାରରୁ ୨୦ଟି ଗେଟ ଦେଇ ଜଳ ନିଷ୍କାସିତ ➪ପୃଷ୍ଠା-୬

# ଆଜି ମୋଦିଙ୍କ ଗସ୍ତ



**ଝାରସୁଗୁଡ଼ାରେ ହାଇଆଲର୍ଟ**

**'ସେବା ପକ୍ଷ' ଯୁବ ସମାବେଶରେ ଯୋଗଦେବେ**

**ଝାରସୁଗୁଡ଼ା,୨୬।୯(ସଂଚାର ବ୍ୟୁରୋ):** ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡ଼ା ଆସୁଛନ୍ତି। ଚଳିତ 'ସେବା ପକ୍ଷ' ଅବସରରେ ଏଠାକାର ଅମଲିପାଲି ପଡ଼ିଆରେ ଆୟୋଜିତ ହେବାକୁ ଥିବା ଯୁବ ସମାବେଶକୁ ମୋଦି ସମ୍ବୋଧନ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ରାଜ୍ୟ କ୍ୟାବିନେଟ୍‌ର ପ୍ରମୁଖ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଦଳୀୟ ନେତୃବର୍ଗ ମଧ୍ୟ ମୋଦିଙ୍କୁ ସ୍ୱାଗତ କରିବା ସକାଶେ ଏଠାରେ ମହଜୁଦ ଅଛନ୍ତି। ଅମଲାପାଲି ସଭାସ୍ଥଳରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଆଜି ସୁରକ୍ଷାକର୍ମୀମାନେ ମକ୍ ଡ୍ରିଲ୍ ମଧ୍ୟ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଜେ ଗତକାଲିଠାରୁ ଏଠାରେ ମହଜୁଦ ରହି ସମସ୍ତ ପ୍ରସ୍ତୁତିର ତଦାରଖ କରୁଛନ୍ତି। ବହୁ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୁଲିସ ଡିଜି ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମଧ୍ୟ ବ୍ୟବସ୍ଥା ଉପରେ ନଜର ରଖିଛନ୍ତି। ଦୀର୍ଘ ୭ ବର୍ଷ ପରେ ମୋଦି ଏଠାକୁ ଆସୁଥିବାରୁ ସବୁ ମହଲରେ ଉତ୍ସାହ କ୍ରମାଗତ ଭାବେ ବଢ଼ିଚାଲିଛି। ଏହି ସଭାରେ ପ୍ରାୟ ୬୦ ହଜାର ଲୋକଙ୍କ ସମାଗମ ହେବା ଆଶା କରାଯାଉଛି। ସୁରକ୍ଷା ଦାୟିତ୍ୱରେ ୮୦ ପ୍ଲାଟୁନ ଫୋର୍ସ ➪ପୃଷ୍ଠା-୬

### ପ୍ରକାଶ ପାଇଲା ଓପିଏସ୍‌ସି ଫଳ

# ପ୍ରିୟାଂଶୁ ପାଲ ଟପ୍ପର



**ଶୀର୍ଷ ୧୦ରେ ଜଣେମାତ୍ର ମହିଳା**

**ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପରୀକ୍ଷାଫଳ ପ୍ରକାଶ ପାଇଛି। କଟକସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ଏହି ପରୀକ୍ଷାଫଳରେ ଅନୁଗୁଳର ପ୍ରିୟାଂଶୁ ପାଲ୍ ଟପ୍ପର୍ ହୋଇଛନ୍ତି। ପୂର୍ବରୁ ୩ ଥର ଏହି ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ ହେଁ ବିଫଳ ରହିଥିବା ପ୍ରିୟାଂଶୁ ଚଳିତ ଥର ସଫଳତା ପାଇଛନ୍ତି। ସେହିପରି ଦ୍ୱିତୀୟ ସ୍ଥାନରେ ଅନନ୍ୟା ମିଶ୍ର ରହିଛନ୍ତି, ଯିଏକି ଶୀର୍ଷ ୧୦ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଏକମାତ୍ର ମହିଳା। ପରୀକ୍ଷାରେ ମୋଟ ୩୯୮ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୧୪୪ ଜଣ ମହିଳା ଥିବା ଜଣାପଡ଼ିଛି। ଆହୁରି ତୃତୀୟ ସ୍ଥାନରେ ଶୋଭନ ପଟ୍ଟନାୟକ ରହିଥିବା ବେଳେ ଚତୁର୍ଥରେ ମିର୍ଜା ଫୈଜ ଅହମ୍ମଦ କାଦ୍ରି, ପଞ୍ଚମରେ ଚିନ୍ମୟ ସାହୁ, ଷଷ୍ଠରେ ଅନ୍ତିମ ସ୍ୱାଇଁ, ସପ୍ତମରେ ଶୈଳେଶ କୁମାର ଭୋଇ, ଅଷ୍ଟମ ସ୍ଥାନରେ ମହମ୍ମଦ ନାଜିଫ ହତିଫ, ନବମରେ ଚିନ୍ମୟ କୁମାର ପାଢ଼ୀ ଓ ଦଶମ ସ୍ଥାନରେ ରହିଛନ୍ତି ମିଲନ ମହାପାତ୍ର।

କୃତିତ୍ୱ ଲାଭ କରିଥିବା ପ୍ରାର୍ଥୀମାନଙ୍କୁ ରାଜ୍ୟ ପ୍ରଶାସନିକ ବିଭାଗ ଅଧୀନ ସେବା (ଗ୍ରୁପ୍ 'ଏ' ଓ 'ବି')ରେ ଖୁବ୍‌ଶୀଘ୍ର ନିୟୋଜିତ କରାଯିବ। ଗତ ଏପ୍ରିଲ ୧୯ରୁ ମେ' ୧୫ ତାରିଖ ମଧ୍ୟରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ଚଳିତ ମାସ ୬ରୁ ୧୮ ତାରିଖ ମଧ୍ୟରେ ପ୍ରାର୍ଥୀମାନଙ୍କ ସାକ୍ଷାତକାର ପରୀକ୍ଷା ହୋଇଥିଲା। ଏହା ଆଧାରରେ ଆଜି ପରୀକ୍ଷା ଫଳ ପ୍ରକାଶ ପାଇଛି। ପରୀକ୍ଷାଫଳ ସମ୍ପର୍କରେ ଆୟୋଗ ପକ୍ଷରୁ କୁହାଯାଇଛି ଯେ ମନୋନୀତ ପ୍ରାର୍ଥୀଙ୍କ ପ୍ରାର୍ଥିତ୍ୱ ଅସ୍ଥାୟୀ ରହିଛି। ତେବେ ସମ୍ପୃକ୍ତ ନିଯୁକ୍ତି କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରାର୍ଥୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଟେଷ୍ଟିମୋନି/ପ୍ରମାଣପତ୍ରର ଉପଯୁକ୍ତ ଯାଞ୍ଚ ପରେ କୃତୀ ପରୀକ୍ଷାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବ। ତେବେ ଏ ସଂକ୍ରାନ୍ତରେ ସବିଶେଷ ସୂଚନା ସକାଶେ ପ୍ରାର୍ଥୀମାନଙ୍କୁ କମିଶନଙ୍କ ଆଧିକାରିକ ୱେବସାଇଟ୍ ଭିଜିଟ୍ କରିବାକୁ ଆୟୋଗଙ୍କ ପକ୍ଷରୁ କୁହାଯାଇଛି। ତେବେ ୯ ତାରିଖରେ ଓଡ଼ିଶା ହାଇକୋର୍ଟଙ୍କ ଆଦେଶ ଆଧାରରେ ଗୋଟିଏ ଅଣସଂରକ୍ଷିତ ପଦବୀରେ କୌଣସି ନିଯୁକ୍ତି ହେବ ନାହିଁ।

### ପୂର୍ବ ସରକାରର ଦୁର୍ନୀତିକୁ ପଦାରେ ପକାଇଛି ସିଏଜି ରିପୋର୍ଟ

# ବିଜେଡି ଉପରେ ବର୍ଷିଲେ ଧର୍ମେନ୍ଦ୍ର



**ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ବିଧାନସଭାରେ ନିକଟରେ ଉପସ୍ଥାପିତ କଣ୍ଟ୍ରୋଲର୍ ଆଣ୍ଡ ଅଡିଟର୍ ଜେନେରାଲ୍ (ସିଏଜି) ରିପୋର୍ଟ ଆଧାରରେ ପୂର୍ବତନ ସରକାର ଉପରେ ବର୍ଷିଛନ୍ତି। ଏହି ରିପୋର୍ଟକୁ କେନ୍ଦ୍ର ମନ୍ତ୍ରୀ 'ଜାତୀୟ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସନୀୟ ଡକ୍ୟୁମେଣ୍ଟ' ବୋଲି କହିବା ସହ ବିଜେଡି ନେତୃତ୍ୱାଧୀନ ଗତ ସରକାର ଅମଳରେ ଘଟିଥିବା ବ୍ୟାପକ ଦୁର୍ନୀତିର ପେଡ଼ି ସିଏଜି ରିପୋର୍ଟ ଖୋଲିଦେଇଛି ବୋଲି କହିଛନ୍ତି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ୍‌ରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ସିଏଜି ରିପୋର୍ଟ ଦେଶର ଏକ ବିଶ୍ୱସନୀୟ ଦସ୍ତାବିଜ। ଓଡ଼ିଶା ବିଧାନସଭାରେ ଉପସ୍ଥାପିତ ହୋଇଥିବା ରିପୋର୍ଟରେ ପୂର୍ବତନ ସରକାରଙ୍କ ବ୍ୟାପକ ଦୁର୍ନୀତି ଓ ଗୁରୁତର ଅନିୟମିତତା ପ୍ରକାଶ ପାଇଛି, ଯାହା ଏହାର ଅକ୍ଷମତା ଓ ପ୍ରଶାସନିକ ସ୍ଥାଣୁତା ପ୍ରତିଫଳିତ କରୁଛି। ଏହି ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି ଯେ ପୂର୍ବ ଶାସନ କାଳରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିଲା ଓ ପ୍ରଶାସନର ପ୍ରତ୍ୟେକ ସ୍ତରରେ ଦୁର୍ନୀତି ଅନୁପ୍ରବେଶ କରିଥିଲା। ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ ଓ ଆଦିବାସୀ କଲ୍ୟାଣ ଭଳି ଅତ୍ୟାବଶ୍ୟକ କ୍ଷେତ୍ରରେ ସରକାରୀ ପାଣ୍ଠିର ବ୍ୟାପକ ଅପବ୍ୟବହାର ଦେଖିବାକୁ ମିଳିଛି। ଏହା ପୂର୍ବତନ ପ୍ରଶାସନର ଅସମ୍ବେଦନଶୀଳତାକୁ ➪ପୃଷ୍ଠା-୬

# ମିଛ କହିଲେ ସ୍ନେହାଙ୍ଗିନୀ, ଲେଲିନ

- ଶ୍ରୀମୟୀଙ୍କୁ କାଉଣ୍ଟର ହୋଇଛି ବୁମେରାଂ
- ଉତ୍ତର ଦେବାକୁ ଡରୁଛନ୍ତି ବରିଷ୍ଠ ନେତା




**ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ):** ଧରାପଡ଼ିଲା ପୂର୍ବତନ ମନ୍ତ୍ରୀ ତଥା ମହିଳା ବିଜେଡି ସଭାନେତ୍ରୀ ଓ ମୁଖପାତ୍ର ଲେଲିନ ମହାନ୍ତିଙ୍କ ଡାହା ମିଛ। ବିଜେଡି ତଂଟିରେ ଏବେ ଶ୍ରୀମୟୀ କଣ୍ଟା ଏମିତି ଲାଗିଛି ଯେ ନେତାମାନେ ନା ଢୋକି ପାରୁଛନ୍ତି ନା ଥୁକି ପାରୁଛନ୍ତି। ତେଣୁ ଶ୍ରୀମୟୀଙ୍କ ସପକ୍ଷରେ ସାଧାରଣରେ ଥିବା ମାନସିକତାରେ ପରିବର୍ତ୍ତନ ପାଇଁ ମିଛର ଆଶ୍ରୟ ନେଇଛନ୍ତି।

ବୁଧବାର ସ୍ନେହାଙ୍ଗିନୀ ଛୁରିଆ ଓ ଲେଲିନ ମହାନ୍ତି ଗଳା ଫଟେଇ ଶ୍ରୀମୟୀ ମିଶ୍ରଙ୍କୁ ମିଛୁଆ ବୋଲି ପ୍ରମାଣିତ କରିବାକୁ ସାମ୍ବାଦିକ ସମ୍ମିଳନୀ କରିଥିଲେ। ବିଜେଡିରୁ ନିଲମ୍ବିତ ହେବା ପରେ ଶ୍ରୀମୟୀ ସୋସିଆଲ ମିଡିଆରେ ପ୍ରତିକ୍ରିୟା ଦେଇ କହିଥିଲେ ଯେ ସେ ବର୍ଷେ ହେଲା ବିଜେଡିରେ ନାହାଁନ୍ତି। ଏପରିକି ସେ ନିଜର ସଦସ୍ୟତା ନବୀକରଣ କରିନାହାନ୍ତି। ଦଳରେ ନଥିବା ଲୋକକୁ ନିଲମ୍ବିତ କରିବା ➪ପୃଷ୍ଠା-୬

### ବଢ଼ୁଛି ବାବୁଙ୍କ ଦବ୍‌ଦବା!

# ଏମ୍‌କେସିଜି ରେଜିଷ୍ଟ୍ରାରଙ୍କ ଚାପରେ ସରକାର ଚେପା

**ମହଙ୍ଗା ପଡ଼ିପାରେ ଗେହ୍ଲାପୁଅ ନୀତି**




**ବ୍ରହ୍ମପୁର,୨୬।୯(ସଂଚାର ବ୍ୟୁରୋ):** ପୂର୍ବ ବିଜେଡି ସରକାର ଭଳି ବିଜେପି ସରକାରରେ ମଧ୍ୟ ବାବୁଙ୍କ ପ୍ରଭାବ ଓ ପତିଆରା ବଢ଼ିଛି। ଏହା ଏବେ ବ୍ରହ୍ମପୁର ସହରରେ ଖୁବ୍ ଚର୍ଚ୍ଚା ହେଉଛି। ଯଦିଓ ବାବୁ ରାଜ୍ କୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାର କଥା କହି ବିଜେପି ଶାସନ ଚୌକି ହାତେଇଛି। ଏଥିରେ କିନ୍ତୁ ବ୍ୟତିକ୍ରମ ଦେଖାଦେଇଛି। ଲୋକଙ୍କ ସରକାର ଏବେ ବାବୁଙ୍କୁ ପ୍ରାଥମିକତା ଦେଉଥିବା କୁହାଯାଉଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ବ୍ରହ୍ମପୁର ଏମକେସିଜିର ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କ ବଦଳି ବାତିଲ। ଏହି ବରିଷ୍ଠ ଓଏଏସ୍ ଅଧିକାରୀଙ୍କ ଟ୍ରାନ୍ସଫର ନିର୍ଦ୍ଦେଶର କିଛି ଘଣ୍ଟା ମଧ୍ୟରେ ଏହାକୁ ରୋକାଯିବା ଏବଂ ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ବାତିଲ ପଦକ୍ଷେପକୁ ନେଇ ନାନା ଆଲୋଚନା ବଢ଼ୁଛି। କୁହାଯାଉଛି, ସମ୍ପ୍ରତି ମଧ୍ୟ ବାବୁମାନଙ୍କ ଉପରେ ଲଗାମ୍ ଲଗାଇବାରେ ଭାଜପା ସରକାର ଅସମର୍ଥ ହୋଇଛି। ଅଧିକାରୀମାନଙ୍କୁ କ୍ଷମତା ଦେବାର ଫଳ ପୂର୍ବ ବିଜେଡି ସରକାର ଭୋଗିଛି। ଅମଲାତନ୍ତ୍ର ଶାସନକୁ ବିରୋଧ କରି ଲୋକେ ବିଜେପିକୁ ଭୋଟ ଦେଇ ବିଜୟର ଟୀକା ପିନ୍ଧାଇଛନ୍ତି। କିନ୍ତୁ ଆଗରୁ ଯାହା, ଏବେ ବି ତାହା। ଜଣେ ଅଧିକାରୀଙ୍କ ବଦଳିକୁ ହଠାତ୍ ରୋକିବାକୁ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଅନ୍ୟପଟେ ଚର୍ଚ୍ଚା ହେଉଛି, ବିଜେପି ସରକାରରେ ବାବୁଙ୍କ କ୍ଷମତା କମିନି ବରଂ ବଢ଼ିଛି। ଯାହା ଏମକେସିଜିର ପ୍ରଶାସନିକ ଅଧିକାରୀଙ୍କ ବଦଳି ଉପରେ ରୋକ୍ ଲଗାଇବା ଘଟଣାରୁ ସ୍ପଷ୍ଟ। ହେବିୱେଟ୍ ନେତାଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଏମାନେ କୁଆଡେ ସମର୍ଥ ଅଟନ୍ତି। ତେଣୁ ଅଧିକାରୀଙ୍କ ନିଜ ଇଚ୍ଛା ମୁତାବକ ଚୌକିରୁ ସରକାର ହଟେଇବାକୁ ଉଦ୍ୟମ କରି ବି ବିଫଳ ହେଉଛନ୍ତି। ନିଜ ଦବଦବା ଜାହିର୍ ପାଇଁ ସରକାରଙ୍କ ➪ପୃଷ୍ଠା-୬



**କାନ ଡେରିଆ**

ପାର୍ବଣ ଋତୁଟା ଫିକା ପଡ଼ିଯିବ
ବରଷା ବିଗାଡ଼ି ଦେଲା
ପ୍ରତି ବର୍ଷ ଏହି ଦିନରେ କାହିଁକି
ବରଷା ପ୍ରବଳ ହେଲା
କାହା ନଜର ପଡ଼ିଲା...
ଦେବୀ ଦୁର୍ଗା ଆଉ
ମାରିପାରିବେନି
ଅସୁରଟା ବଞ୍ଚିଗଲା

■ ଦେବାଶିଷ

# ପୁଲିସ୍ ପୋଲ୍ ଖୋଲିଲା ଶୁଭମିତ୍ରା ହତ୍ୟାକାଣ୍ଡ



**ଡିଜିଙ୍କ କ୍ୟାମ୍ପ ଅଫିସରେ ସୁରକ୍ଷା ଶୂନ**

**ଗୁଇନ୍ଦା ବ୍ୟବସ୍ଥା ରାଜଧାନୀରେ ଚିତ୍‌ପଟାଙ୍ଗ**

**ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ):** ମହିଳା ଟ୍ରାଫିକ ପୁଲିସ ଶୁଭମିତ୍ରା ହତ୍ୟାକାଣ୍ଡର ଅଧିକ ତଦନ୍ତ ପାଇଁ କମିଶନରେଟ ପୁଲିସ୍ ଏହାକୁ ରେଡ୍‌ଫ୍ଲାଗ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିଥିବା ବେଳେ ଏହି ଘଟଣା କିନ୍ତୁ କମିଶନରେଟ ପୁଲିସ୍‌ର ପୋଲ୍ ଖୋଲି ଦେଇଛି। କମିଶନରେଟ ପୁଲିସ୍ ମୁଖ୍ୟାଳୟ ତଥା ଡିଜିଙ୍କ କ୍ୟାମ୍ପ୍ ଅଫିସରେ କିଭଳି ସୁରକ୍ଷା ବ୍ୟବସ୍ଥା ଢିଲା ଓ ରାଜଧାନୀରେ କିଭଳି ଗୁଇନ୍ଦା ବ୍ୟବସ୍ଥା ଚିତ୍‌ପଟାଙ୍ଗ ମାରିଛି, ତାହାକୁ ଜଳ ଜଳ କରି ଦେଖାଇଦେଇଛି।

ଏହି ହତ୍ୟାକାଣ୍ଡ ଘଟାଇଥିବା ଦୀପକ ରାଉତ ହେଉଛି କମିଶନରେଟ ପୁଲିସ୍‌ର ଜଣେ ସାଧାରଣ କନେଷ୍ଟବଳ। ପୁଲିସ୍ କମିଶନର ତଥା ଡିଜିଙ୍କ୍ କ୍ୟାମ୍ପ୍ ଅଫିସ୍‌ରେ କାର୍ଯ୍ୟରତ। ଦୀପକ ପ୍ରତିଦିନ କାର୍ଯ୍ୟାଳୟକୁ ଦାମୀ ଗାଡି ଚଢ଼ି ଆସୁଥିବା ବେଳେ ତାହା ଉପରେ କିନ୍ତୁ ପୁଲିସ୍ କିମ୍ବା ଗୁଇନ୍ଦା ବାହିନୀ ଗୁରୁତ୍ୱ ଦେଇନଥିଲା। ଜଣେ ସାଧାରଣ କନେଷ୍ଟବଳ କେଉଁ ସୂତ୍ରରୁ କିଭଳି ଆୟକରି ଏଭଳି ଦାମୀ ଗାଡି ଚଢ଼ୁଛନ୍ତି ତା'ର ଦିନେ ହେଲେ କେହି ଖୋଳତାଡ କଲେ ନାହିଁ। ବରଂ ତାଙ୍କ ଗାଡିରେ ବସି ଅନେକ ଖାକି ବାବୁ ବୁଲାବୁଲି କରୁଥିବା ନେଇ ଆଲୋଚନା ଚାଲିଛି।

ସେହିଭଳି ଦୀପକ ଶୁଭମିତ୍ରାଙ୍କୁ ପୁଲିସ୍ କମିଶନରଙ୍କ ଦପ୍ତର ଠାରୁ ଅଳ୍ପ ଦୂରରେ ହତ୍ୟା କରିବାପରେ ମୃତଦେହକୁ ଆଣି ଡିଜିଙ୍କ କ୍ୟାମ୍ପ୍ ଅଫିସ ପରିସରରେ ଘଣ୍ଟା ଘଣ୍ଟା ଧରି ରଖିଥିଲା। ସେହି ଦପ୍ତରରେ ବସି ଶବକୁ କେଉଁଠାରେ ଫୋପାଡିବ ତାହାର ଯୋଜନା ଚଳାଇଥିଲା। ଅତ୍ୟନ୍ତ ସୁରକ୍ଷିତ ଅଞ୍ଚଳ କୁହାଯାଉଥିବା ଏହି ଦପ୍ତର ପରିସରରେ ମାଳ ମାଳ ସିସିଟିଭି ଲାଗିଛି। ସୁରକ୍ଷାକର୍ମୀମାନେ ପହରା ଦେଉଛନ୍ତି। ସାଧାରଣ ଲୋକଟିଏ ଭିତରକୁ ଗଲେ ତାକୁ ହଜାରେ ପ୍ରଶ୍ନ। ଗାଡି ତଲାସି ବି ହେଉଛି।

ହେଲେ ଗୋଟିଏ ମୃତଦେହ ଘଣ୍ଟା ଘଣ୍ଟା ଧରି ପୁଲିସ୍ ମୁଖ୍ୟଙ୍କ କାର୍ଯ୍ୟାଳୟ ଭିତରେ ରହିବା ସହିତ ଅତି ସୁରକ୍ଷିତ ଭାବେ ସେଠାରୁ ଚାଲିଗଲା। କେହି କିନ୍ତୁ ଏ ସଂକ୍ରାନ୍ତରେ ବିନ୍ଦୁବିସର୍ଗ ଖବର ପାଇଲେ ନାହିଁ। ଉପସ୍ଥିତ ସୁରକ୍ଷା କର୍ମୀ ଓ ଲାଗିଥିବା ସିସିଟିଭି ଉପରେ ଏବେ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଏଥି ସହିତ କମିସନରେଟ ପୁଲିସ୍‌ର ଗୁଇନ୍ଦା ବ୍ୟବସ୍ଥାକୁ ନେଇ ବି ରାଜଧାନୀରେ ଆଲୋଚନା ଆରମ୍ଭ ହୋଇଛି। କମିଶନରେଟ ପୁଲିସ୍‌ର ଗୁଇନ୍ଦାମାନେ ଯଦି ଡିଜିଙ୍କ କ୍ୟାମ୍ପ ଅଫିସ୍ ଉପରେ ନଜର ➪ପୃଷ୍ଠା-୬

### ପିଏସ୍‌ୟୁ କର୍ମଚାରୀଙ୍କୁ ମୋହନଙ୍କ ଦଶହରା ଭେଟି

## ମହଙ୍ଗା ଭତ୍ତାରେ ୨ ପ୍ରତିଶତ ବୃଦ୍ଧି



**ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟର ସରକାରୀ ଉଦ୍ୟୋଗ (ପିଏସ୍‌ୟୁ)ର କର୍ମଚାରୀମାନଙ୍କୁ ଦଶହରା ଭେଟି ଦେଇଛନ୍ତି। ଏହି କର୍ମଚାରୀମାନେ ପୂର୍ବରୁ ପାଉଥିବା ମହଙ୍ଗା ଭତ୍ତାରେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଉ ୨ ପ୍ରତିଶତ ବୃଦ୍ଧି କରିଛନ୍ତି। ଫଳସ୍ୱରୂପ ସରକାରୀ ଉଦ୍ୟୋଗ କର୍ମଚାରୀମାନେ ଏବେ ମହଙ୍ଗା ଭତ୍ତା ଭାବେ ୫୩ ପ୍ରତିଶତ ପରିବର୍ତ୍ତେ ୫୫ ପ୍ରତିଶତ ପାଇବେ। ସମ୍ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପାଇଁ ଝାରସୁଗୁଡ଼ାରେ ଥିବା ମୁଖ୍ୟମନ୍ତ୍ରୀ ଆଜି ଦିନତମାମ ତାଙ୍କ ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟ କରିଛନ୍ତି। ଏହି ଅବସରରେ ସେ ଏହି ମହଙ୍ଗା ଭତ୍ତା ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରିଛନ୍ତି। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ୨୦୨୫ ଜାନୁଆରୀ ପହିଲାରୁ ଲାଗୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶନିବାର ୨୭ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
Saturday 27 September 2025, Bhubaneswar

# ଲଦାଖର ସ୍ୱର ଚାପିବାକୁ ପ୍ରୟାସ

ଲଦାଖର ପ୍ରସିଦ୍ଧ ପରିବେଶବାଦୀ ଏବଂ ସାମାଜିକ କର୍ମୀ ସୋନମ୍ ଓ୍ୱାଙ୍ଗଚୁକଙ୍କୁ ସେପ୍ଟେମ୍ବର ୨୬, ୨୦୨୫ରେ ଲେହରେ ଗିରଫ କରାଯାଇଛି। ଏହି ଘଟଣା ଭାରତର ଲୋକତାନ୍ତ୍ରିକ ବ୍ୟବସ୍ଥାରେ ଏକ ଗମ୍ଭୀର ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ସୋନମ୍ ଓ୍ୱାଙ୍ଗଚୁକ, ଯିଏକି 'ଆଇସ୍ ଷ୍ଟୁପା' ପ୍ରକଳ୍ପ ମାଧ୍ୟମରେ ଜଳସଂରକ୍ଷଣରେ ବିଶ୍ୱବ୍ୟାପୀ ପ୍ରଶଂସା ପାଇଛନ୍ତି ଏବଂ ଲଦାଖର ଶିକ୍ଷା ଏବଂ ପରିବେଶ ସୁରକ୍ଷା ପାଇଁ ଅହିଂସାବାଦୀ ଆନ୍ଦୋଳନ କରିଆସୁଛନ୍ତି, ତାଙ୍କୁ ରାଷ୍ଟ୍ରୀୟ ସୁରକ୍ଷା ଆଇନ୍ (ଏନ୍‌ଏସ୍‌ଏ) ଅନ୍ତର୍ଗତ ଗିରଫ କରାଯାଇଛି। ଏହା କେବଳ ତାଙ୍କର ବ୍ୟକ୍ତିଗତ ସ୍ୱାଧୀନତାର ଉଲ୍ଲଂଘନ ନୁହେଁ, ବରଂ ଲଦାଖ ଅଞ୍ଚଳର ଜନତାଙ୍କ ସ୍ୱରକୁ ଦମନ କରିବାର ଏକ ପ୍ରୟାସ ବୋଲି ପ୍ରତୀତ ହେଉଛି।

ଏହି ଗିରଫଦାରୀର ପଛରେ ଥିବା ପ୍ରସଙ୍ଗକୁ ବୁଝିବା ଆବଶ୍ୟକ। ସେପ୍ଟେମ୍ବର ୨୪ରେ ଲେହରେ ହୋଇଥିବା ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା, ଯେଉଁଥିରେ ଚାରିଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନେକ ପୋଲିସ୍ ଏବଂ ସୁରକ୍ଷାକର୍ମୀ ଆହତ ହୋଇଥିଲେ। ଏହି ଆନ୍ଦୋଳନ ଲଦାଖକୁ ରାଜ୍ୟ ମାନ୍ୟତା ଦେବା, ଷଷ୍ଠ ଅନୁସୂଚୀ ଅନ୍ତର୍ଗତ ସ୍ୱାୟତ୍ତଶାସନ ଏବଂ ସ୍ଥାନୀୟ ନିଯୁକ୍ତିରେ କୋଟା ବ୍ୟବସ୍ଥା ଭଳି ଦାବିକୁ ନେଇ ହୋଇଥିଲା। ୨୦୧୯ରେ ଜମ୍ମୁ-କାଶ୍ମୀରରୁ ଲଦାଖକୁ ଅଲଗା କରି କେନ୍ଦ୍ରଶାସିତ ଅଞ୍ଚଳ ଘୋଷଣା କରାଯିବା ପରେ ଏହି ଅଞ୍ଚଳର ଲୋକମାନେ ନିଜର ସ୍ୱାୟତ୍ତତା ହରାଇବାର ଅଭିଯୋଗ କରିଆସୁଛନ୍ତି। ସୋନମ୍ ଓ୍ୱାଙ୍ଗଚୁକ ୧୪ ଦିନର ଉପବାସ କରି ଏହି ଦାବିଗୁଡ଼ିକୁ ଉଠାଇଥିଲେ, କିନ୍ତୁ ସରକାର ତାଙ୍କୁ ହିଂସା ଉତ୍ପାଦନର ଅଭିଯୋଗରେ ଦୋଷୀ କରିଛନ୍ତି।

କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ଆଶ୍ଚର୍ଯ୍ୟଜନକ। ସୋନମ୍ ଓ୍ୱାଙ୍ଗଚୁକଙ୍କ ଏନ୍‌ଜିଓ 'ଷ୍ଟୁଡେଣ୍ଟସ୍ ଏଡୁକେସନାଲ୍ ଆଣ୍ଡ୍



କଲଚରାଲ୍ ମୁଭମେଣ୍ଟ ଅଫ୍ ଲଦାଖ'ର ଲାଇସେନ୍ସ (ଏଫ୍‌ସିଆର୍‌ଏ) ରଦ୍ଦ କରାଯାଇଛି, ଯାହା ତାଙ୍କର କାର୍ଯ୍ୟକଳାପକୁ ପ୍ରଭାବିତ କରିବ। ପୋଲିସ୍ କହିଛନ୍ତି ଯେ ଆନ୍ଦୋଳନକାରୀମାନେ ଭବନ ଏବଂ ପୋଲିସ୍ ଗାଡ଼ିକୁ ନିଆଁ ଲଗାଇଥିଲେ, ଏବଂ ସ୍ୱରକ୍ଷାରେ ଗୁଳି ଚଳାଇଥିଲେ। କିନ୍ତୁ ସୋନମ୍ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ ହିଂସା ସରକାରଙ୍କ ଉପେକ୍ଷାର ଫଳସ୍ୱରୂପ ହୋଇଛି। ଲେହରେ କର୍ଫ୍ୟୁ ଲଗାଯାଇଛି ଏବଂ ମୋବାଇଲ୍ ଇଣ୍ଟରନେଟ୍ ବନ୍ଦ କରାଯାଇଛି, ଯାହା ସୂଚନାର ପ୍ରବାହକୁ ଅବରୋଧ କରୁଛି।

ଏହି ଘଟଣା ଭାରତର ଅନ୍ୟାନ୍ୟ ଅଞ୍ଚଳରେ ହେଉଥିବା ଆନ୍ଦୋଳନଗୁଡ଼ିକର ସମାନ୍ତରାଳ। ଲଦାଖର ଜନତା ନିଜର ସଂସ୍କୃତି, ପରିବେଶ ଏବଂ ଅର୍ଥନୈତିକ ସ୍ୱାର୍ଥକୁ ସୁରକ୍ଷିତ ରଖିବାକୁ ଚାହୁଁଛନ୍ତି। ହିମାଳୟ ଅଞ୍ଚଳର ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ବାହାରୁ ଆସୁଥିବା ପ୍ରଭାବକୁ ନେଇ ସେମାନଙ୍କର ଚିନ୍ତା ଯଥାର୍ଥ। ସରକାର ୨୦୨୩ରୁ ଚାଲିଆସୁଥିବା ଆଲୋଚନାକୁ ଅକ୍ଟୋବର ୬ରେ ପୁନରାରମ୍ଭ କରିବାକୁ ଘୋଷଣା କରିଛନ୍ତି, କିନ୍ତୁ ଏହି ଗିରଫଦାରୀ ଆଲୋଚନାର ବାତାବରଣକୁ ବିଗାଡ଼ିବ। ଅହିଂସାବାଦୀ ଆନ୍ଦୋଳନକାରୀଙ୍କୁ ଏଭଳି କଠୋର ଆଇନ୍ ଅନ୍ତର୍ଗତ ଗିରଫ କରିବା ଲୋକତନ୍ତ୍ରର ମୂଳଭିତ୍ତିକୁ ହାନି ପହଞ୍ଚାଉଛି।

ଆମେ ମତ ରଖୁଛୁ ଯେ ସରକାରଙ୍କୁ ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ଉଚିତ୍ ଏବଂ ସୋନମ୍ ଓ୍ୱାଙ୍ଗଚୁକଙ୍କୁ ତୁରନ୍ତ ମୁକ୍ତ କରିବା ଉଚିତ୍। ଲଦାଖର ଦାବିଗୁଡ଼ିକୁ ଶୁଣିବା ଏବଂ ସମାଧାନ କରିବା ଦ୍ୱାରା ହିଁ ଶାନ୍ତି ପ୍ରତିଷ୍ଠା ହୋଇପାରିବ। ଏହି ଗିରଫଦାରୀ କେବଳ ଅସନ୍ତୋଷକୁ ବଢ଼ାଇବ ଏବଂ ଦେଶର ଏକତାକୁ ପ୍ରଭାବିତ କରିବ। ଭାରତର ନାଗରିକମାନେ ଏହି ପ୍ରସଙ୍ଗରେ ଏକଜୁଟ୍ ହୋଇ ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା ଆବଶ୍ୟକ। ଲୋକତନ୍ତ୍ରରେ ବିରୋଧର ସ୍ଥାନ ରହିଛି, ଏବଂ ତାହାକୁ ଦମନ କରିବା ଦ୍ୱାରା ସମସ୍ୟାର ସମାଧାନ ହୁଏ ନାହିଁ।

# ମା

## କାଳୀ ଦାସ



ଦୁର୍ଗାପୂଜା ଭାରତୀୟ ସଂସ୍କୃତିର ଏକ ସୁନ୍ଦର ଉପସ୍ଥାପନା।ନାରୀ ଶକ୍ତି ଓ ମାତୃ ଶକ୍ତିର ବନ୍ଦନା କରିବାପାଇଁ ଯେମିତି ପ୍ରକୃତି ଏବଂ ସୃଷ୍ଟି ଉଭୟ ଆଗେଇ ଆସିଛନ୍ତି। ପରିବେଶ ରେ ଯେମିତି ମାଦକତା ଭରିଯାଇଛି।ବର୍ଷା କମିଯାଇଛି, ଶିତ ଆସିନି, ଗାଁ ଠାରୁ ସହର ସବୁକିଛି ଉତ୍ସବ ମୁଖରିତ। ସକାଳୁ ସକାଳୁ ଦେବୀଙ୍କ ସ୍ତୋତ୍ର କାନ ରେ ପଡେ "ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ୍ ସଂସ୍ଥିତା ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ"। ମନ ରେ ଅଦ୍ଭୁତ ଶିହରଣ ଖେଳି ଯାଏ।ପ୍ରତ୍ୟେକ ସହର ଓ ଗାଁରେ ଦୁର୍ଗା ମେଢ ଦେଖିବାକୁ ମିଳିଥାଏ। ଲୋକମାନେ ବର୍ଷ ସାରା ପ୍ରତୀକ୍ଷା କରିଥାନ୍ତି ଦୁର୍ଗାପୂଜାର ଆଗମନ ପାଇଁ ଘରେ ଘରେ ପିଠାପଣାର ସୁଅ ଛୁଟେ। ନୂଆ ଲୁଗା ପିନ୍ଧିବା, ବନ୍ଧୁ ମିଳନର ପରମ୍ପରା କେଉଁ କାଳ ରୁ ଚାଲି ଆସିଛି।

ଅସତ୍ୟ ଉପରେ ସତ୍ୟର ବିଜୟ, ଆସୁରିକ ଶକ୍ତି ଉପରେ ଦୈବିକ ଶକ୍ତିର ବିଜୟ କୁ ଦର୍ଶାଏ ଦୁର୍ଗାପୂଜା। ମା ଦୁର୍ଗା ଅତ୍ୟାଚାରୀ ଅସୁର, ମହିଷାସୁରର ବଦ୍ଧ ମାହାଷ୍ଟମୀ ଦିନ କରିଥିଲେ। ମହିଷାସୁରର ଅତ୍ୟାଚାରରେ ତିନି ଲୋକ ଥର ହର ହେଉଥିଲା। ଦେବତା ମାନେ ମଧ ମହିଷାସୁର ସହିତ ଯୁଦ୍ଧ କରିବାପାଇଁ ସାହାସ ସଞ୍ଚୟ କରିପାରୁନଥିଲେ। ମା ଦୁର୍ଗା ସେତେବେଳେ ଏକୁଟିଆ ମହିଷାସୁର ସହିତ ଯୁଦ୍ଧ କରି ତାକୁ ମାରିଥିଲେ ଓ ତିନି ଲୋକ ରେ ଶାନ୍ତି ପ୍ରତିଷ୍ଠା କରିଥିଲେ। ନାରୀ ସହନଶୀଳ ସନ୍ତାନପାଇଁ ମମତାର ପ୍ରତିମୂର୍ତ୍ତି କିନ୍ତୁ ଯେତେବେଳେ ସେହି ନାରୀ ଦେଖେ ସୃଷ୍ଟି ନଷ୍ଟ ହେବା କୁ ଯାଉଛି ସେତେବେଳେ ସିଏ ଅସ୍ତ୍ର ଧରି ଦଶଭୁଜା ହୋଇ ଅତ୍ୟାଚାରୀ ର ଅତ୍ୟାଚାର ଉପରେ ପୂର୍ଣ୍ଣଚ୍ଛେଦ ଲଗାଇ ଥାଏ। ଆମର ପୂର୍ବ ପୁରୁଷମାନେ ନାରୀ ଭିତରେ ଥିବା ମାହାନତା ଠିକ ବୁଝିପାରିଥିଲେ ତେଣୁ ନାରୀ ଶକ୍ତିର ସମ୍ମାନ ରେ ଏହି ପୂଜା ଓ ଆରାଧନା କୁ ନିଜ ଜୀବନ ରେ ସ୍ଥାନ ଦେଇଥିଲେ।

ଦୁର୍ଗାପୂଜା ବର୍ଷ କୁ ଦୁଇ ଥର କରାଯାଇଥାଏ ଗୋଟିଏ ହେଲା ବାସନ୍ତିକ ଦୁର୍ଗାପୂଜା ଆଉଗୋଟିଏ ହେଲା ଶାରଦୀୟ ପୂଜା। ଦୁର୍ଗାପୂଜା ୯ ଦିନ ଯାଏଁ ଚାଲେ ତାକୁ ନବରାତ୍ର କୁହାଯାଏ। ମା ଙ୍କର ୯ ଟି ରୂପ କୁ ଏହି ୯ ଦିନରେ ପୂଜା କରାଯାଏ। ଅନେକ ସ୍ଥାନରେ ଲୋକମାନେ ଉପବାସ ରଖି ସଂଯମ ଜୀବନ ଯାପନ କରି ଶକ୍ତିର ଉପାସନା କରିଥାନ୍ତି .। ପ୍ରତେକ ଶକ୍ତିପୀଠ ରେ ଏହି ନବରାତ୍ର ଖୁବ ଧୁମଧାମ ରେ ପାଳନ କରାଯାଏ। ଶକ୍ତିପୀଠ ହେଲା ସେହି ଜାଗା ଯେଉଁଠି ସତୀଙ୍କ ଅଙ୍ଗ ପଡ଼ିଥିଲା। ଓଡିଶାରେ ତାରାତାରିଣୀ ପୀଠ ଏକ ମୁଖ୍ୟ ଶକ୍ତି ପିଠ। କୁହାଯାଏ ସତୀଙ୍କ ମୃତ୍ୟୁ ପରେ ସତୀଙ୍କ ଅର୍ଦ୍ଧଦଗ୍ଧ ଶରୀର କୁ ଧରି ଶିବ ଉନ୍ମାଦ ହୋଇ ବୁଲିଲେ। ଭଗବାନ ବିଷ୍ଣୁ ଭଗବାନ ଶିବଙ୍କ ଏହି ଦୁର୍ଦଶା ଦେଖି ସହିପାରିଲେନାହି ସିଏ ନିଜର ସୁଦର୍ଶନ ଚକ୍ରେରେ ସତୀଙ୍କ ଶରୀର କୁ ଖଣ୍ଡଖଣ୍ଡ କରିଦେଲେ ସେହି ଶରୀରର ଅବଶିଷ୍ଟାଂଶ ଯେଉଁଠି ଯେଉଁଠି ପଡ଼ିଲା ସେଇଠି ଶକ୍ତିପୀଠ ସ୍ଥାପନ କରାଗଲା। ଅବିଭାଜ୍ୟ ଭାରତରେ ପ୍ରାୟ ସମସ୍ତ ଶକ୍ତିପୀଠ ସ୍ଥାପନ କରାଯାଇଥିଲା। ଭାରତର ବିଭାଜନ ପରେ ଅନେକ ଗୁଡିଏ ଶକ୍ତିପୀଠ ପାକିସ୍ଥାନ ଏବଂ ବାଂଲାଦେଶରେ ରହିଯାଇଛି। ମୁଖ୍ୟତଃ ୫୧ ଟି ଶକ୍ତିପୀଠ ରହିଛି। ସେହି ଭିତରେ ସାରଦା ପିଠ, କାଳୀଘାଟ କାଳୀ ମନ୍ଦିର, ବିମଳା ମନ୍ଦିର, ବିଶାଳାକ୍ଷୀ ମନ୍ଦିର, ଆଲୋପିଦେବୀ ମନ୍ଦିର, ଚାମୁଣ୍ଡେଶ୍ୱରୀ ମନ୍ଦିର ମୁଖ୍ୟ ଶକ୍ତିପୀଠ। ସାରଦା ପୀଠ ପାକିସ୍ଥାନର ଅଧୀନରେ ରହିଥିବା କାଶ୍ମୀରରେ ରହିଯାଇଛି। ସତୀଙ୍କର ଡାହାଣ ହାତ ସେହି ସ୍ଥାନରେ ପଡ଼ିଥିଲା। କାଳୀଘାଟର କାଳୀ ମନ୍ଦିର ପଶ୍ଚିମବଙ୍ଗରେ ରହିଛି କୁହାଯାଏ ଯେ ସତୀଙ୍କର ଡାହାଣ ପାଦର ବୁଢ଼ା ଆଙ୍ଗୁଠି ସେଠାରେ ପଡ଼ିଥିଲା। ସେହି ପରି ପୁରୀରେ ଅବସ୍ଥିତ ବିମଳା ମନ୍ଦିର ଯେଉଁ ଠାରେ ସତୀଙ୍କ ଖାଇବା ଉଚିଷ୍ଟ ପଡ଼ିଥିଲା। ବିଶାଳାକ୍ଷୀ ମନ୍ଦିର, ବାରଣାସୀରେ ଅବସ୍ଥିତ, ସତୀଙ୍କର କାନର ଗହଣା ଓ ଆଖି ସେଠାରେ ପଡ଼ିଥିଲା। ଆଲୋପିଦେବୀ ମନ୍ଦିର, ଯେଉଁଠି ସତୀଙ୍କ ଶରୀରର ଶେଷ ଅଂଶ ପଡ଼ିଥିଲା। ଏହା ପ୍ରୟାଗରାଜରେ ଅବସ୍ଥିତ। ଚାମୁଣ୍ଡେଶ୍ୱରୀ ମନ୍ଦିର ମହିଶୂରରେ ଅବସ୍ଥିତ ଏଠାରେ ସତୀଙ୍କ ବାଳ ପଡ଼ିଥିଲା।

ନବରାତ୍ରର ୯ ଦିନ ମାଆଙ୍କର ୯ ଟି ରୂପକୁ ପୂଜା କରାଯାଏ। ହିନ୍ଦୁ ଧର୍ମର ସମସ୍ତ ପୂଜା ଓ ପର୍ବାଣି ମୂଳତଃ ମଣିଷର ମନ ବୁଦ୍ଧି ଓ ଚେତନାର ଅଭିବୃଦ୍ଧି ପାଇଁ କରାଯାଏ। ମାଆଙ୍କର ପ୍ରଥମ ରୂପ ହେଉଛି "ଶୈଳ ପୁତ୍ରୀ "। ନବରାତ୍ରୀର ପ୍ରଥମ ଦିନ ଶୈଳ ପୁତ୍ରୀ କୁ ଉପାସନା କରାଯାଏ। ନାରୀ ତା ଜନ୍ମ ସମୟରେ ତା ପିତା ବା ବାପାଙ୍କ ପରିଚୟରେ ପରିଚିତ ହୋଇଥାଏ। ଦ୍ୱିତୀୟ ଦିନ ମାଆଙ୍କୁ "ବ୍ରହ୍ମଚାରିଣୀ" ରୂପେ ପୂଜା କରାଯାଏ। ପୂଜକ ବା ମାଆଙ୍କୁ ଉପାସନା କରୁଥିବା ଭକ୍ତ ମାନେ ନିଜ ମନକୁ ଏବଂ ଇନ୍ଦ୍ରିୟଙ୍କୁ ସଂଯମ କରି ମା ଙ୍କ ଉପାସନା କରନ୍ତି। ତୃତୀୟ ଦିନ ରୂପ ହେଲା "ଚନ୍ଦ୍ରଘଣ୍ଟା"। ସାଧକ ବା ସାଧିକା ଯିଏ ଏହି ନବରାତ୍ର ପାଳନ କରିଥାନ୍ତି ସେମାନେ ଆଧାତ୍ମିକ ଚେତନା ପାଇବା ପାଇଁ ଧାନ ରତ ହୁଅନ୍ତି। ଚତୁର୍ଥ ଦିନର ରୂପ ହେଲା "କୁଷ୍ମାଣ୍ଡ ଦେବୀ " ସାଧକ ବା ସାଧିକା କୁ ଆଧାତ୍ମିକ ସାଧନାର ଏହି ଦିନ ଫଳ ମିଳେ। ମାଆଙ୍କ ପଞ୍ଚମ ରୂପ ହେଲା "ସ୍କନ୍ଦମାତା"। ସ୍କନ୍ଧ କୁ କୋଳରେ ଧରି ମା ବସିଥାନ୍ତି। ନାରୀର ସଫଳତା ମାତୃତ୍ୱରେ ମିଳିଥାଏ ତାର ଏକ ନିଦର୍ଶନ ହେଲା ସ୍କନ୍ଧମାତା। ଷଷ୍ଠ ଦିନ ମାତାଙ୍କୁ "କାତ୍ୟାୟାନୀ" ରୂପେ ପୂଜା କରାଯାଏ। କାତ୍ୟାୟନୀ କୁ ପୂଜା କରି ସାଧକ ଆଧାତ୍ମିକ ଜ୍ଞାନ ପାଇଥାଏ। ସପ୍ତମ ଦିନ ମାଆଙ୍କୁ "କାଳ ରାତ୍ରୀ" ଭାବେ ପୂଜା କରାଯାଏ। ଅଷ୍ଟମ ଦିନ ମା ଙ୍କୁ "ମହା ଗୌରୀ" ରୂପେ ପୂଜା କରାଯାଏ ଏବଂ ନବମ ଦିନ ମା ଙ୍କୁ "ସିଦ୍ଧିଦାତ୍ରୀ " ରୂପେ ପୂଜା କରା ଯାଏ ଏବଂ ସାଧକ ବା ସାଧିକା ଆଧାତ୍ମିକ ସିଦ୍ଧି ମା ଙ୍କ ଠାରୁ ପାଇଥାନ୍ତି।

ଦଶମ ଦିନ ରାବଣ ଦହନ କରାଯାଏ। ଦଶମ ଦିନ କୁ "ବିଜୟ ଦଶମୀ" ବା ଦଶହରା ମଧ କୁହାଯାଏ। ରାବଣ ଆହଙ୍କାର ଓ ଆତ୍ୟାଚାରର ପ୍ରତୀକ। ନାରୀଙ୍କୁ ଦୁର୍ବଳ ଅସହାୟ ମନେ କରେ ତେଣୁ ଦଶହରା ଦିନ ରାବଣ ବଦ୍ଧ ବା ରାବଣ ଦହନ ନାରୀ ଶକ୍ତିର ଜୟ ଗାନ।

**ବ୍ରହ୍ମପୁର, ଖୋଡାସିଙ୍ଗ କଳିଙ୍ଗନଗର,**
**ମୋବାଇଲ୍: ୭୨୦୫୧୦୦୮୩୯**



# ନବରାତ୍ରି ଉପାସନା ଓ ମା' ଦୁର୍ଗାଙ୍କ ନବସ୍ୱରୂପ

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



ନବରାତ୍ରୀ ବିଭିନ୍ନ କାରଣରୁ ଏବଂ ଭାରତୀୟ ସାଂସ୍କୃତିକ କ୍ଷେତ୍ରର ବିଭିନ୍ନ ଭାଗରେ ଭିନ୍ନ ଭିନ୍ନ ଭାବଏ ପାଳନ କରାଯାଇଥାଏ। ତେବେ ବସନ୍ତ ଓ ଶରତ ଋତୁର ଦେବୀ ଆରାଧନା ମୁଖ୍ୟ ଆରାଧନା। ଚୈତ୍ର ଶୁକ୍ଳ ଏବଂ ଆଶ୍ୱିନ ଶୁକ୍ଳ ପ୍ରତିପଦଠାରୁ ନବମୀ ପର୍ଯ୍ୟନ୍ତ ନଗଗୌରୀ ବା ନବଦୁର୍ଗାଙ୍କର ସ୍ୱରୁପ କ୍ରମାନ୍ୱୟରେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟୟନୀ, କାଳରାତ୍ରୀ, ମହାଗୌରୀଙ୍କ ପୂଜା ଅନୁଷ୍ଠିତ ହୁଏ। ତାତ୍ତ୍ୱିକ ଭାବେ ଚାରୋଟି ଋତୁକାଳୀନ ନବରାତ୍ରୀ ରହିଛି। ତେବେ ସାଧାରଣତଃ ମୌସୁମୀ ପରବର୍ତ୍ତୀ ଶାରଦୀୟ ନବରାତ୍ରୀ ପ୍ରଧାନ। ଏହି ପର୍ବ ହିନ୍ଦୁ ପାଞ୍ଜିର ଆଶ୍ୱିନ ମାସର ଶୁକ୍ଳପକ୍ଷରେ ପାଳନ କରାଯାଏ। ନବରାତ୍ର ପୂଜା ନିମନ୍ତେ ପ୍ରଥମେ ପୂଜାବେଦୀରେ ଘଟ ସ୍ଥାପନ କରି ଦେବୀଙ୍କୁ ଆବାହନ କରାଯାଏ। ଧାନ କିମ୍ବା ଗହମ ଉପରେ ସ୍ଥାପନ କରାଯାଇଥିବା ଘଟରେ ଦେବୀ ଦୁର୍ଗାଙ୍କ ଛବି କିମ୍ବା ସ୍ୱସ୍ତିକ ଚିହ୍ନ ଅଙ୍କନ କରାଯାଏ। ନଅ ଦିନ ପର୍ଯ୍ୟନ୍ତ ପୂଜା ହୋଇ ଶେଷ ଦିନ ଘଟକୁ ବିସର୍ଜନ କରାଯାଏ। ଅଷ୍ଟମୀ ବା ନବମୀ ଦିନ ଦଶ ବର୍ଷ ବୟସରୁ ଊଣା ବୟସର ୯ଜଣ କୁମାରୀଙ୍କୁ ଦୁର୍ଗାଙ୍କ ନଅଗୋଟି ମୂର୍ତ୍ତି, ଯଥାଃ କୁମାରୀ (କୁମାରିକା), ତ୍ରିମୂର୍ତ୍ତିନୀ (ତ୍ରିମୂର୍ତ୍ତି), କଲ୍ୟାଣୀ (କଳହାଣି), ରୋହିଣୀ, କାଳୀ, ଚଣ୍ଡିକା, ଶଂଭବୀ (ଶାମ୍ଭବୀ), ଦୁର୍ଗା ଓ ସୁଭଦ୍ରା ରୂପେ କଳ୍ପନା କରି ଭୋଜନ ଦିଆଯାଏ।

ପୁରାଣ ମତେ ଦୁର୍ଗ ରାକ୍ଷସ ବ୍ରହ୍ମାଙ୍କଠାରୁ ବରପ୍ରାପ୍ତ ହୋଇ ଭୀଷଣ ଶକ୍ତିଶାଳୀ ଓ ଅତ୍ୟାଚାରୀ ହୋଇ ଉଠିଲା। ସେ ତ୍ରିଲୋକ ଜିଣିବା ପରେ ଦେବଲୋକ ଯାଇ ଦେବରାଜ ଇନ୍ଦ୍ରଙ୍କୁ ଭୟ ଦେଖାଇଲା। ଦେବଗଣ ସମ୍ମିଳିତ ହୋଇ ଲଢ଼ିଲେ, କିନ୍ତୁ ସମସ୍ତ ଦେବ ଆୟୁଧକୁ ବ୍ୟର୍ଥ କରି ଦୁର୍ଗ ଦୈତ୍ୟ ଦେବଗଣଙ୍କୁ ବନ୍ଦୀକରି ନିଜ ଦୁର୍ଗର କାଳକୋଠରୀରେ ବନ୍ଦକରି ନିତ୍ୟ ନିର୍ଯ୍ୟାତନା ଦେବାରେ ଲାଗିଲା। ସବୁ ଦେବତା ଭୀତତ୍ରସ୍ତ ହୋଇ ମହାଶକ୍ତିଙ୍କୁ ପ୍ରାର୍ଥନା କଲେ। ଦୟାରେ ବିଗଳିତ ମା' ଆବିର୍ଭୂତ ହୋଇ ନିଜ ଅଗ୍ନିଗର୍ଭା ନେତ୍ରରେ ଦୁର୍ଗମର ଦୁର୍ଗ ଧ୍ୱଂସ କରି ଦେବଗଣକୁ ଉଦ୍ଧାର କଲେ। ଯେତେବେଳେ ଦୁର୍ଗ ମା'ଙ୍କୁ ଆକ୍ରମଣ କରିବାକୁ ଆସିଲା ମା' ସହସ୍ରଭୂଜା ହୋଇ ଅସୁମାରି ଶସ୍ତ୍ର ଧାରଣ କରି ରାକ୍ଷସକୁ ବଧ କଲେ। ସେହିଦିନଠାରୁ ସେ ଦୁର୍ଗ ନାଶକାରି ଦୁର୍ଗା ଭାବେ ପୂଜିତ ହେଲେ। ସିଂହବାହିନୀ ଭାବରେ ସେ ଉଭୟ ସ୍ନେହୀ ଓ ଭୟଙ୍କରୀ। ସିଂହ ଉପରେ ବସି ସେ ଚତୁର୍ଭୁଜା, ଅଷ୍ଟଭୁଜା ବା ଏପରିକି ସହସ୍ରଭୁଜା ମଧ ହୋଇପାରନ୍ତି, କିନ୍ତୁ ସବୁବେଳେ ତାଙ୍କର ଗୋଟିଏ ହାତ ବରଦା ବା ଶାନ୍ତ ମୁଦ୍ରାରେ ଶୋଭିତ। ମା' ରୂପରେ ସେ ଭକ୍ତ ଓ ଶରଣାଗତମାନଙ୍କ ପାଇଁ ସେ ଅଭୟ, ଦୟା ଓ ବରଦା, କରୁଣାମୟୀ। କିନ୍ତୁ ଦୁରାଚାରୀ, ରାକ୍ଷସ ସ୍ୱଭାବର ବ୍ୟକ୍ତି, ଯେ ଅନ୍ୟମାନଙ୍କୁ କଷ୍ଟ ଦିଅନ୍ତି ସେମାନଙ୍କ ପାଇଁ ସେ ଭୟଙ୍କର ହୋଇପଡ଼ନ୍ତି। ତେବେ ଆସନ୍ତୁ ଜାଣିବା ନବଦୁର୍ଗା ଙ୍କ ନଅଟି ସ୍ୱରୁପ ବିଷୟରେ।

ପ୍ରଥମ ସ୍ୱରୂପ ମାତା ଶୈଳପୁତ୍ରୀଃ- ଆଦିଶକ୍ତିର ପ୍ରଥମ ସ୍ୱରୂପା ଶୈଳପୁତ୍ରୀଙ୍କ ଉପାସନା ସହ ନବରାତ୍ରର ଆରମ୍ଭ ହୋଇଥାଏ। ପୌରାଣିକ ମତେ ହିମାଳୟଙ୍କ ତପସ୍ୟା ଓ ପ୍ରାର୍ଥନାଦ୍ୱାରା ପ୍ରସନ୍ନ ହୋଇ ଦେବୀ ତାଙ୍କର କନ୍ୟା ଭାବେ ଜନ୍ମ ନେଇଥିଲେ। ଏହିଦିନ ଭକ୍ତ ଓ ସାଧକ ନିଜର ମନକୁ ମୂଳାଧାର ଚକ୍ରରେ ଅବସ୍ଥାନ କରି ଉପାସନା କରିଥାନ୍ତି। ଦ୍ୱିତୀୟ ସ୍ୱରୂପ ମାତା ବ୍ରହ୍ମଚାରିଣୀଃ- ବ୍ରହ୍ମଚାରିଣୀ ସ୍ୱରୂପରେ ନବରାତ୍ରର ଦ୍ୱିତୀୟ ଦିବସରେ ମାତା ଦୁର୍ଗାଙ୍କୁ ଭକ୍ତମାନେ ଉପାସନା କରିଥାନ୍ତି। ମାଙ୍କର ଅନ୍ୟ ଦୁଇନାମ ହେଲା ଅପର୍ଣ୍ଣା ଓ ଉମା। ଦେବୀଙ୍କ ଏହି ରୂପ ତପସ୍ୟାର ତେଜରେ ତେଜୋଦୀପ୍ତ ହୋଇଥାଏ। ତାଙ୍କ ଡାହାଣ ହାତରେ ମନ୍ତ୍ର ଜପାମାଳି ଓ ବାମ ହାତରେ କମଣ୍ଡଳୁ ଶୋଭାପାଏ। ଭକ୍ତ ନିଜ ମନକୁ ସ୍ୱାଧିଷ୍ଠାନ ଚକ୍ରରେ ଅବସ୍ଥାପିତ କରି ଆରାଧନା କରିଥାନ୍ତି। ତୃତୀୟ ସ୍ୱରୂପ ମାତା ଚନ୍ଦ୍ରଘଣ୍ଟାଃ- ଏହା ଦେବୀଙ୍କ ଉଗ୍ରରୂପ। ଦେବୀ ଦଶଭୂଜା ଓ ବ୍ୟାଘ୍ର/ ସିଂହ ଉପରେ ବିରାଜମାନ। ଅନେକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ। ଦେବୀଙ୍କର ମୁଦ୍ରା ଯୁଦ୍ଧାଭିମୁଖୀ। ଚତୁର୍ଥ ସ୍ୱରୂପ ମାତା କୁଷ୍ମାଣ୍ଡାଃ- ପୌରାଣିକ ମତେ ଦେବୀଙ୍କ ହସରୁ ବ୍ରହ୍ମାଣ୍ଡ ସୃଷ୍ଟି। ଭକ୍ତ ନିଜ ମନକୁ ଅନାହତ ଚକ୍ରରେ ଅବସ୍ଥାପିତ କରି ଆରାଧନା କରିଥାନ୍ତି। ଏହି ରୂପରେ ଦେବୀ ଅଷ୍ଟଭୂଜା ଓ ହାତରେ କମଣ୍ଡଳୁ, ଧନୁ, କମଳ, ଅମୃତ କଳସ, ଚକ୍ର, ଗଦା ଓ ଜପାମାଳି ଧାରଣ କରିଥାନ୍ତି। ପଞ୍ଚମ ସ୍ୱରୁପ ମାତା ସ୍କନ୍ଦମାତାଃ- ନବରାତ୍ର ପଞ୍ଚମ ଦିବସରେ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ। କୁମାର କାର୍ତ୍ତିକେୟଙ୍କ ମାତା ହୋଇଥିବାରୁ ତାଙ୍କୁ ସ୍କନ୍ଦମାତା କୁହାଯାଏ। ଦେବୀ ଚତୁର୍ଭୂଜା ଓ ସିଂହ ଉପରେ ବିରାଜମାନ। ଏହି ରୂପରେ ମାତା ପୁତ୍ର ସ୍କନ୍ଦକୁ କୋଳରେ ବସାଇଥାନ୍ତି। ଷଷ୍ଠ ସ୍ୱରୁପ ମାତା କାତ୍ୟାୟନୀଃ- ନବରାତ୍ର ଷଷ୍ଠ ଦିବସରେ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ। ମହର୍ଷି କାତ୍ୟାୟନଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ ତାଙ୍କର କନ୍ୟା ରୂପରେ ଜନ୍ମ ହୋଇଥିଲେ, ସେହି ଅନୁଯାୟୀ ଦେବୀଙ୍କ ନାମ କାତ୍ୟାୟନୀ। ଭଗବାନକୃଷ୍ଣଙ୍କୁ ପତି ରୂପେ ପାଇବାକୁ ବ୍ରଜଗୋପୀମାନେ ଦେବୀ କାତ୍ୟାୟନୀଙ୍କୁ ଆରାଧନା କରିଥିଲେ ତେଣୁ ବିବାହ ହୋଇପାରୁନଥିବା ସପ୍ତମ ସ୍ୱରୁପ ମାତା କାଳରାତ୍ରୀଃ- ନବରାତ୍ର ସପ୍ତମ ଦିବସରେ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ। ଏହା ଦେବୀଙ୍କ ବିକଟାଳ ରୂପ। ଏହି ରୂପରେ ତ୍ରୀନେତ୍ର ଧାରିଣୀ, ଶରୀରର ବର୍ଣ୍ଣ ଅନ୍ଧକାର ଭଳି ଗାଢ଼ କଳା ଚତୁର୍ଭୁଜା ଦେବୀ ଗର୍ଦ୍ଦଭ ଉପରେ ଆରୁଢ ହୋଇ ହାତରେ ଲୌହ ଖଡ଼୍‌ଗ ଧାରଣ କରିଥାନ୍ତି। ଅଷ୍ଟମ ସ୍ୱରୁପ ମାତା ମହାଗୌରୀଃ- ନବରାତ୍ର ଅଷ୍ଟମ ଦିବସରେ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ। ଏହା ଦେବୀଙ୍କ ସୌମ୍ୟ ରୂପ। ଏହି ରୂପରେ ବୃଷଭ ବାହିନୀ ଦେବୀଙ୍କ ଶରୀରର ବର୍ଣ୍ଣ ଗୌର, ଶ୍ୱେତବସ୍ତ୍ର ପରିହିତା ଦେବୀ ଚତୁର୍ଭୂଜା ଓ ଦୁଇ ହାତରେ ଡମ୍ବରୁ ଓ ତ୍ରିଶୁଳ ଧାରଣ କରିଥାନ୍ତି ଓ ଅନ୍ୟ ଦୁଇ ହାତରେ ଅଭୟ ପ୍ରଦାନ କରିଥାନ୍ତି। ନବମ ସ୍ୱରୁପ ମାତା ସିଦ୍ଧିଦାତ୍ରୀଃ- ନବରାତ୍ରର ନବମ ବା ଶେଷ ଦିବସରେ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ। ଏହି ରୂପରେ ପଦ୍ମାସନା ଦେବୀ ଚତୁର୍ଭୂଜା ଓ ହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରିଥାନ୍ତି। କେତେକ ଧର୍ମଗ୍ରନ୍ଥରେ ତାଙ୍କର ବାହାନ ସିଂହ ଭାବେ ଦର୍ଶାଯାଇଥିବା ବେଳେ ସେ ପଦ୍ମ ଉପରେ ଉପବେଶନ କରିଥାନ୍ତି। ସିଦ୍ଧିଦାତ୍ରୀଙ୍କ ପୂଜା ସହିତ ନବରାତ୍ରରେ ନବଦୁର୍ଗା ପୂଜା ସମ୍ପୂର୍ଣ୍ଣ ହୋଇଥାଏ।



**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ୍: ୮୨୪୯୫୦୨୭୭୬**

# ଆତ୍ମଘୋଷିତ ଜ୍ଞାନୀ

## ଦୀପ୍ତିମୟୀ ନାୟକ



ଆମ ସମାଜରେ ଜ୍ଞାନୀ ଲୋକଙ୍କ ଅଭାବ ନାହିଁ। କିଏ ଜ୍ଞାନ ବାଣ୍ଟି ଜ୍ଞାନୀ ତ ଆଉ କିଏ ବିନା ଜ୍ଞାନରେ ନିଜକୁ ଆତ୍ମଘୋଷିତ ଜ୍ଞାନୀ। ସତ କହିବାକୁ ଗଲେ ଜ୍ଞାନୀ ଲୋକମାନେ ନିଜ ଜ୍ଞାନକୁ ନେଇ କେବେ ଗର୍ବ କରନ୍ତିନି ହେଲେ ଆତ୍ମଘୋଷିତ ଜ୍ଞାନୀମାନେ ନିଜ ମନରେ ପ୍ରବଳ ଗର୍ବ ଅହଂକାର ରଖି ଅନ୍ୟକୁ ମୂର୍ଖ, ଅଶିକ୍ଷିତ ଭାବି ନିଜକୁ ମହାଜ୍ଞାନୀ ବୋଲି ଭାବିଥାଆନ୍ତି। ଏମାନଙ୍କ ଆଚରଣକୁ ଦେଖିଲେ ହିଂସ୍ର ଜନ୍ତୁଙ୍କ ଠାରୁ ଆହୁରି ଭୟଙ୍କର ଆଚରଣ ଭଳିଲାଗେ। ଏମାନଙ୍କ ମନରେ ଅନ୍ୟ ପ୍ରତି ହିଂସା, ଇର୍ଷାଭାବ ଖୁନ୍ଦି ହୋଇକି ରହିଥାଏ। ଏମାନଙ୍କୁ ପ୍ରାୟ ଲୋକ ପସନ୍ଦ କରନ୍ତିନି। ଏମାନେ ଅନ୍ୟ ମାନଙ୍କ ପାଇଁ ଅନେକ ସମୟରେ ବହୁତ ବଡ ସମସ୍ୟା ହୋଇ ଠିଆ ହୋଇଥାଆନ୍ତି। ପ୍ରକୃତ ଜ୍ଞାନୀ କେବେ ସମାଲୋଚନାର ଶିକାର ହୁଏନାହିଁ କିନ୍ତୁ ଆତ୍ମଘୋଷିତ ଜ୍ଞାନୀ ଅନେକ ସମୟରେ ସମାଲୋଚନାର ଶିକାର ହୋଇ ମଧ ନିଜକୁ ମହାଜ୍ଞାନୀ ବୋଲି ଦାବି କରିଥାଆନ୍ତି।

ତେବେ ଆପଣ ଭାବୁଥିବେ ଆତ୍ମଘୋଷିତ ଜ୍ଞାନୀମାନେ ଅନେକ ସମୟରେ କାହିଁକି ପ୍ରଶଂସା ପାଆନ୍ତି। ଏହାର ପ୍ରମୁଖ କାରଣ ହେଉଛି ସେମାନେ ପ୍ରତ୍ୟେକ କଥାକୁ ଅତିରଞ୍ଜିତ କରି କହିବା ଶୈଳୀ ଜାଣନ୍ତି। ଅନ୍ୟକୁ ହାତ ମୁଠାରେ କିପରି ନଚେଇ ହୁଏ ତାର କୌଶଳ ଜାଣନ୍ତି। ପର ଗୋଡ଼ ଜଗିବା ଅଭ୍ୟାସ ରଖିଥାଆନ୍ତି। ସେଥିପାଇଁ ସେମାନେ ଆତ୍ମଘୋଷିତ ଜ୍ଞାନୀ ହୋଇଥାଆନ୍ତି। ମଣିଷର ନିଜସ୍ୱ ମୌଳିକ ଜ୍ଞାନ ସମାଜକୁ ବଡ ପରିବର୍ତ୍ତନ ଆଣିଥାଏ କିନ୍ତୁ ଆତ୍ମଘୋଷିତ ଜ୍ଞାନୀଙ୍କ ପାଇଁ ପ୍ରକୃତ ଜ୍ଞାନୀ ତା ନିଜ ପରିଚୟ ହଜାଇଥାଏ। ପ୍ରକୃତ ଜ୍ଞାନୀ ଯେତେ ସତ କହିବ, ଅହିଂସା ନୀତି ପାଳନ କରିବ। ଏହି ଆତ୍ମଘୋଷିତ ଜ୍ଞାନୀ ନିଜ ମିଛରେ ଅନ୍ୟକୁ ମିଛୁଆ ସଜେଇଦେବ ପଛେ ନିଜ ଅହଂକାରକୁ ଛାଡି ରହିପାରିବନି। କଥାରେ ଅଛି ପାଠୁଆ ଜାଣେ ପାଠର କଥା କିନ୍ତୁ ଏ ଝଡାଫୁଙ୍କା ଅର୍ଦ୍ଧ ଶିକ୍ଷିତ କେମିତି ଜାଣିବେ ପାଠର କଥା। ପାଠୁଆ କେବେ ନିଜ ଜ୍ଞାନକୁ ନେଇ ଅନ୍ୟ କାହା ସହ ପ୍ରତିଯୋଗିତା ମୂଳକ ଆଗକୁ ବଢ଼େନାହିଁ କିନ୍ତୁ ଆତ୍ମଘୋଷିତ ଜ୍ଞାନୀ ପ୍ରତିଯୋଗିତା ମୂଳକ ରାଜନୀତି କରିଥାଏ। ନିଜ ଜ୍ଞାନକୁ ନେଇ ନିଜକୁ ସର୍ବଶ୍ରେଷ୍ଠ ଭାବିଥାଏ। ଯଦିଓ ପ୍ରତ୍ୟେକ ଲୋକଙ୍କ ନିଜ ନିଜ ଭାବନା ଭିନ୍ନ ହୋଇଥାଏ ତଥାପି ଏହି ଆତ୍ମଘୋଷିତ ଜ୍ଞାନୀଙ୍କ ପାଠ ଟିକେ ଅଲଗା ହୋଇଥାଏ। ଯିଏ ଯେତେ ସଂଘର୍ଷ କରି ଉପରକୁ ଉଠିଥାଏ ଏମାନେ ସେମାନଙ୍କ ସଂଘର୍ଷ କାହାଣୀ ନଜାଣି ସେମାନଙ୍କୁ ପ୍ରତି ମୁହୂର୍ତ୍ତରେ ଛୋଟ ଭାବୁଥାଆନ୍ତି।

ସବୁବେଳେ ଗୋଟେ କଥା ମନେ ରଖିବା ଉଚିତ। ବଳ, ବୟସ ଯେମିତି ସବୁବେଳେ ଚିରସ୍ଥାୟୀ ନୁହେଁ ଠିକ ସେମିତି ଆତ୍ମଘୋଷିତ ଜ୍ଞାନୀଙ୍କ ଠିକଣା ଚିରସ୍ଥାୟୀ ନଥାଏ। ଜ୍ଞାନୀ ସେ ହୋଇଥାଏ ଯିଏ ନିଜ ଜ୍ଞାନର ସଠିକ ଉପଯୋଗ କରୁଥାଏ। ଲୋକଙ୍କ ପାଖରୁ କିଛି ଶିଖିବାପାଇଁ ନିଜକୁ ଅଜ୍ଞ ବୋଲି କହୁଥାଏ। ନିଜକୁ ସବୁବେଳେ ଅଜ୍ଞ ଏଥିପାଇଁ କହୁଥାଏ କାରଣ



ସମସ୍ତଙ୍କର ଭିନ୍ନ ଭିନ୍ନ ଚିନ୍ତାଧାରା ଥାଏଜ୍ଞ ସମସ୍ତଙ୍କ ଠାରୁ ଭିନ୍ନ ଜ୍ଞାନ ମଧ ଗ୍ରହଣ କରୁଥାଏଜ୍ଞ ଯେତେବେଳେ ଯେକୌଣସି ବ୍ୟକ୍ତି ନିଜକୁ ଥରେ ଶ୍ରେଷ୍ଠ ଭାବିଦେବ ସେତେବେଳେ ସେ ଅନ୍ୟ ମାନଙ୍କ ଠାରୁ କିଛି ଶିଖିବାର ଆଶା ଭୁଲିଯିବଜ୍ଞ ଅନ୍ୟଠୁ ଭଲ କଥା ଶିଖିଲେ ଆଗାମୀ ପିଢ଼ିଙ୍କୁ କିଛି ଶିଖେଇବ କିନ୍ତୁ ଆତ୍ମଘୋଷିତ ଜ୍ଞାନୀଙ୍କ ସହ ମିଶିଲେ ନିଜ ଜ୍ଞାନର ସମାପ୍ତି ସେଇଠୁ ହୋଇଯିବଜ୍ଞ

ଆମେମାନେ ସବୁବେଳେ ଆମ ଆଚାର ବ୍ୟବହାର ଭଲ ରଖିବା ଉଚିତ। ମଣିଷର ବ୍ୟବହାର ହିଁ ତା ଶିକ୍ଷାଗତ ଯୋଗ୍ୟତା କହିଦେବଜ୍ଞ ପାଠ ପଢି ନିଜକୁ କେବେ ଶ୍ରେଷ୍ଠ ଭାବିବା ଆଦୌ ଉଚିତ ନୁହେଁଜ୍ଞ ମନରେ ଯେତେବେଳେ ନିଜକୁ ସର୍ବଶ୍ରେଷ୍ଠ ଭାବନା ଆସିଯିବ ସେତେବେଳେ ଗର୍ବ, ଅହଂକାର ମଧ ମନ ଭିତରେ ରହିଯିବ। ଗର୍ବ, ଅହଂକାର ରହିଲେ ମଣିଷ ମଣିଷଙ୍କୁ ଅମଣିଷ ଭଳି ବ୍ୟବହାର କରିବଜ୍ଞ ଯେମିତି ଆତ୍ମଘୋଷିତ ଜ୍ଞାନୀମାନେ କରିଥାଆନ୍ତିଜ୍ଞ ସବୁବେଳେ ଗୋଟେ କଥା ମନେ ରଖିବା ଉଚିତ ମଣିଷର ଜ୍ଞାନ ମାନବ ସମାଜର ସାମଗ୍ରିକ ଜ୍ଞାନଜ୍ଞ ଅନୁସରଣ, ଅନୁକରଣ ଓ ପଠନ ମାଧ୍ୟମରେ ମଣିଷର ନିଜସ୍ୱ ଓ ମୌଳିକ ଜ୍ଞାନ ସମାଜରେ ନିଜ ପରିବର୍ତ୍ତନ ଆଣିଥାଏଜ୍ଞ ଯେଉଁମାନେ ନିଜକୁ ମହାଜ୍ଞାନୀ ଭାବିଦେଇଥାନ୍ତି ସେମାନଙ୍କ ପାଇଁ ଜ୍ଞାନୀ ଲୋକର ପରିଚୟ ହଜିଯାଇଥାଏଜ୍ଞ ଆଜିକାଲି ପ୍ରାୟ ଲୋକ କୁହନ୍ତି ଅଳ୍ପ ବିଦ୍ୟା ଥାଉ ପଛେ ସ୍ମାର୍ଟ ରୁହ କଥା ପଦକରେ ଟିକେ ନିଜ ବ୍ୟବହାର ବଦଳାଅ ଯାହାଦ୍ୱାରା ଲୋକେ କହିବେ ନାହିଁ ଏ ଜ୍ଞାନୀ କିନ୍ତୁ ସେହିମାନଙ୍କୁ ଗୋଟେ ପ୍ରଶ୍ନ ଦାମୀ ପୋଷାକରେ ହେଉ କିମ୍ବା ନିଜ ସ୍ମାର୍ଟନେସ ପାଇଁ କେହି କେବେ ଜ୍ଞାନୀ ହୋଇଯାଏନାହିଁ। ଥରେ ଦେଖି ଆସନ୍ତୁ ସେହି ମଇଳା ପୋଷାକ ପିନ୍ଧା ଜ୍ଞାନୀ ଲୋକଙ୍କୁ ଯେଉଁମାନଙ୍କ ମୁଣ୍ଡରେ ଅଗାଢ଼ ଜ୍ଞାନ। ହେଲେ ସେମାନେ ନିଜ ଜ୍ଞାନକୁ ନେଇ କେବେ ଗର୍ବ କରନ୍ତିନି କିନ୍ତୁ ଏହି ଆତ୍ମଘୋଷିତ ଜ୍ଞାନୀଙ୍କ ପାଇଁ ସେମାନେ ଭଲ ସ୍ଥାନ ପାଆନ୍ତିନି। ଯାହାଫଳରେ ଜ୍ଞାନୀ ପିନ୍ଧେ ମଇଳା ପୋଷାକ ଆଉ ଆତ୍ମଘୋଷିତ ଜ୍ଞାନୀ ପିନ୍ଧେ ଦାମୀ ପୋଷାକ।

ତେବେ ଜ୍ଞାନର ସତ୍ୟତା ଆଜି ଯାହା ଆସନ୍ତାକାଲିକୁ ମଧ ତାହା। ଆତ୍ମଘୋଷିତ ଜ୍ଞାନୀଙ୍କ ସତ୍ୟତା ଜ୍ଞାନ କମ ରାଜନୀତି ବେଶୀ। ଯେଉଁ ରାଜନୀତି ଭିତରେ ଅଛି କେବଳ ଛଳ କପଟ। ଯେଉଁଥିପାଇଁ ପ୍ରକୃତ ଜ୍ଞାନୀ ଅନେକ ସମୟରେ ସବୁ କ୍ଷେତ୍ରରେ ହଇରାଣ ହୋଇଥାନ୍ତି।ଆତ୍ମଘୋଷିତ ଜ୍ଞାନୀଙ୍କ କବଳରୁ ମୁକୁଳିବା ବହୁତ କଷ୍ଟ କାରଣ ଏମାନେ ଅନ୍ୟକୁ କଷ୍ଟ ଦେବାପାଇଁ ନିଜକୁ ଆତ୍ମଘୋଷିତ ଜ୍ଞାନୀର ପରିଚୟ ଦେଇଥାଆନ୍ତିଜ୍ଞ ନିଜ ଜ୍ଞାନକୁ ନେଇ ନିଜ ଭିତରେ ଗର୍ବ ରଖ କିଛି କଥା ନାହିଁ କିନ୍ତୁ ଅନ୍ୟକୁ ବିପଦରେ ପକେଇବାପାଇଁ ନିଜ ଗର୍ବର ପ୍ରୟୋଗ କରନ୍ତୁନିଜ୍ଞ କି କାହାକୁ ଅସାଧାରଣ ଭାବି ନିଜକୁ ମହାନ ଭାବନ୍ତୁନି। ଅସାଧାରଣ ଲୋକଙ୍କ ଭିତରେ ମଧ ବହୁତ ଜ୍ଞାନ ରଖିଥାଏ ଯାହା ଆତ୍ମଘୋଷିତ ଜ୍ଞାନୀ ମାନଙ୍କୁ ଦେଖାଯାଇନଥାଏଜ୍ଞ

**ଅନ୍ଧାରୁଆ, ଭୁବନେଶ୍ୱର, ମୋବାଇଲ୍: ୯୦୯୦୬୬୧୫୮୬**

# ସୋନମ ୱାଙ୍ଗଚୁକ ଗିରଫ

ଲଦାଖ,୨୬।୯: ଲେହ ହିଂସା ମାମଲାରେ ସୋନମ ୱାଙ୍ଗଚୁକ ଗିରଫ ହୋଇଛନ୍ତି। ଜାତୀୟ ସୁରକ୍ଷା ଆଇନ ବଳରେ ତାଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ କେନ୍ଦ୍ର ଶାସିତ ଅଞ୍ଚଳର ଲଦାଖକୁ ପୂର୍ଣ୍ଣ ରାଜ୍ୟମାନ୍ୟତା ଦାବିରେ ଆନ୍ଦୋଳନରତ ବିକ୍ଷୋଭକାରୀଙ୍କୁ ଉସୁକାଇବା ଅଭିଯୋଗ ରହିଛି। ଡିଜିପି ଏସଡି ସିଂ ଜାମୱାଲଙ୍କ ନେତୃତ୍ୱରେ ଲଦାଖ ପୋଲିସର ଏକ ଟିମ ତାଙ୍କୁ ଗିରଫ କରିଛି। ୱାଙ୍ଗଚୁକଙ୍କ ଗିରଫ ପରେ ସୁରକ୍ଷାକୁ ଦୃଷ୍ଟିରେ ରଖି ଲେହ ଲଦାଖରେ ମୋବାଇଲ ଇଣ୍ଟରନେଟ ସେବା ବନ୍ଦ କରାଯାଇଛି। ଏହା ସହ ବ୍ରଡବ୍ୟାଣ୍ଡର ସ୍ପିଡକୁ ହ୍ରାସ କରାଯାଇଛି।



**ସୁରକ୍ଷାକୁ ଦୃଷ୍ଟିରେ ରଖି ମୋବାଇଲ ଇଣ୍ଟରନେଟ ସେବା ବନ୍ଦ**

ଲଦାଖକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ପ୍ରଦାନ, ଲଦାଖକୁ ସମ୍ବିଧାନର ଷଷ୍ଠ ସୂଚୀରେ ସାମିଲ କରିବା ଓ ସ୍ଥାନୀୟ ପ୍ରଶାସନକୁ ମଜଭୁତ କରିବା ଆଦିରେ ଗତ କିଛି ଦିନ ଧରି ଅନଶନରେ ଥିଲେ ଲଦାଖର ସମାଜସେବୀ ତଥା ଶିକ୍ଷାବିତ ସୋନମ ୱାଙ୍ଗଚୁକ। ଏହାକୁ ନେଇ ଲେହର ଆପେକ୍ସ ବଡି ମଧ ଆନ୍ଦୋଳନକୁ ଓହ୍ଲାଇଥିଲା। କିନ୍ତୁ ଅନଶନ ବେଳେ ୱାଙ୍ଗଚୁକ ଦେଇଥିବା ଭାଷଣ ଦ୍ୱାରା ଆନ୍ଦୋଳନ ହଠାତ ହିଂସ୍ର ହୋଇଉଠିଥିବା କେନ୍ଦ୍ର ଗୃହମନ୍ତ୍ରାଳୟ ଅଭିଯୋଗ କରିଛି। ଫଳରେ ୨୪ ତାରିଖରେ ସଂଗଠିତ ଉଗ୍ର ହିଂସାରେ ୪ଜଣଙ୍କ ମୃତ୍ୟୁ ଘଟିଥିଲା। ୯୦ରୁ ଅଧିକ ଲୋକ ଆହତ ହୋଇଥିଲେ। ପରେ ଲେହରେ କର୍ଫ୍ୟୁ ଲାଗୁ କରାଯାଇଥିଲା। ଗତକାଲି ତାଙ୍କ ଏନଜିଏର ବିଦେଶୀ ପାଣ୍ଠି ସଂଗ୍ରହ ଲାଇସେନସକୁ ରଦ୍ଦ କରିଥିଲେ କେନ୍ଦ୍ର ଗୃହ ମନ୍ତ୍ରାଳୟ। ପାଣ୍ଠି ସଂଗ୍ରହରେ ଆଇନ ଉଲ୍ଲଙ୍ଘନ ହୋଇଥିବା ଦର୍ଶାଯାଇଥିଲା। ତେବେ ଏହାକୁ ଖଣ୍ଡନ କରିଛନ୍ତି ସୋନମ ୱାଙ୍ଗଚୁକ। ସେପଟେ ୱାଙ୍ଗଚୁକଙ୍କ ସମର୍ଥକ ମାନେ ଆନ୍ଦୋଳନକୁ ଦବାଇବାକୁ ସରକାରଙ୍କ ଉଦ୍ୟମ ବୋଲି ଅଭିଯୋଗ କରିଛନ୍ତି।

## ଚୈତନ୍ୟାନନ୍ଦଙ୍କ ଆଗୁଆ ଜାମିନ ଆବେଦନ ଖାରଜ



ନୂଆଦିଲ୍ଲୀ,୨୬।୯ : ଦିଲ୍ଲୀର ଏକ କୋର୍ଟ ଶୁକ୍ରବାର ଠକେଇ, ଜାଲିଆତି ଓ ଅପରାଧିକ ଷଡ଼ଯନ୍ତ୍ର ମାମଲାରେ ଆତ୍ମଘୋଷିତ ଧର୍ମଗୁରୁ ଚୈତନ୍ୟାନନ୍ଦ ସରସ୍ୱତୀଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରି ଦେଇଛନ୍ତି। ଅତିରିକ୍ତ ସେସନ ବିଚାରପତି ହରଦୀପ କୌର କହିଛନ୍ତି ଯେ, ସଦ୍ୟ ମାମଲାର ଯାଞ୍ଚ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି। ଯାଞ୍ଚ ଅଧିକାରୀ (ଆଇଓ)ଙ୍କୁ ଠକେଇ, ଷଡ଼ଯନ୍ତ୍ର ଓ ଧନର ଦୁରୁପଯୋଗର ପୂରା ଶୃଙ୍ଖଳାକୁ ଜାଣିବା ପାଇଁ ଅଭିଯୁକ୍ତକୁ ହେପାଜତରେ ପଚରାପଚରିର ଆବଶ୍ୟକ ରହିଛି। ଆଇଓ ଅନୁସାରେ, ଅଭିଯୁକ୍ତ ନିଜର ଦିଆ ଯାଇଥିବା ଠିକଣାରେ ଉପସ୍ଥିତ ନାହାନ୍ତି ଏବଂ ତାଙ୍କର ମୋବାଇଲ ଫୋନ୍ ମଧ୍ୟ ବନ୍ଦ ଅଛି। ବିଚାରପତି ଆହୁରି କହିଛନ୍ତି ଯେ, ଅଭିଯୋଗର ଗମ୍ଭୀରତା ଓ ଅପରାଧର ଗମ୍ଭୀରତାକୁ ଦେଖି ଏହି କୋର୍ଟ ଅଭିଯୁକ୍ତକୁ ଆଗୁଆ ଜାମିନ ଦେବା ପକ୍ଷରେ ନାହାନ୍ତି। ଏଥିପାଇଁ, ବର୍ତ୍ତମାନ ଜାମିନ ଆବେଦନ ଖାରଜ କରାଯାଇ ପାରେ। ଆତ୍ମଘୋଷିତ ଧର୍ମଗୁରୁଙ୍କ ଉପରେ ଦିଲ୍ଲୀର ଏକ ଘରୋଇ ପରିଚାଳନା ପ୍ରତିଷ୍ଠାନର ୧୭ ଜଣ ଛାତ୍ରଛାତ୍ରୀଙ୍କ ଉପରେ ଯୌନ ଉତ୍ପୀଡ଼ନ କରିବାର ମଧ୍ୟ ଏକ ମାମଲା ରୁଜୁ କରାଯାଇଛି। ଏହା ପରଠାରୁ ସେ ଫେରାର ଅଛନ୍ତି।

# ବିଧବା, ନିଃସନ୍ତାନ ମହିଳାଙ୍କ ସମ୍ପତ୍ତିରେ ଶ୍ୱଶୁର ଘରର ହକ୍

ନୂଆଦିଲ୍ଲୀ,୨୬।୯: ହିନ୍ଦୁ ସମାଜରେ କନ୍ୟାଦାନର ପରମ୍ପରା ରହିଛି । ଜଣେ ମହିଳାଙ୍କ ବିବାହ ପରେ ତାଙ୍କର ଗୋତ୍ର (କୁଳ ଓ ବଂଶ) ବଦଳିଯାଏ । ଏଭଳି କ୍ଷେତ୍ରରେ ଜଣେ ବିଧବା କିମ୍ବା ନିଃସନ୍ତାନ ମହିଳାଙ୍କ ମୃତ୍ୟୁ ଘଟିଲେ ତାଙ୍କ ସମ୍ପତ୍ତି ଉପରେ କେବଳ ତାଙ୍କ ଶ୍ୱଶୁର ଘର ବା ସ୍ୱାମୀଙ୍କ ପରିବାର ଲୋକଙ୍କ ଅଧିକାର ରହିଛି। ସମ୍ପୃକ୍ତ ମହିଳାଙ୍କ ପିତାମାତା କିମ୍ବା ସେମାନଙ୍କ ପରିବାରକୁ ତାହା ମିଳିବ ନାହିଁ । ଏକ ମାମଲାର ଶୁଣାଣି କରିବା ଅବସରରେ ସୁପ୍ରିମକୋର୍ଟ ଏଭଳି ରାୟ ଶୁଣାଇଛନ୍ତି।

ହିନ୍ଦୁ ଉତ୍ତରାଧିକାର ଆଇନ ୧୯୫୬ର ଧାରା ୧୫ (୧)(ଖ)କୁ ଚ୍ୟାଲେଞ୍ଜ କରି ଆଗତ ଏକ ଆବେଦନ ଉପରେ ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହା କହିଛନ୍ତି। ଏହି ଆଇନରେ କୁହାଯାଇଛି କି ଯଦି କୌଣସି ବିଧବା କିମ୍ବା ନିଃସନ୍ତାନ ମହିଳାଙ୍କର ମୃତ୍ୟୁ ହୁଏ ଏବଂ ସେ ତାଙ୍କର ସମ୍ପତ୍ତି କାହା ନାମରେ କରିନଥାନ୍ତି ସେଭଳି କ୍ଷେତ୍ରରେ ତାଙ୍କ ଶ୍ୱଶୁର ଘର ଲୋକେ ଉକ୍ତ ସମ୍ପତ୍ତି ପାଇବାକୁ ହକ୍‌ଦାର । ଶୁଣାଣି ବେଳେ ସୁପ୍ରିମକୋର୍ଟର ଏକମାତ୍ର ମହିଳା ବିଚାରପତି ବି.ଭି ନାଗରତ୍ନା କହିଥିଲେ ଯେ ଆମର ହିନ୍ଦୁ ସମାଜରେ ଯେଉଁ ସଂରଚନା ପୂର୍ବରୁ ପ୍ରଚଳିତ ରହିଛି ତାକୁ ନୀଚ କରିବାକୁ ଚେଷ୍ଟା କରାନଯାଉ। ମହିଳାଙ୍କର ଅଧିକାର ନିହାତି ଆବଶ୍ୟକ । କିନ୍ତୁ ସାମାଜିକ ସଂରଚନା ଓ ମହିଳାଙ୍କୁ ଅଧିକାର ପ୍ରଦାନ କରିବା କ୍ଷେତ୍ରରେ ସନ୍ତୁଳନ ଜରୁରି । ହିନ୍ଦୁ ସମାଜର ଏକ ସଂରଚନା ରହିଛି । ଆପଣ ଏହାକୁ ତଳେ ପକାଇପାରିବେ ନାହିଁ। ହଜାର ହଜାର ବର୍ଷ ଧରି ଚାଲିଆସୁଥିବା କୌଣସି ପରମ୍ପରାକୁ ଆମ ରାୟ ଭାଙ୍ଗୁ ବୋଲି ଆମେ ଚାହୁଁନା । ସୁପ୍ରିମକୋର୍ଟ ଦୁଇଟି ମାମଲା ଉପରେ ଶୁଣାଣି କରିଥିଲେ । ପ୍ରଥମଟି ଥିଲା କୋଭିଡ-୧୯ରେ ଏକ ଯୁବଦମ୍ପତିଙ୍କ ମୃତ୍ୟୁ ପରେ ସେମାନଙ୍କ ସମ୍ପତ୍ତି ଉପରେ ସ୍ୱାମୀଙ୍କ ମା' ଓ ପତ୍ନୀଙ୍କ ମା' ହକ୍ ଜାହିର କରିଥିଲେ । ଅନ୍ୟ ଏକ ମାମଲା ଏକ ନିଃସନ୍ତାନ ଦମ୍ପତିଙ୍କ ସହ ଜଡ଼ିତ । ସେମାନଙ୍କ ମୃତ୍ୟୁ ପରେ ସ୍ୱାମୀଙ୍କ ଭଉଣୀ ସମ୍ପତ୍ତି ଉପରେ ଦାବି କରିଥିଲେ। ଜଷ୍ଟିସ୍ ନାଗରତ୍ନା କହିଥିଲେ ଯେ ବିବାହ ପରେ ପତ୍ନୀଙ୍କ ଦାୟିତ୍ୱ ତାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର, ପୁଅଝିଅ ସର୍ବୋପରି ଶ୍ୱଶୁର ଘର ପରିବାର ହିଁ ନେଇଥାନ୍ତି । ସ୍ୱାମୀଙ୍କ ମୃତ୍ୟୁ ପରେ ସେ ତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ସ୍ଥିର କରିପାରନ୍ତି ନଚେତ ଦ୍ୱିତୀୟ ବିବାହ କରିପାରନ୍ତି। ପତ୍ନୀ ଛାଡପତ୍ର କ୍ଷେତ୍ରରେ ନିଜର ସ୍ୱାମୀଙ୍କ ଠାରୁ ହିଁ ଭରଣପୋଷଣ ଦାବି କରିଥାନ୍ତି । ନିଜ ପିତାମାତା କିମ୍ବା ଭାଇଙ୍କ ଦାବି କରି ନଥାନ୍ତି ।



## ଭରଣପୋଷଣ ନ ଦେଲେ ବାପାଙ୍କ ସମ୍ପତ୍ତି ଫେରାଇବେ ପୁଅ

ନୂଆଦିଲ୍ଲୀ, ୨୬।୯: ଏବେ ବାପାଙ୍କ ସମ୍ପତ୍ତି ଫେରାଇବାକୁ ପୁଅ ବାଧ୍ୟ ହେବେ । ବାପା, ମା' ଭରଣପୋଷଣ ଦାୟିତ୍ୱରେ ଉଲଙ୍ଘନ ହେଲେ ସନ୍ତାନଙ୍କୁ ସମ୍ପତ୍ତିରୁ ବହିଷ୍କାର କରିବାକୁ କୋର୍ଟଙ୍କର ପୂର୍ଣ୍ଣ ଅଧିକାର ଅଛି । ସୁପ୍ରିମକୋର୍ଟ ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ତାଙ୍କ ପୁଅକୁ ବାପାଙ୍କ ସମ୍ପତ୍ତି ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ବିକ୍ରମ ନାଥ ଏବଂ ବିଚାରପତି ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ବୃଦ୍ଧ ବ୍ୟକ୍ତିଙ୍କ ଆବେଦନ ଉପରେ ଏପ୍ରିଲରେ ହୋଇଥିବା ବମ୍ବେ ହାଇକୋର୍ଟର ନିଷ୍ପତ୍ତିକୁ ଖାରଜ କରିଛନ୍ତି । ଯେଉଁଥିରେ ପୁଅକୁ ତାଙ୍କ ବାପାଙ୍କ ସମ୍ପତ୍ତି ଫେରାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସୁପ୍ରିମକୋର୍ଟ ତାଙ୍କ ଆଦେଶରେ କହିଛନ୍ତି ଯେ, ବାପା-ମା' ଏବଂ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ, ୨୦୦୭ରେ ଅନୁଯାୟୀ, ବୟସ୍କ ଲୋକଙ୍କ ଭରଣପୋଷଣ ପାଇଁ ଦାୟିତ୍ୱ ଉଲ୍ଲଂଘନ ହେଲେ ଟ୍ରିବ୍ୟୁନାଲ କୋର୍ଟଙ୍କୁ ବରିଷ୍ଠ ନାଗରିକଙ୍କ ସମ୍ପତ୍ତିରୁ ସନ୍ତାନ କିମ୍ବା ସମ୍ପର୍କୀୟଙ୍କୁ ବହିଷ୍କାର କରିବାକୁ ନିର୍ଦ୍ଦେଶ ଦେବାର ଅଧିକାର ଅଛି ।

### ବ୍ୟାନର ଧରି ରାସ୍ତାକୁ ଓହ୍ଲାଇଲେ, ନମାଜ ପରେ ଭଙ୍ଗାରୁଜା କଲେ

# ପୋଲିସର ଲାଠିଚାର୍ଜ, ଆଲର୍ଟରେ ୟୁପି

ଲକ୍ଷ୍ନୌ,୨୬।୯: ଉତ୍ତର ପ୍ରଦେଶର ବରେଲିର ଶୁକ୍ରବାର ନମାଜ ପରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଆଇ ଲଭ୍ ମହମ୍ମଦ ଲେଖାଥିବା ପୋଷ୍ଟ ବ୍ୟାନର ନେଇ ଶତାଧିକ ଲୋକ ରାସ୍ତାକୁ ଓହ୍ଲାଇଥିଲେ। ଏହି ସମୟରେ ଖଲୀଲ ସ୍କୁଲ ନିକଟରେ ସମୁଦାୟ ଦ୍ୱାରା ଭଙ୍ଗାରୁଜା କରାଯାଇଥିଲା। ପୋଲିସ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଲାଠି ଚାର୍ଜ କରିଥିଲା। ଏହାସହ ଆଇ ଲଭ୍ ମହମ୍ମଦ ପୋଷ୍ଟର ସମର୍ଥନରେ ଆହ୍ୱାନ ଦେଇଥିବା ମୌଲାନା ତୌକିର ରଜାକୁ ନଜରବନ୍ଦୀ କରାଯାଇଛି। ଡିଆଇଜି ରେଞ୍ଜ ବରେଲି ଅଜୟ କୁମାର ସାହନୀ କହିଛନ୍ତି ଯେ ନମାଜ ଶାନ୍ତିପୂର୍ଣ୍ଣ ଭାବରେ ଶେଷ ହୋଇଛି। କିଛି ଅସମାଜିକ ଲୋକ ମାହୋଲ ଖରାପ କରିବା ପାଇଁ ଚାହୁଁଥିଲେ, ସେମାନଙ୍କୁ ବିଦା କରାଯାଇଛି।



ଇମତେହାଦ-ଏ-ମିଲ୍ଲତ କାଉନସିଲ୍ ମୁଖ୍ୟ ମୌଲାନା ତୌକିର ରଜାଙ୍କ ଘୋଷଣା ପରଠୁ ସହରରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିଲା। ମୌଲାନା ଆଇ ଲଭ୍ ମହମ୍ମଦ ମାମଲାରେ ଡିଏମଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ଦେବା ପାଇଁ କହିଥିଲେ। ଏହି ସମୟରେ ଶାନ୍ତପୂର୍ଣ୍ଣ ଭାବେ ସାମିଲ ହେବା ପାଇଁ କୁହାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଗୁରୁବାର ସହରରେ ପୋଲିସ ମୁତୟନକୁ ବଢ଼ାଯାଇଥିଲା। ଶୁକ୍ରବାର ସକାଳରୁ ଇସ୍ଲାମିଆ ମୈଦାନ ଓ ବିହାରୀପୁର ପୋଲିସ ଛାଉଣୀରେ ବଦଳିଥିଲା। ଶ୍ୟାମଗଞ୍ଜ ମଣ୍ଡି ରୋଡରେ ବ୍ୟାରିକେଡିଂ କରାଯାଇ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ମଧାହ୍ନ ସୁଦ୍ଧ ସମୁଦାୟର ଲୋକ ଘରୁ ବାହାରିଥିଲେ। ଜୁମା ନମାଜ ପରେ ଲୋକେ ନାରବାଜୀ କରି ରାସ୍ତାକୁ ଓହ୍ଲାଇଥିଲେ। ଏହି ସମୟରେ ସେମାନେ ହଙ୍ଗାମା କରିବା ସହ ଭଙ୍ଗାରୁଜା କରିଥିଲେ। ଆଇ ଲଭ୍ ମହମ୍ମଦ ପୋଷ୍ଟର ଉପରେ ବିବାଦ ବଢ଼ିବା ପରେ ସାରା ରାଜ୍ୟରେ ପୋଲିସ ପ୍ରଶାସନ ଆଲର୍ଟରେ ରହିଛି। ସବୁ ଜିଲ୍ଲାରେ ପୋଲିସ ଟିମ୍ ପାଟ୍ରୋଲିଂକୁ ବଢ଼ାଇ ଦେଇଛି। ଆଇନ ବ୍ୟବସ୍ଥା ବଜାଏ ରଖିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି। ଶୁକ୍ରବାର ସକାଳେ ନାମଜକୁ ନେଇ ମସଜିଦ୍ ନିକଟରେ ପୋଲିସ ଫୋର୍ସ ମୁତୟନ କରାଯାଇଥିବାରୁ ସ୍ଥିତି ନିୟନ୍ତ୍ରଣରେ ରହିପାରିଲା। ସେହିପରି ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ପୋଲିସ ଓ ମାଜିଷ୍ଟ୍ରେଟ୍ ଲଗାତାର ନୀରିକ୍ଷଣ କରୁଛନ୍ତି। କିଛି ସ୍ଥାନରେ ଡ୍ରୋନ୍ କ୍ୟାମେରାରେ ନଜର ରଖାଯାଇଛି। ପଶ୍ଚିମ ଉତ୍ତର ପ୍ରଦେଶରେ ସ୍ଥିତି ବିଗାଡିବା ଷଡଯନ୍ତ୍ର ଆଶଂକା ଭିତରେ ହାଇ ଆଲର୍ଟ ଘୋଷଣା କରାଯାଇଛି। ସୋସିଆଲ୍ ମିଡିଆ ପୋଷ୍ଟ ଉପରେ ନଜର ରଖାଯାଇଛି। ସବୁ ଜିଲ୍ଲାରେ ଫୋର୍ସକୁ ଅର୍ଦ୍ଧସାମରିକ ବଳ ସହ ଫ୍ଲାଗ ମାର୍ଚ୍ଚ ବାହାର କରିବା ଓ ଜିଲ୍ଲା ବୋର୍ଡର ସିଲ୍ କରି କଡ଼ାକଡ଼ି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଫ୍ୟାକ୍ଟ୍ରିରେ ଦୁର୍ଘଟଣା, ୬ ଶ୍ରମିକ ମୃତ



ରାୟପୁର,୨୬।୯ : ରାୟପୁରର ଏକ ଫ୍ୟାକ୍ଟ୍ରିରେ ଘଟିଛି ବଡ଼ ଦୁର୍ଘଟଣା । ଫ୍ୟାକ୍ଟ୍ରି ନିର୍ମାଣ ବିଭାଗର ଛାତ ଭୁଶୁଡି ୬ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଏଥିସହ ଅନ୍ୟ ୬ ଜଣ ମଧ୍ୟ ଗମ୍ଭୀର ଆହତ ହୋଇଛନ୍ତି। ସୂଚନାନୁଯାୟୀ, ନିର୍ମାଣ ବିଭାଗର ଛାତ ଭୁଶୁଡିବା ଫଳରେ ଶ୍ରମିକମାନେ ପୋତି ହୋଇଥିଲେ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ତୁରନ୍ତ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଏଥି ସମେତ ଘଟଣାସ୍ଥଳରେ ଜିଲ୍ଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ଦଳ ମଧ୍ୟ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିବା ଜଣାପଡିଛି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହାରି ମଧ୍ୟରେ ମୃତକଙ୍କ ପରିବାର ଏବଂ ସମ୍ପର୍କୀୟମାନେ ଘଟଣାସ୍ଥଳରେ ଏକାଠି ହୋଇଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଦୁର୍ଘଟଣାର କାରଣ ଜଣାପଡିନାହିଁ। କାରଣ ଜାଣିବା ପାଇଁ ବର୍ତ୍ତମାନ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳ ନିକଟସ୍ଥ ବାସିନ୍ଦାଙ୍କୁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଜାରି କରିଛନ୍ତି। ଅନ୍ୟପଟେ ସ୍ଥାନୀୟ ଲୋକମାନେ କହିଛନ୍ତି ଯେ, ବର୍ତ୍ତମାନ ଫ୍ୟାକ୍ଟ୍ରିର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ପ୍ରଶାସନ ମୃତକଙ୍କ ପରିବାରକୁ ସମସ୍ତ ପ୍ରକାରର ସହାୟତାର ଆଶ୍ୱାସନା ଦେଇଛି । ଯାହା ସିଲତାରା ଉଦ୍ୟୋଗରେ ସୁରକ୍ଷା ନିୟମାବଳୀ ସମ୍ପର୍କରେ ଚିନ୍ତା ସୃଷ୍ଟି କରିଛି । ଉଦ୍ଧାର କାର୍ଯ୍ୟ ଏବେ ବି ଜାରି ରହିଛି। ଏହା ବ୍ୟତୀତ ଅଧିକାରୀମାନେ ଘଟଣାସ୍ଥଳରେ କଡ଼ା ସତର୍କତା ବଜାୟ ରଖିଛନ୍ତି।

# ଦୁର୍ଘଟଣାରେ ଗୋଟିଏ ପରିବାରର ୧୧ ମୃତ

ପେଶୱାର,୨୬।୯ : ପାକିସ୍ତାନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଗୋଟିଏ ପରିବାରର ୧୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ଜଣ ଆହତ ହୋଇଛନ୍ତି। ଏପରି ଦୁର୍ଘଟଣା ପାକିସ୍ତାନର ଖାଇବର ପଖତୁନଖ୍ୱାରେ ଦେଖିବାକୁ ମିଳିଛି। ଗାଡ଼ିଟି ଝୋବ ଜିଲ୍ଲାରୁ ଡେରା ଇସମାଇଲ ଖାନ ଅଭିମୁଖେ ଯାଉଥିବା ସମୟରେ ଏପରି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ଗାଡ଼ିଟି ଝୋବ ଜିଲ୍ଲାରୁ ଡେରା ଇସମାଇଲ ଖାନ ଅଭିମୁଖେ ଯାଉଥିଲା। ଫଳରେ ଗାଡ଼ିର ବ୍ରେକ୍ ଫେଲ୍ ହେବା ଯୋଗୁଁ ଗାଡ଼ିଟି ଏକ ଖାତକୁ ଖସି ପଡ଼ିବାରୁ ଦୁର୍ଘଟଣା ଘଟିଥିଲା ବୋଲି ଅଧିକାରୀମାନେ କହିଛନ୍ତି। ଏପରି ଘଟଣା ଡେରା ଇସମାଇଲ ଖାନ ଜିଲ୍ଲାରେ ଗୁରୁବାର ବିଳମ୍ବିତ ରାତିରେ ଦେଖିବାକୁ ମିଳିଥିଲା। ଦୁର୍ଘଟଣା ହେବାର ସୂଚନା ପାଇବା ମାତ୍ରେ ତୁରନ୍ତ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣାସ୍ଥଳରୁ ସାତଟି ମୃତଦେହ ଉଦ୍ଧାର କରାଯାଇଥିବା ଉଦ୍ଧାରକାରୀ ଟିମ୍ କହିଛନ୍ତି। ସେହି ମୃତକ ମଧରେ ୫ ଜଣ ମହିଳା ଥିବାବେଳେ ଜଣେ ପୁରୁଷ ଏବଂ ଜଣେ ଶିଶୁ ରହିଛନ୍ତି। ଅନ୍ୟ ୩ ଜଣ ଆହତଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ଦିଆଯାଇଛି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ଲୋକ ଗୋଟିଏ ପରିବାରର ବୋଲି ଅଧିକାରୀ ନିଶ୍ଚିତ କରିଛନ୍ତି।

## ଅଲ୍‌ବିଦା ବିମାନ ମିଗ୍-୨୧



ନୂଆଦିଲ୍ଲୀ, ୨୬।୯: ଯେଉଁ ଯୋଦ୍ଧା ଆକାଶରେ ଗର୍ଜନ କରୁଥିଲେ, ଯାହାର ଦୃଶ୍ୟ ଦେଖି ଶତ୍ରୁମାନେ ଥରି ଉଠିଥିଲେ, ସେ ଏବେ ଭାରତୀୟ ବାୟୁସେନାକୁ ବିଦାୟ ଦେଉଛନ୍ତି। ହଁ ଆଜ୍ଞା ଆକାଶରେ ଆଉ ଗର୍ଜିବନି ମିଗ୍ ୨ । ଆଜି ଭାରତୀୟ ସେନାରୁ ଅବସର ନେବ ମିଗ୍-୨୧। ୬ ଦଶକ ପରେ ଚଣ୍ଡିଗଡ ଏୟାରବେସରେ ଅବସର ନେବ ଭାରତୀୟ ସେନାର ଏହି ଘାତକ ଯୁଦ୍ଧବିମାନ। ଭବ୍ୟ ବିଦାୟ ଦେବାକୁ ଏଥିପାଇଁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି । ଚଣ୍ଡିଗଡ଼ରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର ଉତ୍ସବ। ଦୀର୍ଘବର୍ଷ ଧରି ଭାରତୀୟ ସେନାର ପରାକ୍ରମର ପ୍ରତୀକ ଥିଲା ମିଗ୍-୨୧। ଏହି ଯୁଦ୍ଧ ବିମାନ ପାଇଁ ସେନା ସବୁବେଳେ ଶତ୍ରୁପକ୍ଷକୁ ମାତ୍ ଦେବାରରେ ସଫଳ ହୋଇଛି। ୧୯୬୫ ଭାରତ-ପାକିସ୍ତାନରୁ ଯୁଦ୍ଧରୁ ଅପରେସନ ସିନ୍ଦୂର ପର୍ଯ୍ୟନ୍ତ ସବୁଠି ପରାକ୍ରମ ଦେଖାଇଛି ଏହି ବିମାନ। ଏବେ ଶେଷଥର ପାଇଁ ଉଡାଣ ଭରିବ ମିଗ୍-୨୧। ଗତ ଅଗଷ୍ଟ ମାସରେ ରାଜସ୍ଥାନର ନାଲ୍ ବାୟୁସେନା ଏୟାରବେସରୁ ଦେଖିବାକୁ ମିଳିଥିଲା ଶେଷ ମିଗ୍ ୨୧ ଉଡ଼ାଣ। ଉଡାଣରେ ସାମିଲ ଥିଲେ ନିଜେ ବାୟୁସେନା ମୁଖ୍ୟ। ନିରନ୍ତର ସେବା ଯୋଗାଇଥିବା ଏହି ବିମାନ, ଭାରତୀୟ ବାୟୁସେନାର ଗର୍ବ ଓ ଗୌରବ। ମିଗ୍-୨୧ ର ଅବସର ଭାରତୀୟ ବାୟୁସେନାରେ ଏକ ନୂଆ ଶକ୍ତିର ଆରମ୍ଭ ହେବ। ଏହାକୁ ସ୍ୱଦେଶୀ ତେଜସ୍ ଏଲସିଏ ମାର୍କ ୧ଏ ଦ୍ୱାରା ବଦଳାଯିବ। ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ ଏହି ଲଢୁଆ ବିମାନ ଭାରତର ନୂତନ ଉଡ଼ାଣର ପ୍ରତୀକ ହେବ।

## ଲାଲୁଙ୍କ ବଡ଼ପୁଅଙ୍କୁ କଳାପଟା ଚିହ୍ନ



ନୂଆଦିଲ୍ଲୀ,୨୬।୯: ରାଷ୍ଟ୍ରୀୟ ଜନତା ଦଳର ପୂର୍ବତନ ନେତା ଏବଂ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜ ପ୍ରତାପ ଯାଦବ ଏକ ନୂତନ ଦଳ ଗଠନ କରିଛନ୍ତି ଏବଂ ବିହାର ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ ମଇଦାନରେ ପ୍ରବେଶ କରିଛନ୍ତି। ତେଜ ପ୍ରତାପ ଯାଦବଙ୍କ ନୂତନ ଦଳର ନାମ 'ଜନଶକ୍ତି ଜନତା ଦଳ' ଏବଂ ଏହାର ନିର୍ବାଚନ ଚିହ୍ନ ହେଉଛି 'ବ୍ଲାକ ବୋର୍ଡ' ବା କଳାପଟା। ତେଜ ପ୍ରତାପ ଯାଦବ ତାଙ୍କ ଏକ୍ସ ହ୍ୟାଣ୍ଡେଲରୁ ଦଳର ପୋଷ୍ଟର ମଧ୍ୟ ସେୟାର କରିଛନ୍ତି। ତେଜ ପ୍ରତାପ ଯାଦବ ତାଙ୍କ ଅଫିସିଆଲ୍ ଏକ୍ସ ହ୍ୟାଣ୍ଡେଲରେ ଲେଖିଛନ୍ତି, "ଆମେ ବିହାରର ସାମଗ୍ରିକ ବିକାଶ ପାଇଁ ସମ୍ପୂର୍ଣ୍ଣ ସମର୍ପିତ ଏବଂ ପ୍ରସ୍ତୁତ। ଆମର ଲକ୍ଷ୍ୟ ହେଉଛି ବିହାରରେ ଏକ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିବା ଏବଂ ଏକ ନୂତନ ବ୍ୟବସ୍ଥା ସୃଷ୍ଟି କରିବା। ଆମେ ବିହାରର ସାମଗ୍ରିକ ବିକାଶ ପାଇଁ ଏକ ଲମ୍ବା ଲଢେଇ କରିବାକୁ ପ୍ରସ୍ତୁତ।" ତେଜ ପ୍ରତାପ ଯାଦବ ତାଙ୍କ ଦ୍ୱାରା ଲଞ୍ଚ କରାଯାଇଥିବା ଦଳର ପୋଷ୍ଟରରେ ପାଞ୍ଚ ଜଣ ମହାପୁରୁଷ ଏବଂ ନେତାଙ୍କୁ ସାମିଲ କରିଛନ୍ତି। ପୋଷ୍ଟରରେ ମହାତ୍ମା ଗାନ୍ଧୀ, ବି.ଆର. ଆମ୍ବେଦକର, ରାମ ମନୋହର ଲୋହିଆ, ଜୟ ପ୍ରକାଶ ନାରାୟଣ ଏବଂ କର୍ପୁରୀ ଠାକୁରଙ୍କୁ ସ୍ଥାନ ଦିଆଯାଇଛି। ଏହା ମଧ୍ୟ ଉଲ୍ଲେଖନୀୟ ଯେ ତେଜ ପ୍ରତାପ ଏହି ପୋଷ୍ଟରରେ ତାଙ୍କ ପିତା ଲାଲୁ ପ୍ରସାଦ ଯାଦବଙ୍କୁ ସ୍ଥାନ ଦେଇନାହାଁନ୍ତି। ଉଲ୍ଲେଖ ଥାଉ କି କିଛି ମାସ ତଳେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୁଖ୍ୟ ଲାଲୁ ପ୍ରସାଦ ଯାଦବ ତାଙ୍କ ବଡ଼ ପୁଅ ତେଜ ପ୍ରତାପଙ୍କୁ ଦଳରୁ ବହିଷ୍କାର କରିଥିଲେ। ତେଜ ପ୍ରତାପ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ୍‌ରେ ଅନୁଷ୍କା ଯାଦବ ନାମ୍ନୀ ଜଣେ ଯୁବତୀଙ୍କ ସହିତ ଫଟୋ ପୋଷ୍ଟ କରି ତାଙ୍କ ସହ ୧୨ ଧରି ପ୍ରେମ ସଂପର୍କରେ ଥିବା କହିବା ପରେ ଏହା ଲାଲୁ ପରିବାରରେ କମ୍ପନ ସୃଷ୍ଟି କରିଥିଲା। ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ତେଜ ପ୍ରତାପଙ୍କୁ ୬ ବର୍ଷ ପାଇଁ ଆର୍‌ଜେଡିରୁ ବହିଷ୍କାର କରାଯାଇଥିଲା। ଏଥିସହ ଲାଲୁ ନିଜ ବଡ଼ ପୁଅକୁ ପରିବାରରୁ ମଧ୍ୟ ବେଦଖଲ କରିଥିବା ଘୋଷଣା କରିଥିଲେ।

### ଭାରତକୁ ଭୟ

## ଏଲଇଟି ତାଲିମ୍ କେନ୍ଦ୍ର ଆଫ୍‌ଗାନ୍ ସୀମାକୁ ନେଲା ପାକ୍

ନୂଆଦିଲ୍ଲୀ,୨୬।୯: ପାକିସ୍ତାନର ଖାଇବର ପଖତୁନଖ୍ୱା ଅଞ୍ଚଳରେ ଏକ ନୂତନ ଲସ୍କର-ଏ-ତୈବା (ଏଲଇଟି) ତାଲିମ କେନ୍ଦ୍ର ନିର୍ମାଣ କରିଛି। ଏହି କେନ୍ଦ୍ର ସଂପୃକ୍ତ ଅଞ୍ଚଳରେ ଆତଙ୍କବାଦକୁ ପ୍ରୋତ୍ସାହିତ କରିପାରେ ବୋଲି ଅନୁମାନ କରାଯାଉଛି। ଏହି କେନ୍ଦ୍ରଟି ଲୋୟର ଡିର ଜିଲ୍ଲାର କୁମ୍ବନ ମୈଦାନ ଅଞ୍ଚଳରେ ନିର୍ମାଣ କରାଯାଉଛି। ଏହି କେନ୍ଦ୍ରଟି ଆଫଗାନ୍ ସୀମାରୁ ପ୍ରାୟ ୪୭ କିଲୋମିଟର୍ ଦୂରରେ ରହିଛି। ୪୬୪୩ ବର୍ଗଫୁଟ୍ ଅଞ୍ଚଳରେ ଏହି କେନ୍ଦ୍ର ନିର୍ମାଣ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି କେନ୍ଦ୍ରଟି ଭାରତ ପକ୍ଷରୁ ହୋଇଥିବା 'ଅପରେସନ୍ ସିନ୍ଦୂର'ର ୨ ମାସ ପରେ ଜୁଲାଇ ମାସରେ ନିର୍ମାଣ ହୋଇଛି।

# ୭୫ ଲକ୍ଷ ବ୍ୟାଙ୍କ ଆକାଉଣ୍ଟକୁ ଗଲା ୧୦ ହଜାର ଟଙ୍କା

ନୂଆଦିଲ୍ଲୀ,୨୬।୯: ବିହାରର ରାଜନୀତି ପାଇଁ ଏକ ଐତିହାସିକ ଦିନ। ମହିଳାଙ୍କ ଆକାଉଣ୍ଟକୁ ଗଲା ୧୦ ହଜାର। ମୁଖ୍ୟମନ୍ତ୍ରୀ ମହିଳା ନିଯୁକ୍ତି ଯୋଜନା ଅଧୀନରେ, ରାଜ୍ୟର ୭୫ ଲକ୍ଷ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୦,୦୦୦ ଟଙ୍କାର ପ୍ରଥମ କିସ୍ତି ଟ୍ରାନ୍ସଫର ହୋଇଛି। ବିହାରର ମହିଳାଙ୍କୁ ନୂତନ ଆର୍ଥିକ ଶକ୍ତି ପ୍ରଦାନ କରିବା ପାଇଁ ମୋଟ ୭,୫୦୦ କୋଟି ଟଙ୍କାର ରାଶି ପ୍ରଦାନ କରାଯାଇଛି।

ଏନେଇ ପାଟନାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ମାଧମରେ ଯୋଗ ଦେଇଥିଲେ। ଦୁଇ ନେତା ମିଳିତ ଭାବରେ ଏକ ବଟନ୍ ଦବାଇ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ, ପ୍ରଧାନମନ୍ତ୍ରୀ ମୋଦୀ ଏହାକୁ ନବରାତ୍ରିର ପବିତ୍ର ଦିନରେ ମହିଳା ଶକ୍ତି ପାଇଁ ଉତ୍ସର୍ଗୀକୃତ ଏକ ମୂଲ୍ୟବାନ ଉପହାର ଭାବରେ ବର୍ଣ୍ଣନା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, "ଜୀବିକା ଦିଦିଙ୍କ ଦୁଇ ଭାଇ ନରେନ୍ଦ୍ର ମୋଦୀ ଏବଂ ନୀତିଶ କୁମାର ସର୍ବଦା ସେମାନଙ୍କ ସେବାରେ ଉପସ୍ଥିତ ଅଛନ୍ତି। ଯେତେବେଳେ ଭଉଣୀମାନେ ଖୁସି ହେବେ,



ସେତେବେଳେ ହିଁ ଭାଇମାନଙ୍କ ଜୀବନ ସଫଳ ହେବ। ଏହି ଯୋଜନା ବିହାରର ମହିଳାଙ୍କୁ ସ୍ୱାବଲମ୍ବୀ କରିବ। ପ୍ରଥମ କିସ୍ତି ପରେ, ସରକାର ମହିଳାମାନଙ୍କୁ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରିବେ ଏବଂ ତାଲିମ ମାଧମରେ ସେମାନଙ୍କର ଦକ୍ଷତାକୁ ସୁଦୃଢ଼ କରିବେ। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏହି ଅବସରରେ କହିଥିଲେ ଯେ, ସରକାରଙ୍କ ପ୍ରାଥମିକତା ସର୍ବଦା ମହିଳାମାନଙ୍କର

**ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା**

ଉନ୍ନତି ଏବଂ ସଶକ୍ତିକରଣ ରହିଛି। ସେ କହିଛନ୍ତି ଯେ, ରାଜ୍ୟ ସରକାର ଚାହାଁନ୍ତି ଯେ ପ୍ରତ୍ୟେକ ଝିଅ ଏବଂ ଭଉଣୀ ସେମାନଙ୍କର ସ୍ୱପ୍ନ ପୂରଣ କରନ୍ତୁ ଏବଂ ସମାଜରେ ସମ୍ମାନ ପାଆନ୍ତୁ। ନୀତିଶ ଦାବି କରିଥିଲେ ଯେ, ଏହି ଯୋଜନା ଗ୍ରାମୀଣ ଅର୍ଥନୀତିକୁ ମଧ ଏକ ନୂତନ ଦିଗଦର୍ଶନ ଦେବ। ଏହି ଯୋଜନା ରାଜନୈତିକ ମହଲରେ ଆଲୋଚନା ସୃଷ୍ଟି କରୁଛି। ଗୋଟିଏ ପଟେ, ଏହାକୁ ମହିଳାଙ୍କ ଆର୍ଥିକ ଶକ୍ତି ବୃଦ୍ଧି କରିବା ପାଇଁ ଏକ ପଦକ୍ଷେପ ଭାବରେ ବିବେଚନା କରାଯାଉଛି, ଅନ୍ୟପଟେ ଏହାକୁ ବିଧାନସଭା ନିର୍ବାଚନ ପୂର୍ବରୁ ବୃହତ ମହିଳା ଭୋଟ ବ୍ୟାଙ୍କ ହାସଲ କରିବାର ପ୍ରୟାସ ଭାବରେ ମଧ ଦେଖାଯାଉଛି।

### ଟ୍ରମ୍ପଙ୍କ ତାରିଫ ମାଡ଼ ପରେ ପୁଟିନଙ୍କୁ ମୋଦି ଫୋନ କରିବା ଘଟଣା

# ନାଟୋ ମୁଖ୍ୟଙ୍କ ଦାବିକୁ ଭାରତର ଖଣ୍ଡନ

ନୂଆଦିଲ୍ଲୀ,୨୬।୯: ଆମେରିକାର ଟାରିଫ ଉପରେ ପ୍ରଧାନମନ୍ତ୍ରୀ ମୋଦୀ ଓ ରୁଷ ରାଷ୍ଟ୍ରପତି ପୁଟିନଙ୍କ କଥାବର୍ତ୍ତାକୁ ନେଇ ନାଟୋ ମୁଖ୍ୟଙ୍କ ଦାବିକୁ ଭାରତ ଖଣ୍ଡନ କରିଛି। ଭାରତ ସ୍ପଷ୍ଟ କରିଛି ଯେ, ଏହି ପ୍ରସଙ୍ଗରେ ପିଏମ୍ ମୋଦୀ ଓ ପୁଟିନଙ୍କ ମଧରେ କୌଣସି ଆଲୋଚନା ହୋଇନାହିଁ। ଶୁକ୍ରବାର ନିୟମିତ ସାମ୍ବାଦିକ ସମ୍ମିଳନୀରେ ବିଦେଶ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ନାଟୋ ମହାସଚିବଙ୍କ ଟିପ୍ପଣୀ ତଥ୍ୟାତ୍ମକ ଭାବେ ସମ୍ପୂର୍ଣ୍ଣ ଭିତ୍ତିହୀନ ଅଟେ। ଏହାସହ ଭବିଷ୍ୟତରେ ଏପରି ବୟାନବାଜି ଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ନାଟୋ ମହାସଚିବ ମାର୍କ ରୁଟେ ଦାବି କରିଥିଲେ ଯେ, ଆମେରିକାର ଟାରିଫକୁ ନେଇ ପିଏମ୍ ମୋଦୀ ଲଗାତାର ପୁଟିନଙ୍କ ସହ ଆଲୋଚନା କରୁଛନ୍ତି।

ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି, 'ନାଟୋ ମହାସଚିବ ରୁଟେଙ୍କ ବୟାନ ଆମ ନଜରକୁ ଆସିଛି। ପ୍ରଧାନମନ୍ତ୍ରୀ ମୋଦୀ ଓ ରୁଷ ରାଷ୍ଟ୍ରପତି ପୁଟିନଙ୍କ ମଧରେ କଥାବର୍ତ୍ତା କଥା ସେ ଉଲ୍ଲେଖ କରିଛନ୍ତି।



ତାଙ୍କ ବୟାନ ତଥ୍ୟ ଠାରୁ ଦୂରରେ ଓ ସମ୍ପୂର୍ଣ୍ଣ ମିଛ ଅଟେ। ପ୍ରଧାନମନ୍ତ୍ରୀ କେବେ ମଧ ପୁଟିନଙ୍କ ସହ ଏହା ଉପରେ କଥା ହୋଇ ନାହାନ୍ତି। ନାଟୋ ପରି ଗୁରୁତ୍ୱପୂର୍ଣ୍ଣ ସଂଗଠନର ମୁଖ୍ୟଙ୍କୁ ସାର୍ବଜନୀନ ବୟାନରେ ଅଧିକ ଦାୟିତ୍ୱବାନ ହେବାର ଦରକାର।' ଜୟସୱାଲ ପୁଣି ଥରେ ସ୍ପଷ୍ଟ କରିଥିଲେ, ଭାରତ ନିଜର ଆର୍ଥିକ ହିତକୁ ସୁରକ୍ଷିତ ରଖିବା ପାଇଁ ସବୁ ସମ୍ଭବ ପଦକ୍ଷେପ ନେବ। ସେ କହିଛନ୍ତି, 'ଆମେ ପୂର୍ବରୁ ସ୍ପଷ୍ଟ କରିସାରିଛୁ ଯେ, ଭାରତର ଉର୍ଜା ଆମଦାନୀର ଉଦ୍ଦେଶ୍ୟ ଭାରତୀୟ ଉପଭୋକ୍ତାଙ୍କ ପାଇଁ ସ୍ଥିର ଓ କମ ମୂଲ୍ୟ ସୁନିଶ୍ଚିତ କରିବା। ଭାରତର ନିଜର ରାଷ୍ଟ୍ରୀୟ ହିତ ଓ ଆର୍ଥିକ ସୁରକ୍ଷାର ରକ୍ଷା ପାଇଁ ସବୁ ଜରୁରି ପଦକ୍ଷେପ ଗ୍ରହଣ କରିବ।' ନାଟୋ ମାହସଚିବ ମାର୍କ ରୁଟେ ଜାତିସଂଘ ମହାସଭା ବେଳେ ସିଏନଏନକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷ ରାଷ୍ଟ୍ରପତି ପୁଟିନଙ୍କୁ ୟୁକ୍ରେନକୁ ନେଇ ତାଙ୍କ ରଣନୀତି ଉପରେ ସ୍ପଷ୍ଟୀକରଣ ମାଗିଛନ୍ତି। ସେ କହିଥିଲେ, ଭାରତ ଉପରେ ଟ୍ରମ୍ପଙ୍କ ୫୦ ପ୍ରତିଶତ ଟାରିଫର ସିଧା ପ୍ରଭାବ ରୁଷ ଉପରେ ପଡୁଛି। ଏହାର ଅର୍ଥ ହେଉଛି ଭାରତ ଏବେ ପୁଟିନଙ୍କ ସହ ଆଲୋଚନା କରୁଛି। ରୁଟେ କହିଥିଲେ, 'ପୁଟିନଙ୍କୁ ମୋଦୀ କହିଛନ୍ତି ଯେ, ମୁଁ ଆପଣଙ୍କୁ ସହଯୋଗ କରିଛି, ତେଣୁ ମୋତେ ଆପଣଙ୍କ ରଣନୀତି ସ୍ପଷ୍ଟ କରନ୍ତୁ, କାରଣ ଆମେରିକା ମୋତେ ୫୦ ପ୍ରତିଶତ ଟାରିଫ୍ ଲଗାଇ ଟାର୍ଗେଟ୍ କରିଛି।'

ସଂଚାର SANCHAR

● ଟ୍ରମ୍ପଙ୍କ ଟାର୍ଗେଟ୍‌ରେ ଭାରତୀୟ ଔଷଧ

# ରପ୍ତାନୀ ଉପରେ ୧୦୦ ପ୍ରତିଶତ ଟାରିଫ୍ ସ୍ପିଡ୍‌ବ୍ରେକର୍

**ୱାଶିଂଟନ୍୨୬।୯:** ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ବିରୋଧରେ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଭାରତ ରୁଷିଆଠାରୁ ତୈଳ ଆମଦାନୀ କରୁଥିବାରୁ ଏହା ବିରୋଧରେ ପଦକ୍ଷେପ ସ୍ୱରୂପ ଟ୍ରମ୍ପ୍ ଭାରତ ଉପରେ ଶୁଳ୍କ ପରିମାଣକୁ ୨୫ରୁ ୫୦ ପ୍ରତିଶତକୁ ବଢ଼ାଇଦେଇଥିଲେ। ଗତ ମାସରୁ ଏହା ଲାଗୁ ମଧ୍ୟ ହୋଇସାରିଛି। ଏବେ ଟ୍ରମ୍ପ୍ ପୁଣିଥରେ ତାଙ୍କ ଭାରତ ବିରୋଧୀ ମନୋଭାବ ପ୍ରଦର୍ଶନ କରିଛନ୍ତି। ଏଥର ସେ ଭାରତୀୟ ଔଷଧ ଶିଳ୍ପକୁ ଟାର୍ଗେଟ୍ କରିଛନ୍ତି। ଭାରତରୁ ଆମେରିକା ରପ୍ତାନୀ ହେଉଥିବା ଔଷଧ ଉପରେ ଶୁଳ୍କକୁ ଆମେରିକା

■ ଆଗାମୀ ପହିଲାରୁ ଘୋଷଣା
■ ଜେନେରିକ୍ ଔଷଧ ଉପରେ ଲାଗୁ ହେବନି

ରାଷ୍ଟ୍ରପତି ୧୦୦ ପ୍ରତିଶତ କରିଦେଇଛନ୍ତି। ଏହା ଆମେରିକା ରପ୍ତାନୀ ଉପରେ ନିର୍ଭର କରୁଥିବା ଭାରତୀୟ ଔଷଧ ପ୍ରସ୍ତୁତକାରୀ କମ୍ପାନୀମାନଙ୍କ ପାଇଁ ଶକ୍ତ ଝଟ୍‌କା ସାବ୍ୟସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଟ୍ରମ୍ପ୍‌ଙ୍କ ନିଷ୍ପତ୍ତି ଆମେରିକାକୁ ରପ୍ତାନୀ ହେଉଥିବା ଯେକୌଣସି ବ୍ରାଣ୍ଡେଡ କିମ୍ବା ପେଟେଣ୍ଟ ଔଷଧ ଉତ୍ପାଦ ଉପରେ ଲାଗୁ ହେବ ଓ ଏହା ଆସନ୍ତା ପହିଲାରୁ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରାଯାଇଛି। କିନ୍ତୁ ଭାରତର ଜେନେରିକ୍ ଔଷଧ ଉପରେ ଏହା ଲାଗୁ ହେବ ନାହିଁ ଓ ଆମେରିକାରେ ଉତ୍ପାଦନ କାରଖାନା ନିର୍ମାଣ ଆରମ୍ଭ କରିଥିବା କମ୍ପାନୀମାନଙ୍କୁ ଏହି ଶୁଳ୍କରୁ ମୁକ୍ତ କରାଯାଇଛି। ଆମେରିକାକୁ ଭାରତ ପ୍ରତିବର୍ଷ ପ୍ରାୟ ୮୩ ହଜାର କୋଟି ଟଙ୍କାର ଔଷଧ ରପ୍ତାନୀ କରିଆସୁଛି। ତେଣୁ ୧୦୦ ପ୍ରତିଶତ ଶୁଳ୍କ ଲାଗୁ ହେଲେ ଭାରତରୁ ଆମେରିକାକୁ ଯାଉଥିବା ଜେନେରିକ ଔଷଧର ଦର ଯଥେଷ୍ଟ ଅଧିକ ହେବ। ଏଥିଯୋଗୁଁ ସନ୍ ଫାର୍ମା, ଡ. ରେଡ୍ଡିଜ୍, ସିପ୍‌ଲା, ଲୁପିନ୍ ପରି ପ୍ରମୁଖ ଔଷଧ ପ୍ରସ୍ତୁତକାରୀ କମ୍ପାନୀମାନଙ୍କର ଲାଭ ଗୁରୁତର ଭାବେ ପ୍ରଭାବିତ ହୋଇପାରେ। ଏଥିସହ ଆମେରିକା ବଜାରରେ ଦର ବଢ଼ିବା ପରିପ୍ରେକ୍ଷୀରେ ୟୁରୋପ୍, ଲାଟିନ୍ ଆମେରିକାର ଯୋଗାଣକାରୀ ଔଷଧ କମ୍ପାନୀମାନେ ଲାଭ ପାଇବେ। ଟ୍ରମ୍ପ ଏହି ଶୁଳ୍କକୁ ଆମେରିକୀୟ ଔଷଧ ଶିଳ୍ପକୁ ସୁରକ୍ଷା ଓ ସ୍ଥାନୀୟ ଉତ୍ପାଦନକୁ ପ୍ରୋତ୍ସାହନ ଭାବେ ବର୍ଣ୍ଣନା କରିଛନ୍ତି। ତେବେ ଭାରତ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ମାଧ୍ୟମରେ ଟ୍ରମ୍ପଙ୍କ ଏପରି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ୍ କରିବାର ସମ୍ଭାବନା ରହିଛି। ଆମେରିକାରେ ଶତ ପ୍ରତିଶତ ଶୁଳ୍କ ଲାଗୁ ଦ୍ୱାରା ଭାରତୀୟ ମେଡିସିନ କମ୍ପାନୀମାନେ ବିକଳ୍ପ ବଜାର ଭାବେ ୟୁରୋପ୍, ଜାପାନ, ମଧ୍ୟ-ପୂର୍ବକୁ ଖୋଜିବାକୁ ବାଧ୍ୟ ହେବେ ବୋଲି କୁହାଯାଉଛି।

ଭାରତୀୟ ଔଷଧ କମ୍ପାନୀଗୁଡ଼ିକ ଆମେରିକାକୁ ସର୍ବାଧିକ ଜେନେରିକ୍ ଔଷଧ ରପ୍ତାନୀ କରିଥାନ୍ତି। କ୍ୟୁରେଟେନ୍ ଡଟ୍ ଇନ୍‌ର ଏକ ରିପୋର୍ଟ ଅନୁଯାୟୀ, ଭାରତରୁ ସର୍ବାଧିକ ରପ୍ତାନୀ ହେଉଥିବା ଜେନେରିକ୍ ଔଷଧ ହେଉଛି ପାରାସିଟାମଲ୍। ରପ୍ତାନୀ ହେଉଥିବା ଅନ୍ୟ ଜେନେରିକ୍ ଔଷଧଗୁଡ଼ିକ ମଧ୍ୟରେ ଆଇବୁପ୍ରୋଫେନ, ମେଟଫାର୍ମିନ୍ (ମଧୁମେହ ଔଷଧ), ଆଟୋର୍ଭାଷ୍ଟେଟିନ୍ (କୋଲେଷ୍ଟ୍ରଲ୍ ଔଷଧ) ଓ ଓମେପ୍ରାଜୋଲ୍ (ଏସିଡ୍ ରିଫ୍ଲକ୍ସ ଓ ଅଲସର ଔଷଧ) ଆଦି ରପ୍ତାନୀ ହେଉଛି। ଜେନେରିକ୍ ଔଷଧ ବ୍ୟତୀତ ଆମେରିକା ଭାରତରୁ ଅନେକ ଜୀବନ ରକ୍ଷାକାରୀ ବ୍ରାଣ୍ଡେଡ୍ ଔଷଧ ଆମଦାନୀ କରିଆସିଛି। ଏଥିରେ ଆଣ୍ଟିବାୟୋଟିକ୍, ହୃଦ୍‌ରୋଗ, ମଧୁମେହ, ପେନ୍ କିଲର୍, କ୍ୟାନ୍‌ସର, ଆଣ୍ଟିଭାଇରାଲ୍ ଏଚ୍‌ଆଇଭି ଔଷଧ ଓ ଟିକା ଆଦି ସାମିଲ୍। ଉଲ୍ଲେଖଯୋଗ୍ୟ ଯେ କୋଭିଡ୍ ମହାମାରୀ ସମୟରେ, ଭାରତ ସରକାର ଭାରତର ଅତ୍ୟାବଶ୍ୟକ ଔଷଧର ଷ୍ଟକ୍ ଆବଶ୍ୟକତାକୁ ଗୁରୁତ୍ୱ ଦେଇ କିଛି ଔଷଧର ରପ୍ତାନୀ ଉପରେ ରୋକ୍ ଲଗାଇଥିଲେ।

## ଚୋରା ମଦ ଜବତ, ୯ କୋର୍ଟଚାଲାଣ

**କେନ୍ଦ୍ରାପଡ଼ା, ୨୬।୯(ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ, ଆଳି, କେନ୍ଦ୍ରାପଡ଼ା ସଦର, ପଟ୍ଟାମୁଣ୍ଡାଇ ଟାଉନ, ପଟ୍ଟାମୁଣ୍ଡାଇ ରୁରାଲ, ନିକିରେଇ, ଡେରାବିଶ ଓ କୁଜାନଗରୀ ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ପାଣିସାଉରିଆ ଗ୍ରାମର ସରୋଜିନୀ ମଳିକଙ୍କ ଠାରୁ ୧୪ ଲିଟର ବିଦେଶୀ ମଦ, ମାଟିଆ ଗ୍ରାମର ସଞ୍ଜୁଲତା ମଳିକଙ୍କ ଠାରୁ ୧୧ ଲିଟର ଦେଶୀ ମଦ, ଅଢ଼ାଜରି ଗ୍ରାମର ସଦାନନ୍ଦ ମଳିକଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ନାନକର ଗ୍ରାମର ସନ୍ତୋଷ କୁମାର ସ୍ୱାଇଁଙ୍କଠୁ ୧୮ ଲିଟର ବିଦେଶୀ ମଦ, ଚାତରଚକଡା ଗ୍ରାମର ଚିନ୍ମୟ ମହାନ୍ତିଙ୍କଠୁ ୨୦ ଲିଟର ବିଦେଶୀ ମଦ, ଆୟତପୁର ଗ୍ରାମର କାଳୁ ମଳିକଙ୍କଠାରୁ ୧୫ ଲିଟର ଦେଶୀ ମଦ, ବରୁଅ ଗ୍ରାମର ସଞ୍ଜୟ ପରିଡ଼ାଙ୍କ ଠାରୁ ୨୨ ଲିଟର ଦେଶୀ ମଦ, କନ୍ଧାସାହି ଗ୍ରାମର ଅଜୟ କୁମାର ବେହେରାଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ ଓ ଟେରୋଗାଁ ଗ୍ରାମର ଦେବାଶିଷ ସାହାଣୀଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ ସହ ଗୋଟିଏ ମୋଟର ସାଇକଲ ଜବତ କରାଯାଇ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯିବା ସହ ସମୁଦାୟ ୧୮୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

ମୁଖ୍ୟମନ୍ତ୍ରୀ ମକା ମିଶନ ଯୋଜନାର ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ

# ୧୦ କୃଷକ ଉତ୍ପାଦକ ସଂଗଠନ-ମକା କ୍ରେତା ଏମଓୟୁ



**ଭୁବନେଶ୍ୱର, ୨୬।୯ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମକା ମିଶନ (ଏମ୍‌ଏମ୍‌ଏମ୍) ଅଧୀନରେ ପ୍ରଥମ ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା ଆଜି କୃଷି ଭବନ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏହି କର୍ମଶାଳାକୁ ଉଦ୍ଘାଟନ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ଼ ପ୍ରଭାତ କୁମାର ରାଉଳ, ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ଚକ୍ରବର୍ତୀ ସିଂହ ରାଠୋର ଓ ମିଶନ ଶକ୍ତିର ନିର୍ଦ୍ଦେଶିକା ଡ଼ ମୋନିକା ପ୍ରିୟଦର୍ଶିନୀ, ଅତିରିକ୍ତ ନିର୍ଦ୍ଦେଶକ ଲିଟି ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶ୍ରୀ ଶୁଭମ ସକ୍ସେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ, ଡ. ଅରବିନ୍ଦ କୁମାର ପାଢ଼ୀ ମୁଖ୍ୟମନ୍ତ୍ରୀ ମକା ମିଶନର ଆବଶ୍ୟକତା ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଧାନ ପରେ, ମକା ରାଜ୍ୟରେ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶସ୍ୟ ଭାବେ ପରିଗଣିତ ହେଉଛି। ଆଜିର ସମୟରେ ୧୫ଟି ଜିଲ୍ଲା ଓ ୪୫ ଟି ବ୍ଲକରେ ମକା ମିଶନ କାର୍ଯ୍ୟକରୁଛି। ଏହି ମିଶନ, ବିଭିନ୍ନ ସରକାରୀ ବିଭାଗ ଯଥା କୃଷି ଓ କୃଷକ ସଶକ୍ତିକରଣ, ସମବାୟ, ମିଶନ ଶକ୍ତି ଏବଂ ଓରମାସ ଇତ୍ୟାଦି ବିଭାଗମାନଙ୍କ ସହଭାଗିତାର ଏକ ଉତ୍କୃଷ୍ଟ ଉଦାହରଣ। ନିୟମିତ କ୍ରେତା-ବିକ୍ରେତା ବୈଠକ ମକା ବିପଣନରେ ସକାରାତ୍ମକ ପ୍ରଭାବ ପକାଇଛି। ନବରଙ୍ଗପୁରରେ ବିଜୟନଗର ବାୟୋ-ଟେକ, ଏକ ମକା ଆଧାରିତ ଷ୍ଟାର୍ଚ ଇଣ୍ଡଷ୍ଟ୍ରି ସ୍ଥାପନା ରାଜ୍ୟରେ ମକା ଚାଷର ଏକ ପ୍ରେରଣାଦାୟକ ଉତ୍ସ ହେବାକୁ ଯାଉଛି। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ଡ. ପ୍ରଭାତ କୁମାର ରାଉଳ କହିଥିଲେ ଯେ, ରାଜ୍ୟ ସରକାରଙ୍କ ଇଥାନଲ ମିଶ୍ରଣ ନୀତି ଏବଂ ମିଠା ମକା ଓ ବେବି କର୍ଣ୍ଣ'ର ବ୍ୟବହାର ଯୋଗୁ ମକା ଚାଷ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି ହୋଇଛି । ଭାରତୀୟ ମକା ଗବେଷଣା ସଂସ୍ଥାନ, ସିଆଇଏମଏମଓଆଇଟି ଏବଂ ଓୟୁଏଟି ପରି ବୈଜ୍ଞାନିକ ଅନୁଷ୍ଠାନ ଗୁଡ଼ିକ ମକା ଚାଷ ଏବଂ ମୂଲ୍ୟ ସଂଯୋଜନ ପାଇଁ ବୈଷୟିକ ସହାୟତା ଯୋଗାଇ ଦେଉଛନ୍ତି। କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଦେଶ ତଥା ଆମ ରାଜ୍ୟରେ ମକା ଚାଷର ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ମିଶନ ଚାଷୀମାନଙ୍କୁ କୃଷକ ଉତ୍ପାଦକ ସଂଗଠନ ଓ କ୍ଲଷ୍ଟର ଆଧାରରେ ମକା ଚାଷ ଓ ବିପଣନରେ ସହାୟତା କରିଥିବା ବିଷୟରେ ଆଲୋକପାତ କରିଥିଲେ। ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ଚକ୍ରବର୍ତୀ ସିଂହ ରାଠୋର କହିଥିଲେ, ଏହି ମିଶନ ଦୁଇଟି ଏକୀକୃତ ଆବଶ୍ୟକତା ସହିତ ଆରମ୍ଭ ହୋଇଛି, ମକାର ଉତ୍ପାଦନରେ ବୃଦ୍ଧି ଓ ଚାଷୀଙ୍କୁ ଉତ୍ତମ ବଜାର ମୂଲ୍ୟ ଯୋଗାଇଦେବା । ମିଶନ ଶକ୍ତିର ନିର୍ଦ୍ଦେଶିକା ଡ଼ ମୋନିକା ପ୍ରିୟଦର୍ଶିନୀ କହିଥିଲେ,ଏହି ମିଶନର ଆଭିମୁଖ୍ୟ ହେଉଛି ରାଜ୍ୟରେ ମକା ଚାଷ କ୍ଷେତ୍ରକୁ ସୁଦୃଢ଼ କରିବା ସହ ମକା ଚାଷ ପାଇଁ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା। ଏହି ଅବସରରେ ଦଶଗୋଟି କୃଷକ ଉତ୍ପାଦକ ସଂଗଠନ ଓ ମକା କ୍ରେତାଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି, ଯାହା ମକାର ବିପଣନକୁ ମଜବୁତ କରିଛି।

## ବ୍ୟାପକ ଧାନଫସଲ ନଷ୍ଟକଲେ ହାତୀ

**ଚମ୍ପୁଆ, ୨୬।୯(ସଂଚାର ବ୍ୟୁରୋ):** ଚମ୍ପୁଆ ବ୍ଲକ ଅନ୍ତର୍ଗତ ସୁନାପଶି ପଞ୍ଚାୟତ ସରାସପଶି ଗ୍ରାମେର ୧୫ ଟିକିଆ ବଣୁଆ ହାତୀପଲ ବ୍ୟାପକ ଧାନଫସଲ ନଷ୍ଟ କରିଥିବା ଜଣାପଡ଼ିଛି। ଗତ ବୁଧବାର ରାତି ଏହି ହାତୀପଲ ରଜିଆ ଜଙ୍ଗଲ ପଟୁ ସୁନାପଶି ଯୋଡା ପୋଖରୀ ଗ୍ରାମ ଦେଇ ସରାସପଶି ଗ୍ରାମରେ ପଶିଥିଲେ। ସେଠାର ହାତୀପଲ ରାତେିର ଏକର ଏକର ଜମିରେ ହୋଇଥିବା ଧାନ ଫସଲକୁ ଖାଇବା ସହ ମାଡି ଦଳି ନଷ୍ଟ କରଥେିଲେ। ଗ୍ରାମର କ୍ଷୀରୋଦ ମହାନ୍ତ, ଟଙ୍କଧର ମହାନ୍ତ,ଅଶୋକ ମହାନ୍ତ, ଯୁଗଳ ମହାନ୍ତ, ମାଧବ ମହାନ୍ତ, ମିଶ୍ର ମହାନ୍ତ, ଇନ୍ଦ୍ର ମହାନ୍ତ, ବିଜୟ ମହାନ୍ତଙ୍କ ଜମେିର ପଶି ହାତୀପଲ ଫସଲ ନଷ୍ଟ କରିଥିବା ନେଇ ଚାଷୀନ ଅଭିଯୋଗ କରିଛନ୍ତି।

ଚଳିତ ବର୍ଷ ଲଗାଣ ବର୍ଷା ଯୋଗୁଁ ଧାନଫସଲ ପ୍ରଭାବିତ ହୋଇଥିବା ବେଳେ ଆଉ କିଛି ଦିନ ପେର ଅମଳ ହେବ। ଏଭଳି ସ୍ଥିତେିର ହାତୀ ଉପଦ୍ରବ ଯୋଗୁଁ ଚାଷୀ ଆତଙ୍କିତ ଅବସ୍ଥାର ରହୁଛନ୍ତି। କ୍ଷୟକ୍ଷତିର ଆକଳନ କରି ଉଚିତ କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀ ମୋନ ଦାବୀ କରିଛନ୍ତି। ଗତରାତେିର ମିରିଗଶିଙ୍ଗା ଜଙ୍ଗଲେର ଡେରା ପକାଇ ଥିବା ଏହି ହାତୀପଲ ଆଜି ବାଲିବନ୍ଧକୁ ଚାଲି ଯାଇଥିବା ନେଇ ବନବିଭାଗ ସୂଚନା ଦେଇଛି।

## ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ କେନ୍ଦୁଝରର ୨ ଯୁବ ବୈଜ୍ଞାନିକ

**କେନ୍ଦୁଝର, ୨୬।୯(ସଂଚାର ବ୍ୟୁରୋ):** ଆଜି ଜାତୀୟ ଭୂବିଜ୍ଞାନ ସମ୍ମାନ ୨୦୨୪ ରାଷ୍ଟ୍ରପତି ଭବନରେ ପ୍ରଦାନ କରାଯାଇଅଛି। ଭାରତର ରାଷ୍ଟ୍ରପତି ମାନନୀୟା ଦ୍ରୋପଦୀ ମୁର୍ମୁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମାନ ପ୍ରଦାନ ଉତ୍ସବରେ ଖଣି ମନ୍ତ୍ରୀ ଜି.କିଷାନ ରେଡ୍ଡୀ ମଞ୍ଚାସୀନ ଥିଲେ। ଏହି ସମ୍ମାନ ପ୍ରଦାନ ଉତ୍ସବରେ ସମଗ୍ର ଭାରତବର୍ଷରୁ ୨୨ ଜଣ ବୈଜ୍ଞାନିକଙ୍କୁ ଜାତୀୟ ଭୂବୈଜ୍ଞାନିକ ସମ୍ମାନ ପ୍ରଦାନ କରାଯାଇଅଛି। କେନ୍ଦୁଝର ଜିଲ୍ଲାର ଦୁଇଜଣ ଯୁବ ବୈଜ୍ଞାନିକ ଶ୍ରଦ୍ଧାଞ୍ଜଳି ଶୁଭଦର୍ଶିନୀ ଓ ହରମନ ମହାନ୍ତ ଏହି ସମ୍ମାନସ୍ପଦ ଜାତୀୟ ଭୂବୈଜ୍ଞାନିକ ସମ୍ମାନ ଭୂବିଜ୍ଞାନ କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ମହାମହିମ ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। କେନ୍ଦୁଝର ମାଇନିଂ ଗାୟତ୍ରୀ ମନ୍ଦିର ରୋଡ଼ର ଶ୍ରଦ୍ଧାଞ୍ଜଳି ଶୁଭଦର୍ଶିନୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମଦନ ମୋହନ ଦ୍ୱିବେଦୀ ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କୁମୁଦିନୀ କରଙ୍କ କନ୍ୟା, ବର୍ତମାନ ଡାଇରେକ୍ଟର ଭାବେ ଏଝଓ ଭୁବନେଶ୍ୱର ଠାରେ କାର୍ଯ୍ୟରତ। ତାଙ୍କ ସ୍ୱାମୀ ଶିବଦତ ମହାପାତ୍ର ପେଟ୍ରୋଲିୟମ ଜିଓଲୋଜିଷ୍ଟ ଓ କନ୍ୟା ମୋକ୍ଷଦା ମହାପାତ୍ର। ଅନୁଗୋଳ ଜିଲ୍ଲାର ତାଳଚେର ଅଞ୍ଚଳରେ କୋଇଲାର ଅନୁସନ୍ଧାନ ନିମନ୍ତେ ତାଙ୍କର କାର୍ଯ୍ୟ ପାଇଁ ସେ ଏହି ସମ୍ମାନସ୍ପଦ ଜାତୀୟ ପୁରସ୍କାର ପାଇଛନ୍ତି। ବାରିଆର ଅବସରପ୍ରାପ୍ତ ଶିକ୍ଷକ କଳାକର ମହାନ୍ତ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ନର୍ମଦା ମହାନ୍ତଙ୍କ ପୁତ୍ର ହରମନ ମହାନ୍ତି ବର୍ତମାନ ସିନିଅର ଜିଓଲୋଜିଷ୍ଟ ଭାବେ ଭୁବନେଶ୍ୱର ଠାରେ କାର୍ଯ୍ୟରତ। ମୟୂରଭଞ୍ଜ ଜିଲ୍ଲାରେ ତମ୍ବା ଆବିଷ୍କାର ନିମନ୍ତେ ସେ ଏହି ସମ୍ମାନସ୍ପଦ ସମ୍ମାନ ପାଇଛନ୍ତି। କେନ୍ଦୁଝର ଜିଲ୍ଲାର ଗର୍ବ ଜାତୀୟ ସ୍ତରରେ ଉଚ୍ଚ ପ୍ରଶଂସିତ କରିଥିବାରୁ ଏହି ଦୁଇଜଣ ବୈଜ୍ଞାନିକଙ୍କ ନିମନ୍ତେ ସମଗ୍ର କେନ୍ଦୁଝର ଜିଲ୍ଲା ଗର୍ବ ଅନୁଭବ କରୁଛି ଓ ଜିଲ୍ଲାସାରା ଆନନ୍ଦର ଲହରୀ ଖେଳିଯାଇଛି।

## ଜେଜେ ମା'ଙ୍କୁ ଛୁରି ଦେଖାଇ ଲୁଟିନେଲା ନାତି

**ଭଦ୍ରକ, ୨୬।୯(ସଂଚାର ବ୍ୟୁରୋ):** ସମ୍ପର୍କରେ ଲାଗିଲା ଚୋରି ଦାଗ। ନାତି ସାଜିଲା ବଇରୀ। ଜେଜେ ମାଆକୁ ଛୁରି ଦେଖାଇ ଲୁଟିନେଲା ସମ୍ପର୍କୀୟ ନାତି। ଭଦ୍ରକ ଜିଲ୍ଲା ଗ୍ରାମାଞ୍ଚଳ ଥାନା ଅଧୀନ ବିଜେ ଗଙ୍ଗାଧରପୁର ଗାଁରୁ ନଜର ଆସିଛି ଏପରି ଘଟଣା। ଅଭିଯୋଗ ଆଧାରରେ ଗ୍ରାମାଞ୍ଚଳ ଥାନା ଅଧୀନ ଦରଡା ଫାଣ୍ଡି ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଥାଉକି, ଘରେ ଏକା ଥିଲେ ଜେଜେ ମାଆ ସ୍ମିତା ରାଣୀ ମହାରଣା। ଆଉ ପୁଅ ବୋହୂ ନଥିବା ସୁଯୋଗ ନେଇ ଘର ନିକଟ ସମ୍ପର୍କୀୟ ନାତି ଘରକୁ ଆସିଥିଲେ। ହଠାତ୍ ଆସି ଘର ଭିତରୁ କବାଟ ଦେଇଥିଲା ସେ। ଏମିତିକି ବେକରେ ଛୁରି ଲଗାଇ ଲୁଟି ନେଲା ସମ୍ପର୍କୀୟ ନାତି।

## ଏସ୍‌ଆଇଆର୍ ଲାଗୁ ନେଇ ସମୀକ୍ଷା ବୈଠକ

**ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ):** ଆଜି ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ ଗୋପାଳନଙ୍କ ଅଧ୍ୟକ୍ଷତାରେ ରାଜ୍ୟର ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ସହିତ ଆଭାସୀ ମାଧ୍ୟମରେ ଆଗାମୀ ନିର୍ବାଚନ ତାଲିକାର ବିଶେଷ ସଘନ ସଂଶୋଧନ, ୨୦୨୬ ପ୍ରସ୍ତୁତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନର ସଦ୍ୟ ସ୍ଥିତି ଓ ବିଶେଷ ସଘନ ସଂଶୋଧନର ସୁଗମ ପରିଚାଳନା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ଶ୍ରୀ ଗୋପାଳନ ସମସ୍ତସ୍ତରରେ ନିର୍ବାଚନ ଆୟୋଗ ଦ୍ୱାରା ନିୟମିତ ଭାବରେ ଦିଆଯାଉଥିବା ନିର୍ଦ୍ଦେଶନାମାର ସମୟୋଚିତ ଅନୁପାଳନ ଏବଂ ଅନ୍ୟାନ୍ୟ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ଅଧିକାରୀ ମାନଙ୍କୁ ଅଧିକ କ୍ରିୟାଶୀଳ ହେବା ସହିତ ଏବଂ ସଂଶୋଧନ ପ୍ରକ୍ରିୟା ଚାଲୁଥିବା ଓ ଅନ୍ୟାନ୍ୟ ସମୟରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କୁ ପୂର୍ଣ୍ଣ ସହଯୋଗ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୨ ଓ ୨୦୨୫ ନିର୍ବାଚନ ତାଲିକା ମଧ୍ୟରେ ତୁଳନାତ୍ମକ ସ୍ଥିତି ଏବଂ ସାରାଂଶ ରିପୋର୍ଟ ଦାଖଲ, ୨୫.୦୯.୨୦୨୫ ତାରିଖ ସୁଦ୍ଧା ଫର୍ମ ୬, ୭, ଏବଂ ୮ ର ବିସ୍ଥାପନ, ବିଶେଷ ସଘନ ସଂଶୋଧନ (ଏସ୍‌ଆଇଆର୍) ସୂଚୀ ଘୋଷଣା ପରେ ତୁରନ୍ତ ପରିଗଣନା ଫର୍ମ ମୁଦ୍ରଣ ଏବଂ ସେଗୁଡ଼ିକର ବୁଥ୍ ସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ବଣ୍ଟନ ପାଇଁ ଯୋଜନା ପ୍ରସ୍ତୁତ କରିବା, ନିର୍ବାଚନ ଅଧିକାରୀ ଓ ଜିଲ୍ଲାପାଳଙ୍କ ଦ୍ୱାରା ନିର୍ବାଚନ କାର୍ଯ୍ୟକଳାପ ସହ ଜଡ଼ିତ ଖାଲି ପଦବୀ ପୂରଣ କରିବା, ନିର୍ବାଚକ ପଞ୍ଜୀକରଣ ଅଧିକାରୀ/ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଆବଶ୍ୟକୀୟ ସାମଗ୍ରୀର ପରିବହନ ଓ ମାନବ ସମ୍ବଳ ସହାୟତାରେ ସ୍ଥିରୀକୃତ ସ୍ଥାନରେ ପରିଗଣନା ଫର୍ମ ଅପଲୋଡ୍ କରିବା ପାଇଁ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ସହଯୋଗ ପ୍ରଦାନ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

ସମସ୍ୟା ଘେରରେ ବାଙ୍କମୁଆ ପ୍ରାଥମିକ ବିଦ୍ୟାଳୟ

# ଗୋଟିଏ ଘରେ ପାଠ ପଢୁଛନ୍ତି ୬ ଶ୍ରେଣୀର ଛାତ୍ରଛାତ୍ରୀ

■ ଅଫିସ କାମ ଓ ପାଠପଢ଼ା. ଲାଗି ଅଛନ୍ତି ଜଣେ ଶିକ୍ଷୟିତ୍ରୀ
■ ନଳକୂପ ଅଚଳ, ପୋଖରୀପାଣିରେ ମଧ୍ୟାହ୍ନ ଭୋଜନ
■ ସାମାନ୍ୟ ବର୍ଷା ହେଲେ ଶ୍ରେଣୀଗୃହରେ ଲହଡ଼ି ମାରୁଛି ବର୍ଷାପାଣି

**ଭଦ୍ରକ, ୨୬।୯(ସଂଚାର ବ୍ୟୁରୋ):** ନାନା ସମସ୍ୟା ଘେରରେ ଭଦ୍ରକ ଜିଲା ଚାନ୍ଦବାଲି ଶିକ୍ଷାମଣ୍ଡଳ ଅଧୀନ ନାନ୍ଦପୁର ପଞ୍ଚାୟତ ବାଙ୍କମୁହାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ। ବିଦ୍ୟାଳୟ ସମସ୍ୟା ଓ ଶିକ୍ଷକ ନିଯୁକ୍ତି ଦାବି ନେଇ ଅଭିଭାବକ ଭେଟିଛନ୍ତି ଶିକ୍ଷାଧିକାରୀଙ୍କୁ। ସୂଚନା ଅନୁଯାୟୀ ବାଙ୍କମୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରୁ ୫ମ ଯାଏଁ ୬ଟି ଶ୍ରେଣୀର ୩୮ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ହେଲେ ଅଫିସ କାମ ଓ ପାଠ ପଢ଼ାଇବା ପାଇଁ ଅଛନ୍ତି ଜଣେ ମାତ୍ର ଶିକ୍ଷୟିତ୍ରୀ। ଯାହାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀ ମାନେ ଭଲରେ ପାଠ ପଢ଼ିବା ତ ଦୂରର କଥା ଗୋଟିଏ ଶ୍ରେଣୀଗୃହରେ ବସୁଥିବାରୁ ନିଜନିଜ ଭିତରେ ମାରପିଟି ଲାଗୁଛନ୍ତି। ଜଣେ ଶିକ୍ଷୟିତ୍ରୀ ବିଭିନ୍ନ ଅଫିସ କାମରେ ବ୍ୟସ୍ତ ରହୁଥୁବାରୁ ପିଲାମାନେ ମଧ୍ୟ ସ୍କୁଲ ବାହାରେ ବୁଲୁଛନ୍ତି। ପୂର୍ବରୁ ୨ଜଣ ଶିକ୍ଷୟିତ୍ରୀ ରହିଥିଲେ। ହେଲେ ଜଣେ ଶିକ୍ଷୟିତ୍ରୀଙ୍କର ଜୁଲାଇ ମାସରେ ଅବସର ନେବାରୁ ତାଙ୍କ ସ୍ଥାନରେ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ଖାଲି ପଡ଼ିଛି। ସେହିପରି ବିଦ୍ୟାଳୟ ନଳକୂପ ଅଚଳ ହୋଇଯାଇଥିବାରୁ ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି ଛାତ୍ରଛାତ୍ରୀ। ଫଳରେ ବାଧ୍ୟ ହୋଇ ନିକଟରେ ଥିବା ପୋଖରୀର ଦୂଷିତ ପାଣି ପିଉଛନ୍ତି। ସେହିପରି ମଧ୍ୟାହ୍ନ ଭୋଜନ ମଧ୍ୟ ଉକ୍ତ ପୋଖରୀ ପାଣିରେ ପ୍ରସ୍ତୁତ ହେଉଛି। ତାହା ସହ ବିଦ୍ୟାଳୟରେ ପ୍ରାଚେରୀ ନଥିବାରୁ ଗାଈ, ଗୋରୁ ଷଣ୍ଢ ସ୍କୁଲ ହତା ଭିତରେ ରହୁଥିବାରୁ ଅପରିଷ୍କାର କରୁଛନ୍ତି। ବିଦ୍ୟାଳୟରେ ଶ୍ରେଣୀଗୃହ ଖାଲୁଆ ସ୍ଥାନରେ ଥିବାରୁ ସାମାନ୍ୟ ବର୍ଷା ଓ ବନ୍ୟା ହେଲେ ଶ୍ରେଣୀଗୃହରେ ବର୍ଷାପାଣି ଲହଡ଼ି ମାରିବାରୁ ଦିନ ଦିନ ଧରି ବନ୍ଦ ରହୁଛି ବିଦ୍ୟାଳୟ। ତେଣୁ ଯଥା ଶୀଘ୍ର ଜଣେ ନୂତନ ଶିକ୍ଷକ ସହ ଲାଗି ରହିଥିବା ସମସ୍ୟା ର ସମାଧାନ ପାଇଁ ଅଭିଭାବକ ମାନେ ଜିଲା ପ୍ରଶାସନ ଓ ଶିକ୍ଷାଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଗିଡ଼ିବ...

ସହ ଆଜି ମୁଖ୍ୟମନ୍ତ୍ରୀ ଆଲୋଚନା କରିବା ସହ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଓ ବ୍ଲକ ସ୍ତରରେ ନିୟନ୍ତ୍ରଣ କକ୍ଷଗୁଡ଼ିକ ୨୪ ଘଣ୍ଟା କାର୍ଯ୍ୟ କରିବା ଓ ଏହାର ତଥ୍ୟଗୁଡିକ ଯେପରି ନିୟମିତ ଭାବେ ଅପଡେଟ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପରିବର୍ତ୍ତିତ ପରିସ୍ଥିତି ଦେଖି ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଲଘୁଚାପଜନିତ ବର୍ଷା ଓ ତଜ୍ଜନିତ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ଅବସରରେ କହିଛନ୍ତି ଯେ ପ୍ରବଳ ବର୍ଷା ଯୋଗୁଁ ସହରାଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏପରି ପରିସ୍ଥିତିର ମୁକାବିଲା ପାଇଁ ଡ୍ରେନେଜ୍ ଇଞ୍ଜିନିୟର ଓ ଅଧିକାରୀମାନଙ୍କୁ ସହାୟକ କର୍ମଚାରୀ ଓ ଆବଶ୍ୟକ ସରଞ୍ଜାମ ସହ ପ୍ରସ୍ତୁତ ରହିବା ଆବଶ୍ୟକ। ଏହି ସମୟରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଥିବା ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ପକ୍ଷରୁ ଆଗୁଆ ବ୍ୟବସ୍ଥା କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଦାୟିତ୍ୱରେ ଥିବା ଇଞ୍ଜିନିୟରିଂ କର୍ମଚାରୀମାନେ ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକ ଉପରେ ତୀକ୍ଷଣ ନଜର ରଖିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି।

ସେହିପରି ତୁରନ୍ତ ସହାୟତା ପାଇଁ ଓଡ୍ରାଫ୍ ଓ ଅଗ୍ନିଶମ ସେବା ୟୁନିଟଗୁଡ଼ିକୁ ପୂର୍ଣ୍ଣ ପ୍ରସ୍ତୁତ, ବିଶେଷକରି ତଳିଆ ଅଞ୍ଚଳ କିମ୍ବା ଯେଉଁଠାରେ ବନ୍ୟା ଆଶଙ୍କା ରହିଛି ଏବଂ ଅନ୍ୟାନ୍ୟ ଆବଶ୍ୟକ ସ୍ଥାନରେ ୟୁନିଟ୍‌ଗୁଡିକୁ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ପାହାଡିଆ ଅଞ୍ଚଳରେ ଭୂସ୍ଖଳନର ସମ୍ଭାବନା ଥିବା ଅଞ୍ଚଳଗୁଡିକୁ ଚିହ୍ନଟ କରି କ୍ଷେତ୍ରୀୟ କର୍ମଚାରୀମାନଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ମାଲକାନଗିରି ଜିଲ୍ଲାରେ ଅଧିକ ସତର୍କତାମୂଳକ ପଦକ୍ଷେପ ନେବାକୁ କୁହାଯାଇଛି। ବହୁମୁଖୀ ବନ୍ୟାବାତ୍ୟ ଆଶ୍ରୟସ୍ଥଳକୁ ବ୍ୟବହାର ପାଇଁ ପ୍ରସ୍ତୁତ ରଖାଯାଇଛି ଏବଂ ସେଥିରେ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ମଧ୍ୟ ମହଜୁଦ୍ ରଖାଯାଇଛି। ଆବଶ୍ୟକସ୍ଥଳେ ତଳିଆ ଅଞ୍ଚଳରୁ ଲୋକଙ୍କୁ ଆଶ୍ରୟସ୍ଥଳକୁ ନେଇ ରନ୍ଧାଖାଦ୍ୟ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆହୁରି ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଔଷଧପତ୍ର, ସାପ କାମୁଡା ଇନ୍‌ଜେକ୍ସନ, ଗୋ-ଖାଦ୍ୟ ଓ ଅନ୍ୟାନ୍ୟ ପଶୁ ଖାଦ୍ୟ ଯଥେଷ୍ଟ ପରିମାଣରେ ମହଜୁଦ୍ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ପ୍ରାକୃତିକ ବିପର୍ଯ୍ୟାୟ ମୁକାବିଲାରେ ଓଡିଶାର ଦକ୍ଷତା ରହିଛି ଏବଂ ଜାତୀୟ ସ୍ତରରେ ରାଜ୍ୟ ପ୍ରଶଂସା ଅର୍ଜନ କରିଛି। ତେଣୁ ଏହି ଲଗାଣ ବର୍ଷାଜନିତ ସମସ୍ୟାର ଠିକ୍ ଭାବେ ପରିଚାଳନା ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ଆଜିର ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସହ ଆଭାସୀ ମାଧ୍ୟମରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ମହାନିର୍ଦ୍ଦେଶକ, ଶକ୍ତି ବିଭାଗ ପ୍ରମୁଖ ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ବ୍ରହ୍ମପୁର ଡିଆଇଜି ଓ ବର୍ଷା ସମ୍ଭାବନା ଥିବା ୧୭ଟି ଜିଲ୍ଲାର ଜିଲ୍ଲାପାଳ, ଏସ୍‌ପି, ଆଇଏମ୍‌ଡି ନିର୍ଦ୍ଦେଶକ ଓ ପ୍ରମୁଖ ଅଧିକାରୀ ଗଣ ଉପସ୍ଥିତ ଥିଲେ।

## ଅଗ୍ନିଶମ...

ହେଉଛି। ଏବେ ମୁଣ୍ଡଳୀରେ ୫ ଲକ୍ଷ ୭୮ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଉପର ମୁଣ୍ଡରେ ଅଧିକ ବର୍ଷା ହେଲେ, ସେ ଅନୁସାରେ ପଦକ୍ଷେପ ନିଆଯିବ। କିନ୍ତୁ ଏବେ କୌଣସି ନଦୀରେ ଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉନାହିଁ। ତେଣୁ କେହି ବି ଭୟଭୀତ ନ ହେବାରୁ ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ମୁଣ୍ଡଳୀରେ ଜଳସ୍ତର ବଢ଼ିବା କାରଣରୁ କିଛି ତଳିଆ ଅଞ୍ଚଳ ବା ଶାଖା ନଦୀ ଯଥା କାଠଯୋଡି, ବିରୂପା, କୁଶଭଦ୍ର, କୁଆଖାଇ, ଦୟା, ଭାର୍ଗବୀ, କଂଦଳ ଆଦି ଶାଖା ନଦୀରେ ଜଳ ସ୍ତର ବୃଦ୍ଧି ପାଇବ। ତେଣୁ ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ କୁହାଯାଇଛି। ଏଥିସହ କ୍ଷେତ୍ର ପରିଦର୍ଶନ କରି ଟିମକୁ ମଧ୍ୟ ଆଜିଠାରୁ ବିଭିନ୍ନ ଅଞ୍ଚଳ ଗସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୋରାପୁଟ, ମାଲକାନଗିରି ଓ କଳାହାଣ୍ଡି ଆଦି ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଆହୁରି ବଲାଙ୍ଗୀର, ନୂଆପଡା, ନବରଙ୍ଗପୁର, ରାୟଗଡା, କନ୍ଧମାଳ, ଗଞ୍ଜାମ ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯିବା ସହ ଜନସାଧାରଣଙ୍କୁ ସତର୍କ ରହିବାକୁ କୁହାଯାଇଛି।

## ଆଜି...

ବିମାନ ବନ୍ଦରରୁ ଅମଲିପାଲି ପଡିଆ ପର୍ଯ୍ୟନ୍ତ ମୁତୟନ ରହିବେ। ୨୦୦ରୁ ଅଧିକ ପୁଲିସ ଅଧିକାରୀ, ୩୦ ଡିଏସପି ର୍‍ୟାଙ୍କ ଅଧିକାରୀ ଓ ୫ ଜଣ ଏସପି ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ବ୍ୟାରିକେଡ୍ ପାର୍ଶ୍ୱରେ ରହି ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବେ। ପ୍ରଧାନମନ୍ତ୍ରୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ୧୫ ମିନିଟ୍‌ରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ପହଞ୍ଚି ସେଠାରୁ ସଡ଼କପଥରେ ଅମଲିପାଲି ସଭାସ୍ଥଳରେ ପହଞ୍ଚିବେ। ଉକ୍ତ ସଭାରେ ପ୍ରାୟ ଘଣ୍ଟାଏ ରହିବା ଅବସରରେ ମୋଦି ଅନେକଗୁଡ଼ିଏ ପ୍ରକଳ୍ପର ଶୁଭାରମ୍ଭ କରି ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ସଭାରେ ପ୍ରଧାନମନ୍ତ୍ରୀ ରାଜ୍ୟ ପାଇଁ ୬୦ ହଜାର କୋଟିରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ ଉପହାର ଦେବେ।

## ବିଜେଡି...

ପ୍ରକାଶ କରିଛି। ଜନସାଧାରଣଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ବିକାଶର ଛଦ୍ମବେଶରେ ଲୁଟ୍ କରାଯାଇଥିଲା। ଗତ ସରକାରଙ୍କ ବ୍ୟବସ୍ଥିତ ଲୁଣ୍ଠନ ଓ ପକ୍ଷପାତିତାକୁ ସିଏଜି ରିପୋର୍ଟ ପଦାରେ ପକାଇଛି ବୋଲି ଶ୍ରୀ ପ୍ରଧାନ ମତ ଦେଇଛନ୍ତି।

ସେହିପରି ଶ୍ରୀ ପ୍ରଧାନ ଅତୀତରେ ହୋଇଥିବା କୁକର୍ମକୁ ସଂଶୋଧନ କରିବା ଓ ରାଜ୍ୟବାସୀଙ୍କ ବ୍ୟାପକ ସ୍ୱାର୍ଥ ସାଧନ ଲାଗି ଏବର 'ଡବଲ୍ ଇଞ୍ଜିନ୍ ସରକାର'ର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ସରକାରଙ୍କ ପଛରେ ଥିବା ଲୋକଙ୍କ ବିଶ୍ୱାସ ସହ ଆମ ସରକାର ଅତୀତର ଅସଙ୍ଗତିକୁ ସଂଶୋଧନ କରିବାକୁ ଉତ୍ସର୍ଗୀକୃତ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି।

## ଏମ୍‌କେସିଜି...

ଉପରେ ଚାପ ସୃଷ୍ଟି କରିବାକୁ ବାବୁ ମାନେ କୁଆଡେ ପଛାଉନାହାନ୍ତି। ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର କୁହାଯାଉଥିବା ବ୍ରହ୍ମପୁର ବଡ଼ ମେଡ଼ିକାଲ ଉପରେ ପ୍ରତ୍ୟହ ହଜାର ହଜାର ରୋଗୀ ନିର୍ଭର କରନ୍ତି। ଅନେକ ସମସ୍ୟାର ସମ୍ମୁଖୀନ ମଧ୍ୟ ହୋଇଥାନ୍ତି। ବିଶେଷ କରି ପ୍ରଶାସନିକ ଅବହେଳାକୁ ନେଇ ଅନେକ ବାର୍ ଅଭିଯୋଗ ବି ହୋଇଛି। ଏଭଳି କ୍ଷେତ୍ରରେ ପୁନର୍ବାର ଜଣେ ଅଧିକାରୀଙ୍କୁ ଉକ୍ତ ସ୍ଥାନରେ ସୁଯୋଗ ଦେବା ଗ୍ରହଣୀୟ ହେଉନାହିଁ। ଏପରିକି ଏହି ବାବୁଙ୍କୁ ବଦଳି କରିବାକୁ ଯୋଜନା କରି ସରକାର ଫେଲ୍ ମାରିଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି।

## ମିଛ...

ଜଗତେ କେବଳ ଜନେ ହସିବା ପରି ସେ କହିଥିଲେ।

ଶ୍ରୀମୟୀଙ୍କ ଏହି ଖୁଲାସା ସୁପ୍ରିମୋଙ୍କ ଚାଟୁକାରମାନଙ୍କୁ ଭାରି ବାଧିଥିଲା। ନିଜେ ତ ମିଡିଆରେ କହିବାକୁ ସାହସ ନାହିଁ। ତେଣୁ ଅନ୍ୟମାନଙ୍କ ଜରିଆରେ ମିଛ କୁହାଇଲେ। ସ୍ନେହାଙ୍ଗିନୀ ଓ ଲେଲିନ ସାମ୍ବାଦିକ ସାମ୍ବାଦିକ ସମ୍ମିଳନୀରେ କହିଲେ ଅନଲାଇନରେ ସଦସ୍ୟତା ପଞ୍ଜିକରଣ କଲେ ସଦସ୍ୟତା ନମ୍ବର ଆସେ ନାହିଁ। ଆଉ ଶ୍ରୀମୟୀ କୁଆଡେ ଅନଲାଇନରେ ପଞ୍ଜିକରଣ କରିଛନ୍ତି। ହେଲେ ଅନଲାଇନରେ ସଦସ୍ୟତା ନବୀକରଣର କିଛି ସ୍କ୍ରିନସଟ ଆମର ହସ୍ତଗତ ହୋଇଛି। ଆଉ ଏହି ସ୍କ୍ରିନଶଟ ପ୍ରମାଣିତ କରୁଛି ଯେ ଅନଲାଇନରେ ପଞ୍ଜିକରଣରେ ବି ମେମ୍ବରସିପି ଆଇଡି ଜେନେରେଟ ହୋଇଛି। ଏ ସମ୍ପର୍କିତ ଏକ ଭିଡିଓ ମଧ୍ୟ ଆମ ପାଖରେ ଅଛି।

ହେଲେ କେବଳ ଶ୍ରୀମୟୀ ମିଶ୍ରଙ୍କୁ କାଉଣ୍ଟର କରିବାକୁ ବିଜେଡିର ସ୍ୱଳ୍ପ ଜ୍ଞାନକାରୀ ନେତାମାନେ ମିଛସତ କହି ଲୋକଙ୍କ ମାନସିକତା ପ୍ରଭାବିତ କରିବା ଚେଷ୍ଟା କରୁଛନ୍ତି। ହେଲେ ତାହା ଦାନା ଧରିବା ପରିବର୍ତ୍ତେ ଓଲଟା ବିଜେଡି ପାଇଁ ବୁମେରାଙ୍ଗ ହେଉଛି। ବିଜେଡି ଅଳ୍ପ ବୁଦ୍ଧିଆଙ୍କ ସବୁ ଆରୋପର ଶ୍ରୀମୟୀ କଡା ଜବାବ ଦେଉଥିବା ବେଳେ ବରିଷ୍ଠ ନେତାମାନେ ଏହି ବିବାଦରେ ମୁହଁ ଖୋଲୁନାହାନ୍ତି। ଏପରିକି ଶ୍ରୀମୟୀ ପ୍ରତାପ ଜେନାଙ୍କ ସମ୍ପର୍କରେ ପଚାରିଥିବା ପ୍ରଶ୍ନର ଉତ୍ତର ମଧ୍ୟ ଦଳ ତରଫରୁ ମିଳୁନାହିଁ। ନିଜେ ପ୍ରତାପ ଜେନା ବି ଏହାକୁ ଏଡାଉଛନ୍ତି।

## ପୁଲିସ୍...

ରଖିପାରୁନାହାନ୍ତି ତେବେ ସେମାନେ କି ସୂଚନା ସଂଗ୍ରହ କରୁଛନ୍ତି ଏବଂ ଏହାର ଉତ୍ତର କିଏ ଦେବ ତାହା ବଡ ପ୍ରଶ୍ନବାଚୀ ହୋଇଛି।

କମିଶନରେଟ ପୁଲିସ୍ ତଥା ଡିଜିଙ୍କ କ୍ୟାମ୍ପ ଅଫିସକୁ ଲାଗି ରହିଛି ଖାରବେଳଭବନ, ନିକଟରେ ରାଜଭବନ, ଲୋକସେବାଭବନ ଓ ବିଧାନସଭା ବି ରହିଛି। ନିକଟରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ଆବାସସ୍ଥଳୀ। ରାସ୍ତାଘାଟ ଠାରୁ ଆରମ୍ଭ କରି ଦପ୍ତର ପର୍ଯ୍ୟନ୍ତ ମାଳ ମାଳ ସିସିଟିଭି ଖଞ୍ଜା ହୋଇଛି। ହେଲେ ଜଣେ ପୁଲିସ୍ କନେଷ୍ଟବଳ ଆଉ ଜଣେ ପୁଲିସ୍‌କୁ ହତ୍ୟାକରି ନିଜ ଗାଡିରେ ମୃତଦେହ ନେଇ ଅତି ସାହସର ସହ ଡିଜିଙ୍କ ଅଫିସ ତଳେ ରଖିଦେଲା। ଏହା ଏବେ କମିଶନରେଟ ପୁଲିସର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ଲଗାଇଛି। ଅବଶ୍ୟ ଏଭଳି ସମାଲୋଚନାରୁ ବର୍ତ୍ତିବାପାଇଁ ପୁଲିସ୍ ବାବୁମାନେ ଏବେ ଦୀପକ ରାଉତର ପୁରୁଣା ଫାଇଲ୍ ଖେଳାଇ ବଜାରକୁ ନୂଆ ନୂଆ ଖବର ଛାଡୁଛନ୍ତି। ହେଲେ ଖୋଦ୍ ଡିଜିଙ୍କ କ୍ୟାମ୍ପ୍ ଅଫିସରେ ଏତେବଡ ତ୍ରୁଟିକୁ ନେଇ କାହାରିକୁ ଏପର୍ଯ୍ୟନ୍ତ ଦାୟୀ କରାଯାଇ ନାହିଁ।

କଟକ ଦୁର୍ଗାପୂଜା ପାଇଁ ଟ୍ରାଫିକ କଟକଣା

# ଆଜିଠୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଲାଗୁ



କଟକ,୨୬।୯(ସଂଚାର ବ୍ୟୁରୋ): କଟକରେ ଦୁର୍ଗାପୂଜା ପାଳନ ପାଇଁ ଆଜି କମିଶନରେଟ୍ ପୁଲିସ ଆଜି ଟ୍ରାଫିକ୍ କଟକଣା ଜାରି କରିଛି। ଏହି ଟ୍ରାଫିକ୍ କଟକଣା ଆସନ୍ତା ୨୮ରୁ ଲାଗୁ ହେବ ଓ ଆସନ୍ତା ମାସ ୨ ପର୍ଯ୍ୟନ୍ତ କାଏମ ରହିବ। ଏହାକୁ ଦୃଷ୍ଟିରେ ରଖି ଯାନବାହନଗୁଡ଼ିକର ସୁନିୟନ୍ତ୍ରିତ ଚଳାଚଳ ତଥା ଜନସାଧାରଣ ଓ ପଥଚାରୀଙ୍କ ସୁବିଧା ଉଦ୍ଦେଶ୍ୟରେ ଓଡ଼ିଶା ଅର୍ବାନ୍ ପୁଲିସ ଆକ୍ଟ-୨୦୦୩ର ଧାରା ୨୮ (ଓଡ଼ିଶା ଆକ୍ଟ, ୨୦୦୭ର ଧାରା ୮) ଓ ପୁଲିସ କମିଶନରେଟ୍, ଭୁବନେଶ୍ୱର-କଟକ, ଟ୍ରାଫିକ୍ ଓ ପବ୍ଲିକ୍ ଅର୍ଡର-୨୦୦୮ର ଧାରା ୩୬ ଅନୁସାରେ ନିମ୍ନଲିଖିତ କଟକଣାଗୁଡ଼ିକ ଆସନ୍ତାକାଲିଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଅପରାହ୍ଣ ୨ଟାରୁ ରାତି ୨ଟା ପର୍ଯ୍ୟନ୍ତ ଲାଗୁ ହେବ। ଏହି ସୂଚନାନୁସାରେ, ହାୱଡ଼ା ମୋଟର ଛକଠାରୁ କୌଣସି ଯାନବାହାନ ସିଧା ମଙ୍ଗଳାବାଗ୍ ଛକ ଆଡକୁ ଯାଇପାରିବେ ନାହିଁ। ଏହି ଗାଡିଗୁଡ଼ିକ ହାୱଡ଼ାମୋଟର ଛକଠାରୁ ମାତା ମଠ ଛକ ଦେଇ ମହାନଦୀ ରିଂବନ୍ଧରେ ଆସି ଘଣ୍ଟା ଟାୱାର ଛକ ଦେଇ ଯାଇପାରିବେ। ସେହିପରି ମଙ୍ଗଳାବାଗ୍ ଆଡୁ କୌଣସି ଗାଡି କାଠଗୋଲା କିମ୍ବା ମଲାସାହି ଆଡକୁ ଯାଇପାରିବେ ନାହିଁ। ଉକ୍ତ ଯାନବାହନଗୁଡିକ ମେଡିକାଲ ଭିତର ଦେଇ ତାଳଦଣ୍ଡା କେନାଲ ରୋଡ୍‌ରେ ଯାଇପାରିବେ।

କୌଣସି ଯାନବାହାନକୁ ବିକେ ରୋଡରୁ ରାଣୀହାଟ ଛକକୁ ସିଧାସଳଖ ଯିବାକୁ ଅନୁମତି ଦିଆଯିବ ନାହିଁ। ଏହି ଯାନଗୁଡ଼ିକ ବଜ୍ରକବାଟି ରୋଡ ଛକରେ ବାମ ମୋଡ଼ ନେଇ ଗହ୍ଳାଡିହା, କବରସ୍ତାନ, କେଶରପୁର ରୋଡ ଦେଇ ମଙ୍ଗଳାବାଗ୍ କିମ୍ବା ବକ୍ସିବଜାର ଆଡକୁ ଯାଇପାରିବେ। ସେମାନେ କେବଳ ଫ୍ରେଣ୍ଡସ୍ କଲୋନି, ଥୋରିଆ ସାହିବାଳିକା ଉଚ୍ଚ ବିଦ୍ୟାଳୟ ଦେଇ ମଙ୍ଗଳାବାଗ୍ ଯାଇପାରିବେ କିନ୍ତୁ ବଣିଆ ସାହି ଏବଂ ଭୂଦାନ କାର୍ଯ୍ୟାଳୟ ଆଡକୁ ଯିବାକୁ ଅନୁମତି ଦିଆଯିବନାହିଁ। ଥୋରିଆ ସାହି ଓ ବଣିଆ ସାହି ଛକଠାରୁ ବଡେଇ ସାହି ଆଡକୁ କୌଣସି ଯାନକୁ ଅନୁମତି ଦିଆଯିବନାହିଁ। ମୋଚି ସାହି ଛକରୁ ରାଣୀହାଟ ହାଇସ୍କୁଲ ଦେଇ ସିଧାସଳଖ ଘଣ୍ଟା ଟାୱାର ଛକକୁ କୌଣସି ଯାନବାହନ ଯାଇପାରିବେ ନାହିଁ। ସେହି ଗାଡ଼ିଗୁଡ଼ିକ ଡକ୍ଟର ତେଜେଶ୍ୱର ରାଓ ଛକ ଦେଇ ଘଣ୍ଟା ଟାୱାର ଛକ କିମ୍ବା ଯୋବ୍ରା ଛକ ଯିବା ପାଇଁ ମୋଚି ସାହି ଛକରୁ ବାମ ମୋଡ଼ ନେଇପାରିବେ। ଆହୁରି ଦୋଳମୁଣ୍ଡାଇ ଛକରୁ ଆସୁଥିବା ଯାନବାହାନଗୁଡ଼ିକ ମହତାବ ରୋଡ଼ ଦେଇ ଛତ୍ରବଜାର ଆଡକୁ ଓ ସେଠାରୁ କେବଳ ମାଲଗୋଦାମ ଆଡକୁ ଯାଇପାରିବେ। ସେହିପରି କୌଣସି ଯାନବାହାନ ଛତ୍ରବଜାର ବ୍ରିଜ୍‌ଠାରୁ ଛତ୍ରବଜାର ଦେଇ ମହତାବ ରୋଡ ଆଡକୁ କିମ୍ବା ପିଲଗ୍ରିମ୍ ରୋଡ ଦେଇ କଲେଜ ଛକ ଆଡକୁ ଯିବାକୁ ଅନୁମତି ଦିଆଯିବ ନାହିଁ। ହିନ୍ଦ୍ ସିନେମା ହଲରୁ କେନାଲ ରୋଡକୁ ଆସୁଥିବା ଯାନବାହନଗୁଡ଼ିକ ବାମପାର୍ଶ୍ୱସ୍ଥ କେନାଲ ରୋଡ ଦେଇ ମାଲଗୋଦାମ କିମ୍ବା ସମ୍ରାଟ ହଲ ଆଡକୁ ଯାଇପାରିବେ। ସେହିପରି ଛତ୍ରବଜାର ଦୈତାରୀ ରାସ୍ତା ଆଳୁ ଗୋଦାମରୁ ପ୍ରଫେସର ପଡ଼ା କେନାଲ ରାସ୍ତା ଦେଇ ବଜ୍ରକବାଟିରାସ୍ତା ଆଡକୁ କୌଣସି ଯାନବାହନ ପ୍ରବେଶ କରିପାରିବ ନାହିଁ। କିନ୍ତୁ ବଜ୍ରକବାଟି ରାସ୍ତାରୁ ଆସୁଥିବାଯାନବାହନ ପ୍ରଫେସର ପଡ଼ା ରାସ୍ତା ଆଡକୁ ଯାଇପାରିବ। ଛତ୍ରବଜାର କିମ୍ବା ମାଲଗୋଦାମରୁ ମହତାବ ରାସ୍ତା ଦେଇ ଦୋଳମୁଣ୍ଡାଇ ଆଡକୁ କୌଣସି ଯାନବାହନଯିବାକୁ ଅନୁମତି ଦିଆଯିବ ନାହିଁ। ସମ୍ରାଟ ହଲ୍ କିମ୍ବା କଲ୍ୟାଣୀ ନଗରରୁ ଆସୁଥିବା ଯାନବାହାନ ତାଳଦଣ୍ଡା କେନାଲ ଦେଇ ଯାଇ କେବଳ ମାଲଗୋଦାମଆଡକୁ ଯାଇପାରିବ। ଅର୍ବାନ ହାଟ ପାର୍ଶ୍ୱ କେନାଲ ରାସ୍ତାରୁ କଲ୍ୟାଣୀ ନଗର ଆଡକୁ ଆସୁଥିବା ଯାନବାହନଗୁଡ଼ିକ ନୂତନ କେନାଲ ରାସ୍ତା ଦେଇ ଅନ୍ଦରପୁର ଶିବ ମନ୍ଦିର ଦେଇ ଯାଇପାରିବେ। ମାଲଗୋଦାମ ଟ୍ରାଫିକ ପୋଷ୍ଟରୁ ମାଲଗୋଦାମ ମୋଡ଼ ପର୍ଯ୍ୟନ୍ତ ଯାନବାହନ ଯିବା ପାଇଁ ଅନୁମତି ସେମାନେ ମାଲଗୋଦାମ ପୂଜା ପେଣ୍ଡାଲରେ ଏକ ମୋଡ଼ ନେଇ କିରଣ ଚା' ଦୋକାନ ପାର୍ଶ୍ୱ ରାସ୍ତା, ହୋଟେଲ ଓ କୋଇଲା ଡିପୋ ଦେଇ ଓଏମ୍‌ପି ସ୍କୋୟାର ଆଡକୁ ଯିବେ କିନ୍ତୁ ମାଲଗୋଦାମ ଦେ ଠାରୁ ମାଲଗୋଦାମ ଟ୍ରାଫିକ ପୋଷ୍ଟକୁ କୌଣସି ଯାନ ଯିବା ପାଇଁ ଅନୁମତି ଦିଆଯିବ ନାହିଁ।

ମାଲଗୋଦାମଠାରୁ ଫ୍ଲାଏଓଭର ବ୍ରିଜ ଆଡକୁ କୌଣସି ଯାନବାହନ ପ୍ରବେଶ କରିପାରିବ ନାହିଁ। ସେମାନେ ମାଲଗୋଦାମ ପାର୍ଶ୍ୱ ଦେଇ ମାଲଗୋଦାମ ବ୍ରିଜର ଆରମ୍ଭ ସ୍ଥାନରେ ବାମ ମୋଡ଼ ନେଇପାରିବେ ଏବଂ ତାପରେ ଏନସିସି ଗେଟ୍, କଟକ ରେଳ ଷ୍ଟେସନ ଏବଂ ରେଭେନ୍ସା କଲେଜ ଦେଇ କଲେଜ ଛକ ପର୍ଯ୍ୟନ୍ତ ଯାଇପାରିବେ। ଯଦି ମାଲଗୋଦାମ ଫ୍ଲାଏ ଓଭର ବ୍ରିଜରେ କୌଣସି ଟ୍ରାଫିକ ଭିଡ଼ ହୁଏ, ତେବେ ଯାତ୍ରୀମାନେ ଶିଖରପୁର ଏବଂ ଯୋବ୍ରା ରାସ୍ତା ଦେଇ ଏହି ରାସ୍ତା ବ୍ୟବହାର କରିପାରିବେ। ପିଠାପୁର ଏବଂ ଝୋଲା ସାହିରୁ ଗୋପାଳଜୀଉ ଲେନ୍, ବଙ୍ଗାଳୀ ସାହି ଏବଂ ନନ୍ଦୀ ସାହିକୁ କୌଣସି ଯାନକୁ ଅନୁମତି ଦିଆଯିବ ନାହିଁ।



ଶୁକ୍ରବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିହାରରେ ପହଞ୍ଚିଛନ୍ତି। ଗୁରୁବାର ସେ ବିହାର ପ୍ରଭାରୀ ଦାୟିତ୍ୱ ପାଇଛନ୍ତି।

ମହଙ୍ଗା ପଡ଼ିଲା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ

## ଦୁଇ ପୂର୍ବତନ କର୍ମଚାରୀଙ୍କୁ ଜେଲ୍ ଦଣ୍ଡାଦେଶ

**ଲାଞ୍ଚ ନେବାବେଳେ ଧରାପଡ଼ିଲେ ଏଡିଇଓ**

ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ): ମହଙ୍ଗା ପଡ଼ିଛି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭ୍ୟାସ। ଦୁଇ ଜଣ ପୂର୍ବତନ ସରକାରୀ କର୍ମଚାରୀଙ୍କୁ ଭିଜିଲାନ୍ସ କୋର୍ଟରେ ଜେଲ୍‌ଦଣ୍ଡାଦେଶ ସହ ଜରିମାନା ପଇଠ କରିବାକୁ ଆଦେଶ ହୋଇଛି। ମିଳିଥିବା ସୂଚନାନୁସାରେ, ପୁରୀ ଜିଲ୍ଲା ଅନ୍ତର୍ଗତ ପିପିଲି ତହସିଲଦାରଙ୍କ କାର୍ଯ୍ୟାଳୟର ପୂର୍ବତନ କନିଷ୍ଠ ଯନ୍ତ୍ରୀ ଓ ରେକର୍ଡ କିପର୍ ପ୍ରତାପ ଚନ୍ଦ୍ର ମିଶ୍ରଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ଓ ଜରିମାନା ହୋଇଛି। ଏକ ମ୍ୟୁଟେସନ୍ ମାମଲାରେ ଜମି ପଟ୍ଟା ଜାରି କରିବା ସକାଶେ ଶ୍ରୀ ମିଶ୍ର ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ନେବା ସମୟରେ ଧରାପଡ଼ିଥିଲେ। ଏହି ମାମଲାର ବିଚାର କରି ଭୁବନେଶ୍ୱର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତି ଉପରୋକ୍ତ ଆଦେଶ ଦେଇଛନ୍ତି। ଏଥିସହ ବିଚାରପତି ଶ୍ରୀ ମିଶ୍ରଙ୍କ ପେନ୍‌ସନ୍ ବନ୍ଦ କରିବା ସକାଶେ ପ୍ରାଧିକୃତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରିବେ। ସେହିପରି ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସବ୍‌ଡିଭିଜନ୍ ଅଧୀନସ୍ଥ କ୍ଷୁଦ୍ର ଜଳସେଚନ ବିଭାଗର ଅବସରପ୍ରାପ୍ତ



ଅତିରିକ୍ତ ଯନ୍ତ୍ରୀ ମୋହନ ଚରଣ ବେହେରାଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୨ ବର୍ଷ ଜେଲ୍ ସହ ଜରିମାନା ପଇଠ କରିବାକୁ ଆଦେଶ ହୋଇଛି। ଆଗାମୀ ଦିନରେ ଶ୍ରୀ ବେହେରାଙ୍କ ପେନ୍‌ସନ୍ ବନ୍ଦ କରିବା ସକାଶେ ବିଚାରପତି ଆଦେଶ ଦେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଖୋର୍ଦ୍ଧା ବାଣପୁର ଅଞ୍ଚଳର ଜଣେ ପଞ୍ଚାୟତ କର୍ମଚାରୀଙ୍କୁ ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଗିରଫ କରିଛି। ରାକେଶ କୁମାର ସାହୁ ନାମକ ଏହି ଆଇଆରଏଣ୍ଡଏ ତଥା ଡାଟା ଏଣ୍ଟ୍ରି ଅପରେଟର୍ (ଏଡିଇଓ) ଅନ୍ତ୍ୟୋଦୟ ଗୃହ ଯୋଜନାର ଜଣେ ହିତାଧିକାରୀଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଧରାପଡ଼ିଛନ୍ତି। ୪୦ ହଜାର ଟଙ୍କାର ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରିବା ସକାଶେ ସେ ଏହି ଲାଞ୍ଚ ନେଉଥିଲେ। ସେ ସମ୍ପୃକ୍ତ ହିତାଧିକାରୀଙ୍କୁ ଲାଞ୍ଚ ନ ଦେଲେ ଦ୍ୱିତୀୟ କିସ୍ତି ଅର୍ଥ ଦେବେ ନାହିଁ ବୋଲି ଧମକ ମଧ୍ୟ ଦେଇଥିଲେ। ତେଣୁ ହିତାଧିକାରୀ ଜଣଙ୍କ ଏନେଇ ଭିଜିଲାନ୍ସକୁ ସୂଚନା ଦେବା ପରେ ଶ୍ରୀ ସାହୁଙ୍କୁ ଆଜି ପ୍ରାଣ ସହ ଗିରଫ କରାଯାଇଛି। ଏଥିସହ ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ସହ ଜଡ଼ିତ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ାଉ ମଧ୍ୟ ଜାରି ରହିଛି।

## ୨୯ରୁ ହାଇକୋର୍ଟଙ୍କ ଦଶହରା ଅବକାଶ

● ଅକ୍ଟୋବର ୮ରେ ଖୋଲିବ



କଟକ,୨୬।୯(ସଂଚାର ବ୍ୟୁରୋ): ଆସନ୍ତା ୨୯ ତାରିଖରୁ ହାଇକୋର୍ଟଙ୍କ ଦଶହରା ଅବକାଶ ଆରମ୍ଭ ହେବ। ଫଳସ୍ୱରୂପ ଆଜି ହାଇକୋର୍ଟଙ୍କ ଶେଷ କାର୍ଯ୍ୟ ଦିବସ ଥିଲା। ଆସନ୍ତା ମାସ ୮ରେ ଏହି ଅବକାଶ ଶେଷ ହେବ। ତେବେ ଏହି ଅବକାଶ ସମୟ ମଧ୍ୟରେ ଜରୁରୀ ମାମଲାର ଶୁଣାଣି ପାଇଁ ୩ ଦିନ ଅର୍ଥାତ୍ ଆସନ୍ତା ୨୯, ଅକ୍ଟୋବର ୧ ଓ ୬ ତାରିଖରେ ଅବକାଶକାଳୀନ ଅଦାଲତ ବସିବ ବୋଲି ସୂଚନା ମିଳିଛି। ଏହି ସୂଚନାନୁସାରେ, ଆସନ୍ତା ୨୯ ତାରିଖ ସୋମବାର ପ୍ରଥମ ଅବକାଶକାଳୀନ ଅଦାଲତ ବସିବ। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଭି. ନରସିଂହ ଓ ଜଷ୍ଟିସ୍ ଏମ୍‌ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ବିଭିନ୍ନ ଜରୁରିକାଳୀନ ମାମଲାର ଶୁଣାଣି ହେବ। ପରେ ବିଚାରପତିଦ୍ୱୟ ପୃଥକ୍ ପୃଥକ୍ ଖଣ୍ଡପୀଠରେ ଅନ୍ୟାନ୍ୟ ମାମଲାର ଶୁଣାଣି କରିବେ। ଅନ୍ୟପଟେ ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ ମଧ୍ୟ ଉକ୍ତ ଦିନ ଜାମିନ୍ ମାମଲାର ଶୁଣାଣି କରିବେ। ଏହାଛଡ଼ା ଅକ୍ଟୋବର ପହିଲାରେ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁ ଓ ଜଷ୍ଟିସ୍ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଭିନ୍ନ ମାମଲାର ଶୁଣାଣି କରିବେ। ପରେ ଉଭୟ ବିଚାରପତି ପୃଥକ୍ ପୃଥକ୍ ଭାବେ ଅନ୍ୟାନ୍ୟ ମାମଲାର ଶୁଣାଣି କରିବେ। ଆହୁରି ଜଷ୍ଟିସ୍ ଏସ୍‌କେ ପାଣିଗ୍ରାହୀ ଓ ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଭିନ୍ନ ମାମଲାର ଶୁଣାଣି କରିବେ। ଉକ୍ତଦିନ ଉଭୟ ବିଚାରପତି ପୃଥକ ପୃଥକ ଭାବେ ମଧ୍ୟ ଅନ୍ୟାନ୍ୟ ମାମଲାର ଶୁଣାଣି ମଧ୍ୟ କରିବେ ବୋଲି ସୂଚନା ଦିଆଯାଇଛି।

● ଦୁଇଟି ଘରୁ ସମାନ ତରିକାରେ ଚୋରି

## ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଲୁଟ୍

ନୟାଗଡ଼,୨୬।୯(ସଂଚାର ବ୍ୟୁରୋ): ନୟାଗଡ ଟାଉନ୍ ଥାନା ଅନ୍ତର୍ଗତ ନବଘନପୁରରୁ ସିରିଜ୍ ଚୋରି ହୋଇଛି। ବିଳମ୍ବିତ ରାତିରେ ଦୁଇଟି ଘରୁ ଲକ୍ଷାଧିକ ନଗଦ ଟଙ୍କା ସହ ବହୁ ସୁନାଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ତେବେ ଉକ୍ତ ଦୁର୍ବୃତ୍ତମାନେ ଅନ୍ୟ ଦୁଇଟି ଘରୁ ଚୋରି ଉଦ୍ୟମ କରୁଥିବା ସମୟରେ ଲୋକେ ଉଠିପଡ଼ିବାରୁ ସେମାନେ ପଳାଇଯାଇଥିବା ଅନୁମାନ କରାଯାଉଛି। ମିଳିଥିବା ସୂଚନାନୁସାରେ, ଗତକାଲି ରାତିରେ ଗାଁର ପାଣ୍ଡୁଚରଣ ପାଳଙ୍କ ଝରକା ଗ୍ରୀଲ୍ ତାଡ଼ି ଦୁର୍ବୃତ୍ତମାନେ ଘରେ ପଶିଥିଲେ। ସେମାନେ ୭୦ ଗ୍ରାମରୁ ଊର୍ଦ୍ଧ୍ୱ ଓଜନର ସୁନା ଅଳଙ୍କାର ସହ ରୁପା ଗହଣା ସହ ୫୫ ହଜାର ଟଙ୍କା ଲୁଟିନେଇଛନ୍ତି। ଶ୍ରୀ ପାଳଙ୍କ ପରିବାର ଲୋକେ



ପୁଲିସ୍‌ର ପାରିବାପଣିଆ ଉପରେ ପ୍ରଶ୍ନବାଚୀ

ଦୁଇଟି ବଖରାରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଠାକୁର ଘରେ ପଶି ଏହି ଚୋରି କରିଛନ୍ତି। ଏହାଛଡ଼ା ଉକ୍ତ ଗାଁର ଅନ୍ୟ ଏକ ସାହିରେ ରହୁଥିବା ଶ୍ରୀ ପାଳଙ୍କ ସମ୍ପର୍କୀୟ ଭାଇ ଅକ୍ରୂର ପାଳଙ୍କ ଘରୁ ମଧ୍ୟ ଦୁର୍ବୃତ୍ତମାନେ ୬୨ ହଜାର ଟଙ୍କା ସହ ୪୦ ଗ୍ରାମରୁ ଊର୍ଦ୍ଧ୍ୱ ଓଜନର ସୁନାଗହଣା ଲୁଟ୍ କରିନେଇଛନ୍ତି। ଦୁଇଟି ଘରୁ ସମାନ ଉପାୟରେ ଝରକା ଗ୍ରିଲ୍ ତାଡି ଚୋରି ହୋଇଛି। ଅକ୍ରୂରଙ୍କ ଘରେ ମଧ୍ୟ ପରିବାର ଲୋକେ ଦୁଇଟି ବଖରାରେ ଶୋଇଥିବା ବେଳେ ଠାକୁର ଘର ଝରକା ଗ୍ରୀଲ୍ ତାଡି ଚୋର ଲୁଟ୍ କରିଥିଲେ। ଏ ସମ୍ପର୍କରେ ଖବର ପାଇ ଟାଉନ ଥାନା ଆଇଆଇସିଙ୍କ ଅନ୍ୟ ପୁଲିସ ଅଧିକାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ଜୁନ୍ ୩୦ ତାରିଖରେ ମଧ୍ୟ ଏହି ଗାଁରେ ଏକ ବଡ଼ ଧରଣର ଚୋରି ହୋଇଥିଲା। କିନ୍ତୁ ଏହି ମାମଲା ସହ ଜଡ଼ିତ ଦୁର୍ବୃତ୍ତମାନଙ୍କୁ ଠାବ କରିବାରେ ଅଦ୍ୟାବଧି ପୁଲିସ୍ ସକ୍ଷମ ହୋଇପାରିନାହିଁ। ତେଣୁ ସ୍ଥାନୀୟ ପୁଲିସ୍ ପାଇଁ ଏଠାରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ମସ୍ତବଡ଼ ଚ୍ୟାଲେଞ୍ଜ୍ ହୋଇଛି ବୋଲି ଲୋକେ କୁହାକୁହି ହେଉଛନ୍ତି।

## ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ




କଟକ,୨୬।୯(ସଂଚାର ବ୍ୟୁରୋ): କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ସ୍ୱତନ୍ତ୍ର ଶିବିରର ଉଦ୍‌ଯାପନୀ ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ଶାଶ୍ୱତୀ ସୌମ୍ୟା ସାହୁଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶର ନିର୍ମାଣରେ ସାମିଲ ହେବା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ଆହ୍ୱାନ ଦେଇଥିଲେ। କମଳା ନେହରୁ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼ଃ ସୁଶାନ୍ତ କୁମାର ପଟ୍ଟନାୟକ ସ୍ୱେଚ୍ଛାସେବୀମାନଙ୍କୁ ଚରିତ୍ର ଗଠନକୁ ସର୍ବୋଚ୍ଚ ସ୍ଥାନ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ଛନ୍ଦା ପଲାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସଭାରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଦସ୍ୟ ଡ. ଦମୟନ୍ତୀ ମାରାଣ୍ଡି ଉପସ୍ଥିତ ଥିଲେ। ଉକ୍ତ ସଭାରେ ଜୟନ୍ତୀ ତ୍ରିପାଠୀ, ସମସ୍ତ ଅଧ୍ୟାପକଅଧ୍ୟାପିକା, କର୍ମକର୍ତ୍ତା ଓ ଏନ୍‌ଏସ୍‌ଏସର ସ୍ୱେଚ୍ଛାସେବୀମାନେ ଯୋଗଦାନ କରିଥିଲେ। ବିଭାଗର ମୁଖ୍ୟ ଡ. ପ୍ରଜ୍ଞାଶ୍ରୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

● ୩୫ ଜିଲ୍ଲା ପାଇଁ ସଭାପତି ନିଯୁକ୍ତ କଲା କଂଗ୍ରେସ

## ଘାସିରାମଙ୍କୁ ନୂଆପଡ଼ା ଦାୟିତ୍ୱ



ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ): ଦୀର୍ଘଦିନ ପରେ କଂଗ୍ରେସ ପକ୍ଷରୁ ୩୫ଟି ଜିଲ୍ଲା ପାଇଁ ସଭାପତି ନିଯୁକ୍ତ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ ପରେ ଏହି ନିଯୁକ୍ତି ପ୍ରକ୍ରିୟାରେ ମୋହର ଲାଗିଛି। ତେବେ ଆଗକୁ ନୂଆପଡ଼ା ଉପନିର୍ବାଚନ ଥିବାବେଳେ ଏହା ପୂର୍ବରୁ ଦଳ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଜିଲ୍ଲାରେ ଦଳକୁ ବିଜୟୀ କରାଇବା ଦାୟିତ୍ୱ ପାଇଛନ୍ତି ଆଶାୟୀ ପ୍ରାର୍ଥୀ ଘାସିରାମ ମାଝୀ। ତାଙ୍କୁ ନୂଆପଡ଼ା ଜିଲ୍ଲାର ସଭାପତି ଭାବେ ନିଯୁକ୍ତି ମିଳିଛି। ଏଥିସହ ସ୍ଥାନୀୟ କଂଗ୍ରେସରେ ଦୀର୍ଘଦିନରୁ ସକ୍ରିୟ ରହିଥିବା ଘାସିରାମ ଆଗକୁ ନିର୍ବାଚନ ଲଢିବା ପାଇଁ ମଇଦାନକୁ ଓହ୍ଲାଇବା ନେଇ ଆଶା ଅଧିକ ବଳବତ୍ତର ହୋଇଛି।

● 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନର ସଫଳତା

## ସଂଗୃହୀତ ହୋଇଛି ୨୫୩୧୧ ୟୁନିଟ୍ ରକ୍ତ




ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ): ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟରତ ମହିଳା ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମର ମହିଳା ପ୍ରତିନିଧି ତଥା କର୍ମଚାରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ବିଭାଗୀୟ ମୁଖ୍ୟଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ମହିଳା ସ୍ୱାସ୍ଥ୍ୟ ସଚେତନତା ଓ ସମାଜରେ ରକ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ'ରେ ଏହି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପ୍ରାୟ ୬୦୦ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଛି। ଏଥିସହ ଶିବିରରେ ଔଷଧ ଓ ବିଶେଷଜ୍ଞଙ୍କ ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ପରାମର୍ଶ ମଧ୍ୟ ଦିଆଯାଇଛି। ଅଭିଯାନରେ ମହିଳା ସ୍ୱାସ୍ଥ୍ୟ, ପୋଷଣ, ଉପଯୁକ୍ତ ଖାଦ୍ୟ ପାନୀୟ ସମ୍ପର୍କରେ ସଚେତନତା କ୍ୟାମ୍ପେନ କରାଯାଉଛି। ରକ୍ତଦାନ ଶିବିର ଆୟୋଜନ ସହ ଉଚ୍ଚ ରକ୍ତଚାପ, ମଧୁମେହ, କର୍କଟ, ରକ୍ତହୀନତା, ଯକ୍ଷ୍ମା, ସିକିଲ୍‌ସେଲ୍ ଆଦି ରୋଗ ସହ ମାତୃ ସ୍ୱାସ୍ଥ୍ୟ ଓ କିଶୋରୀ ସୁସ୍ଥତା ସମ୍ବନ୍ଧିତ ରୋଗଗୁଡ଼ିକ ଚିହ୍ନଟ କରିବାକୁ ସ୍କ୍ରିନିଂ କରାଯାଉଛି। ରାଜ୍ୟର ୩୦ଟି ଜିଲ୍ଲାରୁ ଦେଢ଼ କୋଟି ମହିଳା ଏହି ଅଭିଯାନ ଜରିଆରେ ଉପକୃତ ହେବା ନେଇ ଲକ୍ଷ୍ୟ ରହିଛି। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ସେବା ଶିବିରମାନ ଆୟୋଜନ ହୋଇଛି। ସେହିଭଳି ଏହି ଅଭିଯାନ ଅଂଶସ୍ୱରୂପ ସାରା ରାଜ୍ୟରେ ଗତ ୧୭ ତାରିଖରୁ ଚାଲିଥିବା ଏହି ଅଭିଯାନରେ ଅଦ୍ୟାବଧି ୨୫ ହଜାର ୩୧୧ ୟୁନିଟ ରକ୍ତ ସଂଗୃହୀତ ହୋଇଛି।

## ଅସ୍ତ୍ର ଛାଡ଼ିଲେ ୧୦ ମାଓବାଦୀ



ରାଉରକେଲା,୨୬।୯(ସଂଚାର ବ୍ୟୁରୋ): ଦିନକୁ ଦିନ ଲାଲଗ୍ ଦୁର୍ବଳ ହେଉଛି। ଗୋଟିଏ ପଟେ ସୁରକ୍ଷାକର୍ମୀଙ୍କ କ୍ରମାଗତ ଆକ୍ରମଣ ଓ ଅନ୍ୟ ପଟରେ ସରକାରଙ୍କ ଲୋଭନୀୟ ଥଇଥାନ ନୀତି ଲାଲ୍‌ଗଡ଼ର ଦମ୍ଭକୁ ଦୋହଲାଇଦେବାରେ ଲାଗିଛି। କେତେବେଳେ ମାଓବାଦୀ ନିହତ ହେଉଛନ୍ତି ତ ଆଉ କେତେବେଳେ ସ୍ୱଇଚ୍ଛାରେ ମାଓବାଦୀମାନେ ଅସ୍ତ୍ରତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେଉଛନ୍ତି। ଏହି କ୍ରମରେ ଆଜି ୧୦ ଜଣ ମାଓବାଦୀ ଲାଲ୍ ବାହିନୀରୁ ମୁହଁ ମୋଡ଼ି ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା ମାଓବାଦୀ ମଧ୍ୟ ସାମିଲ୍ ଅଛନ୍ତି। ଝାଡ଼ଖଣ୍ଡ ଡିଜିପିଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ଏହି ମାଓବାଦୀମାନେ ସରଣ୍ଡା ଓ କୋଲହାନ ଜଙ୍ଗଲରେ ବେଶ୍ ସକ୍ରିୟ ଥିଲେ। ଏଥିସହ ସେମାନେ ସଙ୍ଗଠନକୁ ସଶକ୍ତ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ସେମାନେ କେନ୍ଦ୍ରୀୟ ଇଷ୍ଟର୍ଣ୍ଣ ରିଜିଓନାଲ ବ୍ୟୁରୋ କମିଟିର ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ଏହି ମାଓବାଦୀଙ୍କ ଆତ୍ମସମର୍ପଣ କରିବା ପରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓ ସଙ୍ଗଠନକୁ ଜବରଦସ୍ତ ଝଟ୍‌କା ଲାଗିଛି। ଆଜି ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କ ବିରୋଧରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ଆତଙ୍କରାଜ ଚଳାଇବା ସହ ହତ୍ୟାକାଣ୍ଡ, ହତ୍ୟା ଉଦ୍ୟମ, ପୁଲିସ ସହ ଏନକାଉଣ୍ଟର, ସୁରକ୍ଷା ବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ ବେଳେ ଲ୍ୟାଣ୍ଡମାଇନ ବିସ୍ଫୋରଣ ଆଦି ଘଟାଇଥିବାଠାରୁ ଆରମ୍ଭ କରି ବହୁ ମାମଲା ରହିଛି।

## ୨୯ରୁ ମେ' ଫେୟାରରେ ଦାଣ୍ଡିଆ ରାସ୍

**ଲାଇଭ୍ ମ୍ୟୁଜିକ୍ ସହ ମିଳିବ ସୁସ୍ୱାଦୁ ଖାଦ୍ୟ**

ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ): ଏଣ୍ଟରଟେନ୍ ଇଭେଣ୍ଟ୍ ଆଣ୍ଡ ପ୍ରମୋସନ୍ସ ଓ ହୋଟେଲ ମେ' ଫେୟାର ସହଭାଗିତାରେ ଆସନ୍ତା ୨୯ରୁ ସ୍ଥାନୀୟ ହୋଟେଲ ମେ' ଫେୟାର ଲାଗୁନ୍‌ରେ ନବରାତ୍ରି ମହୋତ୍ସବ-ଦାଣ୍ଡିଆ ରାସ୍ ଆୟୋଜିତ ହେବ। ଆସନ୍ତା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚାରିଦିନିଆ ଦାଣ୍ଡିଆ କାର୍ଣ୍ଣିଭାଲରେ ଆକର୍ଷଣୀୟ ନୃତ୍ୟ ସହ ଲାଇଭ ମ୍ୟୁଜିକ୍, ଲୋକପ୍ରିୟ ଡିଜେ, ବ୍ୟାଣ୍ଡ ଓ ବିଭିନ୍ନ ରାଜ୍ୟର ଲୋକପ୍ରିୟ ଖାଦ୍ୟ ଉପଲବ୍ଧ ହେବ ବୋଲି ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସଂସ୍ଥାର ମ୍ୟାନେଜିଂ ପାର୍ଟନର ସରୋଜ ମାଲିଆ କହିଛନ୍ତି ଯେ ଏହି ମହୋତ୍ସବରେ ଜଣାଶୁଣା ବଲିଉଡ୍ ଓ ଓଲିଉଡ୍ କଳାକାରଙ୍କ ସହ ଗାୟକ ସାମିଲ ହେବେ। ଲୋକପ୍ରିୟ ଡିଜେ ତାଳେ ତାଳେ ଦର୍ଶକମାନେ ମତୁଆଲା ହେବେ। ଏହି କାର୍ଯ୍ୟକ୍ରମର ମଜା ନେବା ସକାଶେ ଦର୍ଶକମାନଙ୍କୁ ମାତ୍ର ୧୫୦୦ ଟଙ୍କା ବ୍ୟୟ କରିବାକୁ ପଡ଼ିଛି। ଏଥିରେ ମନୋରଞ୍ଜନ ସହ ଖାଦ୍ୟ ମଧ୍ୟ ଉପଲବ୍ଧ ହେବ। କାର୍ଯ୍ୟକ୍ରମ ସମ୍ପର୍କରେ ସେଫ୍ ସନ୍ତୋଷ ସାହୁ କହିଛନ୍ତି ଯେ ଏହି ମହୋତ୍ସବରେ ଦର୍ଶକମାନଙ୍କ ପାଇଁ ୩୦ରୁ ୪୦ ପ୍ରକାରର ଆସୀମିତ ଖାଦ୍ୟ ରହିଛି। ଓଡ଼ିଆ ସହ ରାଜସ୍ଥାନ, ପଶ୍ଚିମବଙ୍ଗ, ଗୁଜରାଟ ଆଦି ରାଜ୍ୟର ପ୍ରସିଦ୍ଧ ଓ ସୁସ୍ୱାଦୁ ଖାଦ୍ୟ ମିଳିବ।




ଏଫଆଣ୍ଡବି ଏଜିଏମ୍ ଅରୁନଭ୍ ଦେ' କହିଛନ୍ତି ଯେ ଏହି ହୋଟେଲରେ ପ୍ରଥମେ ଦାଣ୍ଡିଆ ଆରମ୍ଭ ହୋଇଥିଲା। ଦାଣ୍ଡିଆ ପାଇଁ ଏହା ସବୁଠାରୁ ନିରାପଦ ସ୍ଥାନ। ସଂସ୍ଥାର ଅନ୍ୟତମ ପାର୍ଟନର ରାଣା ବିଶ୍ୱାଳ କହିଛନ୍ତି ଯେ ଦାଣ୍ଡିଆ ସହ ପିଲା ଓ ମହିଳାଙ୍କ ପାଇଁ କାର୍ଯ୍ୟକ୍ରମ ମଧ୍ୟ ରହିଛି। ଏଥିରେ ପିଲାଙ୍କ ପାଇଁ ଟ୍ୟାଲେଣ୍ଟ୍ ଶୋ' ଓ ମହିଳାଙ୍କ ପାଇଁ ରଙ୍ଗୋଲୀ ଶୋ' ରହିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

# ସରକାରୀ କର୍ମଚାରୀଙ୍କ ପୂଜାଛୁଟି ଫିକା

ଭୁବନେଶ୍ୱର,୨୬।୯: ଦୁର୍ଗାପୂଜା ଛୁଟି କିନ୍ତୁ ଉପଭୋଗ କରିପାରୁ ନାହାନ୍ତି ଭୁବନେଶ୍ୱର, ଖୋରଧା ଓ ପୁରୀର ବହୁ ସରକାରୀ କର୍ମଚାରୀ। ଛୁଟି ସତ୍ତ୍ୱେ ବି ସେମାନଙ୍କୁ ଦପ୍ତରରେ ଉପସ୍ଥିତ ରହି କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଲଘୁଚାପଜନିତ ବର୍ଷା ପାଇଁ ନୁହେଁ, ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ଜାତୀୟ ମଧ୍ୟସ୍ଥତା (ମେଡିଏସନ) ସମ୍ମିଳନୀ ପାଇଁ ଅନେକ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ବିଶେଷକରି ପୁରୀ, ଚିଲିକା, କୋଣାର୍କ ଆଦି ଅଞ୍ଚଳରେ କାମ କରୁଥିବା ବିଭିନ୍ନ ଅଧିକାରୀ ଓ କର୍ମଚାରୀଙ୍କ ଲାଗି ଏଭଳି ଆଦେଶନାମା ଜାରି ହୋଇଛି।

ଏହି ସମ୍ମିଳନୀରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ସମେତ ଅନ୍ୟୁନ ୧୦ଜଣ ବିଚାରପତି, ୧୭ଟି ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସମେତ ଆଉ ଅନେକ ବିଚାରପତି, କେନ୍ଦ୍ର ଆଇନ୍‌ମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ଭିତରୁ ଓ ବାହାରୁ ଅନେକ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେବେ। ଏହି ସମ୍ମିଳନୀ ସେପ୍ଟେମ୍ବର ୨୭ରୁ ୨୯ ପର୍ଯ୍ୟନ୍ତ ଲୋକସେବା ଭବନର କନଭେନସନ୍ ହଲରେ ଅନୁଷ୍ଠିତ ହେବ।

ସମ୍ମିଳନୀରେ ଯୋଗଦେବାପାଇଁ ଆସୁଥିବା ବିଶିଷ୍ଟ ବ୍ୟକ୍ତି ଓ ସେମାନଙ୍କ ସହ ଆସୁଥିବା ଅନ୍ୟମାନେ ଏହି ଅବସରରେ ଶ୍ରୀମନ୍ଦିର ସମେତ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଯିବାର ସମ୍ଭାବନା ରହିଛି। ଏଥିଲାଗି ଶ୍ରୀକ୍ଷେତ୍ର ପୁରୀରେ ଥିବା ସର୍କିଟହାଉସ୍, ହାଇକୋର୍ଟ ଅତିଥିଭବନ ସମେତ ଅନ୍ୟାନ୍ୟ ସରକାରୀ ସଂସ୍ଥା ଏବଂ ନାମୀଦାମୀ ହୋଟେଲଗୁଡିକରେ ପ୍ରକୋଷ୍ଠମାନ ସଂରକ୍ଷଣ କରି ରଖାଯାଇଛି।

ଭିଭିଆଇପିମାନେ ଯେଉଁସବୁ ସ୍ଥାନରେ ଶ୍ରୀକ୍ଷେତ୍ର ପୁରୀରେ ରହିବାର ବ୍ୟବସ୍ଥା ହୋଇଛି ସେସବୁ ସ୍ଥାନ ପାଇଁ ବ୍ୟାପକ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯିବା ସଂଗେ ସଂଗେ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ତତ୍ତ୍ୱାବଧାନ ଦାୟିତ୍ୱରେ ରଖାଯାଇଛି। ଭଲମନ୍ଦ ବୁଝିବାପାଇଁ ସେମାନଙ୍କ ସହ ଆଉ କେତେକ କର୍ମଚାରୀ ଓ ପୁଲିସ୍ ମଧ୍ୟ ହୋଟେଲ ଓ ଅତିଥିଶାଳାମାନଙ୍କରେ ନିୟୋଜିତ ହୋଇଛନ୍ତି।

ଶ୍ରୀମନ୍ଦିରରେ ଯେଭଳି ଦର୍ଶନ ପାଇଁ କିଛି ଅସୁବିଧା ନଉପୁଜେ ତାହାକୁ ଆଖିଆଗରେ ରଖି ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏହାଛଡା ସମୁଦ୍ରକୂଳରେ ବି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଭିଭିଆଇପିମାନଙ୍କ ଗସ୍ତକୁ ଆଖିଆଗରେ ରଖି ନିରାପତ୍ତା ବ୍ୟବସ୍ଥାକୁ ମଧ୍ୟ କଡାକଡି କରାଯାଇଛି। ବିଶେଷକରି ଭୁବନେଶ୍ୱରରୁ ପୁରୀ, କୋଣାର୍କ, ବରକୂଳ, ସାତପଡା ଆଦି ବିଭିନ୍ନ ରାସ୍ତାରେ ଯେଭଳି ଟ୍ରାଫିକ ସମସ୍ୟା ନଉପୁଜେ ତାହାକୁ ଆଖି ଆଗରେ ରଖି ମଧ୍ୟ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିବା ଜଣାପଡିଛି।

ଗୋଟିଏ ପଟେ ୨୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡା ଗସ୍ତ ଥିବାବେଳେ ଅନ୍ୟ ପଟେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ସମେତ ବହୁ ବିଚାରପତି ଓଡିଶା ଗସ୍ତରେ ଆସୁଥିବା ଦୃଷ୍ଟିରୁ ପ୍ରଶାସନ କଳ ବେଶ୍ ଜାଗତିଆର ହୋଇପଡିଛି। ଏହାଛଡା ଲଘୁଚାପଜନିତ ବର୍ଷାକୁ ଆଖିଆଗରେ ରଖି ଅନ୍ୟ ଜିଲ୍ଲାମାନଙ୍କରେ ବି ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି।

ହାଇକୋର୍ଟ ଓ ଅନ୍ୟ ଅଦାଲତଗୁଡିକ ପାଇଁ ପୂଜାଛୁଟି ଘୋଷଣା କରାଯାଇଥିଲେ ମଧ୍ୟ ଯେଉଁ ଅଧିକାରୀ ଓ କର୍ମଚାରୀମାନେ ମେଡିଏସନ କନଫରେନ୍ସ ଦୃଷ୍ଟିରୁ ବିଭିନ୍ନ ଦାୟିତ୍ୱରେ ରହିବେ ସେମାନଙ୍କ ଛୁଟି ବି ବାତିଲ କରାଯାଇଛି। ଲୋକସେବାଭବନ ସମେତ ରାଜଧାନୀର ଯେଉଁସବୁ ସ୍ଥାନରେ ମେଡିଏସନ କନଫରେନ୍ସରେ ଯୋଗଦେବାକୁ ଆସୁଥିବା ବିଚାରପତି ଓ ଅନ୍ୟ ଭିଆଇପିମାନେ ଅବସ୍ଥାନ କରିବେ ସେଠାରେ ବି ବ୍ୟାପକ ବନ୍ଦୋବସ୍ତ ହୋଇଛି। ଏହାଛଡା ପର୍ଯ୍ୟଟନ ବିଭାଗର କ୍ଷେତ୍ର କର୍ମଚାରୀମାନେ ଏହି ସମ୍ମିଳନୀ ଦୃଷ୍ଟିରୁ ବେଶ୍ ତତ୍ପର ହୋଇ ଉଠିଛନ୍ତି।(ତଥ୍ୟ)

### ଏଣିକି ହାତପାଆନ୍ତାରେ ସରକାରୀ ସେବା

# ହ୍ୱାଟ୍ସଆପ୍ ଚାଟ୍‌ବଟ୍‌ରେ ମିଳିବ ୧୨୦ରୁ ଉର୍ଦ୍ଧ୍ୱ ସେବା



**ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଜନକୈନ୍ଦ୍ରିକ ଯୋଜନା ଉପରେ ଗୁରୁତ୍ୱ ଦିଆଯାଉଛି। ସରକାରୀ ଅଫିସ୍‌ମାନଙ୍କରେ ଦୁର୍ନୀତି ହାର ହ୍ରାସ କରିବା ସହ ଜନସାଧାରଣ ଯେପରି ସହଜରେ ସରକାରୀ ସୁବିଧା ପାଇପାରିବେ, ସେ ଦିଗରେ ଠୋସ୍ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ଆଜି ରାଜ୍ୟ ସରକାର ମେଟା ସହଯୋଗରେ 'ଆମ ସାଥୀ' ନାମରେ ଏକ ହ୍ୱାଟ୍ସଆପ ଚାଟବଟ ଓ ଓଆରଟିପିଏସ୍ଏ ସେଣ୍ଟ୍ରାଲ ମନିଟରିଂ ସିଷ୍ଟମ ୨.୦ର ଶୁଭାରମ୍ଭ କରିଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିବା ଏହି ସେବା ଲାଗୁ କରିବାରେ ଓଡ଼ିଶା ଆନ୍ଧ୍ରପ୍ରଦେଶ ପରେ ଦେଶର ଦ୍ୱିତୀୟ ରାଜ୍ୟ ହୋଇଛି।

'ଆମ ସାଥୀ' ଚାଟବଟ ନମ୍ବର ୯୪୩୭୨୯୨୦୦୦ ମାଧ୍ୟମରେ ୧୨୦ରୁ ଅଧିକ ନାଗରିକ ସେବା ଜନସାଧାରଣଙ୍କୁ ମିଳିପାରିବ। ପ୍ରାଥମିକ ପର୍ଯ୍ୟାୟରେ ଏଥିରେ ଜନ୍ମ ଓ ଆୟ ପ୍ରମାଣପତ୍ର, ଡ୍ରାଇଭିଂ ଲାଇସେନ୍ସ, ଜାତିଗତ ବିବାହ ପ୍ରୋତ୍ସାହନ ଓ ଜାତୀୟ ପରିବାର ସହାୟତା ଯୋଜନା ଆଦି ସାମିଲ୍। ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଏହି ବ୍ୟବସ୍ଥାରେ ୫୦୦ରୁ ଉର୍ଦ୍ଧ୍ୱ ସେବା ମିଳିପାରିବା ଦିଗରେ ବ୍ୟବସ୍ଥା କରାଯିବ। ଉଭୟ ଓଡ଼ିଆ ଓ ଇଂରାଜୀରେ

**ଆସନ୍ତା ମାର୍ଚ୍ଚ ସୁଦ୍ଧା ସାମିଲ୍ ହେବ ୫୦୦ ସେବା**

ଏହି ଚାଟ୍‌ବଟ୍ ଉପଲବ୍ଧ ହେବ। ଏହା ମାଧ୍ୟମରେ ନାଗରିକ ସେମାନଙ୍କ ଜମିଜମା ରେକର୍ଡ, ପୁଲିସ ସେବା, ଶିକ୍ଷା ଓ କୃଷି ସମ୍ପର୍କିତ ସୂଚନା ମଧ୍ୟ ପାଇପାରିବେ। ୨୦୨୫ ଶେଷ ସୁଦ୍ଧା ଓଡ଼ିଶା ଲୋକସେବା ଅଧିକାର ଆଇନ ଅଧୀନରେ ଅଧିସୂଚିତ ସମସ୍ତ ସାର୍ବଜନୀନ ସେବା ଏକକ ହ୍ୱାଟ୍ସଆପ ବଟ୍ ମାଧ୍ୟମରେ ଯୋଗାଇ ଦିଆଯିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଜଣେ ବ୍ୟକ୍ତି ଇଂରାଜୀ କିମ୍ବା ଓଡ଼ିଆରେ ଲେଖି ହ୍ୱାଟ୍ସଆପରେ ସମସ୍ତ ସରକାରୀ ସେବାରୁ ଉପକୃତ ହୋଇପାରିବେ। ଓଡ଼ିଆ ବା ଇଂରାଜୀ ଲେଖି ଜାଣି ନଥିବା ଲୋକମାନେ ଭାରତ ସରକାରଙ୍କ 'ଭାସିନୀ ପ୍ଲାଟଫର୍ମ' ବ୍ୟବହାର କରି ନିଜ କଣ୍ଠସ୍ୱର ମାଧ୍ୟମରେ ମଧ୍ୟ ଏହି ସେବା ପାଇପାରିବେ। ଏହି ଆପ୍ ଉଦ୍‌ଘାଟନ ଅବସରରେ ଶ୍ରୀ ଆହୁଜା କହିଛନ୍ତି ଯେ 'ଆମ ସାଥୀ' ଓଡ଼ିଶାରେ ନାଗରିକ କେନ୍ଦ୍ରୀୟ ଶାସନକୁ ସରଳ ଓ ସୁଲଭ କରିବ। ଏହା ସ୍ୱଚ୍ଛ, ଦାୟିତ୍ୱପୂର୍ଣ୍ଣ ଏବଂ ସମାବେଶୀ ଶାସନ ସଂକ୍ରାନ୍ତ ରାଜ୍ୟ ସରକାରଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି। ସେହିପରି ଉନ୍ନୟନ କମିଶନର ଅନୁ ଗର୍ଗ ଓଆରଟିପିଏସ୍ଏ ଡ୍ୟାସବୋର୍ଡ ମାଧ୍ୟମରେ ସେବାରେ ଦାୟିତ୍ୱ ସୁନିଶ୍ଚିତ କରାଯିବ ବୋଲି କହିଛନ୍ତି। ଲୋକସେବା ଭବନରେ ଆୟୋଜିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ମେଟା ଇଣ୍ଡିଆର ପ୍ରତିନିଧି ଉପସ୍ଥିତ ଥିଲେ। ସିଏମ୍‌ଜିଆଇ ଦ୍ୱାରା ବିକଶିତ ଏହି ଚାଟବଟ ଆଗାମୀ ଦିନରେ ବ୍ୟାପକ ସଚେତନତା ଅଭିଯାନ ମାଧ୍ୟମରେ ଜନସାଧାରଣଙ୍କ ନିକଟରେ ପହଞ୍ଚିବ ବୋଲି କୁହାଯାଇଛି।

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର କହିଛନ୍ତି ଯେ ସେବା ପ୍ରଦାନରେ ସୁବିଧାକୁ ନିଶ୍ଚିତ କରିବା ପାଇଁ ଶାସନ ପରିଚାଳନା ପ୍ରକ୍ରିୟାରେ ସଂସ୍କାରର ଆବଶ୍ୟକତା ରହିଛି। ପ୍ରକ୍ରିୟାଗୁଡ଼ିକୁ ସରଳ କରିବାକୁ ଗୁରୁତ୍ୱ ଦେବା ଓ ସେବାଗୁଡ଼ିକୁ ଅଧିକ ସହଜଲବ୍ଧ କରିବାରେ ଟେକ୍ନୋଲୋଜିର ସକାରାତ୍ମକ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ସେବାଗୁଡ଼ିକୁ ଏକମାତ୍ର ହ୍ୱାଟସ୍ଆପ୍ ପ୍ଲାଟଫର୍ମରେ ଆଣି ରାଜ୍ୟ ସରକାର ରାଜ୍ୟରେ ପରଦର୍ଶିତା, ଦକ୍ଷତା ଏବଂ ନାଗରିକ ସୁବିଧାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆସନ୍ତା କିଛି ଦିନରେ ସିଏମଜିଆଇ ନାଗରିକଙ୍କ ମଧ୍ୟରେ ଏହାର ବ୍ୟବହାର ସମ୍ପର୍କରେ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିବାକୁ ଶ୍ରୀ କୁମାର ସେ ପରାମର୍ଶ ଦେଇଛନ୍ତି। ଓଆରଟିପିଏସଏ ସମ୍ପର୍କରେ ସଚେତନତା ସହ 'ଆମ ସାଥୀ' ହ୍ୱାଟସ୍ଆପ୍ ସହାୟକ ସମ୍ବନ୍ଧୀୟ ସୂଚନାର ପ୍ରସାରଣ, ବ୍ରାଣ୍ଡିଂ, ହୋର୍ଡିଂ, ଟିଭି, ରେଡିଓ ଏବଂ ସୂଚନା ବୋର୍ଡ ମାଧ୍ୟମରେ ପ୍ରଚାର ପ୍ରସାର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ସିଏମଜିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ କହିଛନ୍ତି ଯେ ସାର୍ବଜନୀନ ସେବା ପ୍ରାପ୍ତିର ସୁବିଧା ଦେବା ଓଡ଼ିଶାରେ ଅଦ୍ୟାବଧି ଏକ ଆହ୍ୱାନ ରହିଛି। ବର୍ତ୍ତମାନ, ଓଡ଼ିଶାରେ କୌଣସି ସର୍ବଜନୀନ ସେବା ପ୍ରାପ୍ତି ପାଇଁ ଚାରିଟି ମାଧ୍ୟମ ଅଛି। ଯଥା- ସମ୍ପର୍କିତ କାର୍ଯ୍ୟାଳୟକୁ ନିଜେ ଯିବା , ସମ୍ବନ୍ଧିତ ୱେବ୍ ପୋର୍ଟାଲକୁ ଆକ୍ସେସ୍ କରିବା, ସେହି ସେବାର ନିର୍ଦ୍ଦିଷ୍ଟ ମୋବାଇଲ୍ ଆପ୍ ମାଧ୍ୟମରେ ଆକ୍ସେସ୍ କରିବା କିମ୍ବା ସହାୟତା ସେବା ମାଧ୍ୟମରେ ସେବା ପାଇବା। ଟେକ୍ନୋଲୋଜି ପ୍ରୟୋଗରେ ନାଗରିକକୈନ୍ଦ୍ରିକ ଶାସନକୁ ରାଜ୍ୟର ଜନସାଧାରଣଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନରେ ବ୍ୟାପକ ସକାରାତ୍ମକ ପ୍ରଭାବ ପକାଇବ।

# ଭୀଷଣ ବର୍ଷା: ରେଡ୍ ଆଲର୍ଟ ଜାରି



- ଶାଖା ନଦୀରେ ବଢୁଛି ଜଳସ୍ତର
- ଜିଲ୍ଲାପାଳମାନଙ୍କୁ ସତର୍କ କରାଗଲା
- ମାଲକାନଗିରିର ସମସ୍ତ ସ୍କୁଲ ବନ୍ଦ ନିର୍ଦ୍ଦେଶ

**ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ):** ମହାନଦୀର ଉପର ମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରରୁ ୨୦ଟି ଗେଟ୍ ଖୋଲାଯାଇଛି। ଜଳଭଣ୍ଡାରରୁ ଏବେ ୫.୭୮ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ଆଶା କରାଯାଉଛି ଯେ, ଆଉ ଜଳସ୍ତର ବଢ଼ିବ ନାହିଁ। ଲଘୁଚାପ ଯୋଗୁଁ ପାଣିପାଗ ବିଭାଗ କୋରାପୁଟ, ମାଲକାନାଗିରି, କଳାହାଣ୍ଡି ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି କରିଛି। କିଛି ଜିଲ୍ଲାରେ ଆରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। କୌଣସି ସ୍ଥାନରେ ବିପଦ ସଂକେତ ଉପରେ ଜଳ ପ୍ରବାହିତ ହେଉନାହିଁ। ଶାଖା ନଦୀରେ ଜଳସ୍ତର ବୃଦ୍ଧି ପାଉଛି। ଯାହା ଦ୍ୱାରା ଉପକୂଳ ଜିଲ୍ଲାରେ ଜଳବନ୍ଦୀର ସମସ୍ୟା ଆସିପାରେ। ଏହା ବନ୍ୟା ନୁହେଁ। କେବଳ ନଦୀରେ ସାମାନ୍ୟ ଅଧିକ ଜଳ ପ୍ରବାହିତ ହେଉଛି। ଜିଲ୍ଲାପାଳମାନଙ୍କୁ ସତର୍କ କରାଯାଇଛି। କ୍ଷେତ୍ର ଅଧିକାରୀ ଗ୍ରାଉଣ୍ଡକୁ ଯାଉଛନ୍ତି। ଅଧିକ ପାଣି ପାଇଁ ସତର୍କତା ଅବଲମ୍ବନ କରାଯାଉଛି। ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଚନ୍ଦ୍ର ଶେଖର ପାଢ଼ୀ କହିଛନ୍ତି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ବଙ୍ଗୋପସାଗରରେ ସ୍ପଷ୍ଟ ଚିହ୍ନିତ ଲଘୁଚାପ ସୃଷ୍ଟି ହୋଇଛି। କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏହି ସ୍ପଷ୍ଟ ଚିହ୍ନିତ ବା ସୁଚିହ୍ନିତ ଲଘୁଚାପ ଆସନ୍ତା ୧୨ ଘଣ୍ଟାରେ ଅବପାତର ରୂପ ନେବ। ସେପ୍ଟେମ୍ବର ୨୭ ସକାଳେ ସ୍ଥଳଭାଗ ଅତିକ୍ରମ କରିବ। ଏହାର ପ୍ରଭାବରେ ରାଜ୍ୟରେ ଭୀଷଣ ବର୍ଷା ନେଇ ରେଡ ଆଲର୍ଟ ଜାରି କଲା ପାଣିପାଗ ବିଭାଗ। ବିଶେଷ କରି ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ବର୍ଷର ପ୍ରଭାବ ରହିବ। ଆସନ୍ତା ୨୪ ଘଣ୍ଟାରେ ମାଲକାନଗିରି କୋରାପୁଟ ଓ କଳାହାଣ୍ଡି ଏହି ୩ ଜିଲ୍ଲାରେ ଭୀଷଣ ବର୍ଷାକୁ ନେଇ ରେଡ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ରାୟଗଡ଼ା, ଗଂଜାମ, ଗଜପତି, କନ୍ଧମାଳ, ନବରଙ୍ଗପୁର, ନୂଆପଡା, ବଲାଙ୍ଗୀର, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡା ଓ ଢେଙ୍କାନାଳ ଏହି ୧୪ ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରିଛି ବିଭାଗ। ଲଘୁଚାପଜନିତ ବର୍ଷାକୁ ଆଖିରେ ରଖି ଶୁକ୍ରବାର ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ବନ୍ଦ ରହିବ । ପାଣିପାଗ ବିଭାଗର ସତର୍କ ସୂଚନାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସୋମେଶକୁମାର ଉପାଧ୍ୟାୟ ଏହା ଘୋଷଣା କରିଛନ୍ତି । କିନ୍ତୁ ସମସ୍ତ ସ୍କୁଲର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଉପସ୍ଥିତ ରହିବେ।

## ବିଦ୍ୟୁତ୍ ନିର୍ମାଣ କମ୍ପାନୀରୁ ଲୁଟିନେଲେ ଦେଢ଼ କୋଟିର ଜିନିଷ

**ସୁନ୍ଦରଗଡ଼,୨୬।୯(ସଂଚାର ବ୍ୟୁରୋ):** ମୁଖାପିନ୍ଧି ଆସିଲେ, ଲୁଟିନେଲେ। ସୁନ୍ଦରଗଡ଼ ଜିଲ୍ଲାରେ ଏବେ ବିଦ୍ୟୁତ୍ କମ୍ପାନୀରୁ ଲୁଟ୍ କରୁଥିବା ଗ୍ୟାଙ୍ଗ ସକ୍ରିୟ ଅଛନ୍ତି। ଗତକାଲି ରାତିରେ ଲହୁଣିପଡ଼ା ଥାନା ଦର୍ଜିଂ ଠାରେ ଏକ ବିଦ୍ୟୁତ୍ ନିର୍ମାଣ କମ୍ପାନୀର କ୍ୟାମ୍ପରେ ପ୍ରାୟ ଦେଢ଼ କୋଟି ଟଙ୍କାର କପର ଲୁଟିନେଇଛନ୍ତି ଲୁଟେରା। ଗତ ରାତିରେ ପ୍ରାୟ ୨୦ରୁ ୨୨ ଜଣ ଡକାୟତ ଆସି ବିଭିନ୍ନ ମାରଣାସ୍ତ୍ର ଦେଖାଇ ଗାର୍ଡ ଓ ଲେବରଙ୍କୁ ପିଟି ଘରେ ପୁରାଇ ବାନ୍ଧି ଦେଇଥିଲେ। ଟ୍ରାନ୍ସଫରକୁ ଭାଙ୍ଗି ଦେବାସହ ପ୍ରାୟ ଦେଢ଼ କୋଟି ଟଙ୍କାର ତମ୍ବା ତାର ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଘଟଣାସ୍ଥଳରେ ଲହୁଣିପଡ଼ା ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗତ ୨୧ ତାରିଖ ମଧ୍ୟ କୁତ୍ରାଠାରେ ଏହି କମ୍ପାନୀର କାମ ଚାଲିଥିବା ବେଳେ ମଧ୍ୟ ସଶସ୍ତ୍ର ଡକାୟତି ହୋଇଥିଲା । ଉଭୟ ଡକାୟତି ଘଟଣାର ରାଉରକେଲା ଏବଂ ସୁନ୍ଦରଗଡ଼ ପୋଲିସ ତଦନ୍ତ କରୁଛନ୍ତି।

## ହୋଟେଲରୁ ବନ୍ଧାହେଲେ ନକଲି ଡିଏସ୍‌ପି



**ଭଦ୍ରକ, ୨୬।୯(ସଂଚାର ବ୍ୟୁରୋ):** ହୋଟେଲ ରୁମରେ ଏକଦମ୍ ଷ୍ଟାଇଲ ମାରି ଶୋଇଥିଲେ ନକଲି ଡିଏସପି ବାବୁ। ଅଚାନକ ହୋଟେଲ ରୁମ୍ କବାଟ ଠକ୍ ଠକ୍ କଲେ ଦଳେ ପୋଲିସ୍। ଯାହାଙ୍କୁ ଦେଖି ନିଦ ଭାଙ୍ଗିଗଲା ନକଲି ପୋଲିସ ବାବୁଙ୍କର। ହଠାତ୍ କିଛି ଆଉ କରିପାରିଲେନି କି ନିଜକୁ ବଞ୍ଚାଇପାରିଲେନି କାହିଁକିନା ହଠାତ୍ ଚଢ଼ାଉ କରିଥିଲା ପୋଲିସ। ସିଧା ଯାଇ ଶୋଇଥିବା ଅବସ୍ଥାରେ ହିଁ ଥାନାରେ ହାଜର କରିଦେଲେ ପୋଲିସ। ନିଜକୁ ଝାଡ଼ଖଣ୍ଡ ଏବଂ ଆସାମର ପୋଲିସ ଅଫିସର କହି ହୋଟେଲ ରହୁଥିଲା ଜଣେ ନକଲି ପୋଲିସ ଡିଏସପି। ଖବର ପାଇ ମାଡି ବସିଲା ଅସଲି ପୋଲିସ। ଏଭଳି ଏକ ଘଟଣା ଦେଖାଯାଇଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନସ୍ଥ ନଳାଙ୍ଗ ଅଂଚଳରେ। ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ନଳାଙ୍ଗ ଛକ ନିକଟରେ ଏକ ହୋଟେଲରେ ଭଡାରେ ରହୁଥିଲେ ଝାଡ଼ଖଣ୍ଡ ରାଜ୍ୟ ଧାନବାଦ ଅଂଚଳର ରାହୁଲ ସିଂ ରାଣାବତ। ସେ ନିଜକୁ ଝାଡ଼ଖଣ୍ଡ ରାଜ୍ୟର ପୋଲିସ ଡ଼ିଏସପି ବୋଲି ପରିଚୟ ଦେଇ ଆଜିକୁ ପ୍ରାୟ ଏକ ବର୍ଷ ହେବ ରହୁଥିଲେ। ସେଠାରୁ ସେ ଭଦ୍ରକ ସମେତ ବିଭିନ୍ନ ଜିଲ୍ଲାକୁ ଯିବା ଆସିବା କରୁଥିଲେ। ତେବେ ଏହି ଖବର ପୋଲିସ ପାଖରେ ପହଞ୍ଚି ଥିଲା। ତେଣୁ ଭଦ୍ରକ ଗ୍ରାମାଞ୍ଚଳ ପୋଲିସର ଏକ ଟିମ ସେହି ହୋଟେଲ ରୁମରେ ଅଚାନକ ଚଢ଼ାଉ କରିବା ପରେ ସବୁ ତଥ୍ୟ ସାମନାକୁ ଆସିଥିଲା। ତେବେ ପୋଲିସ ଚଢ଼ାଉ ବେଳେ ରାହୁଲ ସିଂ ରାଣାବତଙ୍କ ଠାରୁ ଆସାମ, ଝାଡ଼ଖଣ୍ଡ ରାଜ୍ୟ ପୋଲିସ ପରିଚୟ ପତ୍ର ସହିତ ସେ ସବୁ ରାଜ୍ୟର ପୋଲିସ ଷ୍ଟାର, ବେଲ୍ଟ, ଷ୍ଟାମ୍ପ ଲୋଭଗା, ୟୁନିଫର୍ମ, ଜୋତା ଓ ବେଚ ଆଦି ଏମିତି ୩୮ଟି ସାମଗ୍ରୀ ସହିତ ଗୋଟିଏ ବନ୍ଧୁକ ଏବଂ କାର ଜବତ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ବିଭିନ୍ନ ସମୟରେ ନିଜକୁ ପୋଲିସ ଅଫିସର ଏବଂ ରେଲୱେ ପୋଲିସର ପରିଚୟ ଦେଇ ଆସୁଥିଲା। ତା'ର ପ୍ରମାଣ ମଧ୍ୟ ପୋଲିସ ପାଇବା ପରେ ଶେଷରେ ତାକୁ ହୋଟେଲ ଭିତରୁ ଗିରଫ କରାଯାଇଥିଲା। ତେବେ ଗିରଫ ବ୍ୟକ୍ତି ଜଣଙ୍କ ନକଲି ପୋଲିସ ଅଫିସର ହୋଇ କୌଣସି ଅପରାଧିକ କାର୍ଯ୍ୟ କରିଛି କି ନାହିଁ ସେ ସମ୍ପର୍କରେ ପୋଲିସ ଅଧିକ ତଦନ୍ତ ଆରମ୍ଭ କରିଥିବା ଅତିରିକ୍ତ ଏସପି ସୂଚନା ଦେଇଛନ୍ତି।

## ବିପୁଳ ପରିମାଣର ନକଲି ମଦ ଜବତ : ୩ କର୍ମଚାରୀ ଗିରଫ

ଅନୁଗୋଳ ୨୬।୯: ଅନୁଗୋଳ ଜିଲ୍ଲାରେ ଅପରେସନ 'ପ୍ରହାର'ର ପ୍ରଭାବ। ଅନୁଗୋଳ ଶିକ୍ଷକପଡା ସାଇ ମନ୍ଦିର ନିକଟରୁ ବିପୁଳ ପରିମାଣରେ ନକଲି ମଦ ବୋତଲକୁ ଜବତ କରିଛି ଅନୁଗୋଳର ସ୍ପେଶାଲ ସ୍କ୍ୱାଡ୍। ପ୍ରାୟ ୪ ଶହ ବୋତଲ ମଦ ସହ ବିପୁଳ ପରିମାଣର ବ୍ୟାରେଲ ବ୍ୟାରେଲ ମଦରେ ବ୍ୟବହୃତ କେମିକାଲ, ଠିପି, ଲେବଲ ଆଉ କାଚ ବୋତଲ ଜବତ ହୋଇଛି। କୌଣସି ସୂତ୍ରରୁ ଖବର ପାଇ ସ୍କ୍ୱାଡ୍ ଚଢ଼ାଉ କରିଥିଲା। ଏହି ଘଟଣାରେ ଫ୍ୟାକ୍ଟ୍ରିର ୩ ଜଣଙ୍କୁ ଅନୁଗୋଳ ସଦର ପୋଲିସ ଧରିବାରେ ସକ୍ଷମ ହୋଇଥିବା ବେଳେ ମାଲିକ ଫେରାର ହୋଇଛନ୍ତି।

## ବନ୍ଧାହେଲେ ୧୭ ଜୁଆଡ଼ି

ବ୍ରହ୍ମପୁର, ୨୬।୯(ସଂଚାର ବ୍ୟୁରୋ): ବିଳମ୍ବିତ ରାତିରେ ବ୍ରହ୍ମପୁର ବଡ଼ ବଜାର ଥାନା ପୁଲିସ ସ୍ଥାନୀୟ ଲକ୍ଷ୍ମୀ ନୃସିଂହ ସାହିରେ ଚାଲିଥିବା ବଡ଼ ଧରଣର ଜୁଆ ଆଡ୍ଡାରେ ଚଢ଼ାଉ କରି ୧୭ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ କରିଥିବା ଜଣାପଡ଼ିଛି। ଗିରଫ ଜୁଆଡ଼ିଙ୍କ ମଧ୍ୟରେ ଏକାଧିକ ନାମୀଦାମୀ ବ୍ୟବସାୟୀ ଓ ବୁକି ରହିଥିବା ଜଣାପଡିଛି। ଏହି ଚଢ଼ାଉରେ ଟାଉନ ଏସଡିପିଓ ପ୍ରିୟ ରଞ୍ଜନ ଛୋଟରାୟ, ବଡ଼ ବଜାର ଥାନା ଅଧିକାରୀ ବାବା ଶଙ୍କର ସରାଫ୍ ଓ ଅନ୍ୟାନ୍ୟ ପୁଲିସ ଅଫିସ କର୍ମଚାରୀ ସାମିଲ ଥିଲେ। ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ବ୍ରହ୍ମପୁର ବଡ଼ ବଜାର ଥାନା ପୁଲିସ ସ୍ଥାନୀୟ ଲକ୍ଷ୍ମୀ ନୃସିଂହ ସାହିରେ ଚାଲିଥିବା ବଡ଼ ଧରଣର ଜୁଆ ଆଡ୍ଡାରେ ଚଢ଼ାଉ କରି ୧୭ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ କରିଥିବା ଜଣାପଡ଼ିଛି। ଗିରଫ ଜୁଆଡ଼ିଙ୍କ ମଧ୍ୟରେ ଏକାଧିକ ନାମୀଦାମୀ ବ୍ୟବସାୟୀ ଓ ବୁକି ରହିଥିବା ଜଣାପଡିଛି। ଏହି ଚଢ଼ାଉରେ ଟାଉନ ଏସଡିପିଓ ପ୍ରିୟ ରଞ୍ଜନ ଛୋଟରାୟ, ବଡ଼ ବଜାର ଥାନା ଅଧିକାରୀ ବାବା ଶଙ୍କର ସରାଫ୍ ଓ ଅନ୍ୟାନ୍ୟ ପୁଲିସ ଅଫିସ କର୍ମଚାରୀ ସାମିଲ ଥିଲେ।

### ଆଜି ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା

## ଭାଗନେବେ ୭୫ ହଜାର ୪୦୩ ଶିକ୍ଷକ ଶିକ୍ଷୟିତ୍ରୀ



**କଟକ,୨୬।୯(ସଂଚାର ବ୍ୟୁରୋ) :** ଶନିବାର ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା। ରାଜ୍ୟର ୧୯୩ ଟି ପରୀକ୍ଷା କେନ୍ଦ୍ରରେ ୭୫ ହଜାର ୪୦୩ ଶିକ୍ଷକ ଶିକ୍ଷୟିତ୍ରୀ ଦେବେ ଏହି ପରୀକ୍ଷା। ଲଘୁଚାପ ଓ ଲଗାଣ ବର୍ଷା ପାଇଁ ପରୀକ୍ଷା କେନ୍ଦ୍ରରେ ୨୪ ଘଣ୍ଟିଆ ପାୱାର ସପ୍ଲାଇ ପାଇଁ ଚିଠି ଲେଖିଲା ବୋର୍ଡ। ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏ ନେଇ ଚିଠି ଲେଖା ହୋଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ହୋଇଛି ସିସିଟିଭି ବ୍ୟବସ୍ଥା। ବୋର୍ଡରେ ରହିଛି ଇଣ୍ଟିଗ୍ରେଟେଡ଼ କମାଣ୍ଡ କଣ୍ଟ୍ରୋଲ ରୁମ୍। ବୋର୍ଡରୁ ସମସ୍ତ ପରୀକ୍ଷା ନିରୀକ୍ଷଣ କରି ପାରିବେ ଅଧିକାରୀ ପରୀକ୍ଷାରେ ଅନିୟମିତତା ତଥା ଭାଇରାଲ୍ ଓ କପି ଆଦି ନିୟନ୍ତ୍ରଣ ପାଇଁ ପୂର୍ବ ପରି ପ୍ରତି ପ୍ରଶ୍ନପତ୍ରରେ କ୍ୟୁଆର୍ କୋର୍ଡ ଏବଂ ୱାଟର୍ ମାର୍କ ରହିଛି।

ଏହି ସ୍ପେସାଲ୍ ଓଟିଇଟି ପାଇଁ ରାଜ୍ୟରେ ଆବେଦନରତ ୭୫ ହଜାରରୁ ଅଧିକ ଇନ୍‌ସର୍ଭିସ ଶିକ୍ଷକଙ୍କ ମଧ୍ୟରୁ ୨ ହଜାର ୬ ଶହ ଜଣ ଶାରୀରିକ ଅକ୍ଷମ ପ୍ରାର୍ଥୀ ଥିବା ସୂଚନା ମିଳିଛି। ଉକ୍ତ ପ୍ରାର୍ଥୀମାନଙ୍କୁ ଅଧିକ ୫୦ ମିନିଟ୍ ସମୟ ଦିଆଯିବ। ଏହି ପରୀକ୍ଷା ଦୁଇଟି ସିଟିଂରେ ହେବ। ପେପର-୧ ପରୀକ୍ଷା ପ୍ରଥମ ସିଟିଂରେ ସକାଳ ୯ଟାରୁ ଦିନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ସେହିପରି ପେପର-୨ ପରୀକ୍ଷା ଅପରାହ୍ନ ୨ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ୩୦ ମିନିଟ୍‌ରେ ଶେଷ ହେବ। ପୂର୍ବପରି ସେହି ପୁରୁଣା ପାର୍ଟନ ଅନୁସାରେ ପ୍ରଶ୍ନ ପ୍ରସ୍ତୁତି କରାଯାଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପଟେ ଏଥର ସିବିଏସଇ ଢାଞ୍ଚାରେ ହେବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା। ଦେଶର ଦୁଇ ପ୍ରମୁଖ ପରୀକ୍ଷା ପରିଚାଳନା ସଂସ୍ଥା ସିବିଏସଇ ଓ କେନ୍ଦ୍ରୀୟ ବିଦ୍ୟାଳୟର ପରୀକ୍ଷା ପରିଚାଳନା ବ୍ୟବସ୍ଥା ଅନୁଯାୟୀ ହେବ ପରୀକ୍ଷା। ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ ଏନେଇ ପୂର୍ବରୁ ସୂଚନା ଦେଇଥିଲେ। ଓଟିଇଟି ପରୀକ୍ଷାରେ ବିଭ୍ରାଟ ହେବା ପରେ ଏହି ଦୁଇଟି ପରୀକ୍ଷା ପରିଚାଳନା ସଂସ୍ଥାର କୌଶଳକୁ ଅନୁଧ୍ୟାନ କରାଯାଇଛି।

## ହାତୀ ଆକ୍ରମଣରେ ଛତୁଗୋଟାଳି ମୃତ



**ଛେଣ୍ଡିପଦା, ୨୬।୯(ସଂଚାର ବ୍ୟୁରୋ):** ହାତୀ ଆକ୍ରମଣରେ ଜଣେ ବୟସ୍କ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି । ଘଟଣା ଘଟିଛି ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ରେଞ୍ଜ ନୂଆଗାଁରେ । ମୃତକ ହେଲେ ନୂଆଗାଁର ସୁବାସ ପ୍ରଧାନ। ଜଙ୍ଗଲକୁ ଛତୁ ତୋଳିବାକୁ ଯାଇଥିବା ବେଳେ ସେ ହାତୀ ସହିତ ମୁହାଁମୁହିଁ ହୋଇଥିଲେ। ତାଙ୍କୁ ତୁରନ୍ତ ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ବାଗଡ଼ିଆ ଥାନା ନୂଆଗାଁ ଗ୍ରାମର ଜଣେ ଯୁବକ ଦନ୍ତା ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ଆଜି ଭୋର ସାଢ଼େ ୫ ଟାରେ ଗ୍ରାମର ସୁବାସ ପ୍ରଧାନ(୫୩) ସାଥୀଙ୍କ ସହିତ ଗାଁ ପାଖ ମଶାଣି ନିକଟକୁ ଛତୁ ଖୋଜିବାକୁ ଯାଇଥିଲେ। ସେଠାରେ ଗୋଠଖଣ୍ଡିଆ ଦନ୍ତା ହାତୀ ହାବୁଡ଼ରେ ପଡ଼ିଥିଲେ। ସାଥୀମାନେ ଦୌଡ଼ି ରକ୍ଷାପାଇଥିବା ବେଳେ ସୁବାସ ଦନ୍ତା ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସୁବାସଙ୍କୁ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୁଳଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ● ଅବକାରୀ ଥାନା ଅଧିକାରିଣୀଙ୍କ ଦବଙ୍ଗଗିରି

## ଥାନାରେ ମହିଳାଙ୍କୁ ଥାର୍ଡ ଡିଗ୍ରୀ

**କରଞ୍ଜିଆ,୨୬।୯(ସଂଚାର ବ୍ୟୁରୋ) :** ଅବକାରୀ ଥାନା ଅଧିକାରିଣୀଙ୍କ ଦବଙ୍ଗଗିରି। ଘରୁ ଉଠାଇ ଆଣି ଅବକାରୀ ଥାନା ଭିତରେ ଜଣେ ଆଦିବାସୀ ମହିଳାଙ୍କୁ ଥାର୍ଡ ଡିଗ୍ରୀ ଅଭିଯୋଗ। ଏନେଇ ଯଶୀପୁର ଥାନାରେ ଅଭିଯୋଗ କରିଛନ୍ତି ପୀଡ଼ିତା। ମୟୂରଭଞ୍ଜ ଜିଲ୍ଲା ଯଶୀପୁର ଅବକାରୀ ଥାନା ଅଧିକାରିଣୀ ଶୁଭଦର୍ଶିନୀ ସାହୁ ଗତ ୨୨ ତାରିଖରେ ମାହାର୍ଦ୍ଧାପଳସା ଗାଁ ଢ଼ିପାସାହିର ରେଶମା ପିଙ୍ଗୁଆଙ୍କୁ ତାଙ୍କ ଘରୁ ଜୋରଜବରଦସ୍ତ ଅବକାରୀ ଥାନାକୁ ଉଠାଇ ଆଣିଥିଲେ। ଯଶିପୁର ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଅବକାରୀ ଥାନାକୁ ଆଣି ପୂର୍ବରୁ ଜବତ ହୋଇଥିବା ମଦ ସହ ଫଟୋ ଉଠାଇବାକୁ ତାଙ୍କୁ କହିଥିଲେ। ହେଲେ ସେଥିରେ ରାଜି ନହେବାରୁ ହାଜତ ଭିତରେ ଥିବା ବାଥରୁମ୍‌କୁ ନେଇ ଅବକାରୀ ଥାନା ଅଧିକାରିଣୀ ଶୁଭଦର୍ଶିନୀ ସାହୁଙ୍କ ସମେତ ଅନ୍ୟ ଜଣେ ମହିଳା କର୍ମଚାରୀ ରେଶମାଙ୍କୁ ନିସ୍ତୁକ ମାଡମାରି କୋର୍ଟ ଚାଲାଣ କରିଥିଲେ। ଗତ ୨୩ ତାରିଖରେ ପୀଡିତା ମହିଳା ଜାମିନରେ ଆସିବା ପରେ ଅବକାରୀ ଥାନା ଅଧିକାରିଣୀ ଶୁଭଦର୍ଶିନୀ ସାହୁଙ୍କ ବିରୋଧରେ ଯଶିପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଅବକାରୀ ଥାନା ଅଧିକାରିଣୀ ମୁହଁ ଖୋଲି ନଥିବା ବେଳେ ମହିଳାଙ୍କ ଅଭିଯୋଗ ଆଧାରରେ ଯଶିପୁର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି।

## କିରାଣିରୁ ଓଏଏସ୍ ପାଇଲେ ନିଳୀମା



**ତେଲକୋଇ,୨୬।୯(ସଂଚାର ବ୍ୟୁରୋ):** ପ୍ରଥମ ସୁଯୋଗରେ ନିଳୀମା କୁମାରୀ ନାୟକ ଓପିଏସସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ କିରାଣୀ ଚାକିରୀରୁ ଓଏଏସ ବନିଛନ୍ତି। ତାଙ୍କର କଠିନ ପରିଶ୍ରମ ଓ ନିଷ୍ଠାପର ଉଦ୍ୟମ ଯୋଗୁ ଏଭଳି ସଫଳତା ପାଇଥିବା କହିଛନ୍ତି। ୩୭୫ ନଂ ରାଜ୍ୟ କ୍ରମିକ ସ୍ଥାନରେ ସେ ରହିଛନ୍ତି। କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଭଗାମୁଣ୍ଡା ନିକଟସ୍ଥ ନୂଆଗାଁ ତାଙ୍କ ଜନ୍ମସ୍ଥାନ। ବାପା ମାୟାଧର ନାୟକ ଜଣେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଓ ମାତା ହିରାମଣି ନାୟକ ମେଟ୍ରୋନ ଭାବେ କାର୍ଯ୍ୟରତ। ନିଳୀମା ଦେଢ଼ ବର୍ଷ ହେଲାଣି ତେଲକୋଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କନିଷ୍ଠ ସହକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ମହିଳାଙ୍କ ବହୁମୁଖୀ ବିକାଶ ଓ ସମାଜର ନିଷ୍ପେସିତ ଗରିବ ଲୋକଙ୍କୁ ସାମାଜିକ ମୁଖ୍ୟସ୍ରୋତରେ ସାମିଲ୍ କରିବା ସହିତ ଶିକ୍ଷାକୁ ଗୁରୁତ୍ୱ ଦେବେ ବୋଲି ସେ ସମ୍ବାଦକୁ କହିଛନ୍ତି। ଆଜି ନିଳୀମା ଓପିଏସସି ପରୀକ୍ଷାରେ ଉତ୍ତୀର୍ଣ୍ଣ ଖବର ପାଇବା ପରେ ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ପଇଡା, ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ,ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ଶ୍ରୀକ୍ଷେତ୍ରରେ କାର୍ତ୍ତିକ ବ୍ରତ ପାଳିବେ ୨୪୦୦ ହବିଷ୍ୟାଳି, ଯାଞ୍ଚରେ କଟିଲେ ଦୁଇ ଶହ



**ପୁରୀ, ୨୬।୯ (ସଂଚାର ବ୍ୟୁରୋ) :** ଶ୍ରୀକ୍ଷେତ୍ରରେ ପ୍ରାୟ ୨୪୦୦ ହବିଷ୍ୟାଳି 'କାର୍ତ୍ତିକ ବ୍ରତ' ପାଳନ କରିବେ । ପ୍ରାୟ ୨୬୪୪ ଜଣ ସରକାରୀ ନିର୍ଦ୍ଧାରିତ ପୋଟାଲରେ ଆବେଦନ କରିଥିବା ବେଳେ ଯାଞ୍ଚ ପ୍ରକ୍ରିୟାରେ ପ୍ରାୟ ୨୦୦ ଜଣ ବାଦ୍ ପଡ଼ିଛନ୍ତି । ସେପଟେ ହବିଷ୍ୟାଳି ଶିବିରରେ ବ୍ରତଧାରୀଙ୍କ ଉତ୍ତମ ଯତ୍ନ ଓ ସୁରକ୍ଷା ପ୍ରଭୃତି କାର୍ଯ୍ୟର ତାଲିମ ନେଇଛନ୍ତି ପ୍ରାଶାସନିକ କର୍ମଚାରୀ । କାର୍ଯ୍ୟରେ ଅବହେଳା କଲେ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରାଶାସନିକ କର୍ମଚାରୀଙ୍କୁ ତାଲିମ୍ ଦେବା ଅବସରରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଚେତାବନୀ ଶୁଣାଇଛନ୍ତି ।

ଆସନ୍ତା ମାସ ୭ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୫ରେ ଶେଷ ହେବ କାର୍ତ୍ତିକ ବ୍ରତ ତଥା 'ରାଈଦାମୋଦର ବ୍ରତ' । କେଉଁ ଜିଲ୍ଲାରୁ କେବେ ହବିଷ୍ୟାଳି ବ୍ରତ ପାଳନ ନିମନ୍ତେ ଆସିବେ ସେନେଇ ଚୂଡ଼ାନ୍ତ ତାଲିକା ପ୍ରଶାସନ ପ୍ରସ୍ତୁତ କରିଛି । ସେମାନଙ୍କ ନିକଟକୁ ଚୂଡ଼ାନ୍ତ ଚୟନ ନେଇ ବାର୍ତ୍ତା ପଠାଇବା ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି । ସମସ୍ତଙ୍କୁ ଉପଯୁକ୍ତ ସେବା ଯୋଗାଇବାକୁ ଟାଉନ୍ ହଲ୍‌ରେ ଗୁରୁବାର ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଜିଲ୍ଲାପାଳ ସମସ୍ତ ପ୍ରାଶାସନିକ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି । ସମସ୍ତେ ଯେପରି ଏକ ସୁଖଦ ଅନୁଭୂତି ନେଇ ଫେରିବେ ତାହାକୁ ଲକ୍ଷ୍ୟରେ ରଖି ପରସ୍ପର ଭିତରେ ସମନ୍ୱୟ ରଖି କାମ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଏଡିଏମ୍ ଶରତ ଚନ୍ଦ୍ର ବେହେରା, ଡ. ଶରତ ଚନ୍ଦ୍ର ମହାପାତ୍ର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ ।

### ଦୁର୍ଗନ୍ଧରେ ଫାଟିବ ପୂଜା ବଜାର

# ଆନ୍ଦୋଳନକୁ ଓହ୍ଲାଇବେ ସଫେଇ କର୍ମୀ

**ଭୁବନେଶ୍ୱର, ୨୬।୯ (ସଂଚାର ବ୍ୟୁରୋ) :** ବିଭିନ୍ନ ଦାବି ନେଇ ଶୁକ୍ରବାର ଠାରୁ ଝାଡୁ ଛାଡ଼ ଆନ୍ଦୋଳନକୁ ଓହ୍ଲାଇବେ ସଫେଇ କର୍ମଚାରୀ । ଫଳରେ ସହରରେ ସଫେଇ କାମ ଠପ୍ ହୋଇଯିବ। ଆଗକୁ ପୂଜା ଥିବା ବେଳେ ସଫେଇ କର୍ମୀଙ୍କ

**୨୦ % ବୋନସ ଦାବି**

ଏଭଳି ଆନ୍ଦୋଳନ ଡକରାକୁ ନେଇ ଚିନ୍ତାରେ ବିଏମ୍‌ସି । ଭୁବନେଶ୍ୱର ମୁନିସିପାଲିଟି ସଫେଇ ମଜଦୁର ସଂଘ ପକ୍ଷରୁ ଏହି ଡକରା ଦିଆଯାଇଛି। ସଂଘ ସଭାପତି ଅକ୍ଷୟ କୁମାର ରାଉତରାୟ କହିଛନ୍ତି ଯେ ଦୁର୍ଗାପୂଜା ପାଇଁ ସଫେଇ ସଂସ୍ଥା ପକ୍ଷରୁ ସବୁ କର୍ମଚାରୀଙ୍କୁ ୨୦ ପ୍ରତିଶତ ବୋନସ ପ୍ରଦାନ କରାଯାଉ । କର୍ମଚାରୀମାନଙ୍କୁ ନିଯୁକ୍ତିପତ୍ର



ଏବଂ ଏକ ବର୍ଷରେ ଦରମା ସ୍ଲିପ୍ ଦେବାକୁ ସଂଘ ଦାବି କରିଛି । ସଂଘ ଦାବି କରିଛି ଯେ ପ୍ରାକୃତିକ ବିପର୍ଯ୍ୟୟ ତଥା ବର୍ଷା, ବାତ୍ୟାରେ ସଫେଇ କର୍ମଚାରୀ କାମ କରୁଛନ୍ତି । ହେଲେ ସେମାନଙ୍କୁ ସୁରକ୍ଷା ଉପକରଣ ଯୋଗାଇ ଦିଆଯାଉନି । ତେଣୁ ଯଥା ଶୀଘ୍ର ବିଏମ୍‌ସି ସେମାନଙ୍କୁ ରେନ୍‌କୋର୍ଟ ଏବଂ ଅନ୍ୟ ସୁରକ୍ଷା ଉପକରଣ ଦେବାକୁ ଦାବି ହୋଇଛି। ଏନେଇ ଗତ ୧୫ ତାରିଖରେ ବିଏମ୍‌ସି ଅଫିସ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ ସଫେଇ କର୍ମୀ । ସେମାନଙ୍କୁ ୧୦ ଦିନ ସମୟ ଦିଆଯାଇଥିଲା। ହେଲେ ବୋନସ ନ ମିଳିବାରୁ ସେମାନେ ଧାରଣାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଦୁର୍ଗାପୂଜା ପକ୍ଷରୁ ସଫେଇକୁ ବିଏମ୍‌ସି ଗୁରୁତ୍ୱ ଦେଇଛି । ସବୁ ୱାର୍ଡରେ ସଫେଇ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରି ପରିସ୍ଥିତିରେ ଆନ୍ଦୋଳନ ଡକରାକୁ ନେଇ ବିଏମ୍‌ସି ଚିନ୍ତାରେ ପଡ଼ିଛି । ସେପଟେ ଗୁରୁବାର ସନ୍ଧ୍ୟାରେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ପାଖରେ ମଧ୍ୟ ଫେରାଦ ହୋଇଛନ୍ତି ସଫେଇ କର୍ମୀ ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଷ୍ଟକ ବଜାରରେ ବଡ଼ ଧରଣର ହ୍ରାସ

# ୧୬ ଲକ୍ଷ କୋଟି ହରାଇଲେ ନିବେଶକ

ମୁମ୍ବାଇ, ୨୬।୯: ଭାରତ ବିରୋଧରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ଯୁଦ୍ଧ ଯୋଗୁଁ ଭାରତୀୟ ଶିଳ୍ପ ଜଗତରେ ଆତଙ୍କ ଖେଳିଯାଇଛି। ଏହାର ପ୍ରଭାବ ଷ୍ଟକ ବଜାର ଉପରେ ମଧ ପଡ଼ିଛି। ଗତକାଲି ଆମେରିକା ସରକାର ବିଦେଶୀ ଔଷଧ ଉପରେ ୧୦୦% ଟାରିଫ ଲଗାଇବା ପରେ ଆଜି ତାହାର ପ୍ରଭାବରେ ଭାରତୀୟ ଷ୍ଟକ ବଜାରରେ ବଡ଼ ଧରଣର ହ୍ରାସ ପରିଲକ୍ଷିତ ହୋଇଛି। କ୍ରମାଗତଭାବେ ଗତ ୬ ଦିନ ଧରି ସେନସେକ୍ସ ଓ ନିଫଟିରେ ହ୍ରାସ ପରିଲକ୍ଷିତ ହୋଇଚାଲିଛି। ଶୁକ୍ରବାର ବନ୍ଦ ହେବା ସମୟରେ, ସେନସେକ୍ସ ୭୩୩.୨୨ ପଏଣ୍ଟ କିମ୍ବା ୦.୯୦ ପ୍ରତିଶତ ହ୍ରାସ ପାଇ ୮୦,୪୨୬.୪୬ ରେ ଏବଂ ନିଫ୍ଟି ୨୩୬.୧୫ ପଏଣ୍ଟ କିମ୍ବା ୦.୯୫ ପ୍ରତିଶତ ହ୍ରାସ ପାଇ ୨୪,୬୫୪.୭୦ ରେ ରହିଥିଲା। କ୍ରମାଗତ ହ୍ରାସ ଫଳରେ ଗତ ଏକ ସପ୍ତାହ ମଧ୍ୟରେ ନିବେଶକମାନେ ୧୬.୨୮ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।



ଗତ ସପ୍ତାହରେ ଟ୍ରମ୍ପ ପ୍ରଶାସନ ଏଚ-୧ବି ଭିସା ଉପରେ ଅତିରିକ୍ତ ଫି ବସାଇଥିଲା। ଏହାର ପ୍ରଭାବରେ ଆଇଟି ସେୟାର ଗୁଡ଼ିକରେ ହ୍ରାସ ପରିଲକ୍ଷିତ ହୋଇଥିଲା। ସେହିପରି ଗତକାଲି ଟ୍ରମ୍ପ ପ୍ରଶାସନ ପ୍ୟାଟେଣ୍ଟ ହୋଇଥିବା ଓ ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦% ଟାରିଫ ବସାଇଥିଲା। ଏହାର ପ୍ରଭାବରେ ଭାରତୀୟ ଫାର୍ମା କମ୍ପାନିମାନଙ୍କ ସେୟାରରେ ବଡ଼ଧରଣର ହ୍ରାସ ଦେଖାଦେଇଛି।

ଗତ ସପ୍ତାହରେ ଟ୍ରମ୍ପ ପ୍ରଶାସନ ଏଚ-୧ବି ଭିସା ଉପରେ ଅତିରିକ୍ତ ଫି ବସାଇଥିଲା। ଏହାର ପ୍ରଭାବରେ ଆଇଟି ସେୟାର ଗୁଡ଼ିକରେ ହ୍ରାସ ପରିଲକ୍ଷିତ ହୋଇଥିଲା। ସେହିପରି ଗତକାଲି ଟ୍ରମ୍ପ ପ୍ରଶାସନ ପ୍ୟାଟେଣ୍ଟ ହୋଇଥିବା ଓ ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦% ଟାରିଫ ବସାଇଥିଲା। ଏହାର ପ୍ରଭାବରେ ଭାରତୀୟ ଫାର୍ମା କମ୍ପାନିମାନଙ୍କ ସେୟାରରେ ବଡ଼ଧରଣର ହ୍ରାସ ଦେଖାଦେଇଛି। ତେବେ ବିଶେଷଜ୍ଞଙ୍କ ମତରେ ଏହି ଟାରିଫର ପ୍ରଭାବ ଜେନେରିକ୍ ମେଡିସିନ ଉପରେ ପଡୁନଥିବାରୁ ଭାରତୀୟ ଫାର୍ମା ଶିଳ୍ପ ଆଶ୍ୱସ୍ତ ହୋଇଛନ୍ତି। କାରଣ ଜେନେରିକ ମେଡିସିନ କ୍ଷେତ୍ରରେ ଭାରତ ହେଉଛି ଆମେରିକାର ଏକ ପ୍ରମୁଖ ରପ୍ତାନିକାରୀ।

## ଆଜି ଲଞ୍ଚ ହେବ ବିଏସ୍‌ଏନ୍‌ଏଲ୍ ୪ଜି



ନୂଆଦିଲ୍ଲୀ, ୨୬।୯: ପ୍ରତୀକ୍ଷାର ଘଟିଲା ଅନ୍ତ। ଘୋଷଣା ହେଲା ବିଏସଏନଲ ୪ଜି ଲଞ୍ଚ୍‌ର ତାରିଖ। ସେପ୍ଟେମ୍ବର ୨୭ ତାରିଖରେ ଲଞ୍ଚ ହେବ ବିଏସଏନଏଲ ୪ଜି। ଯାହାର ଫାଇଦା ପ୍ରାୟ ୯ କୋଟିରୁ ଅଧିକ ୟୁଜର୍ସଙ୍କୁ ହେବ। ଏନେଇ ବିଏସଏନଏଲ ଚେୟାରମ୍ୟାନ ଏବଂ ପ୍ରବନ୍ଧ ନିର୍ଦ୍ଦେଶକ ଏ ରବର୍ଟ ଜେ ରବି ସୂଚନା ଦେଇଛନ୍ତି। ପ୍ରକୃତରେ ଭାରତ ଡିଜିଟାଲ ଇନଫ୍ରା ସମିଟ ୨୦୨୫ରେ ଭାଷଣ ଦେବା ଅବସରରେ ରବି କହିଛନ୍ତି, "ଏହା ଆମର ସ୍ୱଦେଶୀ ଜ୍ଞାନକୌଶଳ, ସେପ୍ଟେମ୍ବର ୨୭ରେ ଏହାର ଉଦ୍‌ଘାଟନ ପୂରା ଦେଶରେ କରିବାକୁ ଯାଉଛୁ।" ତେବେ ଆଶା କରାଯାଉଛି କମ୍ପାନି ଏହା ପରେ ନିଜର ୫ଜି ମୋବାଇଲ ନେଟଓ୍ୱର୍କ ମଧ ରୋଲ ଆଉଟ କରିପାରେ। ପୂର୍ବରୁ ଟେଲିକମ କମ୍ପାନି ୨୦୨୫ ଅଗଷ୍ଟ ୧୫ରେ ଦେଶରେ ୧ ଲକ୍ଷ ସ୍ଥାନରେ ୪ଜି ଲଞ୍ଚ କରିବା ନେଇ ଘୋଷଣା କରିଥିଲା। ଅବଶ୍ୟ ଏହା ହୋଇପାରିନଥିଲା। ସୂଚନାଥାଉକି, ୪ଜି ପାଇଁ ବିଏସଏନଏଲ ଟିସିଏସ ସହ ସହଭାଗିତାରେ କାମ କରୁଛି। ଅର୍ଥାତ୍ କମ୍ପାନିକୁ ଟିସିଏସ ସମସ୍ତ ପ୍ରକାର ବୈଷୟିକ ସହାୟତା ଦେଉଛି। ଏହାସହ ବିଏସଏନଏଲ ୪ଜି ଲଞ୍ଚ୍ ସହ ତେଜସ ନେଟଓ୍ୱର୍କସ ଏବଂ ସି- ଡଟ୍ (ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଟେଲିମ୍ୟାଟିକ୍ସ) ମଧ୍ୟ ସାମିଲ ଅଛନ୍ତି। ସରକାର ବିଏସଏନଏଲର ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଦ୍ୱାରା ଜି ସ୍ପେକ୍ଟ୍ରମ ଆବଣ୍ଟନ କରିଥିଲେ। ସୂଚନାଯୋଗ୍ୟ, ବିଏସଏନଏଲ ଦେଶର ଏକମାତ୍ର ଟେଲିକମ କମ୍ପାନି ଯାହା ୭୦୦ ମେଗାହର୍ଟଜ ବ୍ୟାଣ୍ଡ୍‌ରେ ୪ଜି ସେବା ପ୍ରଦାନ କରିବ। ରିପୋର୍ଟ ଅନୁସାରେ ଦୂରସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ନିକଟରେ ହିଁ ବିଏସଏନଏଲର ଏଆରପିୟୁ ଆସନ୍ତା ବର୍ଷରେ ୫୦% ବଢ଼ିବା ଦରକାର ଏବଂ ଏଣ୍ଟରପ୍ରାଇଜ ବିଜନେସ ମଧ୍ୟ ୨୫-୩୦% ବଢ଼ିବା ଦରକାର ବୋଲି କହିଥିଲେ। ତେବେ ବର୍ତ୍ତମାନ ଦେଖିବାକୁ ବାକି ରହିଲା ଯେ, ସେପ୍ଟେମ୍ବର ୨୭ରୁ ସବୁ ବିଏସଏନଏଲ ୟୁଜର ୪ଜି ନେଟଓ୍ୱର୍କର ବ୍ୟବହାର କରିପାରୁଛନ୍ତି କି' ନାହିଁ ? ଏବଂ ଏଥିରେ ଗ୍ରାହକଙ୍କୁ କେତେ ସ୍ପିଡ୍ ମିଳିପାରିବ ?

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୪,୮୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୫,୩୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୪,୮୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୫,୩୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୪,୮୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୦୫,୩୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୪,୦୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୫,୪୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୧୫,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୫,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୪,୮୮୦ ଓ ୧,୦୫,୩୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୪୩,୦୦୦ ଟଙ୍କା ହୋଇଛି।

# ୨ ବର୍ଷରେ ରିସୋର୍ଟ ଖୋଲିବ ୱଣ୍ଡରଲା

ଭୁବନେଶ୍ୱର, ୨୬।୯: ଖୋର୍ଦ୍ଧା କୁମ୍ଭାରବସ୍ତରେ ସ୍ଥାପନ କରାଯାଇଥିବା ୱଣ୍ଡରଲା ଆମ୍ୟୁଜମେଣ୍ଟ ପାର୍କ ଏକ ବର୍ଷର ଯାତ୍ରା ପୂରଣ କରିଛି। ଏହି ବର୍ଷକ ଭିତରେ ପାର୍କକୁ ୨.୬୪ ଲକ୍ଷ ଲୋକ ପରିଦର୍ଶନ କରିଥିଲେ। ସେହି ସଂଖ୍ୟାକୁ କମ୍ପାନି ଚଳିତ ବର୍ଷ ୩ ଲକ୍ଷରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି। ପ୍ରଥମ ୧୦ ମାସରେ କମ୍ପାନିର ମୋଟ୍ କାରବାର ୨୦ କୋଟି ଟଙ୍କା ରହିଥିଲା। ତାହାକୁ ଆସନ୍ତା ବର୍ଷ ଦ୍ୱିଗୁଣିତ କରି ୪୦ କୋଟି ଟଙ୍କା କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ୱଣ୍ଡର୍‌ଲା ହଲିଡେଜ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଅରୁଣ କେ ଚିଟିଲାପଲ୍ଲୀ କହିଛନ୍ତି।

ଭୁବନେଶ୍ୱର ପାର୍କରେ ୱଣ୍ଡର୍‌ଲା ୧୯୦ କୋଟି ଟଙ୍କା ନିବେଶ କରି ୨୩ଟି ରାଇଡ୍ ବିକାଶ କରିଛି। ବେଙ୍ଗାଲୁରୁ ଓ ହାଇଦ୍ରାବାଦରେ ଥିବା କମ୍ପାନିର ପାର୍କଗୁଡ଼ିକରେ ଥିବା ୪୦-୫୦ ରାଇଡ୍ ତୁଳନାରେ ତାହା କମ୍। ପରିଦର୍ଶକ ସଂଖ୍ୟା ବଢ଼ିବା ସହ କମ୍ପାନି ନୂଆ ରାଇଡ୍ ଯୋଡ଼ିବ। ପାର୍କରେ ଏକ ରିସୋର୍ଟ ସ୍ଥାପନ କରିବାକୁ କମ୍ପାନି ଯୋଜନା ରଖିଛି। ତାହାକୁ ଆସନ୍ତା ଦୁଇ ବର୍ଷ ପରେ ନିର୍ମାଣ କରିବାର ସମ୍ଭାବନା ଥିବା ଶ୍ରୀ ଚିଟିଲାପଲ୍ଲୀ କହିଛନ୍ତି। ଇତି ମଧ୍ୟରେ ଭୁବନେଶ୍ୱର ପାର୍କରେ ୫୦୦-୮୦୦ ଲୋକଙ୍କୁ ନେଇ ଆୟୋଜନ କରାଯାଉଥିବା କର୍ପୋରେଟ୍ ଓ ବିବାହ କାର୍ଯ୍ୟକ୍ରମ ଲାଗି ଲନ୍ ଓ ହଲ୍‌ର ବ୍ୟବସ୍ଥା କରାଯାଇଛି। ଦୁଇ ବର୍ଷ ମଧ୍ୟରେ କମ୍ପାନି ଏବିଟ୍‌ଡା ଓ ନିବେଶ ଉପରେ ରିଟର୍ଣ୍ଣ (ଆର୍‌ଓଆଇ) ରେ ବ୍ରେକ୍ ଇଭେନ୍ (ନିବେଶ ରାଶିର ଭରଣା ହେବା) ହାସଲ କରିବାକୁ କମ୍ପାନି ଆଶା କରାଯାଇଛି। ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋଚନା କରି ଶ୍ରୀ ଚିଟିଲାପଲ୍ଲୀ କହିଛନ୍ତି ଯେ ୬୦୦ କୋଟି ଟଙ୍କା ନିବେଶରେ ଚେନ୍ନାଇରେ ଏକ ବୃହତ୍ ପାର୍କ ସ୍ଥାପନ କରାଯାଉଛି ଯାହା ଖୁବ୍‌ଶୀଘ୍ର ଖୋଲିବ। ଏଥି ସହିତ କମ୍ପାନି ପଶ୍ଚିମ ଭାରତରେ ଏହାର ଉପସ୍ଥିତି ବଢ଼ାଇବାକୁ ଯୋଜନା ରଖିଛି। ସେଥିପାଇଁ ମହାରାଷ୍ଟ୍ର ଓ ଗୁଜରାଟରେ ସ୍ଥାନ ଚିହ୍ନଟ କରିଛି। ନୂଆ ପାର୍କଗୁଡ଼ିକ ୨ ବର୍ଷ ମଧ୍ୟରେ ବିକାଶ କରିବାକୁ ପ୍ରୟାସ କରାଯାଉଥିବା ସେ କହିଛନ୍ତି।

ଏକ ବର୍ଷ ଭିତରେ କମ୍ପାନି ଭୁବନେଶ୍ୱର ଆମ୍ୟୁଜମେଣ୍ଟ ପାର୍କରେ ୧୨୧ ଶିକ୍ଷାନୁଷ୍ଠାନ ଓ ୪୧୩ଟି କର୍ପୋରେଟ୍ ଗ୍ରୁପ୍‌କୁ ଆମନ୍ତ୍ରଣ କରିଥିଲା। ଏଥି ସହିତ ଫଙ୍କି ମଙ୍କି ଓ ୱଣ୍ଡର୍‌ଲା ବାମ୍ପ ଭଳି ଦୁଇଟି ନୂଆ ରାଇଡ୍ ଆରମ୍ଭ କରିଥିଲା। କମ୍ପାନି ପକ୍ଷରୁ ପୂଜା ପାସ୍ ଆରମ୍ଭ କରାଯାଇଛି। ଅନ୍‌ଲାଇନ୍ ବୁକିଂରେ ୭୯୯ ଟଙ୍କାରେ ତାହା ମିଳିବ। ସେହି ପାସ୍‌କୁ ଚଳିତ ମାସ ୨୭ରୁ ଅକ୍ଟୋବର ୭ ମଧ୍ୟରେ ବ୍ୟବହାର କରାଯାଇପାରିବ। ଏହି ଅବସରରେ କମ୍ପାନି ସିଓଓ ଧୀରନ ଚୌଧୁରୀ ଓ ଭୁବନେଶ୍ୱର ପାର୍କ ମୁଖ୍ୟ ସମୀର ଅଲ୍ଲୀ ଉପସ୍ଥିତ ଥିଲେ।



- ଭୁବନେଶ୍ୱର ପାର୍କକୁ ବର୍ଷେ ପୂରିଲା
- ବର୍ଷକୁ ୪୦ କୋଟିର ବ୍ୟବସାୟ ଆଶା

# ରୟାଲ ଏନ୍‌ଫିଲ୍ଡ ଦାମ୍ ୨୦ ହଜାର ପର୍ଯ୍ୟନ୍ତ ହ୍ରାସ




ଭୁବନେଶ୍ୱର, ୨୬।୯: ଜିଏସ୍‌ଟି ପରିଷଦ ପକ୍ଷରୁ ଜିଏସ୍‌ଟି ସ୍ଲାବ୍‌ରେ ହ୍ରାସ କରାଯିବା ପରେ ରୟାଲ୍ ଏନ୍‌ଫିଲ୍ଡର ଲୋକପ୍ରିୟ ୩୫୦ ସିସି ମୋଟରସାଇକଲ୍ ଦାମ୍‌ଗୁଡ଼ିକରେ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ହ୍ରାସ ଘଟିଛି। ପୂର୍ବରୁ ଏହି ଧରଣର ମୋଟରସାଇକଲ୍ ଉପରେ ୨୮ ପ୍ରତିଶତ ଜିଏସ୍‌ଟି ଲାଗିଥିଲା ଯାହାକୁ ୧୮%କୁ ହ୍ରାସ କରାଯାଇଛି। ଫଳରେ ରୟାଲ୍ ଏନ୍‌ଫିଲ୍ଡର ବିଭିନ୍ନ ମଡେଲ୍ ଦାମ୍ କମ୍ ହୋଇଛି। କମ୍ପାନିର ହଣ୍ଟର ୩୫୦, କ୍ଲାସିକ୍ ୩୫୦, ବୁଲେଟ୍ ୩୫୦ ଓ ମିଟିଅର୍ ୩୫୦ ଦାମରେ ହ୍ରାସ ଘଟିଛି। ରୟାଲ୍ ଏନ୍‌ଫିଲ୍ଡ ଡିଲର୍‌ସିପ୍‌ଗୁଡ଼ିକରେ ଗ୍ରାହକମାନଙ୍କ ଭିଡ଼ ବଢ଼ିଥିବା କମ୍ପାନି ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାହକମାନେ ନବରାତ୍ରୀ ଓ ଦଶହରା ପୂର୍ବରୁ ନିଜ ପସନ୍ଦର ମୋଟରସାଇକଲ୍ ନେଇ ଉତ୍ସବ ପାଳନ କରିବାକୁ ଚାହୁଁଛନ୍ତି। କମ୍ପାନିର ଜଣେ ଡିଲର୍ କହିଛନ୍ତି ଯେ ଆମ ଗ୍ରାହକଙ୍କ ପାଇଁ ଏହା ଏକ ଉତ୍ସବ ଉପହାର ଭଳି ଆସିଛି। ଅଧିକାଂଶ ଗ୍ରାହକ ଉତ୍ସବ ସମୟରେ ଡେଲିଭରି ନେବାକୁ ଚାହୁଁଛନ୍ତି। ନୂଆ ମଡେଲ୍ ଉପଲବ୍ଧ ହୋଇଥିବା ବେଳେ ଫାଇନାନ୍ସ ଓ ଏକ୍ସଚେଞ୍ଜ ଅଫର ପ୍ରତି ଅଧିକ ଚାହିଦା ଦେଖିବାକୁ ମିଳିଥିବା ସେ କହିଛନ୍ତି। ଗ୍ରାହକଙ୍କ ଭିଡ଼ ମୁକାବିଲା କରିବା ଲାଗି କମ୍ପାନିର ଡିଲର୍‌ସିପ୍‌ଗୁଡ଼ିକ ବ୍ୟାପକ ପ୍ରସ୍ତୁତି କରିଛନ୍ତି। ଆସନ୍ତା ସପ୍ତାହଗୁଡ଼ିକରେ ରେକର୍ଡ ବୁକିଂ ଆଶା କରାଯାଉଥିବା କମ୍ପାନି ପକ୍ଷରୁ କୁହାଯାଇଛି।

## 'ମେକ୍ ଇନ୍ ଇଣ୍ଡିଆ'କୁ ୧୧ ବର୍ଷ

ନୂଆଦିଲ୍ଲୀ, ୨୬।୯: ଭାରତକୁ ଏକ ଉତ୍ପାଦନ ହବ୍‌ରେ ପରିଣତ କରିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ରେ ଆରମ୍ଭ କରିଥିବା 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ୧୧ ବର୍ଷର ଯାତ୍ରା ପୂରଣ କରିଛି। ଏହାର ପ୍ରଭାବରେ ଦେଶର ଇଲେକ୍ଟ୍ରୋନିକ୍ସ ରପ୍ତାନିରେ ୮ ଗୁଣା ବୃଦ୍ଧି ହୋଇଛି। ୧୧ ବର୍ଷ ଭିତରେ ଏହି ରପ୍ତାନି ୩୮ ହଜାର କୋଟି ଟଙ୍କାରୁ ବୃଦ୍ଧି ପାଇ ୩.୨୭ ଲକ୍ଷ କୋଟି ଟଙ୍କା ହୋଇଛି। ମୋବାଇଲ୍ ଫୋନ୍ ରପ୍ତାନି ୧୩୨ ଗୁଣା ବୃଦ୍ଧି ପାଇ ୨ ଲକ୍ଷ କୋଟି ଟଙ୍କା ହୋଇଛି ଯାହା ଦଶନ୍ଧି ପୂର୍ବରୁ ମାତ୍ର ୧୫୦୦ କୋଟି ଟଙ୍କା ଥିଲା। ବର୍ତ୍ତମାନ ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ମୋବାଇଲ୍ ଫୋନ୍ ଉତ୍ପାଦନକାରୀ। ମୋଟ୍ ଉପରେ ଦେଶର ଇଲେକ୍ଟ୍ରୋନିକ୍ସ ରପ୍ତାନି ଆଲୋଚ୍ୟ ୧୧ ବର୍ଷରେ ୧.୯ ଲକ୍ଷ କୋଟି ଟଙ୍କାରୁ ବୃଦ୍ଧି ପାଇ ୧୧.୩ ଲକ୍ଷ କୋଟି ଟଙ୍କା ହୋଇଛି।

ରେଳ ଡବା ନିର୍ମାଣରେ ମଧ ଭାରତ ଆତ୍ମନିର୍ଭର ହୋଇପାରିଛି। ବର୍ତ୍ତମାନ ଦେଶରେ ୧୫୦ରୁ ଅଧିକ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କରୁଛି। ଭାରତ ତିଆରି ମେଟ୍ରୋ ରେଳ ଡବାକୁ ଅଷ୍ଟ୍ରେଲିଆ ଓ କାନାଡା ଭଳି ଦେଶକୁ ରପ୍ତାନି କରାଯାଇଛି। ଭାରତର ରେଳ ପ୍ରଯୁକ୍ତି ଫ୍ରାନ୍ସ, ମେକ୍ସିକୋ, ସ୍ପେନ୍, ଜର୍ମାନୀ ଓ ଇଟାଲୀରେ ପହଞ୍ଚିପାରିଛି। ଭାରତ ନିଜସ୍ୱ ମାଇକ୍ରୋପ୍ରୋସେସର ଚିପ୍ ବିକ୍ରମ ୩୨-ବିଟ୍ ବିକାଶ କରି ସେମିକଣ୍ଡକ୍ଟର କ୍ଷେତ୍ରରେ ନିଜର ଉପସ୍ଥିତି ଜାହିର କରିଛି। ଫ୍ୟାବ୍, ଡିଜାଇନ୍ ହବ୍ ଓ ୧୦ ସେମିକଣ୍ଡକ୍ଟର ପ୍ରକଳ୍ପରେ ୭୬ ହଜାର କୋଟି ଟଙ୍କାର ନିବେଶ ହୋଇଛି। ମେକ୍ ଇନ୍ ଇଣ୍ଡିଆ ପ୍ରଭାବରେ ଖେଳନା ଆମଦାନୀ ୨୦୧୪-୧୫ରୁ ୨୦୨୨-୨୩ ମଧ୍ୟରେ ୫୨ ପ୍ରତିଶତ ହ୍ରାସ ପାଇଛି। ଭାରତରେ ଏବେ ବର୍ଷକୁ ୪୦ କୋଟି ଖେଳନା ଉତ୍ପାଦନ କରାଯାଉଛି। ଗୁଣାତ୍ମକ ମାନ ଉପରେ କଡ଼ା ନଜର ରଖାଯାଉଥିବାରୁ ଭାରତୀୟ ଖେଳନା ୧୫୩ଟି ଦେଶକୁ ରପ୍ତାନି ହେଉଛି। ଭାରତ ଏବେ ୧୦୦ରୁ ଅଧିକ ଦେଶକୁ ପ୍ରତିରକ୍ଷା ସାମଗ୍ରୀ ରପ୍ତାନି କରୁଛି। ୨୦୨୪-୨୫ରେ ୧,୫୦,୫୯୦ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରାଯାଇଛି। ଗତ ୧୧ ବର୍ଷରେ ଦେଶର ଅକ୍ଷୟ ଶକ୍ତି ଓ ଷ୍ଟାର୍ଟଅପ୍ କ୍ଷେତ୍ର ମଧ ବେଶ୍ ସମୃଦ୍ଧ ହୋଇଛି। ଦେଶରେ ସୋଲାର ପିଭି ଉତ୍ପାଦନ ୧୦୦ ଗିଗାୱାଟ୍‌ରୁ ଅଧିକ ହୋଇଛି। ଷ୍ଟାର୍ଟଅପ ସଂଖ୍ୟା ୧.୮ ଲକ୍ଷରୁ ଅଧିକ ହୋଇଥିବା ବେଳେ ସେମାନେ ୧୭.୬ ଲକ୍ଷ ନିଯୁକ୍ତି ସୃଷ୍ଟି କରିଛନ୍ତି। ଦେଶରେ ୧୧୮ଟି ୟୁନିକର୍ଣ୍ଣ ରହିଛନ୍ତି।




## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି।ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ।ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩.୧୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।



# ଏନ୍‌ଏସ୍‌ଇ ନିବେଶକଙ୍କ ସଂଖ୍ୟା ୧୨ କୋଟି ଟପିଲା

ମୁମ୍ବାଇ, ୨୬।୯: ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ରେ ପଞ୍ଜୀକୃତ ନିବେଶକଙ୍କ ସଂଖ୍ୟା ୧୨ କୋଟି ଅତିକ୍ରମ କରିଛି। ସେପ୍ଟେମ୍ବର ୨୩ ତାରିଖ ସୁଦ୍ଧା ଏହି ମାଇଲଖୁଣ୍ଟ ହାସଲ ହୋଇଛି। ଖୁଚୁରା ନିବେଶକଙ୍କ ସଂଖ୍ୟା ବୃଦ୍ଧି କାରଣରୁ ଏପରି ସଫଳତା ମିଳିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସେୟାର ବଜାରରେ ମହିଳାଙ୍କ ଯୋଗଦାନ ବି ବଢ଼ିବାରେ ଲାଗିଛି। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ପ୍ରତି ୪ ଜଣ ନିବେଶକଙ୍କ ମଧ୍ୟରେ ଜଣେ ନିବେଶକ ହେଉଛନ୍ତି ମହିଳା। ପ୍ରଥମ ୧ କୋଟି ନିବେଶକ ସଂଖ୍ୟା ଛୁଇଁବାକୁ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜକୁ ୧୪ ବର୍ଷ ସମୟ ଲାଗିଥିଲା। ୧ କୋଟିରୁ ୨ କୋଟି ହେବା ପାଇଁ ୭ ବର୍ଷ ଲାଗିଥିଲା। ୨ କୋଟିରୁ ୩ କୋଟି ହେବା ପାଇଁ ସାଢ଼େ ୩ ବର୍ଷ ଲାଗିଥିଲା। ୩ କୋଟିରୁ ୪ କୋଟି ହେବା ପାଇଁ ୧ ବର୍ଷରୁ କିଛି ଅଧିକ ସମୟ ଲାଗିଥିଲା। ପ୍ରଥମ ୪ କୋଟି ନିବେଶକ ସଂଖ୍ୟା ଛୁଇଁବାକୁ ୨୫ ବର୍ଷରୁ ଅଧିକ ସମୟ ଲାଗିଥିଲା। ୨୦୨୧ ମାର୍ଚ୍ଚରେ ୪ କୋଟି ନିବେଶକ ହୋଇଥିଲେ। କିନ୍ତୁ ନିବେଶକଙ୍କ ସଂଖ୍ୟା ୧୧ କୋଟିରୁ ବୃଦ୍ଧି ପାଇ ୧୨ କୋଟିରେ ପହଞ୍ଚିବା ଲାଗି ମାତ୍ର ୮ ମାସ ସମୟ ଲାଗିଛି। ଗତ ଜାନୁଆରି ମାସରେ ଏନ୍‌ଏସ୍‌ଇର ମୋଟ ନିବେଶକଙ୍କ ସଂଖ୍ୟା ୧୧ କୋଟି ଛୁଇଁଥିଲା।

ବିଶ୍ୱରେ ଭୂରାଜନୈତିକ ଅସ୍ଥିରତା ସତ୍ତ୍ୱେ ଏନ୍‌ଏସ୍‌ଇର ନିବେଶକଙ୍କ ସଂଖ୍ୟା ଉଲ୍ଲେଖନୀୟ ବୃଦ୍ଧି ଘଟିଛି।

### ପ୍ରତି ୪ ଜଣରେ ଜଣେ ମହିଳା ନିବେଶକ

### ନିବେଶକଙ୍କ ହାରହାରି ବୟସ ୩୩

ଅନ୍ୟ ଏକ ବିଷୟ ହେଲା ଦେଶରେ ନିବେଶକଙ୍କ ହାରାହାରି ବୟସ କମିବାରେ ଲାଗିଛି। ବର୍ଷକ ତଳେ ନିବେଶକଙ୍କ ହାରାହାରି ବୟସ ୩୮ ବର୍ଷ ଥିବାବେଳେ ସଂପ୍ରତି ଏହା ୩୩ ବର୍ଷକୁ ହ୍ରାସ ପାଇଛି। ପ୍ରାୟ ୪୦ ପ୍ରତିଶତ ନିବେଶକଙ୍କ ବୟସ ୩୦ ବର୍ଷରୁ କମ୍ ବୋଲି ଜଣାଯାଇଛି। ଦେଶର ୯୯.୮୫ ପ୍ରତିଶତ ପିନ୍ କୋଡ୍ ଅଞ୍ଚଳରେ ନିବେଶକମାନେ ପରିବ୍ୟାପ୍ତ ହୋଇଛନ୍ତି। ଏନ୍‌ଏସ୍‌ଇର ୧୨ କୋଟି ନିବେଶକଙ୍କ ମଧ୍ୟରୁ ସବୁଠୁ ଆଗରେ ମହାରାଷ୍ଟ୍ର ରହିଛି। ଏହି ପ୍ରଦେଶର ୧.୯ କୋଟି ନିବେଶକ ରହିଛନ୍ତି। ଏହା ପଛକୁ ଦ୍ୱିତୀୟ ସ୍ଥାନରେ ଉତ୍ତରପ୍ରଦେଶ (୧.୪ କୋଟି) ଏବଂ ତୃତୀୟ ସ୍ଥାନରେ ଗୁଜରାଟ (୧.୦୩ କୋଟି) ରହିଛନ୍ତି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ନିଫ୍‌ଟି ୫୦ ନିବେଶକମାନଙ୍କୁ ୭ ପ୍ରତିଶତ ରିଟର୍ଣ୍ଣ ଦେଇଛି। ନିଫ୍‌ଟି ୫୦୦ ୯.୩ ପ୍ରତିଶତ ବଢ଼ିଛି। ଗତ ୫ ବର୍ଷ ମଧ୍ୟରେ ନିଫ୍‌ଟି ୫୦ ଏବଂ ନିଫ୍‌ଟି ୫୦୦ ଯଥାକ୍ରମେ ବାର୍ଷିକ ୧୭.୭ ପ୍ରତିଶତ ଏବଂ ୨୦.୫ ପ୍ରତିଶତ ରିଟର୍ଣ୍ଣ ପ୍ରଦାନ କରିଛି। ଅନ୍ତର୍ଜାତୀୟସ୍ତର ତୁଳନାରେ ଭାରତରେ ଅଧିକ ରିଟର୍ଣ୍ଣ ମିଳିଛି। ଏନ୍‌ଏସ୍‌ଇରେ ତାଲିକାଭୁକ୍ତ କମ୍ପାନିଙ୍କ ବଜାରପୁଞ୍ଜି ଉପରୋକ୍ତ ସମୟ ମଧ୍ୟରେ ବାର୍ଷିକ ୨୫.୧ ପ୍ରତିଶତ ହାରରେ ବୃଦ୍ଧି ପାଇ ୪୬୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଚଳିତବର୍ଷ ଜୁନ ୩୦ ସୁଦ୍ଧା ବ୍ୟକ୍ତିଗତ ନିବେଶକମାନେ ଉଭୟ ପ୍ରତ୍ୟକ୍ଷ ନିବେଶ ଓ ମ୍ୟୁଚୁଆଲ ଫଣ୍ଡ୍ ଜରିଆରେ ତାଲିକାଭୁକ୍ତ କମ୍ପାନିଙ୍କ ଇକ୍ୱିଟିରେ ୧୮.୫ ପ୍ରତିଶତ ରଖିଛନ୍ତି। ପରୋକ୍ଷ ନିବେଶ ମଧ ବଢ଼ିବାରେ ଲାଗିଛି। ଚଳିତବର୍ଷ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ପାଖାପାଖି ୨.୯ କୋଟି ଏସ୍‌ଆଇପି (ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ୍ ପ୍ଲାନ୍) ଆକାଉଣ୍ଟ ଖୋଲାଯାଇଛି। ମାସିକ ହାରାହାରି ୨୭,୪୬୪ କୋଟି ଟଙ୍କା ପ୍ରବାହ ହୋଇଛି। ବର୍ଷକ ତଳେ ଏ ବାବଦରେ ମାସିକ ୨୧,୮୮୩ କୋଟି ଟଙ୍କା ଆସୁଥିଲା।

## ଡଲାର ମିସିର ନୂଆ ଉତ୍ସବ କଲେକ୍ସନ

ନୂଆଦିଲ୍ଲୀ, ୨୬।୯: ଡଲାର ଇଣ୍ଡଷ୍ଟ୍ରିଜ୍‌ର ମହିଳା ପୋଷାକ ବ୍ରାଣ୍ଡ୍ ଡଲାର ମିସି ପକ୍ଷରୁ ନୂଆ ଉତ୍ସବ କଲେକ୍ସନ ଉନ୍ମୋଚନ କରାଯାଇଛି। ଏଥି ସହିତ ଏକ ବିଜ୍ଞାପନ ଅଭିଯାନ ମଧ୍ୟ ଆରମ୍ଭ କରାଯାଇଛି। କମ୍ପାନିର ନୂଆ କଲେକ୍ସନରେ ବିବିଧ ଡିଜାଇନ ଓ ରଙ୍ଗର ଷ୍ଟାଇଲିସ୍ ପୋଷାକ ରହିଛି ଯାହା ଆଜିକାଲିର ମହିଳାମାନଙ୍କ ଷ୍ଟାଇଲ୍ ଆବଶ୍ୟକତା ପୂରଣ କରିବ। ଏହି ସମ୍ଭାରରେ ଷ୍ଟାଇଲିସ୍ ଟ୍ୟୁନିକ୍, କୁର୍ତ୍ତୀ ଓ କାଜୁଆଲ ଟପ୍ ସହିତ ମିସିର ଲେଗିନ୍‌ସ ସୁନ୍ଦର ଲାଗିବ। ଏହି ଅବସରରେ କମ୍ପାନିର ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଗୁପ୍ତା କହିଛନ୍ତି ଯେ ଉତ୍ସବ ଋତୁରେ ସମସ୍ତେ ଭଲ ଦେଖାଯିବାକୁ ଚାହାନ୍ତି। ନୂଆ ଡଲାର ମିସି କଲେକ୍ସନ ସହିତ ଆମେ ଆରାମ ଓ ଉତ୍ସବ ଉତ୍ସାହର ଏକ ଉପଯୁକ୍ତ ମିଶ୍ରଣ ସୃଷ୍ଟି କରିଛୁ। ଏହି ଉନ୍ମୋଚନ ହେଉଛି ବିବିଧ ରଙ୍ଗ, ଷ୍ଟାଇଲ ଓ ବିଶ୍ୱାସର ଉତ୍ସବ ପାଳନ। କମ୍ପାନିର ବ୍ରାଣ୍ଡ୍ ଆମ୍ବାସାଡର ୟାମି ଗୌତମଙ୍କୁ ନେଇ ପ୍ରସ୍ତୁତ ନୂଆ ଟିଭିସି ମିସି ଲେଗିନ୍ସକୁ ବହୁତ ଭଲ ଭାବେ ଉପସ୍ଥାପନ କରିଛି। ଏହି ଟିଭିସିର ଟ୍ୟାଗଲାଇନ୍ ରହିଛି ମିସି ନେ ବନାଦି ଯୋଡ଼ି। ଏହାର ଅଂଶ ହୋଇ ୟାମି ଉଲ୍ଲସିତ ମନେ କରୁଛନ୍ତି।

## କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍‌ର ଷଷ୍ଠ ସାଧାରଣ ଅଧିବେଶନ

● ଯେଉଁ ଦେଶରେ ପ୍ରତ୍ୟେକ ନାଗରିକ ସମୃଦ୍ଧ ସେହି ଦେଶର ବିକାଶ ନିଶ୍ଚିତ, ଅରୁଣ



**ନୟାଗଡ଼,୨୬।୯(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍‌ର ୬ଷ୍ଠ ସାଧାରଣ ଅଧିବେଶନ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ସୁଜନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଯୁଗ୍ମସିଏ ସଭାପତି ପି ସତ୍ୟ ନାରାୟଣ ପ୍ରମୁଖ ଯୋଗ ଦେଇଥିଲେ। ନୟାଗଡ଼ ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ ନବ ନିର୍ବାଚିତ ସଭାପତି ପ୍ରହ୍ଲାଦ ଦଳବେହେରା, ସମ୍ପାଦକ ସନ୍ତୋଷ କୁମାର ନାୟକ, କୋଷାଧ୍ୟକ୍ଷ ପରମାନନ୍ଦ ପ୍ରଧାନ ପ୍ରମୁଖଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

ମୁଖ୍ୟ ଅତିଥି ଡ଼ ସାହୁ ତାଙ୍କ ବକ୍ତବ୍ୟରେ ଟ୍ରମ୍ପଙ୍କ ପାଇଁ ଭାରତ ବର୍ଷ କ୍ଷତି ଗ୍ରସ୍ତ ହେଉଥିବା ବେଳେ ଔଷଧୀୟ ବ୍ୟବସାୟ ମଧ୍ୟ କ୍ଷତି ଗ୍ରସ୍ତ ହୋଇଥିବା କହିଥିଲେ। ଯେଉଁ ଦେଶରେ ପ୍ରତ୍ୟେକ ନାଗରିକ ସମୃଦ୍ଧ ସେହି ଦେଶର ବିକାଶ ନିଶ୍ଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାର ସମସ୍ତ ଔଷଧ ବ୍ୟବସାୟୀ ଅଂଶ ଗ୍ରହଣ କରିଥିଲେ। ସଂଘର ବାର୍ଷିକ ପୁସ୍ତିକା ଜୀବନାୟନକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

### ଗାଁରେ ଜଙ୍ଗଲି ହାତୀଙ୍କ ଉପଦ୍ରବ

## ଘର ଭାଙ୍ଗି ନଷ୍ଟକଲେ ଆସବାବପତ୍ର

**ଲାଞ୍ଜିଗଡ଼, ୨୬।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥ ପୁର ରେଞ୍ଜ ବିଜେପୁର ସେକ୍ସନ ଲାଖବାହାଲି ପଞ୍ଚାୟତ ସରଗୁଡା ଗାଁରେ ଜଙ୍ଗଲୀ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ନିକଟସ୍ଥ ଝିମିରି ଜଙ୍ଗଲରେ ୨୨ ଟିକିଆ ହାତୀପଲ ରହିଥିବା ବେଳେ ଗତ ବିଳମ୍ବିତ ରାତିରେ ସରଗୁଡା ଗାଁରେ ପଶି ରାମଲାଲ ହରିଜନ ଙ୍କ ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦେଇ ରାସନ ସାମଗ୍ରୀ ସମେତ ଆସବାବପତ୍ର



ନଷ୍ଟ କରିଦେଇଛନ୍ତି। ସୂଚନା ମତେ ରାମଲାଲ ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟ ଯାଇଥିବା ବେଳେ ସ୍ତ୍ରୀ ସସ୍ମିତା ଦୁଇ ବର୍ଷର ପୁଅ ସହିତ ଘରେ ରହିଥିଲେ ହେଲେ ଗତ ବିଳମ୍ବିତ ରାତିରେ ୨୨ଟିକିଆ ହାତୀ ପଲ ଘର ନିକଟରେ ଆସି ଭୀଷଣ ଗର୍ଜନ ଦେଇଥିଲେ। ଗର୍ଜନ ଶୁଣି ପ୍ରାଣ ବିକଳରେ ସସ୍ମିତା ପୁଅକୁ ଧରି ପଡ଼ୋଶୀ ଘରକୁ ଯିବାରେ ସଫଳ ହୋଇଥିଲେ ହେଲେ ସକାଳୁ ଘରକୁ ଆସି ଦେଖିବା ବେଳକୁ ଧାନ, ଚାଉଳ ସମେତ ଆସବାବପତ୍ର ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଥିଲେ। ସଂଗୃହିତ ସବୁ ରାସନ ସାମଗ୍ରୀ ଶହ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ବର୍ତ୍ତମାନ ହିତାଧିକାରୀ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ବର୍ତ୍ତମାନ ଝିମିରି ଜଙ୍ଗଲଠାରେ ହାତୀପଲ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।ଘଟଣା ସ୍ଥଳରେ ବିଜେପୁର ବନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରିବିବା ସୂଚନା ମିଳିଛି। ଏନେଇ ବିଜେପୁର ବନପାଳ ପଦ୍ମଲୋଚନ ଶବରଙ୍କୁ ପଚାରିବାରୁ କ୍ଷୟକ୍ଷତି ଆକଳନ କରାଯାଉଛି ଯାହାକି ସରକାର ବ୍ୟବସ୍ଥା ରହିଛି ଏମାନଙ୍କୁ କ୍ଷତି ପୂରଣ ଯୋଗାଇ ଦିଆଯିବ ବୋଲି ମତ ପ୍ରକାଶ କରିଛନ୍ତି।

## ଓଏଏସ୍ ପରୀକ୍ଷାରେ ଶକ୍ତିସୁଧା ୫୯ସ୍ଥାନ ହାସଲ

**କଣାସ, ୨୬।୯(ସଂଚାର ବ୍ୟୁରୋ):** ୨୦୨୪ମସିହାର ଓ.ଏ.ଏସ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ତ୍ରିଲୋଚନପୁର ଗ୍ରାମର କୁଳମଣି ଦାଶଙ୍କ ଜେଷ୍ଟ୍ୟ କନ୍ୟା ଶକ୍ତିସୁଧା ଦାଶ ଓ.ଏ.ଏସ୍ ପରୀକ୍ଷାରେ ୫୯ତମ ସ୍ଥାନ ହାସଲ କରି କଣାସ ଅଞ୍ଚଳର ଗୌରବ ଅଣିଦେଇଛନ୍ତି। ଛାଟଖଣ୍ଡ ବିଶ୍ୱ ବିଦ୍ୟାଳୟରେ ସ୍ନାତକ ତର କୃତହାସଲ କରିଥିଲେ। ସେ ଜଣେ ସାଧାରଣ ପରିବାରରୁ ଶିକ୍ଷା କ୍ଷେତ୍ରରେ ଅଗ୍ରସର ହୋଇ ଏହି କୃତିତ୍ୱହାସଲ କରିଛନ୍ତି। ତାଙ୍କ ପିତା କୂଳମଣି ଦାଶ ଜଣେ ଶ୍ରମିକ ହୋଇଥିଭା ବେଳେ ମାତା ନମିତା ଦାଶ ଜଣେ ଗୃହିଣୀ ଅଟନ୍ତି। ଆଜି ତ୍ରିଲୋଚନପୁର ଗ୍ରାମବାସୀ ଶକ୍ତିସୁଧା ଓ.ଏ.ଏସ୍ କୃତିତ୍ୱହାସଲ କରିଥିବାରୁ ଆନନ୍ଦିତ ହେବାସହ ତାଙ୍କୁ ଅଭିନନ୍ଦ ଜଣାଇଛନ୍ତି।



## ନିଲମ୍ବିତ ହେଲେ ସୋନପୁର ଏଆର୍‌ସିଏସ୍ ପାଣ୍ଡୁ

**ସୁବର୍ଣ୍ଣପୁର,୨୬।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସହକାରୀ ନିବନ୍ଧକ ସମବାୟ ସମିତି ସମୂହ କାର୍ଯ୍ୟାଳୟ ଦୁର୍ନୀତି ର ଗନ୍ତାଘର ପାଲଟିଛି। କାର୍ଯ୍ୟାଳୟ ର ମୁଖ୍ୟ ଙ୍କ ଠାରୁ ଆରମ୍ଭ କରି ତଳ ସ୍ତର କର୍ମଚାରୀ ପ୍ରମୁଖ ବିଭିନ୍ନ ସମୟରେ ଦୁର୍ନୀତି ରେ ଲିପ୍ତ ରହୁଛନ୍ତି କିନ୍ତୁ ଏବେ ବଦଳିଛି ସରକାର ଦୁର୍ନୀତି ବିରୁଦ୍ଧରେ ସମବାୟ ବିଭାଗ ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରିଛି। ଆର୍ଥିକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗରେ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ସୋନପୁର ମଣ୍ଡଳ (ଏଆରସିଏସ) ପାଣ୍ଡୁ ଚରଣ ସାହୁଙ୍କୁ ଗୁରୁବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ପୂର୍ବରୁ ମଧ୍ୟ ଶ୍ରୀ ସାହୁ ଙ୍କ ନାମରେ ବିଭିନ୍ନ ଜିଲ୍ଲାରେ ଦୁର୍ନୀତି



ର ଲମ୍ବା ତାଲିକା ଥିବା ଜଣାପଡ଼ିଛି। ଦୁର୍ନୀତି ର ଲମ୍ବା ତାଲିକା ଥିବା ସତ୍ତ୍ୱେ ସୋନପୁର ଭଳି ଶାନ୍ତ ପୂର୍ଣ୍ଣ ଜିଲ୍ଲାରେ ଶ୍ରୀ ସାହୁ ପାଓ୍ୱାର ଫୁଲ ଏଆରସିଏସ ଥିଲେ ଏବଂ ସେ ଦୁର୍ନୀତି କରି ଚାଲିଥିଲେ ଏବଂ ଚାଷୀ ଙ୍କୁ ହଇରାଣ କରୁଥିବା ବେଳେ କିଛି ଦିନ ତଳେ ତରଭା ବ୍ଲକ ଠାରେ ଚାଷୀ ଙ୍କ ଠାରୁ ମାଡ଼ ଖାଇଥିଲେ। ଶେଷରେ ରାଜ୍ୟ ସରକାର ତାଙ୍କୁ ନିଲମ୍ବନ କରିଥିବା ବେଳେ ନିଲମ୍ବନ ସମୟରେ ସେ ବରଗଡ଼ ଉପ-ନିବନ୍ଧକ ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟରେ ତାଙ୍କର ମୁଖ୍ୟାଳୟ ସ୍ଥିର କରିଛନ୍ତି। ନିଲମ୍ବନ ଆଦେଶ ବଳବତ୍ତର ରହିବା ପର୍ଯ୍ୟନ୍ତ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଅନିୟମିତତାଠାରୁ ଦୂରରେ ରହି ନୀତିନିଷ୍ଠ କର୍ତ୍ତବ୍ୟ ସମ୍ପାଦନ ପାଇଁ ସମବାୟ ବିଭାଗ ପକ୍ଷରୁ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ପ୍ୟାକ୍ସ ସମ୍ପାଦକ ମାନଙ୍କୁ ଖୋଦ୍ ପାଣ୍ଡୁ ଚରଣ ସାହୁ ହଇରାଣ ହରକତ କରିବା ସହ ନାଲି ଆଖି ଦେଖାଇ ଟଙ୍କା ଅସୁଲି କରୁଥିବା ନାମ ଗୋପନ ରଖି କିଛି ପ୍ୟାକ୍ସ ସମ୍ପାଦକ କହିଛନ୍ତି ।

## ସାହିତ୍ୟିକ ସଚ୍ଚିଦାନନ୍ଦ ସମ୍ବର୍ଦ୍ଧିତ

**ବେତନଟୀ,୨୬।୯(ସଂଚାର ବ୍ୟୁରୋ):** ବେତନଟୀର ବହୁ ପୁରାତନ ମୟୂର ସାହିତ୍ୟ ସଂସଦର କା: ସଭାପତି ସଚ୍ଚିଦାନନ୍ଦ ମହାନ୍ତି ଜଣେ ସାହିତ୍ୟିକ ଭାବେ ସମ୍ବର୍ଦ୍ଧିତ ହୋଇଛନ୍ତି। ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ କଟକର ଶ୍ରୀରାମଚନ୍ଦ୍ର ଭବନଠାରେ ' ପ୍ରିୟବନ୍ଧୁ' ସାହିତ୍ୟ ଅନୁଷ୍ଠାନ ଦ୍ୱାରା ଜଣେ କବି ତଥା ସାହିତ୍ୟିକ ଭାବେ ତାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ୨୬ ତାରିଖ



ଦିନ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶିଶୁକବି ବୀରେନ୍ଦ୍ର ମହାନ୍ତି ଓ ପୀତାମ୍ବର ତରେଇଙ୍କ ସହ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ଡଃ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ରେ ବାରାୟ ଫାଉଣ୍ଡେସନର ସମ୍ପାଦକ ରାଜୀବ ଷଡଙ୍ଗୀ, ସଂଯୋଜକ ବ୍ରହ୍ମାନନ୍ଦ ବିଶ୍ୱାଳ, କ୍ୟାପଟେନ ସଞ୍ଜୀବ ମୁଦୁଲୀ, ଡଃ ରୋଜାଲିନ୍ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀମହାନ୍ତି ଏଥି ପୂର୍ବରୁ ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ମୁଖପତ୍ର 'ଶିକ୍ଷକଦର୍ପଣ'ର ସମ୍ପାଦକ ଭାବେ ୧୨ ବର୍ଷ କାର୍ଯ୍ୟକରିଛନ୍ତି। ଏତଦ୍ ବ୍ୟତୀତ ତାଙ୍କ ଲିଖିତ ୫ଖଣ୍ଡ ପୁସ୍ତିକା ପ୍ରକାଶ ପାଇବା ସହ ରାଜ୍ୟର ଅନେକ ଓଡିଆ ପତ୍ର ପତ୍ରିକାରେ ଲେଖା ମଧ୍ୟ ପ୍ରକାଶିତ ହୋଇଅଛି। ଏଥି ନିମନ୍ତେ ତାଙ୍କୁ ବାଲେଶ୍ୱର ସମୟ ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ଯାଜପୁର ସ୍ମୃତିଲିପି ର ସଂପାଦକ ଭୁବନ ମହାନ୍ତି, ବେତନଟୀର ପତ୍ରିକା ବନମୟୁରୀର ସଂପାଦକ ନୀରୋଦ ସୁନ୍ଦର ଜେନା ଓ କଇଁଫୁଲର ସଂପାଦକ ପର୍ଶୁରାମ ସାହୁ, ବାଣୀପୀଠର ଡଃ କୁମାର ବାବୁଲି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ମାସ ମାସ ଧରି ବିଲ୍ ପାଇଲାନି ଠିକାଦାର

● ଅଫିସରେ ତାଲା ପକାଇ ଧାରଣାରେ ବସିଲେ

**ନୀଳଗିରି, ୨୬।୯ (ସଂଚାର ବ୍ୟୁରୋ):** ନୀଳଗିରି କ୍ଷୁଦ୍ର ଜଳସେଚନ ବିଭାଗ ଅଫିସରେ ତାଲା ପକାଇ ଧାରଣାରେ ବସିଲେ ଠିକାଦାର ମାନସ ରଞ୍ଜନ



ବାରିକ୍। ନୀଳଗିରି କ୍ଷୁଦ୍ର ଜଳସେଚନ ବିଭାଗର କାମ ଶେଷ କରି ମାସ ମାସ ଧରି ବିଲ୍ ପାଉନଥିବା ବେଳେ ଧାର କରଜ କରି କାମ କରିଥିବା ଠିକାଦାର ମାନେ ନାହିଁ ନଥିବା ଅସୁବିଧାରେ ପଡ଼ିଛନ୍ତି। ଏହାକୁ କେନ୍ଦ୍ର କରି ଶୁକ୍ରବାର ଦିନ ନୀଳଗିରି ଅଞ୍ଚଳର ଠିକାଦାର ମାନସ ରଞ୍ଜନ ବାରିକ ଅଫିସରେ ତାଲା ପକାଇ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଉକ୍ତ କାର୍ଯ୍ୟାଳୟ ଅଧିନସ୍ଥ ଭଉଁରିଆଁବାଡ଼ ପଞ୍ଚାୟତର ଧୋବା ଘାଟ ଚେକ ଡ୍ୟାମ୍ ର ମରାମତି ପାଇଁ ଟେଣ୍ଡର କରାଯାଇଥିବା ବେଳେ ଏହି କାର୍ଯ୍ୟଟି ମାନସ ରଞ୍ଜନ ବାରିକ ପାଇଥିବା ବେଳେ ଆଜକୁ ପାଖାପାଖି ଛଅ ମାସ ଧରି କାର୍ଯ୍ୟ ସମାପ୍ତ କରି ସାରିଥିଲେ। ୪୦ ଲକ୍ଷ ଟଙ୍କାର ପ୍ରକଳ୍ପ ଥିବା ବେଳେ ଅନ୍ତିମ ଦଶ ଲକ୍ଷ ଟଙ୍କାର ବିଲ୍ ପାଇବାକୁ ଥିବାବେଳେ ଉକ୍ତ ଅଫିସର ଯନ୍ତ୍ରୀ ଓ ଏସ.ଡି.ଓ ଙ୍କ ଖାମଖିଆଲ ମନୋଭାବ ଯୋଗୁଁ ମାସ ମାସ ଧରି ବିଲ୍ ପାଉନଥିବା ବେଳେ ବାରମ୍ବାର ନେହୁରା ହୋଇ କହିଥିଲେ ମଧ୍ୟ କେହି ଅଧିକାରୀ ଶୁଣି ନ ଥିଲେ। ନିରୁପାୟ ହୋଇ ମାନସ ରଞ୍ଜନ ବାରିକ ଶୁକ୍ରବାର ଦିନ ଅଫିସ ର ତାଲା ପକାଇ ଧାରଣାରେ ବସିଥିଲେ। ବହୁ ସମୟ ଧରି ବସିବା ପରେ ଅଧିକ୍ଷଣ ଯନ୍ତ୍ରୀ ସୁନିଲ୍ ବିଶ୍ୱାଳ ଧାରଣା ସ୍ଥଳରେ ପହଞ୍ଚି ଧାରଣାରତ ଠିକାଦାରଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ସମସ୍ତ କାଗଜପତ୍ର ଠିକ୍ କରି ବିଲ୍ ପୈଠ ପାଇଁ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ପ୍ରତିଶ୍ରୁତି ଦେବା ପରେ ଧାରଣରୁ ଉଠିଥିଲେ। ଏହି ଘଟଣା ଏବେଠୁ ନ ସୁଧାରିଲେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

## ଲ୍ୟାମ୍ପସରେ ଉଦ୍‌ଘାଟିତ ହେଲା ଜନସେବା କେନ୍ଦ୍ର



**ବୈଶିଙ୍ଗା,୨୬।୯(ସଂଚାର ବ୍ୟୁରୋ):** ବୈଶିଙ୍ଗା ବହୁମୁଖୀ କୃଷକ ସମବାୟ ସମିତି ଲ୍ୟାମ୍ପସ ପରିସରରେ ଗୁରୁବାର ଏକ ଜନ ସେବା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସମବାୟ ସମିତି ଉପନିବନ୍ଧକ ଅଶୋକ କୁମାର ପାଣି, ସହକାରୀ ନିବନ୍ଧକ ତୁଷାରକାନ୍ତ ମହାନ୍ତି, ଆଞ୍ଚଳିକ ଅଧିକାରୀ ଅଜିତ ବିଶ୍ୱାଳ, ବୈଶିଙ୍ଗା ଲ୍ୟାମ୍ପସ ସଭାପତି ଶତ୍ରୁଘ୍ନ ସିଂ, ନିର୍ଦ୍ଦେଶକ ରବିନାରାୟଣ ପଣ୍ଡା, ଚତୁର୍ଭୁଜ ପୁଷ୍ଟି, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ପରିଚାଳନା ନିର୍ଦ୍ଦେଶିକା ସୁଶ୍ରୀ ଶାନ୍ତା ଗୌରା ପରିଡ଼ା ଏବଂ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ସମସ୍ତ କର୍ମଚାରୀ। ତେବେ ପୂର୍ବରୁ ଚାଷୀମାନେ ସମବାୟ ସମିତିକୁ ଋଣ ପାଇଁ ଆସୁଥିବା ବେଳେ ଆବଶ୍ୟକ ପଡୁଥିବା ବିଭିନ୍ନ କାଗଜପତ୍ର ପାଇଁ ଦୂରରେ ଥିବା ଜନ ସେବା କେନ୍ଦ୍ର ଯିବାକୁ ପଡୁଥିଲା। ଏବେ ଲ୍ୟାମ୍ପସ ପରିସରରେ ଏହା ଉପଲବ୍ଧ ହୋଇଥିବା ଯୋଗୁଁ ନିଜର ଜମିବାଡ଼ି ପଟ୍ଟା, ଖଜଣାର ପାଉତି, ଆଧାର କାର୍ଡ ର ଫଟୋ କପି ଆଦି ସରକାରୀ ନିର୍ଧାରିତ ଦେୟରେ ପାଇବା ସହଜ ହୋଇଯାଇଥିବା କାରଣରୁ ଚାଷୀଙ୍କ ମହଲରେ ଏଭଳି ପଦକ୍ଷେପକୁ ସ୍ୱାଗତ କରାଯାଇଛି। ତେବେ ଏହାର ସୁଯୋଗ ଜନସାଧାରଣଙ୍କ ସହ ଛାତ୍ରୀଛାତ୍ର, ବ୍ୟବସାୟୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସମସ୍ତେ ଏହି କେନ୍ଦ୍ରରୁ ତ୍ୱରିତ ସହାୟତା ପାଇପାରିବେ ବୋଲି ସଭାପତି ଶତୃଘ୍ନ ସିଂ ପ୍ରକାଶ କରିଛନ୍ତି।

## ସରକାରଙ୍କ ଅନୁମତି ନଥିଲେ ପୂଜା କମିଟି ଉପରେ ହେବ କାର୍ଯ୍ୟାନୁଷ୍ଠାନ

**ତିର୍ତ୍ତଲ,୨୬।୯(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ରେ ବହୁ ସ୍ଥାନ ରେ ପାଳିତ ହେଉଛି ଦୁର୍ଗତି ନାସିନୀ ମା ଦୁର୍ଗାଙ୍କ ପୂଜା। ଏହାକୁ ନେଇ ବଜାର ସର ଗରମ ରହିଥିବା ବେଳେ। ଜିଲ୍ଲା ଉପ ବିଭାଗୀୟ ମାଜିଷ୍ଟ୍ରେଟ ଙ୍କ ନିର୍ଦ୍ଦେଶ କୁ ଆଧାର କରି ପ୍ରତି ଥାନାକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛି ଜିଲ୍ଲା ପୋଲିସ। ସେହିପରି ପ୍ରତି ପୂଜା ଅନୁଷ୍ଠାନ କୁବିଭାଗୀୟ ମାଜିଷ୍ଟ୍ରେଟ ସ୍ୱାକ୍ଷର ରେ ସରକାରୀ ଅନୁମତି ନିହାତି ଆବଶ୍ୟକ ବୋଲି ଜଣା ପଡ଼ିଛି। ଆଜି ସନ୍ଧ୍ୟାସୁଧା ଦୁର୍ଗା ପୂଜା ଓ ଭଷାଣି ପାଇଁ ଅପରାହ୍ନ ୩ ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ଅନୁମତି ମିଳିଥିବା ବେଳେ ଯେଉଁମାନେ ଏହି ନିର୍ଦ୍ଦେଶ କୁ ଖିଲାପ କରିଛନ୍ତି ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତିର୍ତ୍ତଲ ପୋଲିସ ସୂତ୍ରରୁ ପ୍ରକାଶ। ସେହିପରି ଜିଲ୍ଲା ଉପ ବିଭାଗୀୟ ମାଜିଷ୍ଟ୍ରେଟ ଜିଲ୍ଲା ଏସ୍ପି ଙ୍କ ସମେତ ସମସ୍ତ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି ଏଥିପ୍ରତି ପୁରା ନଜର ରଖିବା ପାଇଁ। ସରକାର ଙ୍କ ଅନୁମତି ନଥିଲେ ପୂଜା କମିଟି ଉପରେ ପୋଲିସ ର କାର୍ଯ୍ୟ ଅନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣା ପଡ଼ିଛି। ସେହିପରି ନିଶାଗ୍ରସ୍ତ ଅସାମାଜିକ ଯୁବକ ଙ୍କ ଉପରେ ପୋଲିସ କଡା ନଜର ରଖିବା ସହ, ପ୍ରତି ସରକାର ଙ୍କ ଅନୁମତି ଥିବା ପୂଜା ମଣ୍ଡପ ପାଖରେ ଶାନ୍ତି ଶୃଙ୍ଖଳା ରଖିବା ପାଇଁ ପୋଲିସ ମୁତୟନ କରିବାକୁ ତିର୍ତ୍ତଲ ପୋଲିସ ନିଷ୍ପତ୍ତି ନେଇଥିବା ଜଣା ପଡ଼ିଛି।

## ହୃଦଘାତରେ ପୂର୍ବତନ ସରପଞ୍ଚ ମୃତ

**କଣାସ,୨୬।୯(ସଂଚାର ବ୍ୟୁରୋ):** କଣାସ ବ୍ଲକ ଗୋପିନାଥ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ସୁକାନ୍ତି ବେହେରା ୬୪ବର୍ଷଙ୍କର ଆଜି ହୃଦଘାତରେ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ସୁକାନ୍ତି ବେହେରା କିଛି ଦିନ ତଳେ ଅନାସ୍ଥା ପ୍ରସ୍ତାବରେ ହାରିଜିବା ପରେ ଗତ ୧୯ତାରିଖ ଦିନ ନାୟବ ସରପଞ୍ଚ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିବା ପରେ ସୁକାନ୍ତି ମାନସୀକ ଚାପରେ ଥିଲେ। ଆଜି ପ୍ରଭାତରୁ ତାଙ୍କର ଛାତିରେ ଯନ୍ତ୍ରା ହେବାରୁ ତାଙ୍କୁ ସଂଗେ ସଂଗେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଆସିଥିଲେ। ଡାକ୍ତର ସୁକାନ୍ତିର ମୃତ୍ୟୁ ହୋଇଯାଇଥିବା ଘୋଷଣା କରିବାପରେ ପରିବାର ଲୋକ ସୁକାନ୍ତି କୁ



ଗ୍ରାମକୁ ନେଇଯାଇଥିଲେ। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, କଣାସ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ଓ କେତେକ ଲୋକପ୍ରତିନିଧି ସୁକାନ୍ତିଙ୍କ ଶବସତକାର ସମୟରେ ପହଞ୍ଚିଥିଲେ।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ବୈଶିଙ୍ଗା,୨୬।୯ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ମହିଷାଶୋଳ ପଞ୍ଚାୟତର ଧାନଘେରା ସ୍ଥିତ ହିଟାଂ ଝାଲାଂ ଫୁଟବଲ କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ଅପରାହ୍ନରେ ୩୨ତମ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇ ଯାଇଛି। ଗୁରୁବାର ଉଦଘାଟନୀ ଦିବସରେ ୧୬ ଗୋଟି ଫୁଟବଲ ଟିମ୍ ଏଥିରେ ଭାଗ ନେଇଥିଲେ।ଲିଗ୍ ମ୍ୟାଚ ସରିବା ପରେ ଆଜି ସେମି ଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍ ଟି ଅମିମାଂସିତ ଭାବେ ଶେଷ ହେବା ପରେ ଗୋଲଡେନ୍ ଫୁଟବଲ କ୍ଲବ ପେନାଲଟି ସଟ୍ ରେ ଦୁଇଟି ଗୋଲ ଦେଇଥିବା ବେଳେ ମୟୂରଭଞ୍ଜ ଜି. ସି. ଫୁଟବଲ କ୍ଲବ ଚାରିଟି ଗୋଲ ଦେଇ ଚମ୍ପିଆନ ହୋଇଥିଲା।ଧୋବଶିଳାର ଜୟ ହନୁମାନ ଫୁଟବଲ୍ କ୍ଲବ ତୃତୀୟ ଏବଂ ଗଣେଶ ଫୁଟବଲ କ୍ଲବ ୪ର୍ଥ ଭାବେ ବିବେଚିତ ହୋଇଥିଲେ। ଖେଳ ଶେଷରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ମୁଖ୍ୟ ବକ୍ତା ଭାବେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଯୋଗ ଦେଇ ୩୨ ବର୍ଷ ଧରି ଆୟୋଜକ କ୍ଲବ ଫୁଟବଲ ଖେଳକୁ ବଞ୍ଚାଇ ରଖିବା ସହିତ କେତେ ଖେଳାଳୀ ସୃଷ୍ଟି କରି ରାଜ୍ୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି ସେଥିପାଇଁ ଆୟୋଜକ କ୍ଲବର ସଭାପତି ମଙ୍ଗଲ ସିଂ, ସମ୍ପାଦକ ରାଜେଶ ସିଂ ଓ ଅନ୍ୟ ସଦସ୍ୟ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' କୁଞ୍ଜେଶ୍ୱରୀଙ୍କ ୭ଦିନିଆ କାଠିଦିଅଁ ପୂଜା

**କଣାସ,୨୬।୯(ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ମାଙ୍କର ଷୋଳପୂଜା ଅନୁଷ୍ଠିତ ହୋଇଥିବା ବେଳେ କଣାସ ବ୍ଲକର କଣାସ ଠାରେ ପ୍ରତିଷ୍ଠିତ ଆରାଧ୍ୟ ଠାକୁରାଣୀ ମା କୁଞ୍ଜେଶ୍ୱରୀଙ୍କ ଷୋଳପୂଜା ଅନୁଷ୍ଠିତ ହେଉଛି। ସେଥି ମଧ୍ୟରୁ ୭ଦିନ ଧରି ମା କାଠି ଦିଅଁରୂପେ ପୂଜା ପାଆନ୍ତି।



ଆଶିନ ମାସ କୃଷ୍ଣ ପକ୍ଷ ମୂଳା ଆଷ୍ଟମୀ ଦିନ ମା ଙ୍କର ଶହଶହ କୁମ୍ଭବରଣ କରାଯିବା ପରେ ମନ୍ଦିରରେ ପୂଜାଅର୍ଚ୍ଚନା କାରାଯାଇଥାଏ। ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ମନ୍ଦିରର ବ୍ରାହ୍ମଣ ଓ ପୂଜକମାନେ ଆଜ୍ଞାମାଳ ଧରି ଚିରାଚରିତ ପ୍ରଥା ଅନୁଯାୟୀ ବାଲିପାଟଣା ଗ୍ରାମକୁ ଯାଇ ରାଉଳ ସୁବୁଦ୍ଧି ପରିବାରଙ୍କ ନିକଟରୁ ଏକ ବାଉଁଶକୁ ସଂଗ୍ରହ କରିବା ପରେ ଜଳଧୋଇ ଚନ୍ଦନ, ଫୁଲ, ଧୂପ, ଦୂପ ଦେବାପରେ ମାଙ୍କ ଠାରୁ ନେଇଥିବା ଆଜ୍ଞାମାଳ ବାନ୍ଧି ଘଣ୍ଟ, ପେହଁକାଳୀ ବାଦ୍ୟ ଧ୍ୱନିରେ କାଠିକୁ ମନ୍ଦିରକୁ ଆଣି ଥାଆନ୍ତି। ମନ୍ଦିରରେ ଶୁକ୍ଳପକ୍ଷ ଦ୍ୱିତୀୟା, ତୃତୀୟା, ଚତୁର୍ଥୀ ୩ଦିନ ଧରି କାଠିରେ ଦେଢଶହରୁ ଉର୍ଦ୍ଧ୍ୱ ନୂତନ ଶାଢୀ ପରିଧ୍ୟାନ କରିବାପରେ ମନ୍ଦିର ବେଢ଼ା ପରିକ୍ରମା କରନ୍ତି। ପଞ୍ଚାମ ଦିନ କାଠି ଦିଅଁ ମନ୍ଦିରରୁ ବାହାରି ପୋତାଘର, ନୂଆଦୋକନ୍ଦା ଗ୍ରାମକୁ ଯାଇ ଦୁଆରି ଭୋଗ ଖାଇଥାଆନ୍ତି। ଷଷ୍ଠି ଦିନ କଖାରୁବସ୍ତ, ବୈଦ୍ୟନାଥପାଟଣା, ବଡାସ, ତରପଡ଼ା, ଦୋକନ୍ଦା, ବାଲିପାଟଣା, କଦଳୀଦଣ୍ଡା, ଗୋଲାବଜାର ବୁଲି ଭୋଗ ଖାଇବା ପରେ ମନ୍ଦିରକୁ ଫେରନ୍ତି। ସପ୍ତମୀ ଦିନ ସିରେଇ, ରାହାନ୍ଦିଆ, ଚାନ୍ଦପଡ଼ା, ସହନା, କଣାସ ବ୍ଲକ ବଜାର ପରିକ୍ରମା କରି ଭୋଗ ଖାଇଥାଆନ୍ତି। ଆଷ୍ଟମୀ ଦିନ ଡିମିରି ଗ୍ରାମକୁ ଯାଇ ଡିମିରି ଗ୍ରାମରେ ଥିବା ତାଙ୍କ ଭଉଣୀ ମା ହରଚଣ୍ଡିଙ୍କ ସହିତ ଭେଟ ହେବାପରେ ଡିମିରି, ବିଶ୍ୱଳିପଡ଼ା, ଗାଣ୍ଡପଡ଼ା, ଜଳିଆପଡ଼ା, କଣାସ ଗ୍ରାମରେ ଭୋଗ ଖାଇବାପରେ ମନ୍ଦିରକୁ ଫେରନ୍ତି। ମନ୍ଦିରକୁ ଫେରିବା ପରେ ମହାଅଷ୍ଟମୀ ପୂଜା ଆରମ୍ଭ ହୋଇଥାଏ।

## ମା' ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ନିମନ୍ତେ ପ୍ରାକ୍ ପ୍ରସ୍ତୁତି

● ଜିଲ୍ଲାପାଳ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ



**ଭବାନୀପାଟଣା,୨୬।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀ ଙ୍କ ପ୍ରସିଦ୍ଧ ଛତର ଯାତ୍ରା ଚଳିତ ମାସ ସେପ୍ଟେମ୍ବର ୩୦ ତାରିଖରେ ଭବାନୀ ପାଟଣା ଠାରେ ମହାସମାରୋହରେ ଅନୁଷ୍ଠିତ ହେବ। ଜେନା ଖାଲ ରେ ମାଙ୍କ ଛତର ଯାତ୍ରା ର ବିଧି ଅନୁସାରେ ପୂଜ୍ୟ ପୂଜା ସାରି ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ହଜାର ହଜାର ଭକ୍ତ ଙ୍କୁ ଦର୍ଶନ ଦେବା ନିମନ୍ତେ ଭକ୍ତଙ୍କ ଭିଡରେ ମା ଙ୍କ ଛତ୍ର ମନ୍ଦିର ରେ ପ୍ରବେଶ କରିବ। ଛତର ଉତ୍ସବ କୁ ମହାସମାରୋହରେ ଶାନ୍ତି, ଶୃଙ୍ଖଳା ସହିତ ପାଳନ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଆବଶ୍ୟକ ସମସ୍ତ ବ୍ୟବସ୍ଥା ର ପ୍ରସ୍ତୁତି ଜାରିରହିଛି। ଆଜି କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଅପରାହ୍ନ ରେ ଜେନାଖାଲ ପରିଦର୍ଶନରେ ଆସି ଆବଶ୍ୟକ ପ୍ରସ୍ତୁତି ଅନୁଧ୍ୟାନ କରି ଜେନା ଖାଲ ରୁ ମା ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଚାଲି ଚାଲି ଛତର ଯାତ୍ରା ପରିକ୍ରମା ପଥ ବୁଲି ଦେଖିଥିଲେ ଏବଂ ପବିତ୍ର ଛତ୍ର ଯାତ୍ରା ମହାସମାରୋହରେ ଶାନ୍ତି ଶୃଙ୍ଖଳାର ସହିତ ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଜିଲ୍ଲାପାଳଙ୍କ ଏହି ପ୍ରକ୍ଷକ ପ୍ରସ୍ତୁତି କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ରେ ଜିଲ୍ଲାପାଳଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ(ପ୍ରବେଶନ) ଅନିମେସ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୁଭ୍ରାଂଶୁ ମିଶ୍ର, ଉପ ଆରକ୍ଷୀ ଅଧିକ୍ଷକ ନରେଶ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସ ଅଧିକାରୀ ଡା ନିହାରେନ୍ଦ୍ର ପଣ୍ଡା, ଅଧିକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ ଶିବାଜୀ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ନିର୍ବାହୀ ଅଧିକାରୀ ପୌରପାଳିକା ପ୍ରମୋଦ କୁମାର ପାଢ଼ୀ, ଶିଶୁ ସୁରକ୍ଷା ଅନୁଷ୍ଠାନ ର ଅଂଶୁମାନ ବାବୁ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଅଶୋକ କୁମାର ନେଗୀ, ଉତ୍ସବ ସାହୁ, ସୁବ୍ରତ ବହିଦାର, ଭବାନୀ ଶଙ୍କର ନିଆଲ ପ୍ରମୁଖ ଯୋଗଦେଇ ଥିଲେ।

## ୟୁଆଇଏଲ ସିଏସଆର୍ ପକ୍ଷରୁ ମହାପ୍ରଣାୟ ଯାନ ପ୍ରଦାନ

● ଥୁଆମୁଲ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ହସ୍ତାନ୍ତର

**ଭବାନିପାଟଣା,୨୬।୯(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ଟିକିରୀ ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ମହାପ୍ରଣାୟ ଯାନ କଳାହାଣ୍ଡି ଜିଲ୍ଲା ଥୁଆମୁଲ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ହସ୍ତାନ୍ତର କରାଯାଇଛି। ୟୁଆଇଏଲ ଖଣି ସିଏସଆର୍ ପକ୍ଷରୁ ସମ୍ପ୍ରତି ପଦକ୍ଷେପ ଗ୍ରହଣ କରାଯାଇଛି। ଉତ୍କଳ ଆଲୁମିନା ଏହାର ସିଏସଆର୍ ଅନ୍ତର୍ଗତ ପାର୍ଶ୍ୱସ୍ଥ ଗ୍ରାମାଞ୍ଚଳରେ ଲୋକାଭିମୁଖୀ ଜନକଲ୍ୟାଣକାରୀ କାର୍ଯ୍ୟ ଜାରି ରଖିଛି। ଗ୍ରାମାଞ୍ଚଳରେ ଭିତ୍ତିଭୂମୀ ଉନ୍ନୟନ ତଥା କୌଶଳ ପ୍ରଶିକ୍ଷଣ ଜରିଆରେ ଜୀବିକା ପ୍ରଦାନ ଦିଗରେ ଅଗ୍ରଣୀ ଭୂମିକା ନିର୍ବାହ କରିଛି। ଏହି କ୍ରମରେ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ଉତ୍ସର୍ଗୀକୃତ ସେବା ଯୋଗାଇବା ସକାଶେ କଳାହାଣ୍ଡି ଜିଲ୍ଲା ଥୁଆମୁଲ ରାମପୁର ବ୍ଲକରେ ମହାପ୍ରଣାୟ ଯାନ ୟୁଏଆଇଏଲ ତରଫରୁ ବ୍ଲକ ପ୍ରଶାସନ ଜରିଆରେ ଥୁଆମୁଲ୍ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରଦାନ କରାଯାଇଛି। ଉକ୍ତ ବ୍ଲକରେ ପ୍ରାଣହାନୀ ଘଟିଥିବା କୌଣସି ବ୍ୟକ୍ତିଙ୍କ ମର ଶରୀରକୁ ପରିବହନ ପାଇଁ ଏହା ନିଶୁଳ୍କ ସେବା ଯୋଗାଇବ। ବିଭିନ୍ନ ସମୟରେ ମୃତ୍ୟୁ ବ୍ୟକ୍ତିଙ୍କ ମର ଶରୀରକୁ ପରିବହନ ପାଇଁ ଉପଯୁକ୍ତ ଯାନ ନମିଳିବାରୁ ଲୋକେ ବିଭିନ୍ନ ସମସ୍ୟା ସମ୍ମୁଖୀନ ହେଉଥିଲେ। ଏନେଇ ଉତ୍କଳ ଆଲୁମିନା ବାଫ୍ଲିମାଳି ଖଣି ମୁଖ୍ୟ ବିଜୟ ଚୌହାନଙ୍କ ପରାମର୍ଶ କ୍ରମେ ଆବଶ୍ୟକସ୍ଥଳେ ଥୁଆମୁଲ ରାମପୁର ବାସୀଙ୍କ ନିକଟରେ ସେବା ଯୋଗାଇବା ଉଦ୍ଦେଶ୍ୟରେ ଏହି ମହାପ୍ରଣାୟ ସେବା ଯୋଗାଇ ଦିଆଯାଇଛି।

## ସିମନବାଡ଼ି ଗ୍ରାମପଞ୍ଚାୟତରେ ଆଦି ସେବା କେନ୍ଦ୍ର ଉଦ୍‌ଘାଟିତ

**ଦାରିଙ୍ଗବାଡ଼ି,୨୬।୯(ସଂଚାର ବ୍ୟୁରୋ):** ଦାରିଙ୍ଗବାଡ଼ି ବ୍ଲକ୍ ସିମନବାଡ଼ି ପଞ୍ଚାୟତରେ ଆଦି ସେବା କେନ୍ଦ୍ରର ଉଦ୍‌ଘାଟିତ ହୋଇଛି। ଏଥିରେ ସରପଞ୍ଚ ଅମିତା ପ୍ରଧାନ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜାଗୃତି କାର୍ଯ୍ୟାଳୟର ଧ୍ରୁବ ଚରଣ ନାୟକ ଯୋଗଦେଇଥିଲେ। ଏହି କେନ୍ଦ୍ରଟି ଗ୍ରାମବାସୀଙ୍କ ପାଇଁ ଏକ ସିଙ୍ଗଲ-ୱିଣ୍ଡୋ ସୁବିଧା କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଯେଉଁଠି ସରକାରୀ ଯୋଜନା, ସାମାଜିକ କଲ୍ୟାଣ ଓ ବିଭିନ୍ନ ସହାୟତା ସମ୍ବନ୍ଧୀୟ ସୂଚନା ସହଜରେ ମିଳିବ ବୋଲି କୁହାଯାଇଛି। ଆଦିବାସୀ ଓ ପଛୁଆ ବର୍ଗର ଲୋକଙ୍କୁ ସହାୟତା ପ୍ରଦାନରେ ଗୁରୁତ୍ୱ ଦେବ ବୋଲି ଉପସ୍ଥିତ ଲୋକଙ୍କୁ କୁହାଯାଇଛି। ସରକାରୀ କଲ୍ୟାଣ ଯୋଜନା ସମ୍ବନ୍ଧୀୟ ସୂଚନା ଓ ସହାୟତା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ସୁଯୋଗ ସମ୍ବନ୍ଧୀୟ ପରାମର୍ଶ ସମେତ ଯୁବକ ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କ ପାଇଁ କ୍ଷମତା ବିକାଶ ଓ ପ୍ରଶିକ୍ଷଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗ୍ରାମବାସୀ ଏହି ପଦକ୍ଷେପକୁ ସ୍ୱାଗତ କରି ଆଗାମୀଦିନରେ ଆଦି ସେବା କେନ୍ଦ୍ର ଦ୍ୱାରା ଗ୍ରାମରେ ସତ୍ୟ ସାର୍ଥକ ପରିବର୍ତ୍ତନ ଓ ସଶକ୍ତୀକରଣ ଆସିବ ବୋଲି ଆଶା ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ, ଯୁବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



## ତୀରକମାଣ ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା

**କାକଟପୁର/ଅସ୍ତରଙ୍ଗ,୨୬।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ସ୍ଥିତ ମା' ମଙ୍ଗଳାଙ୍କ ମନ୍ଦିରରେ ଆଶ୍ୱିନ ମୂଳାଷ୍ଟମୀ ତିଥିରୁ ପାରମ୍ପରିକ ପ୍ରଥାନୁସାରେ ଆରମ୍ଭ ହୋଇଛି ଶାରଦୀୟ ପାର୍ବଣ ପୂଜା। ମଙ୍ଗଳା ଓ ଦୁର୍ଗା ଏକ ଓ ଅଭିନ୍ନ ବୋଲି ବିଭିନ୍ନ ପୁରାଣରେ ବର୍ଣ୍ଣିତ କରଯାଇଥିବାରୁ ମା' ମଙ୍ଗଳାଙ୍କ ମନ୍ଦିରରେ ଷୋଳ ପୂଜା ଭକ୍ତି ଓ ନିଷ୍ଠାର ସହ ପାଳନ କରାଯାଏ। ଷୋଳପୂଜା ଅବସରରେ ଶୁକ୍ରବାର ପଞ୍ଚମୀ ତିଥି। ଏଥିପାଇଁ ମା ମଙ୍ଗଳା ଙ୍କର ଭୁଜଲାଗି,ତୀର କମାଣ ବେଶ, ନାଲି ବସ୍ତ୍ରପରିଧାନ ରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପୂର୍ବରୁ ମା'ଙ୍କୁ ପାଦପଦ୍ମ ଲାଗି କରାଯାଇଥିବା ବେଳେ ଶୁକ୍ରବାର ମା'ଙ୍କ ହାତରେ ତୀରକମାଣ ଅର୍ଥାତ ଧନୁ ତୀର ଲାଗି କରାଯାଇଥିଲା। ତୀର କମାଣ ବେଶରେ ମା'ଙ୍କୁ ବେଶ କରାଯିବା ପରେ ଭକ୍ତଙ୍କ ମାନେ ଦର୍ଶନ କରିଥିଲେ। ଏହି ବେଶରେ ଶନିବାର ମଧ ମା' ଭକ୍ତଙ୍କୁ ଦର୍ଶନ ଦେବେ। ଶାରଦୀୟ ପାର୍ବଣ ପୂଜା ପାଇଁ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗି ରହିଛି। ପୂଜା ଭାବେ ପ୍ରକାଶ ଚନ୍ଦ୍ର ପଣ୍ଡା ମା'ଙ୍କୁ ଷୋଡଶ ଉପଚାର ବିଧିରେ ପୂଜା କରୁଛନ୍ତି। ଶନିବାର ଦିନ ସନ୍ଧ୍ୟାରେ ମା'ଙ୍କର କାର୍ତିଖର୍ପର ବା କାର୍ତାୟନୀ ବେଶ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

## ସ୍ଥାୟୀ ମନ୍ଦିରରେ ପୂଜା ପାଇଲେ ମା' ମଙ୍ଗଳା



**ହିଞ୍ଜିଳିକାଟୁ,୨୬।୯ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ମେଣ୍ଢାଖାଇ ପାହାଡ଼ରୁ ଗତ ଅଗଷ୍ଟ ୧୩ତାରିଖରେ ମାଟିତଳୁ ଠାକୁରାଣୀ ପ୍ରତିମୂର୍ତ୍ତି ଉଦ୍ଧାର ହୋଇଥିବା ବେଳେ ପରିଷ୍କାର କରି ଦେଖିବା ପରେ ତାହା ମା' ମଙ୍ଗଳାଙ୍କ ପ୍ରତିମୂର୍ତ୍ତି ବୋଲି ଜଣାପଡିଥିଲା। ପୁଣି ୧୭ ତାରିଖ ସିଂହ ସଂକ୍ରାନ୍ତି ରାତିରେ ହଠାତ ମୂର୍ତ୍ତି ଗାଏବ ହୋଇଯାଇଥିଲା । ଚୋରି ଘଟଣାର ଠିକ ୧୦ଦିନ ପରେ ଗଣେଶ ଚତୁର୍ଥୀ ଦିନ ଠାକୁରାଣୀଙ୍କ ପ୍ରତିମୂର୍ତ୍ତି ବିଇଓ ଅଫିସ ପାର୍ଶ୍ୱରୁ ମାଟି ତଳୁ ମିଳିଥିଲା। ଉକ୍ତ ଘଟଣା କିଏ ଘଟାଇଛି ନେଇ ଆଜିଯାଏଁ ପୋଲିସ ତଦନ୍ତ ଜାରି ରଖିଛି। ତେବେ ସେଇ ଦିନ ଠାରୁ ସ୍ଥାନୀୟ ବାସିନ୍ଦା ଏକତ୍ରିତ ହୋଇ ଏକ ସ୍ଥାୟୀ ମନ୍ଦିର ନିର୍ମାଣ କରିଥିଲେ। ଗତକାଲି ସାହିବାସିନ୍ଦାମାନେ ଏକତ୍ରିତ ହୋଇ ଢୋଲ ବଜାଇ ଓ ହୁଳହୁଳି ଦେଇ ମା' ମଙ୍ଗଳା ମୂର୍ତ୍ତିକୁ ପୂଜା ପାଇବା ପାଇଁ ସ୍ଥାୟୀ ମନ୍ଦିରକୁ ନେଇଥିଲେ। ଉକ୍ତ ଖବର ପ୍ରସାରିତ ହେବା ପରେ ଦର୍ଶନ ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି ।

# ବ୍ୟାଙ୍କ କର୍ମଚାରୀଙ୍କ ବ୍ୟବହାରରେ ଅତିଷ୍ଠ ସାଧାରଣ ଗ୍ରାହକ

**ଆନନ୍ଦପୁର,୨୬।୯ (ସଂଚାର ବ୍ୟୁରୋ):** ବ୍ୟାଙ୍କ କର୍ମଚାରୀ କରୁଛନ୍ତି ସାଧାରଣ ଲୋକଙ୍କୁ ହଟହଟା। ଚେୟାରରେ ବସିବା ପରେ ଭୁଲି ଯାଉଛନ୍ତି କର୍ତ୍ତବ୍ୟ ଓ ଗ୍ରାହକ ସେବା । ସରକାର ବ୍ୟାଙ୍କ କର୍ମଚାରୀମାନଙ୍କୁ ଗ୍ରାହକଙ୍କୁ ସେବା ଯୋଗାଇବାକୁ ରଖିଥିବା ବେଳେ କାହିଁକି ବ୍ୟାଙ୍କ କର୍ମଚାରୀଙ୍କ ଏମିତି ମନୋଭାବ? ପ୍ରଶିକ୍ଷଣ ବେଳେ ଦିଆଯାଉନି କି କିପରି ଗ୍ରାହକଙ୍କୁ ସେବା ଯୋଗାଇବେ ତାର ଶିକ୍ଷା । ବ୍ୟାଙ୍କ ଗ୍ରାହକଙ୍କୁ ସେବା ଯୋଗାଇବା ପାଇଁ ସରକାର ବ୍ୟାଙ୍କ କର୍ମଚାରୀ ମାନଙ୍କୁ ମୋଟା ଅଙ୍କର ଦରମା ଦେଉଛନ୍ତି । ହେଲେ ଚାକିରି ପାଇବା ପରେ ସେବା କମ୍ ସ୍ୱାର୍ଥ ଅଧିକ ଦେଖୁଛନ୍ତି କିଛି ବ୍ୟାଙ୍କ କର୍ମଚାରୀ। ସାଧାରଣ ନିରୀହ ଗ୍ରାହକଙ୍କୁ ଦେଉ ନାହାନ୍ତି ଗୁରୁତ୍ୱ, ଦେଖୁଛନ୍ତି ଭାବ ପ୍ରୀତି। ଭାଇ ବନ୍ଧୁ କୁଟୁମ୍ବଙ୍କୁ ବିଭିନ୍ନ ଯୋଜନାରେ ଋଣ ଦେଉଥିବା ବେଳେ ସାଧାରଣ ଯୁବକଟିଏ ବ୍ୟାଙ୍କ ଧାଇଁ ଧାଇଁ ନିରାଶ ହେଉଛି।




ବ୍ୟାଙ୍କ କର୍ମଚାରୀଙ୍କ ମନୋଭାବକୁ ନେଇ ଏବେ ଗ୍ରାହକ ଅସନ୍ତୁଷ୍ଟ। ଋଣ ପାଇଁ ଅନେକ ସମୟରେ ଲୋକେ ମାସ ମାସ ଧରି ବ୍ୟାଙ୍କ ଧାଉଁଛନ୍ତି । ଆଉ ଅନେକ ସମୟ ବ୍ୟାଙ୍କରେ ନଷ୍ଟ କରିବା ଦ୍ୱାରା ଅନେକଙ୍କ ମନବଳ ଓ ଆଗ୍ରହ ମଧ କମି ଯାଉଛି । ସେହିପରି ବ୍ୟସ୍ତ ବହୁଳ ଜୀବନରୁ ମଣିଷ ସମୟ ବାହାର କରି ବ୍ୟାଙ୍କ ଯାଉଥିବା ବେଳେ ବ୍ୟାଙ୍କ କର୍ମଚାରୀଙ୍କ ଅଳସୁଆ ମନୋଭାବ ପାଇଁ ଆଜି କାମ କାଲି, କାଲି କାମ ମାସେ ପରେ କରିବା ପାଇଁ କହି ଫେରାଇ ଦେଉଛନ୍ତି। ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସାଧାରଣ ଗ୍ରାହକଙ୍କ ମନରେ ଥିବା ଦ୍ୱନ୍ଦ୍ୱ ଓ ପ୍ରଶ୍ନର ଉତ୍ତର ଦେବାକୁ ବି କିଛି ବ୍ୟାଙ୍କ କର୍ମଚାରୀ ବିରକ୍ତି ଭାବ ପ୍ରକାଶ କରୁଛନ୍ତି।

ତେବେ ସରକାର ବିକାଶର କଥା ଚିନ୍ତା କରି ଯୋଜନାର ଲମ୍ବା ଫର୍ଦ୍ଦ, ବିଭିନ୍ନ ଋଣର ତାଲିକା ପ୍ରସ୍ତୁତ କରୁଥିବା ବେଳେ, ବ୍ୟାଙ୍କ କର୍ମଚାରୀଙ୍କ ଯୋଗୁଁ ତାହା ସଠିକ ଲୋକଙ୍କ ନିକଟରେ ସଠିକ୍ ସମୟରେ ପହଞ୍ଚି ପାରୁନି । ତେବେ ଯଦି ଏମିତି ସ୍ଥିତି ଲାଗି ରୁହେ ସରକାର ବ୍ୟାଙ୍କ କର୍ମଚାରୀଙ୍କୁ ତାଗିଦ୍ ନ କରନ୍ତି ତେବେ ଆଗକୁ ସରକାରଙ୍କ ବିକାଶର ସ୍ୱପ୍ନ ଅଧାରେ ରହିବା ସହିତ ଲୋକେ ନାହିଁ ନଥିବା ଅସୁବିଧା ସାମ୍ନା କରିବେ ।

## ଓପିଏସସି ପରୀକ୍ଷାରେ ଗଞ୍ଜାମ ବ୍ଲକର ଦୁଇ ଯୁବପ୍ରତିଭାଙ୍କ ସଫଳତା





**ଛତ୍ରପୁର,୨୬।୯ (ସଂଚାର ବ୍ୟୁରୋ):** ଓଡ଼ିଶା ପ୍ରଶାସନିକ ସେବା କମିଶନ (ଓପିଏସସି) ପରୀକ୍ଷାର ଫଳାଫଳ ଆଜି ପ୍ରକାଶ ପାଇଛି। ଏଥିରେ ଗଞ୍ଜାମ ଜିଲ୍ଲାର ରାମଗଡ଼ ପଞ୍ଚାୟତରୁ ଦୁଇଜଣ ଯୁବପ୍ରତିଭା ନିଜ ସ୍ଥାନ ସୁନିଶ୍ଚିତ କରି ଗ୍ରାମ ଓ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ଅରୁଣପୁର ଗ୍ରାମର ପ୍ରଫୁଲ୍ଲ କୁମାର ପଲାଇ ଓ ରୋଜାଲିନ ପଲାଇଙ୍କ କନ୍ୟା ପ୍ରତିଶ୍ରୁତି ପଲାଇ ଓପିଏସସି ପରୀକ୍ଷାରେ ୧୪୨ତମ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଶ୍ରୁତି ବର୍ତ୍ତମାନ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରେ ଫରେନସିକ ବିଜ୍ଞାନରେ ଅଧ୍ୟୟନରତ। ସେ ଛୋଟଦିନରୁ ପାଠପଢ଼ାରେ ପ୍ରତିଭାଶାଳୀ ହୋଇଥିଲେ ଓ ସ୍ୱପ୍ନ ସାକାର ପାଇଁ ନିରନ୍ତର ପ୍ରୟାସରତ ଥିଲେ।

ସେହିଭଳି ଏହି ପଞ୍ଚାୟତର ପ୍ରୟାଗି ଗ୍ରାମର କାମରାଜୁ ତରାଇ ଓ ମାଳତୀ ତରାଇଙ୍କ ପୁଅ ଜନକ ତରାଇ ଓପିଏସସି ପରୀକ୍ଷାରେ ୩୨୭ତମ ସ୍ଥାନ ଅଧିଗତ କରିଛନ୍ତି। ପୂର୍ବରୁ ସେ ଭାରତୀୟ ନୌସେନା ବିଭାଗରେ କାର୍ଯ୍ୟରତ ଥିଲେ ଓ ଦେଶସେବାରେ ନିଜକୁ ନିୟୋଜିତ କରିଥିଲେ। ୨୦୨୪ ମସିହାରେ ସେ ସେବାରୁ ଅବସର ଗ୍ରହଣ କରିଥିଲେ। ସେଥିପରେ ନିଜକୁ ପୁନଃ ସଜାଇ ଓପିଏସସି ପରୀକ୍ଷା ପାଇଁ ପ୍ରସ୍ତୁତି ନେଇଥିଲେ। ସେହି ପରିଶ୍ରମର ଫଳରୂପେ ଆଜି ସେ ଏହି ସ୍ଥାନରେ କୃତକାର୍ଯ୍ୟ ହୋଇଛନ୍ତି। ରାମଗଡ଼ ପଞ୍ଚାୟତର ଦୁଇଜଣଙ୍କ ସଫଳତାରେ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ପ୍ରସ୍ଫୁଟିତ ହୋଇଛି। ପଡ଼ୋଶୀ, ପରିବାର, ଶିକ୍ଷକମାନେ ଓ ସ୍ଥାନୀୟ ନାଗରିକମାନେ ଦୁଇଜଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ପ୍ରତିଶ୍ରୁତିଙ୍କ ସଫଳତା ଅଞ୍ଚଳର ଝିଅମାନଙ୍କ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ହେବା ସହିତ, ଜନକ ତରାଇଙ୍କ କାହାଣୀ "ଅବସର ପରେ ମଧ୍ୟ ସ୍ୱପ୍ନ ସାଧନ କରିହେବ" ବାର୍ତ୍ତାକୁ ସାକାର କରିଛି।

# ହିଞ୍ଜିଳିରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ହିଞ୍ଜିଳିକାଟୁ,୨୬।୯ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ-ତାରାତାରିଣୀ ରାସ୍ତାରେ ଏବେ ଟ୍ରାଫିକ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଯାହା ଫଳରେ ସାଧାରଣ ଲୋକ, ସ୍କୁଲ, କଲେଜର ଛାତ୍ରଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ପରିବା ବଜାର ଦେଇ ସିକିରି, ଖରିଡା, ଆଲପୁର, ରାଳବ, ଅନ୍ତରି ଆଦି ଗାଁକୁ ମାଲ ପରିବହନକାରୀ ଗାଡି ଯାତାୟାତ କରିଥାଏ। ତେବେ ହିଞ୍ଜିଳିକାଟୁ ବଜାର ଏହି ବ୍ଲକ ଅଞ୍ଚଳର ଏକ ସଂଯୁକ୍ତସ୍ଥଳ ଓ ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଭାବେ ପରିଚିତ ପାଲଟିଥିବା ବେଳେ ଏଠାରେ ସର୍ବଦା ଗହଳି ଲାଗି ରହିଥାଏ। ବ୍ୟାଙ୍କ,



ଶିକ୍ଷାନୁଷ୍ଠାନ ଆଦି ଅନେକ ସଂସ୍ଥା ଏଠାରେ ରହିଛି। ଦିନକୁ ଦିନ ଯାନବାହନ ସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଅଣତାଲିମପ୍ରାପ୍ତ ହୋମଗାର୍ଡଙ୍କ ଉପରେ ଏହି ବ୍ୟବସ୍ଥା ଟେକି ଦେଇ ବଡବାବୁମାନେ ନିଜର ଦାୟିତ୍ୱ ସାରିଦେଉଛନ୍ତି। ଯାହା ଫଳରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଜଟିଳ ହେଉଛି ।

ଟ୍ରାଫିକ ବ୍ୟବସ୍ଥାରେ ଅଧିକାଂଶ ସମୟରେ ଲୋକମାନେ ନିୟମ ଉଲ୍ଲଂଘନ କରୁଥିବା ବେଳେ ଉଭୟ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଝଗଡ଼ା ହେଉଥିବା ନଜିର ରହିଛି । ତୁରନ୍ତ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ ତାଲିମପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରିବା ସହ ଟ୍ରାଫିକ ବ୍ୟବସ୍ଥା ଉପରେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ଜୋର ଧରିଛି ।

# ଅସ୍ୱାସ୍ଥ୍ୟକର ପରିବେଶରେ ମୁଖ୍ୟ ଚିକିତ୍ସାଳୟ

**ଯାଜପୁର,୨୬।୯ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ପରିସରରେ ଦିନକୁ ଦିନ ବଢୁଥିବା ଆବର୍ଜନା ଗଦା ସାଧାରଣ ଲୋକଙ୍କୁ ଅତିଷ୍ଠ କରୁଛି। ମାଳମାଳ ଅଳିଆ, ଦୁର୍ଗନ୍ଧ, ମାଶା, ମାଛି

**ପ୍ରଶାସନ ନୀରବ**

ଓ ଅସ୍ୱାସ୍ଥ୍ୟକର ପରିବେଶ। ଯେଉଁଠାରେ ରୋଗୀମାନେ ସୁସ୍ଥ ହେବାକୁ ଆସନ୍ତି, ସେହିଠାରେ ଅଧିକ ବିପଦରେ ପଡୁଛନ୍ତି। ରୋଗୀଙ୍କ ସମ୍ପର୍କୀୟମାନେ କହିଛନ୍ତି, "ଚିକିତ୍ସାଳୟକୁ ଆସିଲେ ଔଷଧରୁ ବେଶି ଦୁର୍ଗନ୍ଧ ମିଳୁଛି। ଏପରି ପରିସ୍ଥିତିରେ ରୋଗୀଙ୍କୁ ରଖିବା ଅତ୍ୟନ୍ତ ବିପଦଜନକ।"



ସାଧାରଣରେ ପ୍ରଶ୍ନ ଉଠୁଛି ଏହି ଅସ୍ୱାସ୍ଥ୍ୟକର ପରିବେଶ ପାଇଁ ଦାୟୀ କିଏ? ସିଡିଏମଓ ଓ ଜିଲ୍ଲା ପ୍ରଶାସନ କାହିଁକି ନୀରବ? ସ୍ୱାସ୍ଥ୍ୟ ସେବାରେ ଏପରି ଅବ୍ୟବସ୍ଥା କେତେଦିନ ଚାଲିବ? ଏନେଇ ଯାଜପୁର ବାସିନ୍ଦା ଶିବାନନ୍ଦ ମିଶ୍ର କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅସ୍ୱାସ୍ଥ୍ୟକର ପରିବେଶ ପ୍ରଶାସନର ଲଜ୍ଜାଜନକ ବିଫଳତାକୁ ପ୍ରମାଣ କରୁଛି।

# ୧୭୨ ପ୍ରଧାନଶିକ୍ଷକ ନେଲେ 'ସମ୍ଭବ' ତାଲିମ




**ଖୋର୍ଦ୍ଧା,୨୬।୯ (ସଂଚାର ବ୍ୟୁରୋ):** ବିଜେବି ହାଇସ୍କୁଲ, ଖୋର୍ଦ୍ଧା ଠାରେ ଗତ ସେପ୍ଟେମ୍ବର ମାସ ୮ ତାରିଖରୁ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ ମାନଙ୍କର 'ସମ୍ଭବ' ତାଲିମ ଉଦଯାପିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବୋଲଗଡ, ବେଗୁନିଆ, ଖୋର୍ଦ୍ଧା, ଟାଙ୍ଗୀ, ଚିଲିକା, ବାଣପୁର, ଜଟଣୀ ବ୍ଲକ୍ ର ୧୭୨ ଜଣ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ ୩ଟି ପର୍ଯ୍ୟାୟରେ ତାଲିମ ନେଇଥିଲେ । ଖୋର୍ଦ୍ଧା ଜିଲ୍ଲା ଶିକ୍ଷାକାରୀ ସୋନାମିକା ରାୟ ଏହି ତାଲିମ ଶିବିରକୁ ଉଦଘାଟନ କରି ପ୍ରଧାନଶିକ୍ଷକମାନେ ନିଜ ବିଦ୍ୟାଳୟ ପାଇଁ କରୁଥିବା ପରିକଳ୍ପନାକୁ ସାକାର କରିବା ନିମନ୍ତେ 'ମୋ ସପ୍ନର ବିଦ୍ୟାଳୟ' ଗଢ଼ିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷାନୀତି - ୨୦୨୦ ନିୟମାବଳୀ, ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମାନଙ୍କର ଦୃଢ଼ ନେତୃତ୍ୱ, ବିଦ୍ୟାଳୟର ଅନୁଶାସନ, ଅନ୍ତର୍ନିବେଶୀ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ବିଦ୍ୟାଳୟର ସୁପରିଚାଳନା, ଛାତ୍ରଛାତ୍ରୀ ମାନଙ୍କର ନିରାପତା ଓ ସୁରକ୍ଷା, ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା ଓ ଅଭିଭାବକ ମାନଙ୍କର ସପୃକ୍ତି, ବିଦ୍ୟାଳୟର ଉନ୍ନତି ମୂଳକ ଯୋଜନା, ଅଧାରୁ ପାଠଛାଡୁଥିବା ଓ ଛାଡିଥିବା ପିଲାଙ୍କ ପାଇଁ ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମରେ ସାମିଲ କରିବା, ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା, ବିଦ୍ୟାଳୟ ଓ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସରକାରୀ ଯୋଜନା, ନିରନ୍ତର ଶିକ୍ଷା ଯୋଜନା, ବିଦ୍ୟାଳୟକୁ ନିଶାମୁକ୍ତ ଓ ଦଣ୍ଡମୁକ୍ତ କରିବା ଆଦି ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ତାଲିମଦାତା ଡେଜିନା ଦାସ, ଜୟନ୍ତୀ କୁମାରୀ ହୋତା, ଦୀପ୍ତିପ୍ରଭା ଦାସ, ଅଜୟ କୁମାର ବରାଡ ପ୍ରଧାନଶିକ୍ଷକ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।

## ମ୍ୟୁନିସିପାଲିଟି ସ୍ୱାସ୍ଥ୍ୟ ଅଧିକାରୀ ଡ୍ୟୁଟି ଛାଡ଼ି ପ୍ରାଇଭେଟ୍ ପ୍ରାକ୍ଟିସ୍‌ରେ ବ୍ୟସ୍ତ



**ଯାଜପୁର,୨୬।୯ (ସଂଚାର ବ୍ୟୁରୋ):** ଯାଜପୁର ମ୍ୟୁନିସିପାଲଟିର ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ ଖୁଣ୍ଟିଆଙ୍କୁ ନେଇ ଗୁରୁତର ଅଭିଯୋଗ ଉଠିଛି। ଡାକ୍ତର ଖୁଣ୍ଟିଆ ଡ୍ୟୁଟି ଛାଡ଼ି ପ୍ରାଇଭେଟ୍ ପ୍ରାକ୍ଟିସ୍‌ରେ ବ୍ୟସ୍ତ ରହୁଛନ୍ତି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଯାଜପୁର ମ୍ୟୁନିସିପାଲିଟି ରିଭ୍ୟୁ ମିଟିଂ ନେଉଥିବା ସମୟରେ ଡାକ୍ତର ଖୁଣ୍ଟିଆ ସେଠାରେ ଉପସ୍ଥିତ ନଥିବାରୁ ତାହା ଚର୍ଚ୍ଚାର ବିଷୟ ହୋଇଛି। ସ୍ଥାନୀୟ ଅଭିଯୋଗ ଅନୁସାରେ, ବର୍ଷ ବର୍ଷ ଧରି ସେଇ ପଦବୀରେ ରହି ଗାଦି ମାଡ଼ି ବସିଥିବା ଖୁଣ୍ଟିଆ, ଡ୍ୟୁଟି ସମୟରେ ସରକାରୀ କାମକୁ ଅଣଦେଖା କରି ପ୍ରାଇଭେଟ୍ ପ୍ରାକ୍ଟିସରେ ବ୍ୟସ୍ତ ରହୁଛନ୍ତି। ଏହା ଫଳରେ ସାଧାରଣ ଲୋକଙ୍କୁ ସରକାରୀ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବାକୁ ପଡୁଛି।

## ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ




**ଭୁବନେଶ୍ୱର,୨୬।୯ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟଇକାଲ୍ ସାଇନ୍‌ସେସ୍- କ୍ୟାମ୍ପସ-୨, ଫୁଲନଖରାରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ଗତ ଗୁରୁବାର ଦିନ ପାଳିତ ହୋଇଯାଇଛି। ଚଳିତ ବର୍ଷର ପ୍ରସଙ୍ଗ 'ଥିଙ୍କ ହେଲଥ, ଥିଙ୍କ ଫାର୍ମାସିଷ୍ଟ'କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଫ୍ୟାକଲ୍ଟି ଏବଂ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଶାର ଆଡିସ୍‌ନାଲ୍ ଡ୍ରଗ୍‌ସ କଂଟ୍ରୋଲର ଡକ୍ଟର ସୁଜାତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଫାର୍ମାସିଷ୍ଟମାନଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ବର୍ଷର ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରି ସ୍ୱାସ୍ଥ୍ୟ ପରିଚାଳନା ଏବଂ ଜୀବନର ପ୍ରତ୍ୟେକ ସ୍ତରରେ ଫାର୍ମାସିଷ୍ଟମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଏସ୍‌ପିଏସ୍-୨ର ଡିନ୍ ପ୍ରଫେସର (ଡକ୍ଟର) ଦୁର୍ଗାମାଧବ କର ସ୍ୱାଗତ ଭାଷଣ ପ୍ରଦାନ କରିବା ଅବସରରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପରିପ୍ରେକ୍ଷୀରେ ଏବଂ ଜନସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଫାର୍ମାସିଷ୍ଟମାନଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୌଲି ଦାସ ଏବଂ ପ୍ରାଚୀ ରାଣୀ ସାହୁ ମହିଳାଙ୍କ ସ୍ୱାସ୍ଥ୍ୟର ଯତ୍ନ ଏବଂ ଯୋଗ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏସ୍‌ପିଏସ୍-୨ର ଆସିଷ୍ଟାଣ୍ଟ ପ୍ରଫେସର ମୋନାଲିସ୍ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ମାଣ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ



**ଖୋର୍ଦ୍ଧା,୨୬।୯ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ମିଳିତ ସହଯୋଗରେ 'ସ୍ୱସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଅଭିଯାନ ସପ୍ତାହ' ଅବସରରେ ଜିଲ୍ଲା ପ୍ରେସ କ୍ଲବ, ଖୋର୍ଦ୍ଧାରେ ମହିଳା ନିର୍ମାଣ ଶ୍ରମିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ଶ୍ରମ ଅଧିକାରୀ (ଏଏଲଓ) ବିକାଶ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡକ୍ଟର ବିଷ୍ଣୁପ୍ରିୟା ଦାସ, ଡକ୍ଟର ଏ.କେ. ଶୁଭଶ୍ରୀ ଚାନ୍ଦ (ଆୟୁଷ), ଫାର୍ମାସିଷ୍ଟ ଚିନ୍ମୟ ଖଣ୍ଡାୟତରାୟ, ଆଲୋକ କୁମାର ରଣସିଂହ, ଲକ୍ଷ୍ମୀଧର ମହାପାତ୍ର ଉପସ୍ଥିତ ରହି ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିଶେଷକରି ଅଣ-ସଂକ୍ରାମକ ରୋଗ, ଯକ୍ଷ୍ମା, ରକ୍ତହୀନତା, ମାସିକ ଋତୁସ୍ରାବ ସମୟରେ କିପରି ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବେ, ରକ୍ତଚାପ, ମଧୁମେହ, ବୟସ ଅନୁପଯୁକ୍ତ ଓଜନ ଇତ୍ୟାଦି ଚିକିତ୍ସା ସହିତ ପରୀକ୍ଷା କରାଯାଇଥିଲା। ନିକଟବର୍ତ୍ତୀ ଅଞ୍ଚଳର ୬୫ ବର୍ଷରୁ ଅଧିକ ମହିଳା ନିର୍ମାଣ ଶ୍ରମିକମାନେ ଅଂଶଗ୍ରହଣ କରିଥିଲେ।

## ସାର ସଙ୍କଟ ନେଇ ଚାଷୀଙ୍କ ରାସ୍ତା ଅବରୋଧ

**ହିଞ୍ଜିଳିକାଟୁ,୨୬।୯ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ ନନ୍ଦିକ ସୋସାଇଟି ସାମ୍ନାରେ ସାର୍ ପାଇଁ ଚାଷୀଙ୍କ ମଧ୍ୟରେ ଧସ୍ତାଧସ୍ତି ସହ ଉତ୍ତେଜନା ଦେଖିବାକୁ ମିଳିଛି। ସୋସଇଟକୁ ୩୦୦ ବସ୍ତା ସାର ଆସିଥିବା ବେଳେ ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଆସି ସକାଳୁ ସକାଳୁ ଲମ୍ବା ଧାଡିରେ ନଖାଇ ନପିଇ ରୁଣ୍ଡ ହେବା ସହ ସାର ନ ପାଇ ତାରାତାରିଣୀ-ହିଞ୍ଜିଳିକାଟୁ ରାସ୍ତାକୁ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପରେ ହିଞ୍ଜିଳିକାଟୁ ତହସିଲଦାର ଓ



ଥାନାଅଧିକାରୀ ପହଂଚି ଚାଷୀଙ୍କୁ ବୁଝାସୁଝା କରିବା ପରେ ଚାଷୀ ମାନେ ରାସ୍ତା ରୋକରୁ ହଟିଥିବା ଜଣାପଡ଼ିଛି।

## କେବେ ହେବ ପର୍ଯ୍ୟଟନ ବିକାଶ ? କେବଳ ବାକ୍ୟରେ ସୀମିତି

**କାକଟପୁର/ଅସ୍ତରଙ୍ଗ,୨୬।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳ ବିକାଶ ହେବା ସହ ପର୍ଯ୍ୟଟନସ୍ଥଳୀ ବିକାଶ ହେବ ବୋଲି ଗତ ବର୍ଷ ପଦଯାତ୍ରାରେ ଆସିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଘୋଷଣା କରିଥିଲେ। କିନ୍ତୁ ଘୋଷଣାକୁ ଏକ ବର୍ଷରୁ ଅଧିକ ହୋଇଥିଲେ ମଧ ଉନ୍ନତିକରଣ ହୋଇନି। କାକଟପୁର ମା' ମଙ୍ଗଳା ମନ୍ଦିର ଉନ୍ନତିକରଣ ପାଇଁ ୫୦କୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲେ କିନ୍ତୁ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। କେବଳ ଘୋଷଣାରେ ସୀମିତ। ଅସ୍ତରଙ୍ଗ ପୀରଜାହାନିଆ ପର୍ଯ୍ୟଟନ ସ୍ଥଳୀ ଆଜି ଅବହେଳିତ। ନା ଅଛି ଭଲ ଶୌଚାଳୟ, ନା ପାନୀୟ ଜଳ ସୁବିଧା। ରାଜ୍ୟର କୋଣ ଅନୁକୋଣରୁ ଆସୁଥିବା ପର୍ଯ୍ୟଟକ ଅସୁବିଧା ସମ୍ମୁଖୀନ ହେଉଛନ୍ତି। କେବେ ପର୍ଯ୍ୟଟନ ବିଭାଗ ନଜର ପଡିବ ତାହା ହିଁ ଅପେକ୍ଷା।

## ସୋଆ ଏନ୍‌ଏସ୍‌ଏସ୍ ପକ୍ଷରୁ 'ବିକଶିତ ଭାରତ ଯୁବ ସଂଯୋଗ କାର୍ଯ୍ୟକ୍ରମ'



**ଭୁବନେଶ୍ୱର,୨୬।୯ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏନ୍‌ଏସ୍‌ଏସ୍ ଶାଖା ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ "ବିକଶିତ ଭାରତ ଯୁବ ସଂଯୋଗ କାର୍ଯ୍ୟକ୍ରମ" ବୁଧବାର ଆୟୋଜିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବ ଏବଂ କ୍ରୀଡ଼ା ମନ୍ତ୍ରଣାଳୟର ସହଯୋଗରେ ଏହି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯୁବପିଢିଙ୍କ ମଧରେ ନେତ୍ୱତ୍ୱ, ସୃଜନଶୀଳତା ଓ ସାମାଜିକ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୪ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩୨୦ରୁ ଊର୍ଦ୍ଧ୍ୱ ଏନଏସଏସ୍ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ଏନଏସଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶାଳୟ ଏବଂ ସୋଆ ଏନଏସଏସ୍ ବ୍ୟୁରୋର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଏନଏସଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ. 'ମାଇ ଭାରତ' ଓଡ଼ିଶାର ରାଜ୍ୟ ନିର୍ଦ୍ଦେଶକ ଶିବାଜୀ ଖାରାତ୍, ଭାରତ ସରକାରଙ୍କ ଯୁବ ଅଧିକାରୀ ଅଜିତ କୁସୱା, ଯୁବ ଆଇକନ୍ ଓମ୍ ପ୍ରିୟଦର୍ଶୀ ଛୋଟରାୟ, ଆଇ ଆର ଓ ୟୁଓପି ନିର୍ଦ୍ଦେଶକ ପ୍ରଫେସର ନଚିକେତା କେ ଶର୍ମା ପ୍ରୋଗାମ କୋଅର୍ଡିନେଟର ଏନଏସଏସ୍ ପ୍ରଫେସର କମଳ ଲୋଚନ ମହନ୍ତ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ଆଇଏଏସର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଉପସ୍ଥିତ ଥିଲେ।

# ଶିକିରି ଘାଟରୁ ରାତିଅଧିଆ ବାଲି ଲୁଟ୍ ; ପ୍ରଶାସନ ନୀରବ

**ବ୍ରହ୍ମପୁର/ହିଞ୍ଜିଳିକାଟୁ,୨୬।୯ (ସଂଚାର ବ୍ୟୁରୋ):** ଖଣିମନ୍ତ୍ରୀଙ୍କ ଜିଲ୍ଲାରେ ଚାଲିଛି ବାଲି ଚୋରା ଚାଲାଣ। ପ୍ରତିଦିନ ରାତିରେ ମାଳମାଳ ହାଇୱା ବାଲି ଚୋରା ଚାଲାଣ କରୁଛନ୍ତି। ତେବେ ସବୁ ଖବର ଥାଇ ମଧ ହିଞ୍ଜିଳି ପ୍ରଶାସନ ଚୁପ୍ କାହିଁକି ତାହା ଅଞ୍ଚଳବାସୀ ସିଧାସଳଖ ରାଜସ୍ୱ କର୍ମଚାରୀଙ୍କ ଉପରେ ଅଙ୍ଗୁଳି ଉଠାଇଛନ୍ତି। ସବୁ ଜାଣି ନଜାଣିଲା ପରି ରହି ତହସିଲ ପ୍ରଶାସନ ବାଲି ମାଫିଆଙ୍କୁ ସୁରକ୍ଷା ଦେଉଥିବା ବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ କେବଳ ପାଳନ ନାଁରେ ଅନ୍ଧାରରେ ବାଡି ବୁଲାଇବା ସାର ହୋଇଛି।

ଏହି ଦୃଶ୍ୟ ଦେଖିବାକୁ ମିଳିଛି ଗଂଜାମ ଜିଲ୍ଲା ହିଞ୍ଜିଳି ତହସିଲ ଅଧିନସ୍ଥ ଶିକିରି ବାଲି ଘାଟରେ । ବାଲିମାଫିଆମାନେ ବର୍ଷ ସାରା ବାଲି ଚୋରି କରି ଚାଲୁଥିବା ବେଳେ ସ୍ଥାନୀୟ ପ୍ରଶାସନ ସବୁ ଜାଣି ଚୁପ୍ ହୋଇ ବସିରହିବା ଘଟଣାକୁ ଅଂଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ତେବେ ପୂର୍ବରୁ ଏହି ଚୋରା ଚାଲାଣ ରୋକିବାକୁ ତହସିଲ ପ୍ରଶାସନ ହାତରେ କ୍ଷମତା ଥିଲା। ମାତ୍ର ଚୋରା କାରବାର ନ କମିବାରୁ ସରକାର ଲଘୁ ଖଣିଜ ବିଭାଗକୁ ଏହି କ୍ଷମତା ହସ୍ତାନ୍ତର କରିଦେଲେ।

୨୦୨୩ ମସିହାରୁ ଲଘୁ ଖଣିଜ ବିଭାଗ ଏହି ଦାୟିତ୍ୱ ମୁଣ୍ଡାଇଛି। ଆଶା କରାଯାଉଥିଲା ଯେ ଲଘୁ ଖଣିଜ ବିଭାଗ ବାଲି ମାଫିଆଙ୍କୁ ସାବାଡ୍ କରିବ। କିନ୍ତୁ ଏବେ ଫଳ ହୋଇଛି ଓଲଟା। ଲଘୁ ଖଣିଜ ବିଭାଗ ଅଧିକାରୀଙ୍କ ସୀମିତ କ୍ଷମତା ବାଲି ମାଫିଆଙ୍କୁ ସୁହାଉଛି। ମାଜିଷ୍ଟ୍ରେଟ୍ କ୍ଷମତା ନଥିବାରୁ ମାଫିଆ ମାନଙ୍କ ପାଇଁ ଏହି ବିଭାଗ କାଗଜ ବାଘ ସଦୃଶ ହୋଇଛି। ସେହିଭଳି ଚୋରା ବାଲିଘାଟ, ମୋରମ୍ ଓ ମାଙ୍କଡ଼ା ଖଣି ଆଦିରେ ଚଢ଼ଉ କରିବାକୁ ଯଥେଷ୍ଟ କର୍ମଚାରୀ ନାହାନ୍ତି। ତେଣୁ ସ୍କ୍ୱାଡ୍ ଗଠନ କରି ନିଜ ଇଚ୍ଛାରେ କେଉଁଠି ବି ଚଢ଼ାଉ କରିବା ସମ୍ଭବ ହେଉନାହିଁ। ତେଣୁ ଲଘୁ ଖଣିଜ ବିଭାଗ ଅଧୀନକୁ ବାଲିଘାଟ ଓ ପଥର ଖଣି ଦାୟିତ୍ୱ ଯିବା ପରେ ଚୋରା ଚାଲାଣ ବଢୁଥିବା ଜଣାପଡିଛି। ଅନ୍ୟପଟେ ଖୋଦ ଖଣି ମନ୍ତ୍ରୀ ଅନେକ ବାର୍ ଏଭଳି ଘଟଣାକୁ ନେଇ ଆକ୍ସନ୍ ମୁଡ୍‌କୁ ଆସିଥିଲେ ବି ମାଫିଆମାନେ ଏହାକୁ ଖାତିର କରୁନଥିବା ଜଣାପଡିଛି। ଏପରିକି ଡୁପ୍ଲିକେଟ୍ ୱାଇ ଫର୍ମରେ ମଧ ବାଲି ଚୋରା ଚାଲାଣ ହେଉଥିବା ଶୁଣିବାକୁ ମିଳୁଛି। ସ୍ଥାନୀୟ ଗ୍ରାମବାସୀ ମାନେ ବାଲି ଗାଡି ଅଟକାଇ ପ୍ରଶାସନକୁ ଖବର ଦେଉଥିବା ନଜର୍‌କୁ ଆସିଛି।

# ପୂଜା ଅନୁମତି ନାମରେ ଲୋକଙ୍କୁ ଶୋଷଣ !




**ଜଗତସିଂହପୁର,୨୬।୯ (ସଂଚାର ବ୍ୟୁରୋ):** ଜିଲ୍ଲାରେ ବିଭିନ୍ନ ସଂଗଠନ ନାମରେ ଚାଲିଛି ଦୁର୍ଗାପୂଜା। ଏହାକୁ ଦୃଷ୍ଟିରେ ରଖି ପୂଜା ଓ ଭଷାଣି ପାଇଁ ସାଧାରଣ ଲୋକେ ଉପଜିଲ୍ଲାପାଳ ଙ୍କ ଅଫିସ ରୁ ଥାନା ଦୌଡି ଦୌଡି ନାକେଦମ ହେବାପରେ ଶେଷରେ ଉପଜିଲ୍ଲାପାଳ ଙ୍କ ଅଫିସରେ ରେଡ୍‌କ୍ରର୍ସ ନାମରେ ଚାଲିଛି ଶୋଷଣ! ଏହା ଦେଖିବାକୁ ମିଳିଛି ଖୋଦ ଜଗତସିଂହପୁର ଉପ ଜିଲ୍ଲାପାଳଙ୍କ ଅଫିସରେ। ସେଠାରେ କାର୍ଯ୍ୟ ରତ ଥିବା କିରାଣୀ ଦେଶରୀ ବାବୁଙ୍କ ଇଶାରା ରେ ଚାଲିଛି ଟଙ୍କା କାରବାର ! ଜିଲ୍ଲାର ସାଧାରଣ ଜନତା ପୂଜା ପାଇଁ ପରିମିଶନ ଅର୍ଡର ପାଇଁ ଯାଉଥିବା ବେଳେ ବାବୁ ଜଣକ ମନଇଚ୍ଛା ଲୋକଙ୍କ ଠାରୁ କାହାକୁ ୨୦୦ ତ ଆଉ କାହାକୁ ୩୦୦ କିଛି ଲୋକଙ୍କ ଠାରୁ ୫୦୦ ଟଙ୍କା ନେଇଥିବା ଅଭିଯୋଗ ଆସିଛି। କିନ୍ତୁ ରସିଦ ର ତଳେ କାର୍ବନ ନଥିବା ବେଳେ ରେଡ୍‌କ୍ରର୍ସ ନାମରେ ମାତ୍ର ପଛରେ ୧୦୦ ଟଙ୍କା ପକାଇ ବାକି ଟଙ୍କା ଆତ୍ମସାତ କରୁଥିବା ଅଭିଯୋଗ ଆସିଛି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଥିବା ବେଳେ ବହୁ ଦୂର ଦୁରାନ୍ତ ରୁ ଲୋକ ଆସି ନ ଖାଇ ପିଇ ପଡ଼ି ରହିଥିବା ବେଳବ ଲୋକଙ୍କୁ ଏଭଳି ଭାବରେ ଜୋର ଜବରଦସ୍ତ ଟଙ୍କା ଆଦାୟ କରିବା ସ୍ଥାନୀୟ ଅଞ୍ଚଳରେ ଚାପା ଉତେଜନା ପ୍ରକାଶ ପାଇଛି। ଆଜି କାର୍ଯ୍ୟ ଦିବସର ସେସଦିନ ଥିବାରୁ କିରାଣୀ ବାବୁ ଜଣଙ୍କ ବାବୁଙ୍କ ଇଙ୍ଗିତ ରେ ବିନା କାର୍ବନ ରେ ପଇସା ଶୋଷଣ କରୁଥିବା ରୁ ଛୁଟୀ ପରେ କିଛି ପୂଜା କମିଟି ର କର୍ମ କର୍ତ୍ତା ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବେ ବୋଲି ଜଣାପଡ଼ିଛି। ଯଦି ଖୋଦ ଉପ ଜିଲ୍ଲାପାଳଙ୍କ ଅଫିସରେ ଏଭଳି ଅବସ୍ଥା ତାହାଲେ ସାଧାରଣ ଜାଗାରେ ଲୋକେ କିଭଳି ନ୍ୟାୟ ପାଇବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କୂଳ ଖାଉଛି ସମୁଦ୍ର

# ଲୀନ ହେବାକୁ ବସିଛି ସୁବର୍ଣ୍ଣପୁର ଦ୍ୱୀପ



**ବାଲେଶ୍ୱର,୨୬।୯(ସଂଚାର ବ୍ୟୁରୋ):** ବଡ଼ବଡ଼ ବାତ୍ୟା ସହ ପ୍ରତିବର୍ଷ ସମୁଦ୍ର ଜୁଆର ମାଡ଼ରେ ଧରାଶାୟୀ ହେଉଛି ତାଳସାରୀ ନିକଟ ସୁବର୍ଣ୍ଣପୁର ଦ୍ୱୀପର ଶହଶହ ଝାଉଁ ଗଛ । ପଥର ବନ୍ଧ ନଥିବାରୁ ସମୁଦ୍ର ଗାଁ ମୁହାଁ ହେଉଛି । ଫଳରେ ଭୟଭୀତ ଅବସ୍ଥାରେ ଜୀବନ ବିତାଉଛନ୍ତି ବାଲେଶ୍ୱର ଜିଲ୍ଲା ଭୋଗରାଇ ବାସିନ୍ଦା । ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଆକର୍ଷଣୀୟ ବେଳାଭୂମି ଉଦୟପୁର-ତାଳସାରୀ। ଆଉ ଏହାକୁ ଲାଗି ରହିଛି ମନୋରମ ଦ୍ୱୀପ 'ସୁବର୍ଣ୍ଣପୁର' । ଏଠାକାର ଝାଉଁ ଜଙ୍ଗଲକୁ ନାଲି କଙ୍କଡ଼ାର ଲୁଚକାଳି ଖେଳ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ । ହେଲେ ବର୍ତ୍ତମାନ ଏହା ନିଜ ସତ୍ତା ହରାଇବାକୁ ବସିଛି । ଜୁଆର ମାଡ଼ରେ ଦ୍ୱୀପର ସୁଉଚ୍ଚ ବାଲୁକା ସ୍ତୁପ ଲୀନ ହୋଇଗଲାଣି । ଶହଶହ ଝାଉଁ ଗଛ ବି ନିଶ୍ଚିହ୍ନ ହେବାର ଲାଗିଛି । ଭୋଗରାଇ ବ୍ଲକ ହୁଗୁଳିର ବିନ୍ଧାପଦ୍ମପୁର, ଗୋଛିଦାଡେଘରୀର କୃଷ୍ଣନଗର, ଶ୍ରଦ୍ଧାପୁରରର ଖଡ଼ିବିଲ, କନ୍ୟାନଗରୀ, କାଁଥିଭଉଁରୀର ରଣସିଂପୁର, ନାରାୟଣ ମହାନ୍ତି ପଡ଼ିଆର ପଞ୍ଚାୟତର ବିର୍ଜା ଦାଣ୍ଡି ଓ ଭିରିକିଟି ମୁହାଣ ନିକଟରେ ସମୁଦ୍ର କୂଳ ଖାଉଛି। ପଥର ବନ୍ଧ ନଥିବାରୁ ଗାଁ ମୁହାଁ ହେଉଛି ସମୁଦ୍ର । ତାଳସାରୀଠାରୁ କୀର୍ତ୍ତନିୟା ପର୍ଯ୍ୟନ୍ତ ୧୨ କିମି ଯାଏଁ ପଥର ବନ୍ଧ ନିର୍ମାଣ ଦାବି କରିଛନ୍ତି ଗାଁ ଲୋକ । ଗତ ୫ ବର୍ଷ ଭିତରେ ତାଳସାରୀ ବେଳାଭୂମିର ଭୌଗୋଳିକ ଚିତ୍ର ପରିବର୍ତ୍ତନ ହେବାରେ ଲାଗିଛି । ତେଣୁ ତୁରନ୍ତ ଏହାର ପ୍ରତିକାର ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି ।

## ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱଚ୍ଛ ଉତ୍ସବ ପକ୍ଷ ପାଳିତ



**ଭବାନୀପାଟଣା,୨୬।୯(ସଂଚାର ବ୍ୟୁରୋ):** ସ୍ୱଚ୍ଛତା ହିଁ ସେବା, ସ୍ୱଚ୍ଛ ଭାରତ ମିଶନ ଏକ ପଦକ୍ଷେପ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୧୭ ସେପ୍ଟେମ୍ବର ରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛ ଉତ୍ସବ କାର୍ଯ୍ୟକ୍ରମ ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ ଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଛି। ସ୍ୱଚ୍ଛ ଉତ୍ସବ ର ମହତ୍ୱ ଓ ଗୁରୁତ୍ୱ ନେଇ ବିଡ଼ିଓ ଶ୍ରୀ ମାଝୀ ସଚେତନ ବାର୍ତ୍ତା ଦେଇଥିଲେ।ଏହି କାର୍ଯ୍ୟକ୍ରମ ରେ ବିଜେପି ନେତା ନୀଳକଣ୍ଠ ମାଝୀ, ଘନଶ୍ୟାମ ନାଏକ, ସମେତ ବ୍ଲକ ର ସମସ୍ତ କର୍ମଚାରୀ ମାନେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ରେ ସାମିଲ ହୋଇ ବ୍ଲକ ପରିସରରେ ପଡ଼ିଥିବା ମଇଳା ଆବର୍ଜନା ଉଠାଇ ସଚେତନତା ବାର୍ତ୍ତା ଦେଇଛନ୍ତି।



କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ କପୁଗୁଡ଼ା ଅଙ୍ଗନୱାଡ଼ି କେନ୍ଦ୍ରରେ ରେ ଦୁଇ ସପ୍ତାହ ହେଲା ସଲାର ଟାଙ୍କି ଜଳ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ପଡ଼ିରହିଛି ବିଭାଗୀୟ ଅଧିକାରୀ ଙ୍କୁ ମଧ୍ୟ ଦୁଇ ଦୁଇ ଥର ଅଭିଯୋଗ କରିଥିଲେ ସୁଦ୍ଧା କିଛି ସୁଫଳ ମିଳିଲା ନାହିଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯୁବରାଜ ମଲ୍ଲିକ ନିରାକାର ପ୍ରଧାନ ଟଙ୍କ ପ୍ରଧାନ ବିଜୟ ଚନ୍ଦ୍ର ପ୍ରଧାନ

# ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍‌ର ପ୍ରଥମ ବୈଠକ



**ନବରଙ୍ଗପୁର,୨୬।୯(ସଂଚାର ବ୍ୟୁରୋ):** ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍ କମିଟି ର ପ୍ରଥମ ବୈଠକ ନବରଙ୍ଗପୁର ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଅଛି। କମିଟି ର ଆବାହକ ତଥା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ର ଅଧକ୍ଷ ଡ ଓଁକାର ପଟ୍ଟନାୟକ ପ୍ରଥମେ ଅତିଥି ପରିଚୟ ଦେବା ସହ କମିଟିର ଆଭିମୁଖ୍ୟ ଓ କାର୍ଯ୍ୟାବଳୀ ବିଷୟରେ ତଥ୍ୟ ଉପସ୍ଥାପନା କରିଥିଲେ। ଡି ଆଇ ଇ ଟି ଅନୁଷ୍ଠାନ ର ଶିକ୍ଷକ ପ୍ରଶିକ୍ଷକ ତଥା କମିଟି ର ସଭ୍ୟ ମୂର୍ତ୍ତି କୁମାର ପି ପି ଟି ମାଧ୍ୟମରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ। କମିଟି ର ଅଧକ୍ଷ ତଥା ନବରଙ୍ଗପୁର ର ଜିଲ୍ଲାପାଳ ପ୍ରଥମେ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ମାନସିକତା ପରିବର୍ତ୍ତନ ର ଆବଶ୍ୟକତା ରହିଛି ଯାହାଦ୍ୱାରା କି ଏଫ୍ ଏଲ ଏନ୍ କାର୍ଯ୍ୟକ୍ରମ ସଫଳ ହୋଇପାରିବ ବୋଲି କହିଥିଲେ ଏବଂ ସମସ୍ତେ ମିଳିମିଶି କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ପରାମର୍ଶ ଦେଇଥିଲେ। କମିଟି ର ଉପାଧ୍ୟକ୍ଷ ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଜିଲ୍ଲାରେ କରାଯାଉଥିବା ବିଭିନ୍ନ ଏଫ୍ ଏଲ ଏନ୍ କାର୍ଯ୍ୟକ୍ରମ ବିଷୟରେ କମିଟି ର ସମସ୍ତ ସଭ୍ୟ ଙ୍କୁ ଅବଗତ କରିଥିଲେ। ଡକ୍ଟର ମଳୟ କୁମାର୍ ତ୍ରିପାଠୀ ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଓ ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ପ୍ରୋଗ୍ରାମ ଅଫିସର କଳ୍ପନା ମହାକୁଡ, ଏ ଡି ଡ଼ବ୍ଲୁ ଓ ଭାରତ ଚନ୍ଦ୍ର ସାହୁ, ବି ଇ ଓ, ତେନ୍ତୁଳିଖୁଣ୍ଟି ସୁଦୀପ୍ତ କୁମାର ଦାସ, ପିରାମଲ୍ ଫାଉଣ୍ଡେସନ ର ସନ୍ତୋଷ କୁମାର ଦାସ, ନୀଳାଚଳ ମେହେର, ମନସ୍ୱିନୀ ପଣ୍ଡା, ଶ ମୃତ୍ୟୁଞ୍ଜୟ ମିଶ୍ର ଉପସ୍ଥିତ ଥିଲେ। ଶେଷ ରେ ଅନୁଷ୍ଠାନ ର ଶିକ୍ଷକ ପ୍ରଶିକ୍ଷକ ପଲ୍ଲବୀ ସିଂହ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିଦ୍ୟାଳୟରେ ସଉରା ଆର୍ଟ ୱାର୍କସପ



**ସୁନ୍ଦରଗଡ଼,୨୬।୯(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କାଦୋବାହାଲ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨ ଦିନିଆ ଧନ୍ଦାମୂଳକ ତାଲିମ ଶିବିର ବୁଧବାର ଓ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା ସେଠୀଙ୍କ ତତ୍ତ୍ୱାବଧାନରେ ରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। କୁଆଁରମୁଣ୍ଡା ଏଚକେପି ଆର୍ଟ ଆଣ୍ଡ କ୍ରାଫ୍ଟ ଇନଷ୍ଟିଚ୍ୟୁଟର ତାଲିମ ଦାତା ହରେକୃଷ୍ଣ ପଟେଲ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରକାର ଚିତ୍ରାଙ୍କନ ଓ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବାର ତାଲିମ ଦେଇ ଥିଲେ। ଏହା ସହିତ ପାଠ ପଢି ସରିବା ପରେ କୌଣସି ସ୍ଥାନରେ ଚାକିରି ନ ପାଇଲେ ମଧ୍ୟ ଏହାର ଉପଯୋଗ କରି ରୋଜଗାର କରିପାରିବେ, ଏଥିରେ ବିଦ୍ୟାଳୟର ୫୦ ଜଣ ଛାତ୍ରଛାତ୍ରୀ ତାଲିମ ନେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏହି ତାଲିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଦ୍ୱାରଶୁଣୀ ଘାଟିରେ ଲୋକଙ୍କ ସୁରକ୍ଷିତ ଯାତାୟାତ ପାଇଁ ଦାବୀପତ୍ର



**ବାରିପଦା,୨୬।୯(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ର ଚାରିଗୋଟି ଉପଖଣ୍ଡ ମଧ୍ୟରେ ଯୋଗାଯୋଗ ସ୍ଥାପନ କରୁଥିବା ମୁଖ୍ୟତଃ ଦ୍ୱାରଶୁଣୀ ଘାଟୀ ମଧ୍ୟରେ ଲୋକମାନଙ୍କର ଯାତାୟତ ବିପଦପୁନ୍ନ ହୋଇପଡିଛି । ପ୍ରତ୍ୟେକ ଦିନ ହଜାର ହଜାର ଖଣିଜ ପଦାର୍ଥ ବୋଝେଇ ଟ୍ରକ୍/ଟ୍ରଲର ଯିବା ଆସିବା ଯୋଗୁଁ ସାଧାରଣ ଜନତା ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀ, ଆମ୍ବୁଲାନ୍ସ ସେବା ସମେତ ଛାତ୍ରଛାତ୍ରୀ, ବୃଦ୍ଧ/ବୃଦ୍ଧା ଏପରିକି ସେହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଯିବା ଆସିବା କରୁଥିବା ସାଧାରଣ ଜନତା ଘଣ୍ଟା ଘଣ୍ଟା ରାସ୍ତା ଜାମ୍ ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏବେ ଦୁର୍ଗା ପୂଜାର ସମୟ, ତେଣୁ ଜିଲ୍ଲାର ଏବଂ ଜିଲ୍ଲା ବାହାର ବହୁ ଶ୍ରଦ୍ଧାଳୁ ପ୍ରତ୍ୟେକ ଦିନ ଉକ୍ତ ରାସ୍ତା ଦେଇ ପାର୍ବଣର ମଜା ନେବା ପାଇଁ ସଦର ମହକୁମା ବାରିପଦା ସମେତ ଅନ୍ୟାନ୍ୟ ସ୍ଥାନକୁ ଯିବା ଆସିବା କରିବେ ।

# ଲଗାଣ ବର୍ଷା: ଘରେ ପଶିଲା ପାଣି



**ନୂଆପଡ଼ା,୨୬।୯ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲାରେ ଦୁଇଦିନ ହେଲା ଲଗାଣ ବର୍ଷା ଲାଗିରହିଛି। ଏଥିଯୋଗୁ ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇପଡିଛି। ଗ୍ରାମାଞ୍ଚଳ ରାସ୍ତା ପାର୍ଶ୍ୱରେ ଡ୍ରେନ୍ ସୁବିଧା ନ ଥିବାରୁ ବର୍ଷା ପାଣି ନିଷ୍କାସିତ ହୋଇ ନ ପାରି ଘର ଭିତରେ ପ୍ରବେଶ କରିଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଗାଁ କଲୋନିପଡାରେ। ପଡ଼ାରେ ରହୁଥିବା ଭିନ୍ନକ୍ଷମ ପ୍ରଫୁଲ୍ଲ ରଣାଙ୍କ ଘର ଭିତରେ ପାଣି ପଶିଥିବାରୁ ପରିବାର ଅସହାୟ ହୋଇପଡିଛନ୍ତି। ପ୍ରଫୁଲ୍ଲ ଗାଁ ଲୋକଙ୍କ ସାହାଯ୍ୟ ମାଗିବା ପରେ ସେମାନେ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ସମସ୍ତ ବିଷୟ ଶୁଣିବା ପରେ ପଞ୍ଚାୟତରେ କୌଣସି ଫଣ୍ଡ ନାହିଁ। ବର୍ଷା ଛାଡିବା ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତାରେ ମାଟି ମୋରମ କାମ କରାଯିବ ବୋଲି ସରପଞ୍ଚ କହିଥିଲେ। ଗାଁର ସବୁ ପଡାର ରାସ୍ତାରେ ଡ୍ରେନ୍ ବ୍ୟବସ୍ଥା କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ନିଃଶୁଳ୍କ ଚିକିତ୍ସା ଶିବିର




**ବୋରିଗୁମ୍ମା,୨୬।୯(ସଂଚାର ବ୍ୟୁରୋ):** ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଶୁକ୍ରବାର ଏକ ମେଗା ଚିକିତ୍ସା ଶିବିର ଓ ରକ୍ତଦାନ ଶିବିର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ହୋଇ ଯାଇଛି। ରକ୍ତଦାନ ଜୀବନ ଦାନ, ଏହା ଏକ ମହତ ଓ ପୁଣ୍ୟ କାର୍ଯ୍ୟ ହୋଇଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆହ୍ୱାନ କ୍ରମେ ଆଜି ପ୍ରାୟ ଚାଳିଶି ରକ୍ତଦାତା ସ୍ୱଇଚ୍ଛାରେ ରକ୍ତଦାନ କରିଛନ୍ତି। ଏହି ଅବସରରେ ଜୟପୁର ନିର୍ବାଚନମଣ୍ଡଳୀର ବୋରିଗୁମ୍ମା ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଛି। ସେହିପରି ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଶୁକ୍ରବାର ଦିନ ଏକ ଚିକିତ୍ସା ଶିବିର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ କୋଟପାଡ଼ ବିଧାୟକ ରୂପୁ ଭତ୍ରା ଶୁଭାରମ୍ଭ କରିଥିବା ବେଳେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶ୍ରୀକାନ୍ତ କୁମାର ଶତପଥୀ , ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକ, ତହସିଲଦାର ଶୋଭନ କୁମାର ବେହେରା, ସିଡିପିଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚିକିତ୍ସା ଶିବିରରେ ଭେଷଜ,ଶିଶୁ ବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଅସ୍ଥିଶଲ୍ୟ, ଦନ୍ତ, ଚକ୍ଷୁ ଓ ଗୋଳା ବିଭାଗ ବରିଷ୍ଠ ଡାକ୍ତର ମାନେ ଯୋଗଦେଇ ଅଞ୍ଚଳର୧୪୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ବିଭିନ୍ନ ପ୍ରକାର ପରୀକ୍ଷା କରାଯିବା ସହ ଔଷଧ, ଚଷମା ଯୋଗାଇ ଦିଆଯାଇଥିବା ବୋରିଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏହି ଶିବିରକୁ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସରଜ କୁମାର ମହାପାତ୍ର, ବ୍ଲକ ଔଷଧ ଭଣ୍ଡାର ଇନଚାର୍ଜ ଗୋଲୋକ ଚୌଧୁରୀ,ଶିବ ପ୍ରସାଦ ନାୟକ ଓ ଆକାଉଣ୍ଟାଣ୍ଟ ଶ୍ରୀଧର ହୋତା ପ୍ରମୁଖ ପରିଚାଳନା କରିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ସଫେଇ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଲେ



**ଭଞ୍ଜନଗର,୨୬।୯(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖା ୧ ଓ ୨ ପକ୍ଷରୁ ଶୁକ୍ରବାର ମିଳିତ ଭାବେ ସଚ୍ଛତା ହିଁ ସେବା ୨୦୨୫ ପକ୍ଷ ପାଳିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା (ବ୍ୟୁରୋ) ସଂଯୋଜକ ଡ.ଜୟନ୍ତ କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ ହୋଇଥିଲା। କଲେଜର ଦୁଇ ଶାଖା ସ୍ୱେଚ୍ଛାସେବୀମାନେ ପ୍ରଥମେ ବଟନିକାଲ ଗାର୍ଡେନ ସଫେଇ କରିଥିଲେ। ଏହାପରେ କଲେଜର ଅନ୍ୟାନ୍ୟ ରାସ୍ତା ସଫେଇ କରିବା ସହ କଲେଜର ବିଭିନ୍ନ ସ୍ଥାନରେ ପଡିରହିଥିବା ପ୍ଲାଷ୍ଟିକ ବାହାର କରିଥିଲେ। ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ ସେବା କାର୍ଯ୍ୟ ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଉଦାହରଣ ପାଲଟିଥିଲା।

# ବଢ଼ୁଛି ବେଆଇନ ବାଣ କାରବାର: କେଉଁଠୁ ଆସୁଛି ବାରୁଦ, ଟେର୍ ପାଉନି ପୁଲିସ



**ଜଗତସିଂହପୁର,୨୬।୯(ସଂଚାର ବ୍ୟୁରୋ):** ଲୁଚାଛପାରେ ଚାଲିଛି ବାଣ ତିଆରି । ନା ଲାଇସେନ୍ସ ଅଛି, ନା କୌଣସି ସୁରକ୍ଷା ଗାଇଡ୍ ଲାଇନର ଅନୁପାଳନ ହେଉଛି । କଟକ ସହର ଉପକଣ୍ଠ ଭାନପୁରରୁ ଆସିଛି ଏଭଳି ଏକ ଘଟଣା । ବେଆଇନ ବାଣ ତିଆରି ଅଭିଯୋଗରେ ପୁଲିସ ଜଣଙ୍କୁ ଗିରଫ କରିବା ସହ ୧୦ ଲକ୍ଷ ଟଙ୍କାରୁ ଅଧିକ ପରିମାଣର ବାଣ ଜବତ କରିଛି। ବାରଙ୍ଗ ଜଇପୁରାରୁ ମଧ୍ୟ ଜବତ ହୋଇଛି ୨୦ଲକ୍ଷ ଟଙ୍କାର ବାଣ । ମାମଲାରେ ୨ ଜଣ ଗିରଫ ବି ହୋଇଛନ୍ତି । ତଥାପି ବେଆଇନ ବାଣ କାରବାରରେ ଲାଗୁନି ବ୍ରେକ୍ । ପୁଲିସ କେବଳ ଗିରଫଦାରୀ କରି କାମ ସାରିଦେଉଥିବା ଅଭିଯୋଗ ହୋଇଛି । ବେଆଇନ ବାଣ କାରବାର ଯୋଗୁଁ ଅନେକ ସମୟରେ ବିସ୍ଫୋରଣ ଘଟି ଅକାରଣରେ ଯାଉଛି ଜୀବନ । ଦୁଇ ବର୍ଷ ତଳେ ଜଗତସିଂହପୁର ଇଚ୍ଛାପୁରରେ ବାଣ ବିସ୍ଫୋରଣ ଘଟି ୩ ଜଣଙ୍କର ମୃତ୍ୟୁ ହୋଇଥିଲା । ସେହିପରି ୨୦୨୫ ଜାନୁଆରି ୩ରେ ଜଗତସିଂହପୁର ବଡ଼ବାଗରେ ବାଣ ବିସ୍ଫୋରଣ ଘଟି ଦମ୍ପତିଙ୍କ ମୃତ୍ୟୁ ହୋଇଥିଲା । କଟକ ସହରର ଆଖପାଖ ଅଞ୍ଚଳରୁ ବେଆଇନ ଭାବେ ସେଠାକୁ ବାରୁଦ ଚାଲାଣ ହୋଇଥିବା ତଦନ୍ତରୁ ଜଣାପଡ଼ିଥିଲା । କାହିଁକି ବେଆଇନ ବାଣ କାରବାରରେ ଲାଗୁନି ବ୍ରେକ୍? ବେଆଇନ ଭାବେ କେଉଁଠୁ ଆସୁଛି ବାରୁଦ? ନିର୍ଦ୍ଦିଷ୍ଟ ଲାଇସେନ୍ସପ୍ରାପ୍ତ ବାରୁଦ ବ୍ୟବସାୟୀ ବାରୁଦ ଯୋଗାଉଛନ୍ତି ନା ଏହା ପଛରେ ରହିଛି ବଡ଼ ରାକେଟ୍?

## ଓଏସ୍‌ସି ପରୀକ୍ଷାରେ ବାଲିପାଟଣା ପାଇଁ ଗର୍ବ ଆଣିଲେ ସୌରାଜ୍ୟ



**ବାଲିପାଟଣା,୨୬।୯(ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ଭାକରସାହି ଗ୍ରାମର ସୌରାଜ୍ୟ ପ୍ରହରାଜ (୪୧) ଓଏସ୍‌ସି ପରୀକ୍ଷାରେ ୩୨୩ ନଂ ରାଙ୍କ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ନିଜ ଗାଁ ତଥା ଜୟଦେବ ନିର୍ବାଚନମଣ୍ଡଳୀ ପାଇଁ ଗର୍ବ ଆଣିଛନ୍ତି ସୌରାଜ୍ୟ। ସୂଚନାନୁଯାୟୀ ୨୦୦୪ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୦ ବର୍ଷ ସେ ଭାରତୀୟ ବାୟୁ ସେନା ରେ କାର୍ଯ୍ୟରତ ଥିଲେ। ଓଏସ୍‌ସି ପାଇବା ପରେ ତାଙ୍କୁ ଶୁଭେଚ୍ଛା ର ସୁଅ ଛୁଟିଛି।

# ସମସ୍ୟା ଘେରରେ ରଗଡ଼ି ରାଧାକୃଷ୍ଣ ସରକାରୀ ଉପ୍ରା ସ୍କୁଲ



**କୋରେଇ,୨୬।୯(ସଂଚାର ବ୍ୟୁରୋ):** କୋରେଇ ବ୍ଲକ ପରମାନନ୍ଦପୁର କ୍ଲଷ୍ଟର ଅନ୍ଧାରୀ ପଞ୍ଚାୟତ ରଗଡ଼ି ରାଧାକୃଷ୍ଣ ସରକାରୀ ଉପ୍ରା ସ୍କୁଲ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇପଡ଼ିଛି। ୧୯୫୨ମସିହାରେ ସ୍ଥାପିତ ଏହି ପୁରାତନ ସ୍କୁଲ ବର୍ତ୍ତମାନ ଦୁର୍ବଳ ଶିକ୍ଷା ବ୍ୟବସ୍ଥା ଦେଇ ଗତି କରୁଛି।ପୂର୍ବରୁ ଏହାର ସୁନାମ ରହିଥିବା ବେଳେ ଏବେ ତାହା ସଙ୍କୁଚିତ ହୋଇଯାଇଛି। ଛାତ୍ରଛାତ୍ରୀ ସଂଖ୍ୟା କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ଏଠାରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ଥିବାବେଳେ ନୂତନ ଜାତୀୟ ଶିକ୍ଷା ନୀତିରେ ତିନିଟି ବାଳ ବାଟିକା ଶ୍ରେଣୀ ରହିଛି। ସମସ୍ତ ଶ୍ରେଣୀ ପାଇଁ ଅଛନ୍ତି ମାତ୍ର ଚାରିଜଣ ଶିକ୍ଷକ। ଯଦ୍ଦ୍ୱାରା ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି ବୋଲି ଅଭିଯୋଗ ହୁଏ। ଏଥିସହିତ ସ୍ମାର୍ଟ କ୍ଲାସ ରୁମର ଅଭାବ ରହିଛି। ଶ୍ରେଣୀ ଗୃହ ଅଭାବରୁ ଆଠଟି ଶ୍ରେଣୀ ଓ ତିନିଟି ବାଳ ବାଟିକା ପିଲାମାନେ ଚାରଟି ବଖରାରେ ଶିକ୍ଷା ଗ୍ରହଣ କରୁଛନ୍ତି। ଏହାଦ୍ୱାରା ଶିକ୍ଷା ଦାନରେ ସମସ୍ୟା ଉପୁଜୁଛି। ଏହାବ୍ୟତୀତ ପିଲାଙ୍କ ପାଇଁ ଭଲ ଟଏଲେଟ ଟିଏ'ବି ନାହିଁ। ଯେଉଁ ପୁରୁଣା ଟଏଲେଟ'ଟି ରହିଛି ତାହା ପରିତ୍ୟକ୍ତ ଅବସ୍ଥାକୁ ଆସିଯାଇଥିବାରୁ ତାହା ବ୍ୟବହାର ଉପଯୋଗୀ ହେଉନାହିଁ।ଏଥିପାଇଁ ବିଶେଷ କରି ଛାତ୍ରୀ ମାନଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଆଉ ଏକ ସମସ୍ୟା ହେଲା ସ୍କୁଲର ପୁରାତନ ଘର।ଏହା ଅସୁରକ୍ଷିତ ଓ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଛାତ୍ରଛାତ୍ରୀଙ୍କ ପାଇଁ ଅଜଣା ବିପଦ ସୃଷ୍ଟି କରିଛି। ଏହାକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏହାଏକ ସଦର ସ୍କୁଲ ହୋଇଥଲେ ମଧ୍ୟ ଏହାର ବିକାଶ ପାଇଁ ଯେଭଳି ଦୃଷ୍ଟି ଦିଆଯିବା କଥା ତାହା ହେଉନାହିଁ ବୋଲି ଅଭିଯୋଗ ହୋଇଛି।ବିଦ୍ୟାଳୟର ଶୈକ୍ଷିକ ବାତାବରଣରେ ସୁଧାର ଆଣିବା ପାଇଁ ଏହାର ସମସ୍ୟା ପ୍ରତି ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ତେଲିପାଲି ଗ୍ରାମରେ ମଦବିକ୍ରି ବନ୍ଦ ଦାବି: ତାତିଲେ ମହିଳା

**ଅମରପାଲି,୨୬।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝରିଆପାଲି ପଞ୍ଚାୟତର ତେଲିପାଲି ଗ୍ରାମରେ ମଦ ବିକ୍ରି ବନ୍ଦ ପାଇଁ ଗ୍ରାମର ମହିଳାମାନେ ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ତେଲିପାଲି ଗ୍ରାମରେ ଦୀର୍ଘ ଦିନ ହେଲା ବିଭିନ୍ନ ସ୍ଥାନରେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି। ଫଳରେ ମଦ୍ୟପମାନେ ଅନେକ ସମୟରେ ଗଣ୍ଡଗୋଳ କରିବା ସହ ଗାଳିଗୁଲଜ କରୁଛନ୍ତି। ସେମାନଙ୍କ ଦୈରାତ୍ମ୍ୟ ଯୋଗୁ ଛାତ୍ରୀ,ଯୁବତୀ ଓ ମହିଳାମାନେ ଏକୁଟିଆ ଯିବା ଆସିବା କରିବାକୁ ନିରାପଦ ମନେ କରୁନାହାନ୍ତି । ଏପରି କି ମଦ ପିଇ ଅସମୟରେ ମଦ୍ୟପଙ୍କ ମୃତ୍ୟୁ ଘଟିବା ଦେଖିବାକୁ ମିଳୁଛି । ଘରେ ଘରେ ଅଶାନ୍ତି ଲାଗି ରହିଛି। ଏଣୁ ଗ୍ରାମର ମହିଳାମାନେ ଗ୍ରାମରେ ମଦ ବିକ୍ରି ବନ୍ଦ କରିବା ପାଇଁ ସଂକଳ୍ପ ନେଇଛନ୍ତି। କିଛି ଦିନ ପୂର୍ବରୁ ଗ୍ରାମର ମହିଳାମାନେ ଏକ ସଭା କରିଥିଲେ। ଉକ୍ତ ସଭାରେ ସର୍ବସମ୍ମତିକ୍ରମେ ଗ୍ରାମରେ ମଦ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଏକ ନିଶା ନିବାରଣ କମିଟି ମଧ୍ୟ ଗଠନ କରାଯାଇଥିଲା। ଉକ୍ତ କମିଟିର ସଦସ୍ୟଙ୍କ ସମେତ ଗ୍ରାମର ମହିଳାମାନେ ଏନେଇ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ଜଗାଇ କଲେଜରେ ଜାତୀୟ ସେବା ଶିବିରର ପ୍ରତିଷ୍ଠା ଦିବସ




**ବାଲିଆପାଳ,୨୬।୯(ସଂଚାର ବ୍ୟୁରୋ):** କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇର +୨ ଓ +୩ ବିଭାଗ ଜାତୀୟ ସେବାଶିବିରର ପ୍ରତିଷ୍ଠା ଦିବସ ସମ୍ମାନନୀୟା ଅଧ୍ୟକ୍ଷ ଡ଼ ମାନସୀ ସାହୁଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜାତୀୟ ସେବାଶିବିରର ପୂର୍ବତନ ପରିଚାଳିକା ଅଧ୍ୟାପିକା ଶାନ୍ତିଲତା ଦାସ ଯୋଗ ଦେଇ ଜାତୀୟ ସେବା ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କ ମାନବୀୟ କର୍ତ୍ତବ୍ୟ ବୋଲି ମତ ରଖିଥିବା ବେଳେ ଅତିଥି ଭାବେ ୱାଇ ଆର ସି ପରିଚାଳକ ଅଧ୍ୟାପକ ସୁଶାନ୍ତ ରାଜ ଓ +୨ ଜାତୀୟ ସେବା ଶିବିର ସଂଯୋଜକ ଅଧ୍ୟାପକ ଆଶିଷ କୁମାର ଓଝା ଯୋଗଦେଇ ପ୍ରତିଷ୍ଠା ଦିବସ ପାଳନ, ଜାତୀୟ କର୍ତ୍ତବ୍ୟ ବର୍ଣ୍ଣନା କରିବା ସହିତ ବର୍ଷଯାକର କାର୍ଯ୍ୟକ୍ରମର ସଫଳତା ପାଇଁ ଶିବିରାର୍ଥୀମାନଙ୍କୁ କୃତଜ୍ଞତା ଜଣାଇ ଥିଲେ। +୨ ଓ +୩ ଜାତୀୟ ଶିବିରର ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟା, ସଦସ୍ୟ ଯୋଗଦେଇ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ଅଧ୍ୟକ୍ଷା ମହୋଦୟ ଛାତ୍ର ଛାତ୍ରୀଙ୍କ ସେବା ମନୋଭାବକୁ ପ୍ରଶଂସା କରିବା ସହିତ ଏହାର ସାମାଜିକ ଆବଶ୍ୟକତା ସମ୍ବନ୍ଧରେ ମତ ରଖିଥିଲେ। ପରିଶେଷରେ +୩ ବିଭାଗ ଜାତୀୟ ସେବା ଶିବିରର ପରିଚାଳିକା ଅଧ୍ୟାପିକା ସୁପ୍ରସନୀ ବେହେରା କୃତଜ୍ଞତାଜ୍ଞାପନ କରିଥିଲେ।